୫୮ତମ ବର୍ଷ　　୨୪ ନଭେମ୍ବର ୨୦୧୫　　ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ　　ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପଥପ୍ରଦର୍ଶକଙ୍କ ଜ୍ଞାନ ଓ ବିଶ୍ୱାସ | ... | ଶ୍ରୀଅରବିନ୍ଦ | ... | ୫ |
| ଆନନ୍ଦର ଅନୁଭୂତି | ... | ଶ୍ରୀମା | ... | ୬ |
| ନିରନ୍ତର ଅଭୀପ୍ସା | ... | ଶ୍ରୀଅରବିନ୍ଦ | ... | ୧୦ |
| କେତେକ ପ୍ରଶ୍ନ ଓ ଶ୍ରୀମାଙ୍କ ଉତ୍ତର | ... | ଶ୍ରୀମା | ... | ୧୧ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ... | ଏ. ବି. ପୁରାଣୀ | ... | ୧୬ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୦ |
| ଚେତନାର କ୍ରମଗତି | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୪ |
| ଇନ୍ଦ୍ର ଓ ତାଙ୍କର ବିଚାରଶକ୍ତିଗଣ (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୭୧) | ... | ଶ୍ରୀଅରବିନ୍ଦ | ... | ୨୮ |
| ଆମ ଗଭୀର ଅନ୍ତରର ସତ୍ୟ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୩୨ |
| ନିର୍ମମତା : ସୈତାନିକ ହଳାହଳ | ... | ଶ୍ରୀ ମନୋଜ ଦାସ | ... | ୩୬ |
| କର୍ମଫଳ ଓ ମାନବ ନିୟତି (୨) | ... | ମମତା ଦାଶ | ... | ୪୧ |
| ମାନବସମାଜର ବିଭିନ୍ନ ଧର୍ମ ହିନ୍ଦୁ ଧର୍ମ (୧) | ... | ଶ୍ରୀପତି ଦାସ | ... | ୪୩ |
| ଆତ୍ମା ପରମ-ଦିବ୍ୟଶକ୍ତିର ଏକ ଜ୍ୱଳନ୍ତ ଦୀପଶିଖା | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୬ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୧୪) | ... | ... | ... | ୪୯ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଅତିମାନସ ଓ ମଧ୍ୟବର୍ତ୍ତୀ ସ୍ତରସବୁ | ... | ଶ୍ରୀମା | ... | ୫୪ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ... | ... | ... | ୫୬ |


❖

There are two ways of doing Yoga, one by knowledge and one's own efforts, the other by reliance on the Mother. In the last way one has to offer one's mind and heart and all to the Mother for her Force to work on it, call her in difficulties, have faith and bhakti. At first it takes time, often a long time, for the consciousness to be prepared in this way – and during that time many difficulties can come up, but if one perseveres a time comes when all is ready, the Mother's Force opens the consciousness fully to the Divine, then all that must develop develops within, spiritual experience comes and with it the knowledge and union with the Divine.

– Sri Aurobindo

ଯୋଗ କରିବାର ଦୁଇଟି ମାର୍ଗ ରହିଛି, ଗୋଟିଏ ହେଉଛି ଜ୍ଞାନ ଓ ନିଜ ପ୍ରଚେଷ୍ଟାର ମାର୍ଗ ଏବଂ ଅନ୍ୟଟି ହେଉଛି ମା'ଙ୍କ ଉପରେ ନିର୍ଭର କରିବାର ମାର୍ଗ । ଶେଷୋକ୍ତ ମାର୍ଗଟିରେ ଜଣକୁ ନିଜର ମନ ଓ ହୃଦୟ ଏବଂ ସବୁକିଛିକୁ ମା'ଙ୍କୁ ଅର୍ପଣ କରିଦେବାକୁ ହେବ ସେଗୁଡ଼ିକ ଉପରେ ମା'ଙ୍କ ଦିବ୍ୟଶକ୍ତିର କ୍ରିୟା ନିମନ୍ତେ, ସମସ୍ତ ବାଧାବିପଦରେ ତାଙ୍କୁ ଡାକିବାକୁ ହେବ, ବିଶ୍ୱାସ ଓ ଭକ୍ତି ରଖିବାକୁ ହେବ । ପ୍ରଥମେ ଏଥିପାଇଁ ସମୟ ଲାଗେ, ଚେତନାକୁ ଏହି ଭାବରେ ପ୍ରସ୍ତୁତ କରିବା ପାଇଁ ଅନେକ ସମୟରେ ଦୀର୍ଘକାଳ ଲାଗିଯାଏ – ଏବଂ ସେହି ସମୟ ଭିତରେ ଅନେକ ବାଧାବିଘ୍ନ ଦେଖା ଦେଇପାରେ; କିନ୍ତୁ ଜଣେ ଯଦି ଲାଗି ରୁହେ ତେବେ ଏପରି ଏକ ସମୟ ଆସେ ଯେତେବେଳେ ସବୁକିଛି ପ୍ରସ୍ତୁତ, ମା'ଙ୍କର ଶକ୍ତି ଚେତନାକୁ ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ଖୋଲିଦିଏ, ସେତେବେଳେ ଯାହାସବୁ ବିକଶିତ ହେବା କଥା ତାହା ବିକଶିତ ହୁଏ ନିଜ ଭିତରେ, ଆଧ୍ୟାତ୍ମିକ ଅନୁଭୂତିସବୁ ଆସେ ଏବଂ ତା' ସହିତ ଆସେ ଜ୍ଞାନ ଓ ଭଗବାନଙ୍କ ସହ ମିଳନ ।

– ଶ୍ରୀଅରବିନ୍ଦ

When one asks for something, it is the Grace that responds and grants it, and one progresses if one is grateful. But if one aspires without asking, it is the Supreme Consciousness that hears and at once responds with the most favourable conditions for the fastest integral progress.

– The Mother

ଯେତେବେଳେ ଜଣେ କିଛି ଚାହିଁଥାଏ, ଦିବ୍ୟକୃପାହିଁ ତାହାର ଉତ୍ତର ଦିଏ ଓ ସେହି ପ୍ରାର୍ଥନା ପୂରଣ କରିଥାଏ, ଏବଂ ସେହି ବ୍ୟକ୍ତି ଯଦି କୃତଜ୍ଞ ରୁହେ ତା'ହେଲେ ସେ ଅଗ୍ରଗତି କରେ । କିନ୍ତୁ ଜଣେ ଯଦି କୌଣସି କିଛି ନ ଚାହିଁ କେବଳ ଅଭୀପ୍ସା କରିଚାଲେ, ତା'ହେଲେ ପରମ ଭଗବତ୍ ଚେତନାହିଁ ତାହା ଶୁଣିଥାଏ ଓ ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିର ଦ୍ରୁତତମ ସର୍ବାଙ୍ଗୀଣ ଅଗ୍ରଗତି ପାଇଁ ଅନୁକୂଳ ଅବସ୍ଥା ସୃଷ୍ଟି କରି ତାହାର ଉତ୍ତର ଦେଇଥାଏ ।

— ଶ୍ରୀମା



# ପଥପ୍ରଦର୍ଶକଙ୍କ ଜ୍ଞାନ ଓ ବିଶ୍ୱାସ

## (ଶ୍ରୀଅରବିନ୍ଦଙ୍କ ପତ୍ର)

ମୁଁ ତୁମକୁ ମନେ ପକାଇ ଦେବାକୁ ଚାହେଁ ଯେ ମୁଁ ନିଜେ ଜଣେ ବୁଦ୍ଧିଜୀବୀ ଓ ସନ୍ଦେହ ସହ ଅପରିଚିତ ନୁହେଁ । ମା' ଓ ମୁଁ, ଆମ ଉଭୟଙ୍କ ମନର ଗୋଟିଏ ଦିଗ ଯଥେଷ୍ଟ ଇତିବାଚକ ଭାବେ ବାସ୍ତବଧର୍ମୀ ଏବଂ ବାସ୍ତବ ଫଳାଫଳ ଉପରେ ପୂରା ଜିଦ୍‌ର ସହ ଗୁରୁତ୍ୱ ଦେଉ । ଏ ସମ୍ପର୍କରେ ରସେଲ୍‌ଙ୍କ ଭଳି ମନୋଭାବସମ୍ପନ୍ନ ବ୍ୟକ୍ତିଙ୍କଠାରୁ ଆମର ମନୋଭାବ କୌଣସି ଭାବରେ ଊଣା ନୁହେଁ, ବରଂ ଅଧିକ । ରୋମାରୋଲାଁ ବା ତାଙ୍କ ଭଳି ଅନ୍ୟ କେହି ଯେପରି କୌଣସି ଅତ୍ୟୁଜ୍ଜ୍ୱଳ ଚିନ୍ତାଧାରା ବା ପ୍ରଦୀପ୍ତ ଭାବସମ୍ପନ୍ନ ବାକ୍ୟକୁ ସତ୍ୟର ସୁବର୍ଣ୍ଣ ମୁଦ୍ରା ରୂପେ ଗ୍ରହଣ କରି ନିଅନ୍ତି, ଆମେ କେବେହେଲେ କେବଳ ସେତିକିରେ ସନ୍ତୁଷ୍ଟ ହୋଇଯାଉ ନାହିଁ । ଏକ ବ୍ୟକ୍ତ୍ୟାତ୍ମକ ଆନ୍ତର ଅନୁଭୂତି ଓ ବାହ୍ୟକ୍ଷେତ୍ରକୁ ଯାଇ ସେଠାରେ ନିଜକୁ ବାସ୍ତବ ଭାବରେ ସାବ୍ୟସ୍ତ ଓ ରୂପାୟିତ କରୁଥିବା ଗତିଶୀଳ ଦିବ୍ୟଶକ୍ତି ଭିତରେ କ'ଣ ପାର୍ଥକ୍ୟ ତାହା ଆମେ ଭଲ ଭାବରେ ଜାଣୁ । ତେଣୁ ଯଦିଓ ଆମର ବିଶ୍ୱାସ ରହିଛି (ନିଜର ଉଦ୍ଦିଷ୍ଟ କର୍ମ ଉପରେ ଓ ତା' ପଛରେ କ୍ରିୟା କରୁଥିବା ସତ୍ୟ ଉପରେ ବିଶ୍ୱାସ ନ ଥାଇ କିଏ ପୃଥିବୀରେ କୌଣସି ମହାନ୍ କର୍ମ ସମ୍ପନ୍ନ କରିବାକୁ ସକ୍ଷମ ହୋଇଛି ?) କିନ୍ତୁ କେବଳ ବିଶ୍ୱାସ ଉପରେ ନୁହେଁ, ଆମେ ନିଜକୁ ପ୍ରତିଷ୍ଠିତ କରିଛୁ ଜ୍ଞାନର ଏପରି ଏକ ବିଶାଳ ଭୂମି ଉପରେ ଯାହାକୁ ଆମେ ଆମର ସାରା ଜୀବନ ଧରି ବିକଶିତ ଓ ପରୀକ୍ଷା କରିଆସିଛୁ । ଭାବୁଛି, ମୁଁ ଏହା କହିପାରେ ଯେ ଭୌତିକ ସ୍ତରରେ ଯେକୌଣସି ବୈଜ୍ଞାନିକ ତା'ର ତତ୍ତ୍ୱ ବା ତା'ର ପଦ୍ଧତି ଉପରେ ଯେତିକି ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା ନିରୀକ୍ଷା କରିଥାଏ, ମୁଁ ତା' ଅପେକ୍ଷା ଅଧିକ ନିବିଷ୍ଟ ଓ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଷ ବର୍ଷ ଧରି ଦିନରାତି ମୋର ପରୀକ୍ଷାଗୁଡ଼ିକ ଉପରେ କ୍ରିୟା କରି ଚାଲିଛି । ସେଇଥିପାଇଁ ମୋ ଚାରିପାଖରେ ରହିଥିବା ପୃଥିବୀର ନାନା ବିଭାବସବୁରୁ ମିଳୁଥିବା କୌଣସି ବିପଦସଂକେତ ଦ୍ୱାରା ବିଚଳିତ ହୋଇ ନାହିଁ, ବା ଦିବ୍ୟ-ଆଲୋକ ପୃଥିବୀ ଓ ଜଡ଼ର କ୍ଷେତ୍ରରେ ଅଧିକରୁ ଅଧିକ ନିକଟବର୍ତ୍ତୀ ହେଲା ବେଳକୁ ବିରୋଧିଶକ୍ତିମାନେ ଯେତେବେଳେ ନିଜର କ୍ରୋଧ ଓ ଆକ୍ରୋଶକୁ ଆହୁରି ବଢ଼ାଇ ଦେଇ ତା'ର ସଫଳ ପ୍ରତିରୋଧ କରିବାକୁ ହିଂସ୍ର ହୋଇ ଉଠୁଛନ୍ତି, ମୁଁ ତହିଁରେ ବିବ୍ରତ ବା ହତୋତ୍ସାହିତ ହେଉ ନାହିଁ ।

ମୁଁ ଯଦି ଅତିମାନସ ଅବତରଣର କେବଳ ସମ୍ଭବପରତା ଉପରେ ନୁହେଁ ତା'ର ବାସ୍ତବ ସମ୍ଭାବନା ଉପରେ ବିଶ୍ୱାସ କରେ, ମୁଁ ଯଦି କାର୍ଯ୍ୟତଃ ଅନୁଭବ କରେ ଯେ ଅତିମାନସ ଅବତରଣ ନିଶ୍ଚିତ ବୋଲି (ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଦେଉ ନାହିଁ) ତା'ହେଲେ ତା'ର କାରଣ ହେଲା ସେହି ବିଶ୍ୱାସ ପାଇଁ ମୋର ଦୃଢ଼ ଭିତ୍ତିଭୂମି ରହିଛି, ତାହା କେବଳ ହାଓ୍ୱାରେ ନୁହେଁ । ମୁଁ ଜାଣେ ଯେ ଅତିମାନସ ଅବତରଣ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ । ମୋର ଅନୁଭୂତି ଦୃଷ୍ଟିରୁ ମୋର ଏହି ବିଶ୍ୱାସ ରହିଛି ଯେ ପରବର୍ତ୍ତୀ କୌଣସି ସମୟ ନୁହେଁ, ବର୍ତ୍ତମାନହିଁ ସେହି ସମୟ ହୋଇପାରେ ଏବଂ ହେବା ଉଚିତ ।... କିନ୍ତୁ ଯଦି ବି ମୁଁ ଜାଣନ୍ତି ଯେ ପରବର୍ତ୍ତୀ କୌଣସି ସମୟରେ ଏହା ଘଟିବ ତଥାପି ମୁଁ ମୋ ପଥରୁ ଓହରି ଯିବି ନାହିଁ ବା ଏଥିପାଇଁ ଶ୍ରମକୁଣ୍ଠ ହେବି ନାହିଁ । ପୂର୍ବେ ହୁଏତ ମୁଁ ସେପରି ହୋଇ ପାରିଥା'ନ୍ତି – କିନ୍ତୁ ବର୍ତ୍ତମାନ ନୁହେଁ – ବିଶେଷତଃ ଏତେ ଦୂର ପଥ ଅତିକ୍ରମ କରି ସାରିବା ପରେ । ଯେତେବେଳେ ଜଣେ ଦିବ୍ୟସତ୍ୟ ସମ୍ପର୍କରେ ସୁନିଶ୍ଚିତ ହୁଏ ବା ଏପରିକି ଜଣେ ଯଦି ବିଶ୍ୱାସ କରେ ଯେ ସେ ଯେଉଁ ସତ୍ୟର ଅନୁସରଣ କରୁଛି, ତାହାହିଁ ଏକମାତ୍ର ସମ୍ଭାବ୍ୟ ସମାଧାନ, ତେବେ ସେ ତତ୍‌କ୍ଷଣାତ୍ ସାଫଲ୍ୟ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରିବ ନାହିଁ । ଦୁଃସାହସିକ ଅଭିଯାନର ସମସ୍ତ ବିପଦ ବରଣ କରି ସେ ସେହି ଦିବ୍ୟ-ଆଲୋକ ଦିଗରେ ଆଗେଇ ଯିବ । ତଥାପି, ଅନ୍ୟ କୌଣସି ସମୟରେ ନୁହେଁ ବା ପରବର୍ତ୍ତୀ ସମୟରେ ନୁହେଁ, ତୁମ ପରି ବର୍ତ୍ତମାନ, ଏବଂ ଏହି ଜୀବନରେହିଁ ତାହା ଘଟିବା ଉପରେ ମୁଁ ସମସ୍ତ ଜୋର୍ ଦେଉଛି । ❖

# ଆନନ୍ଦର ଅନୁଭୂତି

## ଶ୍ରୀମା

*ପ୍ରଶ୍ନ : ଆନନ୍ଦ କ'ଣ ଚରମ ଅବସ୍ଥା ? ତାହା ଯଦି ହୋଇଥାଏ, ତେବେ କ'ଣ ଏହା କୁହାଯାଇ ପାରିବ ଯେ ଯଦି ଜଣେ ସେହି ଆନନ୍ଦକୁ ହରାଏ ତେବେ ତା'ର ଚେତନାର ଅଧୋଗତି ହୋଇଛି ?*

ଶ୍ରୀମା : ଶ୍ରୀଅରବିନ୍ଦ କହିଛନ୍ତି ଅସ୍ତିତ୍ୱର ଆନନ୍ଦକୁ ଭିତ୍ତିକରିହିଁ ଏହି ବିଶ୍ୱ ନିର୍ମିତ ହୋଇଛି, ଏବଂ ଆନନ୍ଦହିଁ ଏହାର ଉତ୍ସ ହୋଇଥିବାରୁ ନିଶ୍ଚିତରୂପେ ସେହି ଆନନ୍ଦହିଁ ଏହାର ଲକ୍ଷ୍ୟ, ତେଣୁ ବସ୍ତୁତଃ ଏହାର ଅର୍ଥ ହେବ ସେହି ଆନନ୍ଦହିଁ ସର୍ବୋଚ୍ଚ ଅବସ୍ଥା ।

କିନ୍ତୁ ତୁମକୁ ଏହା ବୁଝାଇ କହିବାର ଆବଶ୍ୟକତା ନାହିଁ ଯେ ସାଧାରଣ ମାନୁଷୀ ଚେତନା ଯାହାକୁ ଆନନ୍ଦ ବୋଲି ବୁଝେ ଏହା ସେହି ଆନନ୍ଦ ନୁହେଁ । ବାସ୍ତବରେ ସେହି ଆନନ୍ଦ ସେହିସବୁ ଅବସ୍ଥାର ଆହୁରି ଊର୍ଦ୍ଧ୍ୱରେ ଯେଉଁଗୁଡ଼ିକୁ କି ସାଧାରଣତଃ ଯୋଗର ଦୃଷ୍ଟିକୋଣରୁ ଉଚ୍ଚତମ ଅବସ୍ଥା ବୋଲି କୁହାଯାଇଥାଏ, ଯଥା – ଏକ ପୂର୍ଣ୍ଣ ପ୍ରଶାନ୍ତି, ଆତ୍ମାର ଏକ ପୂର୍ଣ୍ଣ ସମତା, ପୂର୍ଣ୍ଣ ନିରାସକ୍ତି, ଅନନ୍ତ ଓ ଶାଶ୍ୱତ ପରମଙ୍କ ସଙ୍ଗେ ଏକାତ୍ମତା, ଯେଉଁ ଅବସ୍ଥାସବୁ ତୁମକୁ ସମସ୍ତ ଅନିଶ୍ଚିତ ସମ୍ଭାବନାର ଊର୍ଦ୍ଧ୍ୱକୁ ଉଠାଇ ନେଇଯାଏ । ଏସବୁର ଆହୁରି ଊର୍ଦ୍ଧ୍ୱରେ ହେଉଛି ସେହି ଆନନ୍ଦ । ଏହାର ସମାସ୍କନ୍ଦ କେବଳ ଆଉ ଏକ ଅବସ୍ଥା ରହିଛି; ତାହା ହେଲା ପୂର୍ଣ୍ଣ, ଅଖଣ୍ଡ ସର୍ବାଙ୍ଗୀଣ ବିଶ୍ୱପ୍ରେମ, ଯାହା ହେଉଛି ଭଗବତ୍ କରୁଣାର ମୂଳ ନିର୍ଯାସ, ଏବଂ ଭଗବତ୍ କୃପାର ସେହି ପରିପୂର୍ଣ୍ଣ ପ୍ରକାଶ ଯାହା ସମସ୍ତ ଭ୍ରାନ୍ତି ଓ ସମସ୍ତ ଅଜ୍ଞାନତାର ପରିଣାମକୁ ସମ୍ପୂର୍ଣ୍ଣରୂପେ ପୋଛି ନିଶ୍ଚିହ୍ନ କରିଦିଏ । ଏହି ଦୁଇଟି ଅବସ୍ଥାକୁ ବରାବର ଚେତନାର ସର୍ବୋଚ୍ଚ ଶିଖର ବୋଲି ବିଚାର କରାଯାଇଛି, ଏବଂ ଭଗବାନଙ୍କ ସଙ୍ଗେ ମିଳିତ ହେଲେ ବ୍ୟକ୍ତି ଚେତନା ଯାହା ପାଇବା ପାଇଁ ସମର୍ଥ ଏହାକୁ ତା'ର ଚୂଡ଼ାନ୍ତ ଅବସ୍ଥା ବା ଚରମ ସୀମା ବୋଲି କୁହାଯାଇପାରେ ।

କିନ୍ତୁ ଏହାର ଊର୍ଦ୍ଧ୍ୱରେ ମଧ ଆଉ କିଛି ରହିଛି । ତାହା ହେଉଛି ପୂର୍ଣ୍ଣ ଆନନ୍ଦର ଏକ ଅବସ୍ଥା, ତାହା ଏକ ଗତିହୀନ ସ୍ଥିତାବସ୍ଥା ନୁହେଁ, ତାହା ହେଉଛି ଏକ ସଚଳ କ୍ରମ-ଅଭିବ୍ୟକ୍ତି ଭିତରେ ଆନନ୍ଦର ପ୍ରକାଶମୟ ସ୍ଫୁରଣ, ପରମ ଚେତନାର ଏକ ପୂର୍ଣ୍ଣ ଉନ୍ମୋଚନର ପ୍ରକ୍ରିୟା ।

ମୁଁ ପୂର୍ବରୁ ଯେଉଁ ଦୁଇଟି ଅବସ୍ଥା ବିଷୟରେ କହିଲି ତହିଁରୁ ପ୍ରଥମଟି ସବୁବେଳେ ନେଇଯାଏ କର୍ମରୁ ବିରତି ଓ ପ୍ରତ୍ୟାହାର ଦିଗରେ, ଯାହା ପ୍ରାୟଶଃ ଏକ ନିଶ୍ଚଳ ଅବସ୍ଥା ଏବଂ ଅତି ସହଜରେ ତାହା ନିର୍ବାଣ ଆଡ଼କୁ ନେଇଯାଏ,– ଯେଉଁମାନେ ପ୍ରକୃତପକ୍ଷେ ନିର୍ବାଣର ଅନ୍ୱେଷଣ କରନ୍ତି, ବରାବର ସେମାନଙ୍କୁ ଏହି ମାର୍ଗହିଁ ଅନୁସରଣ କରିବାକୁ କୁହାଯାଇଥାଏ । କିନ୍ତୁ ମୁଁ ଏହି ଯେଉଁ ଆନନ୍ଦର ଅବସ୍ଥା କଥା କହୁଛି, ଯାହାକି ମୂଳତଃ ଦିବ୍ୟ, କାରଣ ମୁକ୍ତ, ସମସ୍ତ ପ୍ରକାର ବିରୋଧ ଓ ବୈପରୀତ୍ୟର ସମ୍ଭାବନାରୁ ସମ୍ପୂର୍ଣ୍ଣ ମୁକ୍ତ, ଏହା କର୍ମ ଭିତରୁ ନିଜକୁ ଅଲଗା କରିନିଏ ନାହିଁ, ବରଂ ଅପରପକ୍ଷେ ଏହା ନେଇଯାଏ ଏକ ପୂର୍ଣ୍ଣାଙ୍ଗ କର୍ମ ଦିଗରେ, ମୂଳ ସ୍ୱରୂପରେ ଏହା ପୂର୍ଣ୍ଣ ଏବଂ ସମସ୍ତ ପ୍ରକାର ଅଜ୍ଞାନତା ଓ ତା'ର ଦାସତ୍ୱରୁ ସର୍ବତୋଭାବେ ମୁକ୍ତ ।

ପଥ ମଧରେ ଯେତେବେଳେ ତୁମେ କିଛିଟା ଅଗ୍ରଗତି କରିଛ, ଯେତେବେଳେ ତୁମର ବୋଧଶକ୍ତି କିଛିଟା ବଢ଼ିଛି, ତୁମ ଭିତରେ ଏକ ଅଧିକତର ସାମଗ୍ରିକ ଉନ୍ମୀଳନ ଓ ଦିବ୍ୟ-ଚେତନା ସଙ୍ଗରେ ଏକ ଅଧିକତର ଅନ୍ତରଙ୍ଗ ମିଳନ ସ୍ଥାପିତ ହୋଇଛି, ସେତେବେଳେ ତୁମେ ଦିବ୍ୟ-ଆନନ୍ଦର ଏହି ଅନୁଭୂତି ପାଇପାର । ସେତେବେଳେ ଅନୁଭବ କରିବ ଏହି ଆନନ୍ଦ ଆସି ଜୀବନକୁ ନାନା ରଙ୍ଗରେ ରଞ୍ଜିତ କରୁଛି, ଏବଂ ଜୀବନ ପାଇଁ ଆଣି ଦେଉଛି ତାହାର ପ୍ରକୃତ ଅର୍ଥ । କିନ୍ତୁ ଯେପର୍ଯ୍ୟନ୍ତ ତୁମେ ସାଧାରଣ ମାନୁଷୀ ଚେତନା ଭିତରେ ରହିଛ, ଏହି ଦିବ୍ୟ-ଆନନ୍ଦ ଅତି ସହଜରେ ବିକୃତ ହୋଇଯାଏ ଏବଂ ଏପରି କିଛି ହୋଇଯାଏ ଯାହାରକି ସେହି ଆନନ୍ଦ ସହିତ ଆଉ ଆଦୌ କୌଣସି ସାଦୃଶ୍ୟ ନାହିଁ । ତେଣୁ ଏପରି କହିବା ହୁଏତ ଠିକ୍ ହେବ ନାହିଁ ଯେ ଯଦି କେହି ଆନନ୍ଦକୁ ହରାଏ ତେବେ ତା'ର ଚେତନାର ଅଧୋଗତି ହେଲା, କାରଣ ମୁଁ ଯେଉଁ ଦିବ୍ୟ-ଆନନ୍ଦର କଥା କହୁଛି ତାହା କେବେହେଲେ କେହି ହରାଇ ପାରିବ ନାହିଁ । ମୁଁ ଟିକେ ଆଗରୁ ଯେଉଁ ଦୁଇଟି ଅବସ୍ଥା କଥା କହିଛି, ଅର୍ଥାତ୍ ପୂର୍ଣ୍ଣ ନିରାସକ୍ତି ଓ ଅନ୍ତରଙ୍ଗ ମିଳନର ଅବସ୍ଥା ଏବଂ ପୂର୍ଣ୍ଣ ପ୍ରେମ ଓ

କରୁଣାର ଅବସ୍ଥା । ଯଦି ତୁମେ ଏହି ଦୁଇ ଅବସ୍ଥାର ଉପରକୁ ଉଠିଯାଇ ଭଗବତ୍ ଦିବ୍ୟ-ଆନନ୍ଦର ସାକ୍ଷାତ୍ ପାଇବ ତେବେ ସେଠାରୁ ପୁଣି ତଳକୁ ଖସି ଆସିବା ବାସ୍ତବିକ ଅସମ୍ଭବ । କିନ୍ତୁ ବାସ୍ତବ ଜୀବନରେ ଯୋଗପଥରେ ତୁମେ ଏହି ଦିବ୍ୟ-ଆନନ୍ଦର ସ୍ପର୍ଶ ଯଦି କ୍ଷଣକ ପାଇଁ ମଧ୍ୟ ପାଅ ଏବଂ ପରେ ଏହା ତୁମକୁ ଛାଡ଼ିଯାଏ ତା'ହେଲେ ତୁମେ ନିଶ୍ଚୟ ଅନୁଭବ କରିବ ଯେ ଏକ ଉଚ୍ଚ ଶିଖରରୁ ଯେପରି ଏକ ଅନ୍ଧକାରମୟ ଉପତ୍ୟକାକୁ ଓହ୍ଲାଇ ଆସିଲ ।

କିନ୍ତୁ ନିରାସକ୍ତି ନଆସିବା ଯାଏ ଏହି ଦିବ୍ୟ-ଆନନ୍ଦ ଏକ ଅତି ବିପଜ୍ଜନକ ଅବଦାନ ହୋଇ ରହିଯାଏ କାରଣ ତାହା ଅତି ସହଜରେ ବିକୃତ ହୋଇଯାଇପାରେ । ତେଣୁ ନିରାସକ୍ତି ଆସିବା ପୂର୍ବରୁ ଦିବ୍ୟ-ଆନନ୍ଦ ପାଇବାକୁ ଚାହିଁବା ବିଶେଷ ବିଜ୍ଞତାର କାମ ନୁହେଁ । ପ୍ରଥମେ ତୁମକୁ ସମସ୍ତ ସମ୍ଭାବ୍ୟ ବିରୋଧ ଓ ବୈପରୀତ୍ୟର ଉପରକୁ ଉଠିଯିବାକୁ ହେବ, ସମସ୍ତ ପ୍ରକାର ଦୁଃଖ ଓ ସୁଖ, ଯନ୍ତ୍ରଣା ଓ ଖୁସି, ଉତ୍ସାହ ଓ ଅବସାଦର ଉପରକୁ ଉଠିଯିବାକୁ ହେବ । ଯେତେବେଳେ ଏସବୁର ଊର୍ଦ୍ଧ୍ୱରେ ତୁମେ ରହିପାରିବ, ସେତେବେଳେ ନିଶ୍ଚିନ୍ତ ନିରାପଦଭାବେ ତୁମେ ଦିବ୍ୟ-ଆନନ୍ଦ ପାଇଁ ଅଭୀପ୍ସା କରିପାର ।

କିନ୍ତୁ ଯେପର୍ଯ୍ୟନ୍ତ ଏହି ନିରାସକ୍ତି ଆସି ନାହିଁ, ସେ ଅବସ୍ଥାରେ ତୁମେ ଅତି ସହଜରେ ସାଧାରଣ ମାନୁଷୀ ସୁଖାନୁଭୂତିର ଏକ ଉତ୍‌ଫୁଲ୍ଲ ଅବସ୍ଥାକୁ ଦିବ୍ୟ-ଆନନ୍ଦ ସଙ୍ଗେ ସମାନ ଓ ଏକ ବୋଲି ଭୁଲ୍ କରିପାର । କିନ୍ତୁ ଏହା ପ୍ରକୃତରେ ସେହି ଯଥାର୍ଥ ଅସଲ ଜିନିଷ ନୁହେଁ, ଏପରିକି ତାହାର କୃତ୍ରିମ ନକଲ ମଧ୍ୟ ନୁହେଁ କାରଣ ଏ ଦୁଇଟିର ଭାବ ବା ପ୍ରକୃତି ଭିତରେ ଆଦୌ କୌଣସି ସାମଞ୍ଜସ୍ୟ ନାହିଁ । ଏ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଜିନିଷ ପ୍ରାୟ ବିପରୀତ କହିଲେ ଚଳେ, ଗୋଟିକରୁ ଅନ୍ୟଟିକୁ ଯିବା ଆଦୌ ସମ୍ଭବ ନୁହେଁ । ତେଣୁ ଯଦି ତୁମେ ଯୋଗପଥରେ ନିରାପଦ ରହିବାକୁ ଚାହଁ, ମୋର ମନେହୁଏ ପ୍ରଥମେ ତୁମର ଖୋଜିବା ଉଚିତ ଶାନ୍ତି, ପୂର୍ଣ୍ଣ ସ୍ଥିରତା, ପୂର୍ଣ୍ଣ ସମତା; ଚେତନାର ଏକ ବିସ୍ତାର, ବୋଧଶକ୍ତିର ପ୍ରସାର, ସମସ୍ତ କାମନା, ବାସନା, ସମସ୍ତ ଆସକ୍ତି ଓ ସମସ୍ତ ପସନ୍ଦ ଅପସନ୍ଦ ଭାବରୁ ମୁକ୍ତି, ପ୍ରଥମେ ଏସବୁ ଆସିବାହିଁ ଏକ ଅପରିହାର୍ଯ୍ୟ ସର୍ତ୍ତ । ଉଭୟ ଭିତର ଓ ବାହାରର ସମତା ଓ ଭାରସାମ୍ୟ ପାଇଁ ଏହାହିଁ ହେବ ଏକ ନିର୍ଭର ପ୍ରତିଶ୍ରୁତି ।

ତା'ହେଲେ କେବଳ ଏହି ଭାରସାମ୍ୟର ଭିତ୍ତି ଉପରେ ଯେଉଁ ଭିତ୍ତି ଅତି ସୁଦୃଢ଼ ହେବା ଦରକାର, ତୁମେ ଯାହା ଚାହିଁବ ତାହା ନିର୍ମାଣ କରିପାର । କିନ୍ତୁ ଆରମ୍ଭରେ ଯାହା ଦରକାର ତାହା ହେଲା ଏହି ଭିତ୍ତି, ସମ୍ପୂର୍ଣ୍ଣ ସୁଦୃଢ଼ ଓ ଅଟଳ ।

*

*ପ୍ରଶ୍ନ : ଶୁଦ୍ଧ ଆନନ୍ଦ କ'ଣ ତାହା ଜାଣିବୁ କିପରି ?*

ଶ୍ରୀମା : ପ୍ରଥମତଃ ଆରମ୍ଭରେ ତୁମକୁ ଗଭୀର ମନୋଯୋଗ ସହ ପର୍ଯ୍ୟବେକ୍ଷଣ କରି ସଚେତ ହେବାକୁ ହେବ ଯେ କାମନା-ବାସନା ଓ ସେଗୁଡ଼ିକର ପରିତୃପ୍ତିରୁ ଯାହା ମିଳେ ତାହା କେବଳ ଏକ ଅସ୍ପଷ୍ଟ, ଅନିଶ୍ଚିତ ସୁଖାନୁଭବ; ମିଶ୍ରିତ, କ୍ଷଣସ୍ଥାୟୀ ଏବଂ ସମ୍ପୂର୍ଣ୍ଣ ଅତୃପ୍ତିକର । ସାଧାରଣତଃ ଏହିଠାରୁହିଁ ଆରମ୍ଭ କରିବାକୁ ହେବ ।

ତା'ପରେ, ଜଣେ ଯଦି ବିଚାର-ବୁଦ୍ଧିସମ୍ପନ୍ନ ବ୍ୟକ୍ତି ହୋଇଥାଏ, ତେବେ ତାକୁ କାମନା ଜିନିଷଟି କ'ଣ ତାହା ବାଛି ନିର୍ଣ୍ଣୟ କରିବାକୁ ହେବ ଏବଂ ଯାହା ନିଜ କାମନାର ସନ୍ତୋଷ ବିଧାନ କରେ ସେପରି ସମସ୍ତ ଆଚରଣରୁ ନିବୃତ୍ତ ରହିବାକୁ ହେବ । ସେଗୁଡ଼ିକର ପରିତୃପ୍ତି ପାଇଁ ଚେଷ୍ଟା ନକରି ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ଏହାର ପ୍ରଥମ ଫଳସ୍ୱରୂପ ସେ ଠିକ୍ ସେଇ ଅନୁଭୂତି ପାଇବ । ବୁଦ୍ଧ ତାଙ୍କ ଶିକ୍ଷାରେ ଅନ୍ୟତମ ଯେଉଁ ପ୍ରଥମ ପର୍ଯ୍ୟବେକ୍ଷଣଟି ବିଷୟରେ କହିଛନ୍ତି; ସେହି ପର୍ଯ୍ୟବେକ୍ଷଣଟି ହେଲା କୌଣସି କାମନାର ପରିପୂରଣରୁ ଯେଉଁ ଆନନ୍ଦ ମିଳେ ତା' ଅପେକ୍ଷା ସେହି କାମନାକୁ ଜୟ କରି ତାକୁ ବିନାଶ କରିବା ଦ୍ୱାରା ତହିଁରୁ ଅନନ୍ତ ଗୁଣରେ ଅଧିକ ଆନନ୍ଦ ମିଳେ । ପ୍ରତ୍ୟେକ ନିଷ୍ଠାପର ଓ ଦୃଢ଼ଚିତ୍ତ ସାଧକ କିଛିକାଳ ପରେ, ତାହା ଶୀଘ୍ର ହେଉ ବା ବିଳମ୍ବରେ ହେଉ, କେତେକ ସମୟରେ ଖୁବ୍ ଶୀଘ୍ର ଅନୁଭବ କରିବ ଯେ ଏହା ଏକ ଅଭ୍ରାନ୍ତ ସତ୍ୟ । ଏକ କାମନାକୁ ଅତିକ୍ରମ ବା ଜୟ କରିବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ନିଜ କାମନାର ପରିପୂରଣରୁ ମିଳୁଥିବା ଅତ୍ୟନ୍ତ କ୍ଷଣସ୍ଥାୟୀ ଓ ମିଶ୍ରିତ ଛୋଟ ଛୋଟ ସୁଖାନୁଭବ ଅପେକ୍ଷା ଅତୁଳନୀୟ ଭାବେ ଉଚ୍ଚତର । ଏହା ହେଲା ଦ୍ୱିତୀୟ ପଦକ୍ଷେପ ।

ସ୍ୱାଭାବିକଭାବେ, ଏହି ପ୍ରକାର ଏକ କ୍ରମାଗତ ସାଧନା ଦ୍ୱାରା ଖୁବ୍ କମ୍ ସମୟ ଭିତରେ କାମନାଗୁଡ଼ିକ ତୁମଠାରୁ ଦୂରେଇ ଯିବେ ଓ ତୁମକୁ ଆଉ ବିବ୍ରତ କରିବେ ନାହିଁ ।

ସେତେବେଳେ ତୁମେ ତୁମ ସତ୍ତାର ଆଉ ଟିକେ ଗଭୀରକୁ ପ୍ରବେଶ କରିବାର ସ୍ୱାଧୀନତା ପାଇବ ଏବଂ ଏକ ଗଭୀର ଅଭୀପ୍ସା ନେଇ ସେହି ଦିବ୍ୟ-ଆନନ୍ଦର ଦିବ୍ୟଦାତା, ଭଗବତ୍ ଦିବ୍ୟ-ଉପାଦାନ ଓ ଭଗବତ୍ ଦିବ୍ୟକୃପା ପ୍ରତି ନିଜକୁ ଖୋଲି ଧରିବାକୁ ସମର୍ଥ ହେବ । ଏହା ଯଦି ଏକ ଆନ୍ତରିକ ଆତ୍ମ-ନିବେଦନ ସହ କରାଯାଏ – ଯାହା କେବଳ ନିଜକୁ ଦେଇଦିଏ, ନିଜକୁ ଉତ୍ସର୍ଗ କରିଦିଏ ଅଥଚ ନିଜର ସେଇ ଆତ୍ମଦାନ ବିନିମୟରେ କିଛି ବି ପ୍ରତିଦାନ ଚାହେଁ ନାହିଁ, ତା'ହେଲେ ତୁମେ ଅନୁଭବ କରିବ ସେଇ ମଧୁର ଉଷ୍ମତା, ସେଇ ସ୍ୱାଚ୍ଛନ୍ଦ୍ୟମୟ, ଅନ୍ତରଙ୍ଗ ଉଷ୍ମତାର ଉଜ୍ଜ୍ୱଳ ବିକିରଣ ଯାହା ତୁମ ହୃଦୟକୁ ପରିପୂର୍ଣ୍ଣ କରିଦେବ । ତାହାହିଁ ଘୋଷଣା କରିଥାଏ ଦିବ୍ୟ ଆନନ୍ଦର ଆଗମନୀ ବାର୍ତ୍ତା ।

ଏହାପରେ ତେଣିକି ପଥ ବେଶ୍ ସହଜ ।

*ପ୍ରଶ୍ନ : ମା' ସତ୍ତାର ଯଥାର୍ଥ ଦିବ୍ୟ-ଆନନ୍ଦ କ'ଣ ?*

ଶ୍ରୀମା : ମୁଁ ଯେଉଁ ବିଷୟରେ କହିଲି ଠିକ୍ ତାହାହିଁ ।

*ପ୍ରଶ୍ନ : ତା'ହେଲେ, ମଧୁମୟି ମା' ଏଠାରେ ଶ୍ରୀଅରବିନ୍ଦ ଯେତେବେଳେ ଏକ ଅସ୍ତିତ୍ୱ ବିଷୟ କହୁଛନ୍ତି, ''ଯାହା କେବଳ ସତ୍ତାର ଆନନ୍ଦ ପାଇଁ ନିଜକୁ ବହୁ ଗୁଣରେ ବଢ଼ାଇ ଚାଲିଛି'' ତାହା କେଉଁ ଆନନ୍ଦ ?*

ଶ୍ରୀମା : ତା' ହେଉଛି ଅସ୍ତିତ୍ୱର ଆନନ୍ଦ । ସମୟ ଆସେ ଯେତେବେଳେ ତୁମେ ପ୍ରାୟ ପ୍ରସ୍ତୁତ ହେବାକୁ ଆରମ୍ଭ କର, ଯେତେବେଳେ ତୁମେ ପ୍ରତ୍ୟେକ ବିଷୟରେ, ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକଟି ଗତିବୃତ୍ତିରେ, ପ୍ରତ୍ୟେକଟି ସ୍ପନ୍ଦନରେ ଚତୁଃପାର୍ଶ୍ୱର ସମସ୍ତ ବସ୍ତୁ ଭିତରେ, କେବଳ ଲୋକମାନଙ୍କ ଭିତରେ ବା ସଚେତ ବସ୍ତୁ ଭିତରେ ନୁହେଁ, ସବୁ ଜିନିଷ ଭିତରେ, ସବୁ ବସ୍ତୁ ଭିତରେ କେବଳ ଜୀବଜନ୍ତୁ ବା ବୃକ୍ଷଲତା ଆଦି ଜୀବନ୍ତ ବସ୍ତୁରେ ନୁହେଁ, ତୁମେ ବ୍ୟବହାର କରୁଥିବା ଜିନିଷଗୁଡ଼ିକ ଭିତରେ, ତୁମ ଚତୁଃପାର୍ଶ୍ୱରେ ଥିବା ସବୁ ଜିନିଷ ଭିତରେ ତୁମେ ଏହି ଆନନ୍ଦ ଅନୁଭବ କରିବ; ସତ୍ତାର ଏହି ଆନନ୍ଦ, ତୁମେ ଯେପରି ଯାହା ଅଛ, କେବଳ ସତ୍ତାର ସେହି ସହଜ ଅସ୍ତିତ୍ୱର ସେହି ଆନନ୍ଦ ତୁମେ ଅନୁଭବ କରିବ । ତୁମେ ଦେଖିବ ସବୁକିଛି ସେଇ ଆନନ୍ଦରେ ସ୍ପନ୍ଦିତ ହେଉଛି । ଯେକୌଣସି ବସ୍ତୁକୁ ସ୍ପର୍ଶ କଲେ ତୁମେ ଏହି ଆନନ୍ଦ ଅନୁଭବ କରିବ । ଅବଶ୍ୟ ଏହା ସ୍ୱାଭାବିକ ଯେ ମୁଁ ଆଗରୁ ଯେଉଁ ସାଧନା ବିଷୟ କହିଛି ତୁମର ତାହା ଅନୁସରଣ କରିବା ଆବଶ୍ୟକ । ତା' ନହେଲେ ଯେପର୍ଯ୍ୟନ୍ତ ତୁମର କୌଣସି କାମନା ବାସନା, କୌଣସି ପସନ୍ଦ ଅପସନ୍ଦ, ଆସକ୍ତି ବା ଅନୁରାଗ, ବିରାଗ ଆଦିର ଭାବ ଥିବ ତୁମେ କେବେହେଲେ ଏହି ଆନନ୍ଦ ପାଇପାରିବ ନାହିଁ, କେବେ ନୁହେଁ ।

ଆଉ ଯେପର୍ଯ୍ୟନ୍ତ ତୁମେ କୌଣସି ବିଷୟ ବା କୌଣସି ବସ୍ତୁର ସୁଖାନୁଭୂତି ପାଉଥିବ, ପ୍ରାଣିକ ବା ଦୈହିକ ସୁଖାନୁଭୂତି ପାଉଥିବ ସେପର୍ଯ୍ୟନ୍ତ ତୁମେ ଏହି ଆନନ୍ଦ ଅନୁଭବ କରିପାରିବ ନାହିଁ, କାରଣ ଏହି ଆନନ୍ଦ ସର୍ବତ୍ର ବିରାଜମାନ । ଏହା ଅତ୍ୟନ୍ତ ସୂକ୍ଷ୍ମ ଏକ ଅନୁଭୂତି । ତୁମେ ବସ୍ତୁଗୁଡ଼ିକ ଭିତରେ ଗତାଗତ କରୁଛ, ଯେପରିକି ସେମାନେ ସମସ୍ତେ ତୁମ ଆଗରେ ସେମାନଙ୍କ ନିଜ ନିଜ ଆନନ୍ଦର ଗୀତିଗାନ କରୁଛନ୍ତି । ଗୋଟାଏ ସମୟ ଆସିବ ତୁମ ଚତୁଃପାର୍ଶ୍ୱର ଜୀବନରେ ଏହା ଅତ୍ୟନ୍ତ ପରିଚିତ ଏକ ଅନୁଭୂତି ହୋଇଉଠିବ । ଅବଶ୍ୟ ମୁଁ ଏହା ସ୍ୱୀକାର କରିବି ଯେ ମନୁଷ୍ୟମାନଙ୍କ ଭିତରେ ଏହା ଅନୁଭବ କରିବା ଟିକେ ଅଧିକ କଷ୍ଟସାଧ୍ୟ, କାରଣ ସେମାନଙ୍କର ନିଜ ନିଜର ମାନସିକ ଓ ପ୍ରାଣିକ ଗଠନସବୁ ରହିଥାଏ, ଯାହାକି ପ୍ରତ୍ୟକ୍ଷର ପରିସର ଓ କ୍ଷେତ୍ର ଭିତରକୁ ଆସିଯାଏ ଏବଂ ତହିଁରେ ଗୋଳମାଳ ସୃଷ୍ଟି କରେ । ମଣିଷମାନଙ୍କ ଭିତରେ ଏଇ ଧରଣର ଏକ ପ୍ରକାର ଅହଂଭାବାପନ୍ନ ରଢ଼ ବା ରୁକ୍ଷ ଭାବ ରହିଥାଏ ଯାହାକି ଅନ୍ୟାନ୍ୟ ଜିନିଷ ସଙ୍ଗରେ ମିଶ୍ରିତ ହୋଇଯାଏ, ତେଣୁ ସେଠାରେ ଏହି ଦିବ୍ୟ-ଆନନ୍ଦର ସ୍ପର୍ଶ ପାଇବା ଅଧିକ କଷ୍ଟସାଧ୍ୟ । କିନ୍ତୁ ଏପରିକି ପଶୁପକ୍ଷୀ, ଜୀବଜନ୍ତୁଙ୍କ ଭିତରେ ଏହା ଅନୁଭବ କରାଯାଇ-ପାରେ, ଅବଶ୍ୟ ବୃକ୍ଷଲତାମାନଙ୍କଠାରୁ ଏମାନଙ୍କ ଭିତରେ ଏହା ଅନୁଭବ କରିବା ଟିକେ ଅଧିକ କଷ୍ଟକର । କିନ୍ତୁ ଉଦ୍ଭିଦ ଜଗତରେ, ବୃକ୍ଷଲତାମାନଙ୍କ ଭିତରେ, ଫୁଲମାନଙ୍କ ଭିତରେ ଏହି ଅନୁଭୂତି ଅତି ଚମତ୍କାର ଓ ବିସ୍ମୟକର । ସେମାନେ ନିଜର ସମସ୍ତ ଆନନ୍ଦ କହି ଦିଅନ୍ତି, ସେମାନେ ତାହା ପୂରା ପ୍ରକାଶ କରି ଦିଅନ୍ତି । ମୁଁ ଯାହା କହିଥିଲି, ତୁମେ ଅନୁଭବ କରିବ ସମସ୍ତ ପରିଚିତ ବସ୍ତୁରେ, ତୁମ ଚାରିପାଖରେ ଥିବା ସମସ୍ତ ବସ୍ତୁ ଯେଉଁଗୁଡ଼ିକ ତୁମେ ବ୍ୟବହାର କର, ସେସବୁ ଭିତରେ ଏକ ପ୍ରକାର ଚେତନା ଅଛି ଯେଉଁଥିରେ କି ସେମାନେ ପ୍ରତ୍ୟେକେ ସେହିପରି ହୋଇଥିବାରୁ ଖୁସି ହୋଇ ରହିଥାଆନ୍ତି,

ଠିକ୍ ସେହି ଭାବରେହିଁ ଖୁସି ହୋଇ ଥାଆନ୍ତି । ସେତେବେଳେ ସେଇ ମୁହୂର୍ତ୍ତରେ ତୁମେ ଜାଣ ଯେ ତୁମେ ଯଥାର୍ଥ ଆନନ୍ଦର ସ୍ପର୍ଶ ପାଇଛ ଏବଂ ଏହା ସମ୍ପୂର୍ଣ୍ଣ ଅନପେକ୍ଷ ଓ ସର୍ତ୍ତବିହୀନ । ଅର୍ଥାତ୍ ଏହା କୌଣସି କିଛିର ଅପେକ୍ଷା ରଖେ ନାହିଁ, କୌଣସି କିଛି ଉପରେ ନିର୍ଭରଶୀଳ ନୁହେଁ, ଏହା କୌଣସି ବାହ୍ୟ ପରିସ୍ଥିତି ଉପରେ ନିର୍ଭର କରେ ନାହିଁ, ଉଣାଧିକ କୌଣସି ଅନୁକୂଳ ଅବସ୍ଥାର ଅପେକ୍ଷା ରଖେ ନାହିଁ, ଏହା କୌଣସି କିଛି ପାଇଁ ନିର୍ଭର କରେ ନାହିଁ, ଏହା ବିଶ୍ୱର ଅସ୍ତିତ୍ୱର ମୂଳ କାରଣ ବା ହେତୁ ସହ ଏକ ସଂଯୋଗ ।

ଏବଂ ଯେତେବେଳେ ଏହି ଆନନ୍ଦ ଆସେ, ଏହା ଶରୀରର ସମସ୍ତ ଜୀବକୋଷକୁ ପରିପୂର୍ଣ୍ଣ କରିଦିଏ । ଏହା ଏପରି ଏକ ବିଷୟ ନୁହେଁ ଯାହା ସମ୍ପର୍କରେ ଚିନ୍ତା କରାଯାଇଛି, ଏହା ସମ୍ପର୍କରେ ତୁମେ ଯେ ଯୁକ୍ତିବୁଦ୍ଧିର ମନ ଦେଇ ଭାବିଛ ବା ବିଶ୍ଳେଷଣ କରିଛ, ତା' ନୁହେଁ, ଏହା ଆଦୌ ସେପରି ନୁହେଁ, ଏହା ଏକ ପ୍ରକାର ଅବସ୍ଥା, ଯେଉଁଥିରେ ତୁମେ ବାସ କର । ଏବଂ ଯେତେବେଳେ ଶରୀର ଏଥିରେ ଅଂଶଗ୍ରହଣ କରେ, ସେତେବେଳେ ଏତେ ପ୍ରଫୁଲ୍ଲ ଲାଗେ,ଏହା ଏତେ ସଦ୍ୟ ଓ ସ୍ୱତଃସ୍ଫୂର୍ତ୍ତ, ଏହା ଆଉ ପୁଣି ନିଜ ଉପରକୁ ବିଚାର ବା ପର୍ଯ୍ୟବେକ୍ଷଣ ପାଇଁ ଫେରିଆସେ ନାହିଁ, ଆଉ କୌଣସି ଆତ୍ମ ପର୍ଯ୍ୟବେକ୍ଷଣ ବା ଆତ୍ମ-ବିଶ୍ଳେଷଣର ବୋଧ ନଥାଏ, ବା ବସ୍ତୁସବୁକୁ ବିଶ୍ଳେଷଣ କରିବାର ଭାବ ନଥାଏ । ସବୁକିଛି ହୋଇଉଠେ ଆନନ୍ଦମୟ ସ୍ପନ୍ଦନର ଏକ ଅପରୂପ ସଙ୍ଗୀତମୟ ମୂର୍ଚ୍ଛନା ଓ ମଧୁର ମନ୍ତ୍ରପାଠ, କିନ୍ତୁ ଅତ୍ୟନ୍ତ ଶାନ୍ତ ଓ ନୀରବ, ତହିଁରେ ଆଦୌ କୌଣସି ଉଗ୍ରତା, ଆଦୌ କୌଣସି ଉତ୍ତେଜନା ନଥାଏ, ସେସବୁର ଏହା ବହୁ ଦୂରରେ । ଏହା ଅତ୍ୟନ୍ତ ସୂକ୍ଷ୍ମ ଅଥଚ ତହିଁ ସଙ୍ଗେ ସଙ୍ଗେ ଅତ୍ୟନ୍ତ ନିବିଡ଼ ଏବଂ ଯେତେବେଳେ ଏହା ଆସେ ସେତେବେଳେ ମନେହୁଏ ସମଗ୍ର ବିଶ୍ୱ ଏକ ଅପୂର୍ବ ସମନ୍ୱୟ ଓ ସଙ୍ଗତିର ଐକ୍ୟତାନ । ଏପରିକି ସାଧାରଣ ଚେତନା ପାଇଁ ଯାହା ଅସୁନ୍ଦର ଓ ଅପ୍ରୀତିକର ମନେ ହୋଇଥାଏ ତାହା ମଧ୍ୟ ମନେହୁଏ ଅପୂର୍ବ ଓ ଚମତ୍କାର ।

ଦୁର୍ଭାଗ୍ୟବଶତଃ, ମୁଁ ଯାହା କହିଛି, ଲୋକମାନେ ଓ ପରିସ୍ଥିତି, ପରିବେଶସବୁ, ମାନସିକ ଓ ପ୍ରାଣିକ ଗଠନସବୁ ଏହାକୁ ବରାବର ନଷ୍ଟ କରିଥାଆନ୍ତି, ଗୋଳମାଳ ସୃଷ୍ଟି କରି ଥାଆନ୍ତି । ଯେପରି ଅନ୍ଧ ଓ ଅଜ୍ଞାନ ଭାବରେ ସେମାନେ ବିଷୟ ସବୁକୁ ଦେଖନ୍ତି ତାହାହିଁ ଏଥିପାଇଁ ଦାୟୀ । କିନ୍ତୁ ତା' ନହେଲେ, ଏହି ଧରଣର ଭୁଲ୍ ବିଚାର ଓ ପ୍ରତ୍ୟକ୍ଷର ସମାପ୍ତି ଘଟିଲେ ଏବଂ ଏସବୁଥିରୁ ବାହାରି ଗଲେ ସବୁକିଛି ବଦଳିଯାଏ, ଶ୍ରୀଅରବିନ୍ଦ ଶେଷରେ ଯାହା କହିଛନ୍ତି, ସବୁକିଛି ବଦଳିଯାଏ, ଏକ ଅପୂର୍ବ ସଙ୍ଗତି ଓ ସମନ୍ୱୟ ଦେଖାଦିଏ । ଏବଂ ସବୁକିଛି କେବଳ ଆନନ୍ଦ, ଯଥାର୍ଥ ଓ ବାସ୍ତବ ଦିବ୍ୟ-ଆନନ୍ଦ ।

ଏଥିପାଇଁ କିଛି ସାଧନା ଆବଶ୍ୟକ । ମୁଁ ଆଗରୁ ଯେଉଁ ସାଧନା ବିଷୟ କହିଲି, ଯଦି ସେହି ଦିବ୍ୟ-ଆନନ୍ଦ ପାଇବାର ଲକ୍ଷ୍ୟ ନେଇ ସାଧନା କରାଯାଏ; ତେବେ ଫଳଲାଭରେ ବିଳମ୍ବ ଘଟେ, କାରଣ ତହିଁରେ ପ୍ରବେଶ କରେ ଏକ ଅହଂଭାବର ଉପାଦାନ, ଏକ ଫଳଲାଭର ଲକ୍ଷ୍ୟ ନେଇ ଏହା କରାହୁଏ, ତେଣୁ ଏହା ଆଉ ଏକ ଆତ୍ମନିବେଦନ ହୋଇ ରହିଲା ନାହିଁ, ଏହା ହେଲା ଏକ ଦାବି । କିନ୍ତୁ ଏହି ଆନନ୍ଦ ଆସେ, ନିଶ୍ଚୟ ଆସିବ, ଏପରିକି ଯଦି ବି ସେଥିପାଇଁ ଅନେକ ଦୀର୍ଘ ସମୟ ଲାଗେ – ଯେତେବେଳେ ତୁମେ କିଛି ବି ଚାହଁ ନାହିଁ, କୌଣସି କିଛି ପାଇଁ ପ୍ରତ୍ୟାଶା କର ନାହିଁ, ଆକାଙ୍କ୍ଷା କର ନାହିଁ, ଯେତେବେଳେ ଏହା କେବଳ ସହଜଭାବରେ ଏକ ଆତ୍ମନିବେଦନ, ଏକ ଅଭୀପ୍ସା ଏବଂ କୌଣସି କିଛି ମୂଲଚାଲ ନକରି ଏକ ସ୍ୱତଃସ୍ଫୂର୍ତ୍ତ ପ୍ରୟୋଜନ, ଦିବ୍ୟ ହୋଇ ଉଠିବାର ଏକ ପ୍ରୟୋଜନ, ସେତେବେଳେ ଏହା ନିଶ୍ଚୟ ଆସିବ । ❖

ତୁମର ପ୍ରାଣିକ ସତ୍ତାର ଦରଜାରେ ବର୍ତ୍ତମାନଠାରୁ ଶ୍ରୀମାଙ୍କର ଏହି ବିଜ୍ଞପ୍ତିଟି ରଖିଦିଅ, ''ଏହା ପରଠାରୁ କେବେ ବି ଏଠାରେ କୌଣସି ମିଥ୍ୟା ପ୍ରବେଶ କରିପାରିବ ନାହିଁ'' ଏବଂ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ତଦାରଖ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କରିଦିଅ ।

— ଶ୍ରୀଅରବିନ୍ଦ

# ନିରନ୍ତର ଅଭୀପ୍ସା

## ଶ୍ରୀଅରବିନ୍ଦ

ମୁଁ କେବେହେଲେ ଭକ୍ତି ଉପରେ କୌଣସି ନିଷେଧ ଜାରି କରି ନାହିଁ । କିଂବା କୌଣସି ସମୟରେ ଧ୍ୟାନକୁ ନିଷେଧ କରିବା କଥା ମୋର ମନକୁ ଆସି ନାହିଁ । ମୁଁ ମୋ ଯୋଗରେ ଉଭୟ ଭକ୍ତି ଓ ଜ୍ଞାନ ଉପରେ ଜୋର୍ ଦେଇଛି, ସେହିପରି କର୍ମ ଉପରେ ମଧ୍ୟ ଜୋର୍ ଦେଇଛି, ଯଦିଓ ଶଙ୍କର ବା ଚୈତନ୍ୟଙ୍କ ପରି କୌଣସି ଗୋଟିକ ଉପରେ ଅନନ୍ୟ ଗୁରୁତ୍ୱ ଆରୋପ କରି ନାହିଁ ।

ସାଧନା ସଂପର୍କରେ ତୁମେ ବା ଅନ୍ୟ କେହି ଯେଉଁ ଅସୁବିଧା ଅନୁଭବ କରୁଛ ତାହା ଧ୍ୟାନ ବନାମ ଭକ୍ତି ବନାମ କର୍ମ ସଂପର୍କୀୟ ଏକ ପ୍ରଶ୍ନ ନୁହେଁ । ଏହା ହେଉଛି ଏଗୁଡ଼ିକ ସଂପର୍କରେ କେଉଁ ମନୋଭାବ ଗ୍ରହଣ କରିବ, ତାହାକୁ ମନୋଭାବ, ଆଭିମୁଖ୍ୟ ବା ଅନ୍ୟ ଯେଉଁ ନାମ ଦିଅ ନା କାହିଁକି,– ସେହି ମନୋଭାବ ସଂପର୍କରେ ଏହି ଅସୁବିଧାଟି ଉଠିଥାଏ ।

କର୍ମ କରିବାର ସବୁତକ ସମୟ ଧରି ତୁମେ ଯେ ଏପର୍ଯ୍ୟନ୍ତ ଭଗବାନଙ୍କୁ ସ୍ମରଣ କରିପାରୁ ନାହଁ, ତହିଁରେ ଖୁବ୍ ବିଶେଷ କିଛି ଯାଏ ଆସେ ନାହିଁ । କର୍ମର ଆରମ୍ଭରେ ଭଗବାନଙ୍କୁ ସ୍ମରଣ ଓ ଉତ୍ସର୍ଗ କରିବା ଏବଂ କର୍ମର ଶେଷରେ ତାହାଙ୍କୁ ଧନ୍ୟବାଦ ଜଣାଇବା ବର୍ତ୍ତମାନ ପାଇଁ ଯଥେଷ୍ଟ ହେବା ଉଚିତ । କିଂବା ଅତି ବେଶୀରେ ମଝିରେ ଅବସର ପାଇଲେ ତାଙ୍କୁ ସ୍ମରଣ କରିବା ଉତ୍ତମ । କିନ୍ତୁ ତୁମର ପଦ୍ଧତିଟି ମୋତେ ଲାଗୁଛି ବରଂ ଅଧିକ ଦୁରୂହ ଓ କଷ୍ଟକର,– ମନେହୁଏ ତୁମେ ମନର ସେହି ଗୋଟିଏ ଅଂଶରେ, ଏକାଠି ସମାନ ଭାବରେ ସ୍ମରଣ ଓ କର୍ମ କରିବା ପାଇଁ ଚେଷ୍ଟା କରୁଛ । ମୁଁ ଜାଣେ ନାହିଁ ତାହା କେତେଦୂର ସମ୍ଭବପର । କର୍ମ କରିବା ବେଳେ ସବୁସମୟ ଧରି ଲୋକମାନେ ଯେତେବେଳେ ଭଗବାନଙ୍କୁ ସ୍ମରଣ କରିବା ପାଇଁ ଚେଷ୍ଟା କରନ୍ତି (ଏହା କରାଯାଇପାରେ) ସେତେବେଳେ ସେମାନେ ଏହା କରନ୍ତି ମନର ପୃଷ୍ଠଦେଶ ବା ପଶ୍ଚାତ୍ ଭାଗରେ, କିଂବା ନ ହେଲେ କ୍ରମଶଃ ଏକ ଦ୍ୱୈତ ଭାବନା ବା ଦ୍ୱୈତ ଚେତନାର ସୃଷ୍ଟି ହୋଇଥାଏ, ସମ୍ମୁଖଭାଗଟି କର୍ମରେ ନିୟୋଜିତ ହୋଇଥିବା ବେଳେ ଭିତରର ଭାଗଟି ତାହା ଦେଖି ଚାଲିଥାଏ ଓ ସ୍ମରଣ କରୁଥାଏ । ଆଉ ମଧ୍ୟ ଏକ ପଦ୍ଧତି ଅଛି ଯାହାକି ଦୀର୍ଘକାଳ ଧରି ମୁଁ ଅନୁସରଣ କରୁଥିଲି – ତାହା ହେଉଛି ଏପରି ଏକ ଅବସ୍ଥା ଯେଉଁଠି କର୍ମଟି ସ୍ୱୟଂକ୍ରିୟ ଭାବରେ ଚାଲିବ ଏବଂ ତହିଁରେ କୌଣସି ବ୍ୟକ୍ତିଗତ ମାନସିକ ଭାବନା ବା ମାନସିକ କ୍ରିୟାର ହସ୍ତକ୍ଷେପ ହେବ ନାହିଁ, ଚେତନାଟି ପୂରାପୂରି ଭଗବାନଙ୍କ ଭିତରେ ନୀରବ ହୋଇ ରହିଥିବ । ଏହି ଜିନିଷଟି ଅବଶ୍ୟ ଚେଷ୍ଟା କରିବା ଫଳରେ ଯେତେଟା ଆସେ ନାହିଁ, ଆସିଥାଏ ଏକ ଅତି ସହଜ ନିରନ୍ତର ଅଭୀପ୍ସା ଓ ଉତ୍ସର୍ଗର ସଂକଳ୍ପ ଫଳରେ – କିଂବା ଆସିଥାଏ ଆନ୍ତର ସତ୍ତାକୁ ଯନ୍ତ୍ରସ୍ୱରୂପ ସତ୍ତାଠାରୁ ପୃଥକ୍ କରୁଥିବା ଚେତନାର ଏକ ଗତିବୃତ୍ତି ଫଳରେ । କର୍ମର ସଂପାଦନ ପାଇଁ ଏକ ଉଚ୍ଚତର ଦିବ୍ୟଶକ୍ତିକୁ ଆବାହନ କରିବାର ଅଭୀପ୍ସା ଓ ତା' ପାଖରେ ଉତ୍ସର୍ଗ କରିବାର ସଂକଳ୍ପ ବିରାଟ ଫଳମାନ ଆଣିଦେଇଥାଏ, ଯଦିଓ କେତେକଙ୍କ କ୍ଷେତ୍ରରେ ଏଥିପାଇଁ ବେଶ୍ ଦୀର୍ଘ ସମୟ ଲାଗିଯାଏ । ସମସ୍ତ କାମଟି ନିଜ ମନର ପ୍ରଚେଷ୍ଟା ଦ୍ୱାରା ସଂପନ୍ନ କରିବା ପରିବର୍ତ୍ତେ, ତାହା କିପରି ପଶ୍ଚାତରେ ବା ଉର୍ଦ୍ଧ୍ୱରେ ରହିଥିବା ଏକ ଦିବ୍ୟଶକ୍ତି ଦ୍ୱାରା କରାଇବାକୁ ହୁଏ ତାହା ଜାଣିବା ସାଧନାର ଏକ ମହାନ୍ ନିଗୂଢ଼ ରହସ୍ୟ । ମୁଁ ଏହା କହୁ ନାହିଁ ଯେ ମନର ପ୍ରଚେଷ୍ଟା ଅନାବଶ୍ୟକ ଓ ତାହାର କୌଣସି ଫଳ ନାହିଁ – କିନ୍ତୁ ଯଦି ସବୁକିଛି ଏହା କେବଳ ନିଜେହିଁ କରିବାକୁ ଚାହେଁ ତେବେ ଆଧ୍ୟାତ୍ମିକ ମଲ୍ଲମାନଙ୍କ ଛଡ଼ା ଏହା ହୋଇଉଠେ ଏକ ଅତି କଷ୍ଟକର ଓ ଶ୍ରମସାଧ୍ୟ ପ୍ରଚେଷ୍ଟା । ଏହା ମଧ୍ୟ ମୁଁ କହୁ ନାହିଁ ଯେ ଅନ୍ୟ ପଦ୍ଧତିଟି ହେଉଛି ଆକାଂକ୍ଷିତ ସେହି ଅନତିଦୀର୍ଘ ସହଜ ପଥ । ସେହି ପଦ୍ଧତିଟିରେ ଫଳାଫଳ ମିଳିବା ପାଇଁ ଦୀର୍ଘ ସମୟ ଲାଗିପାରେ । କିନ୍ତୁ ସାଧନାର ପ୍ରତ୍ୟେକଟି ପଦ୍ଧତି ପାଇଁ ଧୈର୍ଯ୍ୟ ଓ ଦୃଢ଼ ସଂକଳ୍ପ ଅତ୍ୟନ୍ତ ଆବଶ୍ୟକ ।

ଯେ ସମର୍ଥ ଓ ଶକ୍ତିମାନ୍ ତା' ପାଇଁ ସାମର୍ଥ୍ୟ ଠିକ୍ – କିନ୍ତୁ ଅଭୀପ୍ସା ଓ ତାହାକୁ ଉତ୍ତର ଦେଉଥିବା ଦିବ୍ୟକୃପା କେବଳ ପୂରାପୂରି କଳ୍ପିତ କାହାଣୀ ନୁହେଁ; ଆଧ୍ୟାତ୍ମିକ ଜୀବନରେ ସେଗୁଡ଼ିକ ହେଉଛି ମହାନ୍ ବାସ୍ତବତା ।

(Bulletin, Feb. 2006, p. 34)

# କେତେକ ପ୍ରଶ୍ନ ଓ ଶ୍ରୀମାଙ୍କ ଉତ୍ତର

[୧୯୬୩ରୁ ୨୦୧୧, ପ୍ରାୟ ପଚାଶବର୍ଷ ଶ୍ରୀଅରବିନ୍ଦ ଆଶ୍ରମରେ ରହିଥିବା ଜଣେ ସାଧକଙ୍କ ପ୍ରଶ୍ନର ଏହିସବୁ ଉତ୍ତର ୧୯୬୬ ରୁ ୧୯୭୦ ପର୍ଯ୍ୟନ୍ତ ଶ୍ରୀମା ଫରାସୀ ଭାଷାରେ ଦେଇଥିଲେ ।]

*ପ୍ରଶ୍ନ : ଜଣେ ଆଦର୍ଶ ସାଧକ ବାଇବେଲ୍ ଭାଷାରେହିଁ ଏହା କହିବାକୁ ସମର୍ଥ ହେବା ଉଚିତ, ''ଭଗବାନଙ୍କ ପାଇଁ ମୋର ଉତ୍ସାହ ଉଦ୍ଦୀପନା ମୋତେ ଗ୍ରାସ କରିଯାଇଛି ।''*

*ଏହାର ଅର୍ଥ କ'ଣ ଏକ ଗଭୀର, ନିରନ୍ତର ଓ ପୂର୍ଣ୍ଣାଙ୍ଗ ଅଭୀପ୍ସା ?*

ଶ୍ରୀମା : ହଁ, ଏହାର ଅର୍ଥ ହେଉଛି ସମଗ୍ର ସତ୍ତା ନିଜ ଉତ୍ସର୍ଗରେ ସମ୍ପୂର୍ଣ୍ଣ ନିବିଷ୍ଟ ।

୨୪ ଅକ୍ଟୋବର ୧୯୬୮

*ପ୍ରଶ୍ନ : ନିଦ୍ରା ସମୟରେ ଅବଚେତନ କ'ଣ ସବୁ କିଛି ଲିପିବଦ୍ଧ କରି ଚାଲିଥାଏ ?*

ଶ୍ରୀମା : ଅଧିକାଂଶଙ୍କ କ୍ଷେତ୍ରରେ ତାହାହିଁ ହୋଇଥାଏ ।

ନିଦ୍ରା ସମୟରେହିଁ ଏହା ହୋଇଥାଏ । ଦିନବେଳେ ଓ ତା'ପୂର୍ବରୁ ଅବଚେତନାରେ ଯାହା ଲିପିବଦ୍ଧ ହୋଇଥାଏ ତାହା ପୁଣି ଥରେ ସକ୍ରିୟ ହୋଇଉଠେ ଏବଂ ତାହାହିଁ ସେମାନଙ୍କ ସ୍ୱପ୍ନକୁ ସଂଗଠିତ କରିଥାଏ ।

୨୬ ଅକ୍ଟୋବର ୧୯୬୮

*ପ୍ରଶ୍ନ : ମା' ମୋତେ ରୂପାନ୍ତର ଦିଗରେ ଯେପରି ଆଗେଇ ନେଉଛନ୍ତି ଓ ମୋର ଏ ଦିଗରେ ଯେଉଁ ଅକ୍ଷମତା ଓ ନିତାନ୍ତ ସାଧାରଣ ଭାବ ରହିଛି ତାହା ମୋତେ ସାବିତ୍ରୀର ଏହି ପଂକ୍ତି ସ୍ମରଣ କରାଇ ଦିଏ ।*

*''ଯଦି ଭଗବାନଙ୍କ ସ୍ପର୍ଶ ଥାଏ ତେବେ ସବୁକିଛି ସମ୍ପନ୍ନ ହୋଇପାରିବ ।''*

ଶ୍ରୀମା : ଯେତେବେଳେ ଜଣେ ଭଗବତ୍ ଚେତନାର ସଂସ୍ପର୍ଶରେ ଆସିଥାଏ ସେତେବେଳେ ବାହ୍ୟସତ୍ତାର ଏହି ସାଧାରଣ ଭାବ ସ୍ପଷ୍ଟ ହୋଇଉଠେ, କିନ୍ତୁ 'ସାବିତ୍ରୀ'ରେ ରହିଥିବା ଏହି ପ୍ରତିଶ୍ରୁତି ମଧ୍ୟ ସତ୍ୟ ଏବଂ ଏହା ସାର୍ଥକ ଓ ପରିପୂର୍ଣ୍ଣ ହେବ ।

୨୮ ଅକ୍ଟୋବର ୧୯୬୮

*ପ୍ରଶ୍ନ : ସମ୍ଭବତଃ ବର୍ତ୍ତମାନ ଆପଣଙ୍କ ଦିବ୍ୟକୃପା ମୋତେ ପ୍ରେମ ଓ ଆନନ୍ଦର ସହିତ ମୋ ସମଗ୍ର ସତ୍ତାର ପୂର୍ଣ୍ଣ ସମର୍ପଣ ପାଇଁ ସାହାଯ୍ୟ କରିବ ।*

ଶ୍ରୀମା : ହଁ, ସେହି ସମୟ ନିକଟବର୍ତ୍ତୀ ଯେତେବେଳେ ଏହା ସମ୍ଭବ ହେବ ଏବଂ ପୂର୍ଣ୍ଣ ଉତ୍ସର୍ଗ ଓ ସମର୍ପଣର ଆନନ୍ଦ ତୁମେ ପାଇପାରିବ ।

୩୦ ଅକ୍ଟୋବର ୧୯୬୮

*ପ୍ରଶ୍ନ : ଅଶ୍ୱପତି ଖୁବ୍ ଭାଗ୍ୟବାନ୍ ଥିଲେ, ''ତାଙ୍କ ପାଇଁ ପ୍ରତ୍ୟେକଟି ଦିନ ଆଧାତ୍ମିକ ପ୍ରେମଲୀଳା ଓ ପ୍ରତ୍ୟେକଟି ଘଟଣା ଏକ ଗଭୀର ଅନୁଭୂତି ଥିଲା ।''*

ଶ୍ରୀମା : ଯେଉଁମାନଙ୍କର ଅଭୀପ୍ସା ଅଦମ୍ୟ ସେ ସମସ୍ତଙ୍କ ପାଇଁ ଏହି ସମ୍ଭାବନା ଉନ୍ମୁକ୍ତ ।

୧ ନଭେମ୍ବର ୧୯୬୮

*ପ୍ରଶ୍ନ : ଆପଣ ଯାହା ଦେଉଛନ୍ତି ଆମେ ତାହାକୁ କିପରି ସୁରକ୍ଷିତ ରଖିପାରିବୁ ?*

ଶ୍ରୀମା : ଏହା ଚାଲିଯାଏ ନାହିଁ, ଏହା ଅବଚେତନାରେ ପ୍ରବେଶ କରେ ଏବଂ କାମ କରିଚାଲେ ।

ଏସମ୍ପର୍କରେ ସଚେତ ରହିବାକୁ ହେଲେ ନିଜ ଭିତରେ ଅବଚେତନାର ବିସ୍ତାରକୁ ହ୍ରାସ କରିବାକୁ ହେବ ଏବଂ ଏହିପରି ଭାବରେ ଚେତନାକୁ ବର୍ଦ୍ଧିତ କରିବାକୁ ହେବ ।

୧ ନଭେମ୍ବର ୧୯୬୮

*ପ୍ରଶ୍ନ : ଅବଚେତନାର ବିସ୍ତାରକୁ ହ୍ରାସ କରିବା ପାଇଁ ଆମକୁ କ'ଣ କରିବାକୁ ହେବ ?*

ଶ୍ରୀମା : ପୃଥିବୀପୃଷ୍ଠରେ ଚେତନାରେ ବର୍ଦ୍ଧିତ ହେବା ହେଉଛି ଜୀବନର ସମଗ୍ର ଲକ୍ଷ୍ୟ । ପରବର୍ତ୍ତୀ ଜୀବନଗୁଡ଼ିକରେ ଅବଚେତନାର ବିସ୍ତାର କ୍ରମଶଃ ହ୍ରାସ ପାଇଚାଲିଥାଏ ।

ଯୋଗ ଦ୍ୱାରା ଏବଂ ନିଜ ଭିତରେ ଓ ଜୀବନ ଭିତରେ

ଭଗବାନଙ୍କୁ ପାଇବାର ପ୍ରଚେଷ୍ଟା ଭିତରଦେଇ ଆମେ ଏହି କାମଟିକୁ ଯଥାଯଥଭାବେ ତ୍ୱରାନ୍ୱିତ କରୁ ଏବଂ ଅଳ୍ପ କେଇ ବର୍ଷ ଭିତରେ ଆମେ ଏହା ସମ୍ପନ୍ନ କରୁ ।

୫ ନଭେମ୍ବର ୧୯୬୮

*ପ୍ରଶ୍ନ : ମୁଁ ଯେତେବେଳେ ଏକ ପ୍ରକାର ନିରସ ଶୂନ୍ୟତା ଓ ଅସହଜ ଭାବ ଅନୁଭବ କରେ ମୋତେ ଲାଗେ ମୁଁ ସେତେବେଳେ ଭଗବାନଙ୍କୁ ଭୁଲିଯାଇଛି ।*

ଶ୍ରୀମା : ଏହାହିଁ ଭୁଲିଯିବାର ସଂପୂର୍ଣ୍ଣ ଠିକ୍ ଲକ୍ଷଣ ବା ବରଂ ତାହାର ପରିଣତି । ଆମେ ଯେତେ ଅଧିକରୁ ଅଧିକ ଅଗ୍ରସର ହେଉ ସେହି ଅନୁଯାୟୀ ଏହା ଅଧିକତର ସ୍ପଷ୍ଟ ହୁଏ ଏବଂ ଏପରି ଏକ ସମୟ ଆସେ ଯେତେବେଳେ ଆମେ କିଛି ବି ଭୁଲୁ ନାହିଁ ଏବଂ ଭଗବତ୍ ଉପସ୍ଥିତି ନିରନ୍ତର ଅନୁଭୂତ ହୁଏ ।

୧୩ ନଭେମ୍ବର ୧୯୬୮

*ପ୍ରଶ୍ନ : ଶେଷରେ ଏକ ଉଚ୍ଚ ଜଗତ୍ ଦେଖାଯାଏ ଯେଉଁଠାରେ ସମସ୍ତ ଜଗତ୍ ପରସ୍ପରକୁ ଭେଟନ୍ତି । ଏହି ଶିଖର ଦୃଶ୍ୟରେ ରାତ୍ରି ନଥାଏ କି ନିଦ୍ରା ନଥାଏ । ପରମ ତ୍ରୟୀର ଆଲୋକ ଆରମ୍ଭ ହୁଏ । ଏହି ପରମ ତ୍ରୟୀ କ'ଣ ସଚ୍ଚିଦାନନ୍ଦ ?*

ଶ୍ରୀମା : ହଁ ।

୧୫ ନଭେମ୍ବର ୧୯୬୮

*ପ୍ରଶ୍ନ : ଶ୍ରୀକୃଷ୍ଣଙ୍କ କୃପା ଫଳରେ ଅର୍ଜୁନ ଆଖି ପିଛୁଳାକେ ବିଶ୍ୱମୟ ଭଗବଦ୍ ସତ୍ତା ଓ ବିରାଟ୍‌କୁ ଉପଲବ୍ଧି କଲେ । କେଡ଼େ ଉତ୍ତମ ଗୁରୁ ଓ ଉତ୍ତମ ଶିଷ୍ୟ !*

ଶ୍ରୀମା : ଦ୍ରୁତତା ସବୁସମୟରେ ଶ୍ରେଷ୍ଠତାର ପରିଚାୟକ ନୁହେଁ, ଏହି ହଠାତ୍ ପରିବର୍ତ୍ତନ ଅଧିକାଂଶ ସମୟରେ ବହୁ ଜୀବନ ଧରି ପ୍ରସ୍ତୁତିର ଫଳ ।

୧୭ ନଭେମ୍ବର ୧୯୬୮

*ପ୍ରଶ୍ନ : ଆମର ଦେହକୋଷ ସବୁ ଅମରତ୍ୱର ଜ୍ୟୋତିଃ ଧାରଣ କରିବାକୁ ସମର୍ଥ ହେବେ ।*
*ଏହା କ'ଣ ଜ୍ୟୋତିର୍ମୟ ଶରୀରର ଗୋପନ ରହସ୍ୟ ?*

ଶ୍ରୀମା : ଘଟିବାକୁ ଯାଉଥିବା ରୂପାନ୍ତରର ଏହା ଏକ କାବ୍ୟିକ ପ୍ରକାଶ ଏବଂ ଯାହା ଏହାଠାରୁ ଜଟିଳ ।

୧୯ ନଭେମ୍ବର ୧୯୬୮

*ପ୍ରଶ୍ନ : ମା', ମୋର ମନେହୁଏ ମଣିଷ ଯେତେବେଳେ ଭଗବାନଙ୍କୁ ଗ୍ରହଣ କରେ ନାହିଁ ଏହା ତା'ର ଦୁଷ୍ଟ ପ୍ରକୃତି ଅପେକ୍ଷା ଅଧିକ ଭାବରେ ଅଜ୍ଞତା; ନୁହେଁ କି ?*

ଶ୍ରୀମା : ନିଃସନ୍ଦେହଭାବେ ଏହା ଅଜ୍ଞାନ ପ୍ରସୂତ ଏବଂ ସେ ଯାହା ଜାଣି ନାହିଁ ସେଥିପ୍ରତି ଏକ ଭୟ ।

କେବଳ ଅସୁର ଓ କେତେକ ବିରାଟ ବିରୋଧିଶକ୍ତି ସେମାନେ ଭଗବାନ୍ କିଏ ବୋଲି ଜାଣିଲେ ମଧ୍ୟ ତାହାଙ୍କୁ ବିରୋଧ ଓ ଅସ୍ୱୀକାର କରନ୍ତି ।

୨୧ ନଭେମ୍ବର ୧୯୬୮

*ପ୍ରଶ୍ନ : 'S' ଏହି ତିନିଟି 'S'କୁ ପ୍ରାପ୍ତ ହେବା ଉଚିତ – ନିଷ୍ଠା (sincerity), ସମର୍ପଣ (surrender) ଏବଂ ସ୍ୱତଃସ୍ଫୂର୍ତ୍ତତା (spontaneity) ।*

ଶ୍ରୀମା : ଅତି ଉତ୍ତମ – ଆମେ ଏହା ଉପରେ ଏପରି ଉତ୍ସାହର ସହିତ କାମ କରିବା ଯାହାର ଫଳାଫଳ ଅତି କମ୍‌ରେ ୬ x ୬ ଦିନ ଭିତରେ ବା ଅତି ବେଶିରେ ୩ x ୩ ମାସ ଭିତରେ ମିଳିପାରିବ ।

*ଆଶୀର୍ବାଦ ।*

୨୩ ନଭେମ୍ବର ୧୯୬୮

*ପ୍ରଶ୍ନ : ମା', ମୋର ମନେହୁଏ ଯେଉଁ ଜ୍ୟୋତିଃଶିଖା ଆବାହନ କରେ ଏବଂ ଯେଉଁ ଜ୍ୟୋତିଃଶିଖା ଉତ୍ତର ଦିଏ ଉଭୟ ସେହି ଗୋଟିଏ ।*

ଶ୍ରୀମା : ମୂଳତଃ ସେମାନେ ଗୋଟିଏ; କିନ୍ତୁ ଆବାହନର ଗଭୀରତା ଅପେକ୍ଷା ଉତ୍ତରର ବ୍ୟାପକତା ଅନେକ ଅଧିକ । ଆମ ଗ୍ରହଣଶୀଳତା ଅପେକ୍ଷା ଉତ୍ତର ଅନେକ ବ୍ୟାପକ ଓ ଅଧିକ ।

୨୫ ନଭେମ୍ବର ୧୯୬୮

*ପ୍ରଶ୍ନ : ମା' କ'ଣ ଏପରି କୁହାଯାଇପାରେ ଯେ ଭଗବାନଙ୍କ ସଙ୍ଗେ ନିରନ୍ତର ଯୁକ୍ତ ରହିବା ଦ୍ୱାରାହିଁ ପୂର୍ଣ୍ଣ ଗ୍ରହଣଶୀଳତା ଆସିଥାଏ ?*

ଶ୍ରୀମା : ପୂର୍ଣ୍ଣ ଗ୍ରହଣଶୀଳତାକୁ ଆମେ ଯଦି ଏହି ଅର୍ଥରେ କହୁ ଯେ ଯାହା କେବଳ ଭଗବାନଙ୍କ ପ୍ରଭାବକୁ ଗ୍ରହଣ କରେ ଆଉ କିଛିକୁ ନୁହେଁ ତେବେ ଏହା ସୁନିଶ୍ଚିତଭାବେ ଫଳପ୍ରଦ ଏବଂ ଏହାହିଁ ପୂର୍ଣ୍ଣ ଶୁଦ୍ଧତା ।

ଆମେ ଏଇଥିପାଇଁହିଁ ଚେଷ୍ଟା କରିବା ଉଚିତ ।

୨୭ ନଭେମ୍ବର ୧୯୬୮

*ପ୍ରଶ୍ନ : ''ଯେ ନରକ ଭିତରଦେଇ ନ ଯାଇଛି ସେ ସ୍ୱର୍ଗରେ ପହଞ୍ଚିପାରିବ ନାହିଁ ।''*

*କିନ୍ତୁ ତଥାପି ଯେଉଁ ଆତ୍ମା ଭଗବାନଙ୍କ ଦ୍ୱାରା ବଛାଯାଇଛି ସେ କ'ଣ ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ ପଥରେ ନରକ ଭିତରଦେଇ ଯିବ ନାହିଁ ?*

ଶ୍ରୀମା : ଏହି ଉଦ୍ଧୃତିର ଅର୍ଥ ହେଉଛି ଭଗବତ୍ ଅଞ୍ଚଳରେ ପହଞ୍ଚିବାକୁ ହେଲେ, ଜଣକୁ ଯେପର୍ଯ୍ୟନ୍ତ ସେ ପୃଥିବୀରେ ରହିଛି ତାହାକୁ ପ୍ରାଣ ଭିତରଦେଇ ଯିବାକୁ ହେବ, ଯାହାର କିଛି ଅଂଶ ନରକହିଁ ନରକ । କିନ୍ତୁ ଯେଉଁମାନେ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ କରିଛନ୍ତି ଏବଂ ତାଙ୍କ ଦ୍ୱାରା ଗୃହୀତ ହୋଇଛନ୍ତି ସେମାନେ ବରାବର ଭଗବତ୍ ସୁରକ୍ଷା ଦ୍ୱାରା ଆବେଷ୍ଟିତ ହୋଇ ଥାଆନ୍ତି, ସେମାନଙ୍କ ପାଇଁ ଏହି ଯାତ୍ରା ଦୁଷ୍କର ହୁଏ ନାହିଁ ।

୨୯ ନଭେମ୍ବର ୧୯୬୮

*ପ୍ରଶ୍ନ : ମା', ଗତକାଲି ମୋର କିଞ୍ଚିତ୍ ଅନୁଭବ ହୋଇଥିଲା ଯେ ଶରୀର ଆପଣଙ୍କୁ ସ୍ମରଣ କରିପାରିବ ।*

ଶ୍ରୀମା : ଏହା ଅତ୍ୟନ୍ତ ଉତ୍ତମ । ଏହା ଏକ ଚମତ୍କାର ଆରମ୍ଭ ।

ଏବଂ ଶରୀରର ସ୍ମରଣ ମନ ବା ପ୍ରାଣର ସ୍ମରଣ ଅପେକ୍ଷା ଅନେକ ଅଧିକ ଦୃଢ଼ ଓ ସୁନିଶ୍ଚିତ ।

୧ ଡିସେମ୍ବର ୧୯୬୮

*ପ୍ରଶ୍ନ : ''ଯାହାକୁ ଭଗବାନ୍ ନେତୃତ୍ୱ ଦେଉଥାଆନ୍ତି ତାହାର ବିଫଳତା ଏକ ବିଫଳତା ନୁହେଁ ।'' କାରଣ ଏହା ହେଉଛି ଲୀଳାର ଅଂଶ ବିଶେଷ ।*

ଶ୍ରୀମା : ମଣିଷର ମନହିଁ ସଫଳତା ଓ ବିଫଳତାର ଧାରଣା କରିଥାଏ । ମଣିଷର ମନହିଁ ଏଇଟା ଚାହେଁ ବା ସେଇଟା ଚାହେଁ ନାହିଁର ବିଚାର କରିଥାଏ । କିନ୍ତୁ ଭଗବାନଙ୍କ ଯୋଜନାରେ ପ୍ରତ୍ୟେକଟି ଜିନିଷର ସ୍ଥାନ ଓ ଗୁରୁତ୍ୱ ରହିଛି । ତେଣୁ କେବଳ ସଫଳତାହିଁ ସବୁକିଛି ନୁହେଁ । ଯାହା ଆବଶ୍ୟକ ତାହା ହେଉଛି ନମ୍ରତା ଓ ବିନୟ ଏବଂ ଯଦି ସମ୍ଭବ ହୁଏ ତେବେ ଭଗବତ୍ ସଂକଳ୍ପର ଏକ ସଚେତ ଯନ୍ତ୍ର ହେବା ।

ଭଗବାନ୍ ଯାହା ଚାହୁଁଛନ୍ତି ତାହା ହୋଇଉଠିବା ଓ ତାହା କାର୍ଯ୍ୟକାରୀ କରିବା ହେଉଛି ଏକମାତ୍ର ଓ ଯଥାର୍ଥ ଗୁରୁତ୍ୱପୂର୍ଣ୍ଣ ବିଷୟ ।

୩ ଡିସେମ୍ବର ୧୯୬୮

*ପ୍ରଶ୍ନ : ''ସେହି ମୂଳ ବିଶ୍ୱୋତ୍ତୀର୍ଣ୍ଣ ଶକ୍ତି ରୂପେ ଶ୍ରୀମା ସମସ୍ତ ଜଗତର ଊର୍ଦ୍ଧ୍ୱରେ ଆସୀନା ଏବଂ ତାଙ୍କ ଚିରନ୍ତନ ଚେତନାରେ ପରମ ଈଶ୍ୱରଙ୍କୁ ବହନ କରନ୍ତି ।''*

*ସେହିଭଳି ଆମେ କ'ଣ କହିପାରୁ ଯେ ପରମ ଈଶ୍ୱର ତାଙ୍କ ଚିରନ୍ତନ ଚେତନାରେ ଶ୍ରୀମାଙ୍କୁ ବହନ କରନ୍ତି ?*

ଶ୍ରୀମା : ନିଶ୍ଚୟ, ପ୍ରଶ୍ନାତୀତ ଭାବରେ ଏହା କୁହାଯାଇପାରେ ।

ମୂଳ ସ୍ୱରୂପରେ ତଥା ଅଭିବ୍ୟକ୍ତିରେ ସେମାନେ ଦିବ୍ୟ ଓ ଏକହିଁ ।

୫ ଡିସେମ୍ବର ୧୯୬୮

*ପ୍ରଶ୍ନ : ଅହଂ କ'ଣ ନିଜ ଉଚ୍ଛେଦ ପାଇଁ ସମ୍ମତି ଦେଇ ପାରିବ ନାହିଁ ?*

ଶ୍ରୀମା : ବ୍ୟକ୍ତିଗଠନର ପ୍ରକ୍ରିୟା ନିମନ୍ତେ ଅହଂର ସୃଷ୍ଟି ହୋଇଥିଲା; ଯେତେବେଳେ ଏହି କାମଟି ସମ୍ପନ୍ନ ହୋଇଯିବ ସେତେବେଳେ ଅହଂ ପାଇଁ ନିଜର ନିଶ୍ଚିହ୍ନ ହେବାକୁ ଗ୍ରହଣ କରି ନେବା କିଛି ଅସାଧାରଣ ନୁହେଁ ।

୭ ଡିସେମ୍ବର ୧୯୬୮

*ପ୍ରଶ୍ନ : ଏହି ସକାଳର ଅଭୀପ୍ସା : ଯେଉଁ ଅଭିବ୍ୟକ୍ତି ପାଇଁ ଶ୍ରୀଅରବିନ୍ଦ ନିଜ ଶରୀରକୁ ଉତ୍ସର୍ଗ କରିଦେଲେ ତାହାର ବିଳମ୍ବ ଦିଗରେ ଯେପରି ମୁଁ କିଛି ବି ନ କରେ ।*

ଶ୍ରୀମା : ହଁ, ତାଙ୍କ କାର୍ଯ୍ୟ ଅନିବାର୍ଯ୍ୟଭାବେ ପରିପୂର୍ଣ୍ଣ

ଦିଗରେ ଆଗେଇ ଚାଲିଛି, ତହିଁରେ ଆମର ଅଂଶଗ୍ରହଣକୁ ଅଧିକରୁ ଅଧିକତର ପରିପୂର୍ଣ୍ଣ କରିପାରିବା ଯଦି ଆମେ ଦିବ୍ୟ କୃପାକୁ ବାଧା ଦେବାକୁ କିପରି ଏଡ଼ାଇବାକୁ ହେବ ତାହା ଠିକ୍ ଭାବରେ ଶିଖିପାରିବା ।

୯ ଡିସେମ୍ବର ୧୯୬୮

*ପ୍ରଶ୍ନ : ମା', କିଛିକୁ ନିଜ ଅଧିକାରରେ ରଖିବା ପାଇଁ ମାନୁଷୀ ସୁଖଟି କେଉଁ ଜିନିଷର ଏକ ବିକୃତି ?*

ଶ୍ରୀମା : ସମସ୍ତ ପ୍ରକାର ସୁଖବୋଧ ଅହଂପ୍ରସୂତ ସୀମିତତାର ଏକ ବିକୃତି ସେହି ଆନନ୍ଦର, ଯାହାକି ବିଶ୍ୱସୃଷ୍ଟିର ଉଦ୍ଦେଶ୍ୟ ।

୧୧ ଡିସେମ୍ବର ୧୯୬୮

*ପ୍ରଶ୍ନ : ''ଆମେ ଯେତେବେଳେ ଖାଦ୍ୟ ଗ୍ରହଣ କରୁ ଆମେ ସଚେତ ହେବା ଉଚିତ ଯେ ଆମ ଭିତରେ ଥିବା ଦିବ୍ୟ-ଉପସ୍ଥିତିକୁ ସେହି ଖାଦ୍ୟ ଅର୍ପଣ କରୁଛୁ ...'' (ଯୋଗ ସମନ୍ୱୟ)*

*ମୁଁ ଯେତେବେଳେ ଏହି ଭାବଟି ଗ୍ରହଣ କରିବାକୁ ଚେଷ୍ଟା କରେ, ଖାଦ୍ୟ ଅଧିକ ସୁସ୍ୱାଦୁ ହୁଏ ଓ ବାତାବରଣ ଅଧିକ ଶାନ୍ତ ଜଣାପଡ଼େ ।*

ଶ୍ରୀମା : ଆମେ ଯେତେବେଳେ ବି ଯାହା କରୁ ଦିବ୍ୟ ଉପସ୍ଥିତି ବରାବର ରହିଥାଏ, ଆମର ଅଜ୍ଞାନତା ଓ ଅବହେଳା ବା ଅନ୍ୟମନସ୍କତା ଯୋଗୁଁ ଆମେ ତାହା ଅନୁଭବ କରିପାରୁ ନାହିଁ । କିନ୍ତୁ ଯେତେଥର ଆମେ ମନୋଯୋଗୀ ଓ ଏକାଗ୍ର ହେଉ ସବୁ ଜିନିଷରେ ଆମେ ଏକ ବିସ୍ମୟକର ରୂପାନ୍ତର ସମ୍ପର୍କରେ ସଚେତ ହେଉ ।

୧୩ ଡିସେମ୍ବର ୧୯୬୮

*ପ୍ରଶ୍ନ : ଦିବ୍ୟଜନନି, ଆପଣଙ୍କ ଦିବ୍ୟ-ଉପସ୍ଥିତି ନିରନ୍ତର ଭାବେ ଅନୁଭବ କରିବାକୁ ସକ୍ଷମ ନହେଲେ ଜୀବନ ଆଉ ଆନନ୍ଦମୟ ଓ ଉତ୍‌ଫୁଲ୍ଲ ହୋଇ ରୁହେ ନାହିଁ । କିନ୍ତୁ ଏହା ଦୁଃଖମୟ ନହେବାକୁ କିଛିଟା ସୁରକ୍ଷା ମିଳେ ।*

ଶ୍ରୀମା : ଏହାର କାରଣ ହେଉଛି ଅନୁଭୂତ ହେଉ ବା ନହେଉ ଦିବ୍ୟ-ଉପସ୍ଥିତି ନିରନ୍ତର ବିଦ୍ୟମାନ ରହିଥାଏ ଏବଂ ଏହାର ସୁରକ୍ଷା ମଧ୍ୟ ନିରନ୍ତର ଓ ଫଳପ୍ରଦ, ଏପରିକି ଯେତେବେଳେ ଏହା ଅନୁଭୂତ ମଧ୍ୟ ହୋଇ ନଥାଏ ।

୧୫ ଡିସେମ୍ବର ୧୯୬୮

*ପ୍ରଶ୍ନ : ନିରନ୍ତର ଦିବ୍ୟ-ଉପସ୍ଥିତି ସମ୍ପର୍କରେ ସଚେତ ହେବାକୁ ହେଲେ ସ୍ମୃତି ଏକ ଉତ୍ତମ ସହାୟକ ନୁହେଁ କି ?*

ଶ୍ରୀମା : ସ୍ମୃତି ଏକ ମାନସିକ ଗୁଣ ଏବଂ ମାନସିକ ଚେତନାର ଏହା ସହାୟକ ହୋଇଥାଏ । କିନ୍ତୁ ଅନୁଭବ ଓ ସମ୍ବେଦନ ମଧ୍ୟ ତହିଁରେ ଅଂଶଗ୍ରହଣ କରିବା ଉଚିତ ।

୧୭ ଡିସେମ୍ବର ୧୯୬୮

*ପ୍ରଶ୍ନ : ଯେତେବେଳେ ଦିବ୍ୟ-ଉପସ୍ଥିତି ସୁନିର୍ଦ୍ଦିଷ୍ଟ ଭାବରେ ହୋଇଥାଏ ସେତେବେଳେ ତହିଁରେ ଅନୁଭବ ଓ ସମ୍ବେଦନ ଅଂଶ ଗ୍ରହଣକୁ ଏହା ସୂଚାଏ ନାହିଁ କି ?*

ଶ୍ରୀମା : ଦିବ୍ୟ-ଉପସ୍ଥିତିକୁ ପ୍ରତ୍ୟକ୍ଷଭାବେ ଅନୁଭବ କରିବାକୁ ହେଲେ ଅନୁଭବର ଅଂଶ ଗ୍ରହଣ ଅନିବାର୍ଯ୍ୟ ଏବଂ ଏଥିରେ ସଂବେଦନ ସହଯୋଗ କଲେ ସେହି ଅନୁଭୂତି ସୁନିର୍ଦ୍ଦିଷ୍ଟ ଓ ସୁବୋଧଗମ୍ୟ ହୋଇଥାଏ ।

୧୯ ଡିସେମ୍ବର ୧୯୬୮

*ପ୍ରଶ୍ନ : ''ଭଗବାନଙ୍କର ରୂପାନ୍ତରକାରୀ ମୁହୂର୍ତ୍ତରେ ସବୁକିଛି ପରିବର୍ତ୍ତିତ ହୋଇଉଠିବ ।'' ଏହି ମୁହୂର୍ତ୍ତର ଆଗମନୀକୁ ମନୁଷ୍ୟ ବିଳମ୍ବିତ ବା ତ୍ୱରାନ୍ୱିତ କରିପାରେ କି ?*

ଶ୍ରୀମା : ପୃଥକୀଭୂତ ଚେତନା ଦ୍ୱାରା ସୃଷ୍ଟ ସେମାନଙ୍କର ଆପାତ ବିରୋଧ ଦ୍ୱାରା କେହି କିଛି କରିପାରିବ ନାହିଁ, କିନ୍ତୁ ଏହାଠାରୁ ଭିନ୍ନ ଏପରି ସବୁକିଛି କରିପାରିବ ଯାହାକୁ ଶବ୍ଦ ଦ୍ୱାରା ପ୍ରକାଶ କରାଯାଇପାରିବ ନାହିଁ ।

ମାନୁଷୀ ଚେତନାର ବର୍ତ୍ତମାନ ଅବସ୍ଥାରେ ଏହା ପାଇଁ ଏପରି ଚିନ୍ତା କରିବା ଉତ୍ତମ ଯେ ଅଭୀପ୍ସା ଓ ମାନବୀୟ ପ୍ରଚେଷ୍ଟା ଦିବ୍ୟ-ରୂପାନ୍ତରର ଆଗମନୀକୁ ତ୍ୱରାନ୍ୱିତ କରିପାରେ କାରଣ ରୂପାନ୍ତର ଘଟିବା ପାଇଁ ପ୍ରଚେଷ୍ଟା ଓ ଅଭୀପ୍ସା ଏକାନ୍ତ ଆବଶ୍ୟକ ।

୨୧ ଡିସେମ୍ବର ୧୯୬୮

*ପ୍ରଶ୍ନ : ଉପନିଷଦରେ କୁହାଯାଇଛି ଯେତେବେଳେ ସେହି ଦିବ୍ୟବସ୍ତୁକୁ ଜାଣିହେବ ସେତେବେଳେ ସବୁକିଛିକୁ ଜାଣିହେବ । ସବୁକିଛିକୁ ତା'ର ସାରମର୍ମରେ ନା ପୁଙ୍ଖାନୁପୁଙ୍ଖ ରୂପରେ ?*

ଶ୍ରୀମା : ଏହାର ସାରମର୍ମର ସତ୍ୟରେ କିନ୍ତୁ ତହିଁ ସଙ୍ଗେ ସଙ୍ଗେ ସାଧାରଣତଃ ଭ୍ରମମୂଳକ ବାହ୍ୟରୂପକୁ ମଧ ରଖି ଯାଇଥାଏ ।

୨୩ ଡିସେମ୍ବର ୧୯୬୮

*ପ୍ରଶ୍ନ : ମୋର ମନେହୁଏ ପୁଙ୍ଖାନୁପୁଙ୍ଖଭାବରେ କୌଣସି କିଛିକୁ ଜାଣିବାକୁ ହେଲେ ଯୋଗୀଙ୍କ ପାଇଁ ମଧ ସାଧାରଣ ମାଧମକୁ ରଖିବାକୁ ହେବ । କିନ୍ତୁ ଯୋଗୀ ଏହି ଜ୍ଞାନର ପରୀକ୍ଷା କରିଥାଏ ସତ୍ୟର ସାରମର୍ମ ମାଧମରେ ।*

ଶ୍ରୀମା : ହଁ, ଜଣେ ଏହିପରି ଭାବରେ ଏହାକୁ ଉପସ୍ଥାପିତ କରିପାରେ । କିନ୍ତୁ ସର୍ବୋପରି ବାହ୍ୟରୂପ ସମ୍ପର୍କରେ ଆଭିମୁଖ୍ୟ ବା ଦୃଷ୍ଟିକୋଣ ପୂରାପୂରି ବଦଳିଯାଏ ।

୨୫ ଡିସେମ୍ବର ୧୯୬୮

*ପ୍ରଶ୍ନ : ମା', ପ୍ରକୃତ ପକ୍ଷେ ବାହ୍ୟ ରୂପ ସମ୍ପର୍କରେ ଯୋଗୀର ଦୃଷ୍ଟିକୋଣର ସ୍ୱରୂପ କ'ଣ ?*

ଶ୍ରୀମା : କୌଣସି ବିଷୟରେ ଅନ୍ଧ ନରହି ସୁସ୍ପଷ୍ଟ ଭାବରେ ଦେଖିବାର ପ୍ରୟୋଜନୀୟତା ।

ବାହ୍ୟରୂପ ଦ୍ୱାରା ପ୍ରବଞ୍ଚିତ ନହେବାର ଉପାଦେୟତା ।

ଅଜ୍ଞାନ ଓ ମିଥ୍ୟାଚାର ଭିତରେ ଜୀବନ ନିର୍ବାହ ନକରି ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ପର୍କରେ ଅବହିତ ରହିବାର ଉପଯୋଗିତା ।

୨୭ ଡିସେମ୍ବର ୧୯୬୮

*ପ୍ରଶ୍ନ : ଏହି ବାହ୍ୟ ବିଭ୍ରାନ୍ତିମୂଳକ ଦୃଶ୍ୟକୁ ଠିକ୍‌ରୂପେ ଦେଖିପାରିବା କ'ଣ ଯୋଗୀ ପାଇଁ ସ୍ୱତଃସ୍ଫୂର୍ତ୍ତଭାବରେ ଆସିଥାଏ ?*

ଶ୍ରୀମା : ସମ୍ଭବତଃ ଏହା ଯୋଗୀ ଓ ତା'ର ଅବସ୍ଥା ଉପରେ ନିର୍ଭର କରେ ।

କିନ୍ତୁ ଯେତେବେଳେ ଜଣେ ଦିବ୍ୟପରମ ଚେତନାସହ ଯୁକ୍ତ ହୋଇଥାଏ ଏବଂ ଯେତେବେଳେ ରୂପାନ୍ତର ପ୍ରକ୍ରିୟା ଚାଲୁଥାଏ, ସେତେବେଳେ ଶରୀର ବାହ୍ୟ ଜଗତ୍ ସମ୍ପର୍କରେ ସ୍ୱତଃପ୍ରବୃତ୍ତ ବିଚାର ଓ ଦୃଷ୍ଟିକୋଣ ରଖିଥାଏ । କିନ୍ତୁ ଏହି ବିଚାର ଓ ଦୃଷ୍ଟି ସାଧାରଣ ବିଚାର ଓ ଦୃଷ୍ଟି ଅପେକ୍ଷା ଅଧିକ ସମ୍ପୂର୍ଣ୍ଣ ହୋଇଥାଏ, ସତେ ଯେପରି ଏହାର ବିଷୟବସ୍ତୁ ଅଧିକ ସୁସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଉଠେ ।

୨୯ ଡିସେମ୍ବର ୧୯୬୮

*ପ୍ରଶ୍ନ : ସୁତରାଂ, ମା', ଏପରିକି ପୂର୍ଣ୍ଣାଙ୍ଗ ଜ୍ଞାନରେ ବାସ କରିବା ପାଇଁ ମଧ ଶରୀରର ରୂପାନ୍ତର ଆବଶ୍ୟକ !*

ଶ୍ରୀମା : ନିଶ୍ଚୟ, ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରର ରୂପାନ୍ତର ଅପରିହାର୍ଯ୍ୟ, ଏହା କରାଯାଇ ପାରିବ ଯେତେଦୂର ସମ୍ଭବ । କାରଣ ଏହି ଯୋଗର ଲକ୍ଷ୍ୟ ଦୈହିକ ଚେତନାରୁ ପଳାୟନ ନୁହେଁ, କିନ୍ତୁ ସେହି ଚେତନାର ଦିବ୍ୟାୟନ ।

୩୧ ଡିସେମ୍ବର ୧୯୬୮

(ବୁଲେଟିନ୍ – ଅପ୍ରେଲ ୨୦୧୫, ପୃଷ୍ଠା ୧୩ - ୩୩) ✜

ଯଦି ତୁମେ ମା'ଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖି ରୁହ ଓ ଚୈତ୍ୟଭାବ ନେଇ ମା'ଙ୍କ ପ୍ରତି ନିଜକୁ ଖୋଲିଧର, ତା'ହେଲେ ମା'ଙ୍କ ଶକ୍ତିହିଁ ସବୁକିଛି କରିଦେବ ଏବଂ ତୁମକୁ କେବଳ ସମ୍ମତି ଦେବାକୁ ହେବ ଏବଂ ନିଜକୁ ଉନ୍ମୋଚିତ ରଖି ଅଭୀପ୍ସା କରିବାକୁ ହେବ ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

**ସାନ୍ଧ୍ୟ ବୈଠକ :**
**୧-୬-୧୯୨୬**

ଶିଷ୍ୟ : ଏସବୁ ସମ୍ବାଦପତ୍ର, ଯାହାକିଛି ମନକୁ ଆସୁଛି, ସେସବୁ ଛପାଇ ଦେଉଛନ୍ତି । କାହାରି ଘରେ ଧରାଯାଉ କିଛି କଥାବାର୍ତ୍ତା ଚାଲିଛି, ତାହା କ'ଣ ଛପାଯାଇ ପାରିବ ?

ଶ୍ରୀଅରବିନ୍ଦ : ଆଧୁନିକ ସମ୍ବାଦପତ୍ର ନିକଟରୁ ଭଦ୍ର-ବ୍ୟବହାର ଆଶା କରୁଥିଲେ ଏଇ ଗଣତନ୍ତ୍ର ଯୁଗରେ ଦୁଃଖଦାୟକଭାବେ ନିରାଶ ହେବାକୁ ପଡ଼ିବ । ଗଣତାନ୍ତ୍ରିକ ଯୁଗର ଏହା ଏକ ଆଶୀର୍ବାଦ କହିଲେ ଚଳେ ! ତୁମେ ଯଦି ଆମେରିକାରେ ଥା'ନ୍ତ ଏବଂ କାହାକୁ କିଛି ସାକ୍ଷାତ୍‌କାର ନଦେଇଥା'ନ୍ତ, ତା' ସତ୍ତ୍ୱେ ବି ଏକ ଧରଣର ସାକ୍ଷାତ୍‌କାର ସେମାନେ ଉଦ୍ଭାବନ କରି ଦେଇଥା'ନ୍ତେ ! ମୁଦ୍ରଣ ଜିନିଷଟା ଏବେ ଜନତାର ହାତରେ ଏକ ପ୍ରତିଷ୍ଠାନ । ଆଗେ ଏହାର ମର୍ଯ୍ୟାଦା ଥିଲା, ମାତ୍ର ଏ ଯୁଗରେ ତାହା ମାନବଜୀବନର ବ୍ୟର୍ଥତାକୁ ସମାନ ଭାବରେ ପ୍ରକଟ କରିବାର ଏକ ଯନ୍ତ୍ରସ୍ୱରୂପ ହୋଇଯାଇଛି ।

ଶିଷ୍ୟ : ବରୋଦାର ରାଜକୁମାରୀ ଇଂଲଣ୍ଡର ରାଜକୁମାର (Prince of Wales)ଙ୍କୁ ବିବାହ କଲେ – ଏକଥା ସେମାନଙ୍କ ଫଟୋ ସହିତ ପ୍ରକାଶିତ ହୋଇଛି ଆମେରିକାର ଏକ ସମ୍ବାଦପତ୍ରରେ ବିବରଣୀ ସହିତ ।

ଶ୍ରୀଅରବିନ୍ଦ : ଏଗୁଡ଼ିକୁ ଜନସାଧାରଣଙ୍କ ମନ-ମୁକୁରରେ ପ୍ରତିଫଳିତ ବିଶ୍ୱସ୍ତ ଛବି ବୋଲି କହିବାକୁ ହେବ ।

ଶିଷ୍ୟ : ସେସବୁ ମାନବଜାତିର ଚଳନ୍ତି ପ୍ରତିଛବି ।

ଅନ୍ୟ ଜଣେ ଶିଷ୍ୟ : କିନ୍ତୁ, ଏଭଳି ଜିନିଷ ପୂର୍ବେ ତ ଘଟୁ ନଥିଲା ।

ଶ୍ରୀଅରବିନ୍ଦ : ପୂର୍ବେ ଏଭଳି ସର୍ବସାଧାରଣ ମନ (Common mind) ବୋଲି କିଛି ଜିନିଷ ନଥିଲା ଓ ଏପ୍ରକାର ଜିନିଷ ସଙ୍ଗଠିତ ବି ହୋଇ ନଥିଲା । ଆଧୁନିକ କାଳରେ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ଏପ୍ରକାର ହେବାକୁ ଲାଗିଲାଣି – ବିଶେଷ କରି ଛାପାଖାନା, ଥିଏଟର, ରେଡ଼ିଓ ଆଦି ସବୁଥିରେ ଲୋକଙ୍କ ରୁଚି ଅତି ନିମ୍ନମାନକୁ ଅର୍ଥାତ୍ ଅଧିକ ସଂଖ୍ୟକ ଲୋକଙ୍କର ଚାହିଦାର ସ୍ତରକୁ ଖସି ଆସିଲାଣି; ଏପରିକି ତଳକୁ ଖସାଇ ଆଣି ସମଷ୍ଟିର ସ୍ତରକୁହିଁ ଉତ୍କର୍ଷର ପରିମାପ ଭାବରେ ବସାଇବାକୁ ଚେଷ୍ଟା କରାଯାଉଛି ।

ଶିଷ୍ୟ : କିନ୍ତୁ ରେଡ଼ିଓ ଓ ଟେଲିଫୋନ ଆଦି ଜାପାନକୁ ତଥା ୟୁରୋପକୁ ସେମାନଙ୍କ ବିକାଶ ଦିଗରେ ଅନେକ ସଫଳତା ଆଣି ଦେଇଛି । ତା' ଫଳରେ ଉତ୍ତମ ସଂଗୀତଜ୍ଞଙ୍କର ଭଲ ଭଲ ସଙ୍ଗୀତ ଚାରିରୁ ଛଅ ଘଣ୍ଟା ଧରି ଶୁଣା ଯାଇପାରୁଛି ।

ଶ୍ରୀଅରବିନ୍ଦ : କିନ୍ତୁ ଆମେରିକାରେ ଲୋକେ ଭାବୁ ନାହାନ୍ତି ଯେ ସିନେମା ଦ୍ୱାରା ଲୋକଙ୍କ ଭିତରେ ଅପରାଧ ବଢ଼ୁଛି । ସେମାନେ ଏହାକୁ ଶିକ୍ଷା ଦେବାର ପ୍ରଣାଳୀରେ ଏକ ସହାୟକଭାବେ ଉପଯୋଗ କରିବା ଉଦ୍ଦେଶ୍ୟରେ ନେଇଛନ୍ତି । ସେମାନେ ହୁଏତ ଭଲ ସଙ୍ଗୀତ ପରିବେଷଣ କରୁଥିବେ । ମାତ୍ର ପ୍ରଶ୍ନ ହେଉଛି ଲୋକେ କ'ଣ ସେସବୁକୁ ପସନ୍ଦ କରୁଛନ୍ତି, ବୁଝୁଛନ୍ତି ଓ ମୂଲ୍ୟ ଦେଉଛନ୍ତି ?

ଶିଷ୍ୟ : ଗ୍ରାମୋଫୋନ ଅପେକ୍ଷା ରେଡ଼ିଓ ଭଲ ।

ଶ୍ରୀଅରବିନ୍ଦ : ଗ୍ରାମୋଫୋନ୍ ଭଳି ଯନ୍ତ୍ର ସଙ୍ଗୀତଶିଳ୍ପର ସତ୍ୟାନାଶ କରି ଦେଲାଣି । କିନ୍ତୁ ଦୁର୍ଭାଗ୍ୟବଶତଃ ଲୋକପ୍ରିୟ ସମର୍ଥନ ଆବଶ୍ୟକ କରୁଥିବା ଅନ୍ୟ ସକଳବସ୍ତୁ ଭଳି ଯଥା : ଥିଏଟର, ସିନେମା ଆଦିକୁ ଯେମିତି ଭଲ ପ୍ରଶଂସା ମିଳିଛି, ଏଥିରେ ବି ସେମିତି ମିଳିବ ଯଦି ସେଗୁଡ଼ିକ ସାଧାରଣ ସଂଖ୍ୟା-ଗରିଷ୍ଠ ଲୋକଙ୍କର ରୁଚି ସହିତ ଖାପ ଖାଉଥାଏ । ପ୍ରାଣିକ ପ୍ରଭାବ ଜାଗତିକ ସ୍ତରରେ ଦିନକୁ ଦିନ ପ୍ରାଣର ବୁଭୁକ୍ଷା ବଢ଼ାଇ ଚାଲିଛି ।

ଶିଷ୍ୟ : ଉଚ୍ଚମାନ ଥିବା ଲୋକସବୁ ଗଲେ କୁଆଡ଼େ ?

ଶ୍ରୀଅରବିନ୍ଦ : ସେମାନଙ୍କର କଥାକୁ ମୂଲ୍ୟ ଦିଆଗଲେ ଅବା ଶୁଣାଗଲେ ସିନା ସେମାନେ ନିଜର ମତାମତ ବ୍ୟକ୍ତ କରନ୍ତେ । ଉକ୍ତ ଆପୋସମୀମାଂସାରେ ଯାହା କିଛି ଉତ୍ତମ ଓ ଶ୍ରେଷ୍ଠ ତାହାକୁ ତ ବେଶୀ ପରିମାଣର 'ମନ୍ଦ' ସହିତ ବାଧ ହୋଇ ମିଶାଇବାକୁ ପଡୁଛି । ନୈତିକ ଦୃଷ୍ଟିରୁ ମନ୍ଦ ବା ନିକୃଷ୍ଟ ଏକଥା କହୁ ନାହିଁ, ମାତ୍ର କଳାତ୍ମକତାର ଦୃଷ୍ଟିକୋଣରୁ ଯାହା ନିମ୍ନସ୍ତରର, ଯାହାକୁ କଳାପର୍ଯ୍ୟାୟରେ ନିଆଯିବା କଥା ନୁହେଁ – ଏଇଠି ତାହାକୁ 'ମନ୍ଦ' ଆଖ୍ୟା ଦେଇଛି ଖାଲି । ଏ କ୍ଷେତ୍ରରେ ମଧ୍ୟ ସବୁଠି ଯେମିତି ଘଟେ ସେଇ ପୁରୁଣା କଥା : ଉଚ୍ଚସ୍ତରର ବସ୍ତୁ ତଳର ସମଷ୍ଟି(mass) ମଣିଷକୁ ଅର୍ଥାତ୍ ସର୍ବସାଧାରଣଙ୍କୁ ଉପର

ଆଡ଼କୁ ଉଠାଇ ନେବା ପରିବର୍ତ୍ତେ ଏଇ ସଂଖ୍ୟାଗରିଷ୍ଠତାହିଁ ପ୍ରତିଟି ଉର୍ଦ୍ଧ୍ୱସ୍ଥ ଜିନିଷକୁ ତଳଆଡ଼କୁ ଓ ତାହାରି ପର୍ଯ୍ୟାୟକୁ ଓଟାରି ଆଣୁଛି ।

ଧରାଯାଉ, ଦୃଷ୍ଟାନ୍ତ ସ୍ୱରୂପ – କାବ୍ୟକବିତାର କ୍ଷେତ୍ରରେ । ଆଜିକାଲି କାବ୍ୟରଚନା ଆଗ ଅପେକ୍ଷା ଯଥେଷ୍ଟ ବଢ଼ିଯାଇଛି । କେତେକ ଧରଣର ଚମତ୍କାରିତା କୌଣସି କୌଣସି କ୍ଷେତ୍ରରେ ଅନେକ ପରିମାଣରେ ଏକାଭଳି ମନେହେଉଛି । ସମ୍ଭବତଃ କବିତା-ପାଠରେ ରୁଚି ରଖୁଥିବା ଲୋକଙ୍କ ସଂଖ୍ୟା ଅଧିକ ହୋଇଛି । ମାତ୍ର ତୁମେ ଯଦି ସର୍ବସାଧାରଣଙ୍କ ପସନ୍ଦ ମୁତାବକ କବିତାରଚନାକୁ ଲକ୍ଷ୍ୟ କରିବ ତା'ହେଲେ ଦେଖିପାରିବ ସେଗୁଡ଼ିକର ମାନ ତଳକୁ ତଳକୁ ଯାଉଛି । ଯାହାକିଛି ଜିନିଷ ସାଧାରଣ ସମୂହ-ମଣିଷର ମନକୁ ପାଇଲା ଭଳି ହେବ, ତେବେ ନିଶ୍ଚୟହିଁ ସେଗୁଡ଼ିକର ମାନ ସେଇ ତଳସ୍ତରର ମଣିଷକୁ ସୁହାଇବା ଭଳି ଖସି ପଡ଼ିବାକୁ ବାଧ ହେବ ।

ଶିଷ୍ୟ : ବର୍ତ୍ତମାନ କାଳରେ ଜିନିଷସବୁର ଗତି କ୍ରମନିକୃଷ୍ଟ ଆଡ଼କୁ ଯାଉଛି ନା ସୁଧୁରିବା ଦିଗରେ ମୁହାଁଉଛି ?

ଶ୍ରୀଅରବିନ୍ଦ : ଯୁଦ୍ଧର (ପ୍ରଥମ ବିଶ୍ୱଯୁଦ୍ଧ) ଅବସାନ ପରେ ବିଶେଷକରି, ଇଉରୋପ ଯେଉଁ ପରିସ୍ଥିତି ଦେଇ ଗତି କରୁଛି, ସେଇଟି, ଇତିହାସରେ ପଶ୍ଚିମଦେଶସବୁ ରୋମକ ସାମ୍ରାଜ୍ୟ ଭୁଶୁଡ଼ିଯିବା ପରେ ଯେଉଁ ପ୍ରକାର ବିଶୃଙ୍ଖଳା ଓ ଅରାଜକତା ଭିତର ଦେଇ ଗତି କରିଥିଲା, ଏବେ ସେଇଭଳି ଏକ ପ୍ରବଣତା ନେଇଆସିଛି । ବର୍ତ୍ତମାନ ସାରା ପୃଥିବୀକୁ ପୁଣିଥରେ ସେ ଧରଣର ବର୍ବରତାର ମୁହଁକୁ ଠେଲି ଦେବାର ପ୍ରବଣତା ଦେଖିବାକୁ ମିଳୁଛି ।

ଶିଷ୍ୟ : କିଛି ଆଶା-ଜନକ ନାହିଁ କି ?

ଶ୍ରୀଅରବିନ୍ଦ : ସଦାସର୍ବଦା ଆଶାର ଆଲୋକ ତ ରହିଥାଏ । ରୋମାନ୍ ସାମ୍ରାଜ୍ୟର ପତନ କାଳରେ ବି ବର୍ତ୍ତିବାର ତାହା ଏକ ଆଶା ରହିଥିଲା, ମାତ୍ର ଶେଷପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ ।

ଶିଷ୍ୟ : ଏକଥା କହିହେବ କି ଯେ ଏଥରର ପରିସ୍ଥିତି ପୂର୍ବାପେକ୍ଷା ଆଶାଜନକ ?

ଶ୍ରୀଅରବିନ୍ଦ : ଏଥରର ସଂଘର୍ଷ ଓ ପରବର୍ତ୍ତୀ ପରିସ୍ଥିତି ଅଧିକତର ଖରାପ, ଅଧିକତର ସାଂଘାତିକ ।

(କଥାବାର୍ତ୍ତାର ବିଷୟବସ୍ତୁ ଅନ୍ୟ ପ୍ରସଙ୍ଗ ଆଡ଼କୁ ଗଲା ।)

ଶିଷ୍ୟ : ମନୁଷ୍ୟ ଭୌତିକ ସ୍ତରରେ ରହିଲେ ବି ସେମାନଙ୍କର ପ୍ରାଣିକ, ମାନସିକ ତଥା ଚୈତ୍ୟିକ ଅଂଶ ବି ତ ରହିଛି । ପ୍ରାଣିକସ୍ତରର ସତ୍ତାମାନଙ୍କର କ'ଣ ଏଭଳି ମାନସିକ ଓ ଚୈତ୍ୟିକ ଅଂଶ ରହିଛି ?

ଶ୍ରୀଅରବିନ୍ଦ : ପ୍ରାଣିକ ଓ ଭୌତିକ ସ୍ତରରେ ଥିବା ସତ୍ତାମାନେ ଅଲଗା ଅଲଗା । ଭୌତିକ ସ୍ତରରେ ଥିବା ସତ୍ତାମାନଙ୍କର ବିବର୍ତ୍ତନ ଭିନ୍ନ ଭିନ୍ନ ଭୂମିର ସତ୍ତାମାନଙ୍କୁ ମାଧ୍ୟମ କରି ଘଟିଥାଏ ପର୍ଯ୍ୟାୟକ୍ରମେ ଯେମିତି ଆମ ସ୍ତରଟି ବିବର୍ତ୍ତନର ସ୍ତର, ମାତ୍ର ପ୍ରାଣିକ ସ୍ତରରେ ବିବର୍ତ୍ତନ ନାହିଁ । ସେଇଟି ହେଉଛି ବିଶେଷ ସତ୍ତାଙ୍କର ଏକ ସ୍ତର (Plane of typal beings), ଯେଉଁଠାରେ ଚେତନା ଗୋଟାଏ ସ୍ତରରୁ ଅନ୍ୟ ସ୍ତରକୁ ଯାଏ ନାହିଁ ଅର୍ଥାତ୍ ଏକ ଚେତନାର ସ୍ତର ଅନ୍ୟ ଏକ ଚେତନାର ସ୍ତରରେ ବିବର୍ତ୍ତିତ ହୋଇଯାଏ ନାହିଁ ।

ପଶୁର ଚେତନା ପ୍ରାଣଶକ୍ତି ପାଖରେ ପହଞ୍ଚି ଅଟକି ଯାଇଛି ଓ ତା' ଦ୍ୱାରା ବନ୍ଦୀକୃତ ହୋଇଛି । ଯେତେବେଳେ ତାହା ଉଠିବା ପାଇଁ ପ୍ରସ୍ତୁତ ହୋଇଯାଏ ତାହାର ଚେତନା ମାନସିକ ପର୍ଯ୍ୟାୟକୁ ଉଠି ବଦଳିଯାଏ ଆଉ ପଶୁସତ୍ତା ମଣିଷ ସତ୍ତାରେ ପରିବର୍ତ୍ତିତ ହୁଏ । ଆମର ବିରାଡ଼ିମାନଙ୍କ ମଧ୍ୟରୁ କେତୋଟି ବିରାଡ଼ି ମଣିଷ ଜନ୍ମ ନେବାକୁ ପ୍ରସ୍ତୁତ ହେଲେଣି ।

ମନୁଷ୍ୟ ଭିତରେ ସେଇ ମଧ୍ୟବର୍ତ୍ତୀ କାଳୀନ ଅବସ୍ଥା ଆସିଯାଇଛି । ସେଇ ସୀମାରେଖା ସେ ଟପିଗଲାଣି । କିନ୍ତୁ ସାଧାରଣ ମଣିଷଙ୍କୁ ଚାହିଁଲେ ମନେହୁଏ ନାହିଁ ଯେ ତା'ର ଆତ୍ମା ବୋଲି ଅଥବା ଚୈତ୍ୟସତ୍ତା ବୋଲି ଏକ ଜିନିଷ ରହିଛି । ଆତ୍ମା ଅବଶ୍ୟ **ଅଛି**, କିନ୍ତୁ ତାହା ଅନ୍ୟସବୁ ଜିନିଷ ଦେଇ ଆବୃତ । ଆଉ ବହୁ ପଶ୍ଚାତରେ ବିଦ୍ୟମାନ ।

ଶିଷ୍ୟ : ଅସୁରମାନଙ୍କର ମଣିଷ ହୋଇଉଠିବାର ସମ୍ଭାବନା ଅଛି କି ?

ଶ୍ରୀଅରବିନ୍ଦ : ନା ।

ଶିଷ୍ୟ : ଅସୁରମାନଙ୍କର ପ୍ରଗତି କରିବାର କିଛି ସମ୍ଭାବନା ଦେଖାଯାଉଛି କି ?

ଶ୍ରୀଅରବିନ୍ଦ : ଚେତନାର ବିବର୍ତ୍ତନ ଦିଗରୁ ତ ସେପରି ହେବାଭଳି ମନେହେଉ ନାହିଁ ।

ଶିଷ୍ୟ : କିନ୍ତୁ ଆପଣ କହିଥିଲେ ଅସୁରର ରୂପାନ୍ତର ହୋଇପାରେ ବା ତାକୁ ବଦଳାଇ ଦିଆଯାଇପାରେ ?

ଶ୍ରୀଅରବିନ୍ଦ : ହଁ, ସେମାନେ ସେମାନଙ୍କର କାର୍ଯ୍ୟ-ପ୍ରଣାଳୀକୁ ବଦଳାଇ ଦେଇପାରନ୍ତି ଓ ଉଚ୍ଚତର ଜିନିଷ ପ୍ରତି ନିଜକୁ ଖୋଲି ଧରିପାରନ୍ତି ।

ଶିଷ୍ୟ : ସେଇ ଜିନିଷଟିକୁ ଆପଣ ବୋଧହୁଏ ସେମାନଙ୍କର ବଦଳିଯିବାର ସମ୍ଭାବନା ବୋଲି କହିଥିଲେ ? ବିବର୍ତ୍ତନଧାରାରେ ସେମାନଙ୍କର କିଛି ସାହାଯ୍ୟର ଭୂମିକା ଅଛି କି ?

ଶ୍ରୀଅରବିନ୍ଦ : ହଁ ସେମାନେ ଯଦି ବଦଳିବାକୁ ଚାହାନ୍ତି, ତେବେ ସେମାନଙ୍କର ପ୍ରାଣିକ ପ୍ରକୃତିରୁ ଉଚ୍ଚତର କିଛି ଜିନିଷକୁ ଏଠାରେ ଅଭିବ୍ୟକ୍ତ କରିପାରନ୍ତି ଏବଂ ଦିବ୍ୟଶକ୍ତିର ଯନ୍ତ୍ର ସ୍ୱରୂପ ବି ହୋଇପାରନ୍ତି । କିନ୍ତୁ ସାଧାରଣତଃ ସେମାନେ ବଦଳନ୍ତି ନାହିଁ ।

ଶିଷ୍ୟ : ସେଇସବୁ ଅସୁର ଯଦି ବଦଳିବାକୁ ଚାହାନ୍ତି ନାହିଁ, ସେମାନଙ୍କର କ'ଣ ଦଶା ହୁଏ ଶେଷ ପର୍ଯ୍ୟନ୍ତ ?

ଶ୍ରୀଅରବିନ୍ଦ : ସେସବୁ ଅସୁର ପାର୍ଥିବ ଲୀଳାରୁ ମୂଳପୋଛ ହୋଇଯା'ନ୍ତି; ତୁମେ ଯଦି ପଚାରିବାକୁ ଚାହଁ **କଳ୍ପଶେଷରେ** କ'ଣ ହୁଏ, ସେ ବିଷୟ କହିବା କଠିନ । ସେମାନେ ଯଦି ବଦଳନ୍ତି, ତା'ହେଲେ ନିଜକୁ ଊର୍ଦ୍ଧ୍ୱତର ସତ୍ତା ନିକଟରେ ଉନ୍ମୁକ୍ତ କରିଦେବାକୁ ହେବ ଏବଂ ଏଠାରେ ତାହାକୁ ରୂପାୟିତ କରିବାର ପ୍ରଚେଷ୍ଟା କରିବାକୁ ହେବ ।

ଶିଷ୍ୟ : ଆମେ ଶୁଣିଛେ ଯେ କେହି କେହି ଅସୁର ବହୁକାଳ ଧରି ତପସ୍ୟା କରନ୍ତି । ସେମାନଙ୍କର ସାଧନା କେଉଁ ଧରଣର ? ଆପଣ କହୁଥିଲେ ସେଇସବୁ ସତ୍ତା ଖୁବ୍ ବୁଦ୍ଧିମାନ୍ ।

ଶ୍ରୀଅରବିନ୍ଦ : ମୁଁ ଏକଥା କେବେ କହି ନାହିଁ ଯେ ସେମାନଙ୍କର କୌଣସି ବିଷୟରେ ସତ୍ୟ ଧାରଣା ଅଛି ଅବା ମହତ୍ ଆଦର୍ଶ ଅଛି ଏବଂ ସେମାନେ ବେଶ୍ ମାନସିକ ସତ୍ତାବିଶିଷ୍ଟ ପ୍ରାଣୀ । ମୁଁ ଯାହା କହିଲି, ତା'ର ଅର୍ଥ ହେଉଛି ନିଜର ଅଭିପ୍ରାୟକୁ ସିଦ୍ଧ କରିବା ବିଷୟ ସେମାନେ ଜାଣନ୍ତି ଭଲକରି; ସେମାନଙ୍କ ଅଭିସନ୍ଧିକୁ ସଫଳ କରିବାର କୌଶଳ ସେମାନଙ୍କୁ ଭଲଭାବେ ଜଣା ।

ଶିଷ୍ୟ : ଏ ବିବର୍ତ୍ତନରେ ସେମାନଙ୍କର କିଛି ଭୂମିକା ରହିଛି କି ? ସେମାନଙ୍କୁ ବାଦ୍ ଦେଇ ବିବର୍ତ୍ତନ ଚାଲିବ ତ ?

ଶ୍ରୀଅରବିନ୍ଦ : ଗୋଟିଏ ପୁରାତନ କଥା ଚାଲିଆସୁଛି ବହୁକାଳୁ ଯେ ମାନବ-ବିବର୍ତ୍ତନ କାହା ହାତରେ ରହିବ — ସେଇଟିକୁ ନେଇ ଦେବତା ଓ ଅସୁରଙ୍କ ମଧ୍ୟରେ ସଂଘର୍ଷ ଚାଲିଆସୁଛି । ଏ ଜଗତରେ ଯେତେପ୍ରକାର ଜଟିଳତା, ଜଟିଳରୁ ଜଟିଳତର — ସେସମସ୍ତ ସମସ୍ୟା ଅସୁରମାନଙ୍କ ଯୋଗୁହିଁ ସଂଘଟିତ ହେଉଛି । ତେବେ, ମୋ ମତରେ ସେମାନଙ୍କର ଉପସ୍ଥିତିର ଆବଶ୍ୟକତା ନାହିଁ ଏ ସୃଷ୍ଟିରେ । କାହିଁକି ନା, ସେମାନଙ୍କର ନିଜ ଅସ୍ତିତ୍ୱକୁ ଅନୁଭବ କରିବା ନିମନ୍ତେ ଦରକାର ସଂଘର୍ଷ, ବିଦ୍ରୋହ, ପୀଡ଼ା-ଯନ୍ତ୍ରଣା, କଠିନତା ଆଦିର ଉପସ୍ଥିତି । ଏ ଜଗତ୍ ଅନ୍ୟଭାବରେ ବି ବିବର୍ତ୍ତିତ ହୋଇପାରିଥା'ନ୍ତା — ପୁଷ୍ପଟିଏ ଯେପରି ଆପଣାଛାଏଁ ଭିତରୁ ବାହାର ଆଡ଼କୁ ପ୍ରସ୍ଫୁଟିତ ହୋଇଥାଏ । ପରନ୍ତୁ, ଅସୁର ପ୍ରବୃତ୍ତିର ବଳ ନେଇ ଅନ୍ୟସତ୍ତାସବୁ ବିଶ୍ୱ-ରଙ୍ଗମଞ୍ଚ ଭିତରକୁ ସେମାନଙ୍କ କ୍ରୀଡ଼ା ଦେଖାଇବାକୁ ପଶିଆସିଲେ ଓ ସବୁଜିନିଷକୁ ବିକୃତ କରିଦେଲେ । ଏଇ ବିଷୟଟିର ସତ୍ୟଟିକୁ ସବୁଧର୍ମ ଜାଣନ୍ତି । ଦୃଷ୍ଟାନ୍ତ ସ୍ୱରୂପ : ସର୍ପ, ଯାହା ମନ୍ଦର ପ୍ରତୀକ (Evil), ସେଇଟି ଇଭ୍ (Eve)କୁ ଅର୍ଥାତ୍ ପ୍ରକୃତିକୁ ପ୍ରବର୍ତ୍ତାଇଲା; ଲୋଭ ଦେଖାଇଲା । ଇଭ ବା ପ୍ରକୃତି ଆଦାମ ବା ପୁରୁଷକୁ (Adam) ପ୍ରତାରଣା କଲା । ଆଦାମ୍ ତହିଁରେ ନିଜର ସ୍ୱୀକୃତି ଦେଲା ଏବଂ ଫଳରେ ସେ ଦୁହିଙ୍କର ପତନ ହେଲା । ଏଇ କଥାଟିକୁ ନେଇ ସେମାନେ କହନ୍ତି : ଏଥିରେ ବିଶ୍ୱପୁରୁଷ(Cosmic man)ର ଅଧଃପତନ ଘଟିଲା ।

ଭାରତରେ ଏଇ ସଂଘର୍ଷଟିକୁ ଅନ୍ୟ ଏକ ରୂପକଚିତ୍ର ଦେଇ ପ୍ରକଟ କରାଯାଇଛି : ଯେଉଁଥିରେ ମାନବ-ବିବର୍ତ୍ତନର ଧାରାକୁ ନିୟନ୍ତ୍ରଣରେ ରଖିବ କିଏ — ଦେବତା ନା ଅସୁର, ସେମାନଙ୍କର ସଂଘର୍ଷର ସତ୍ୟଟିକୁ ଚିତ୍ରକଳ୍ପ ଦେଇ ବୁଝାଇ ଦିଆଯାଇଛି ।

ଶିଷ୍ୟ : ଭାରତର ପୌରାଣିକ କଥାରେ ଯେଉଁ ବୈରଭାବର ସାଧନା ବିଷୟ ରହିଛି, ଯେଉଁଥିରେ ''ଭଗବାନଙ୍କୁ ଶତ୍ରୁଭାବେ ବିରୋଧ କରି ତାଙ୍କର ସମ୍ମୁଖୀନ ହେବା'' ଭଳି ସାଧନା ବିଷୟର ଉଲ୍ଲେଖ ରହିଛି, ତାହାର ପଶ୍ଚାତରେ ସତ୍ୟ କ'ଣ ?

ଶ୍ରୀଅରବିନ୍ଦ : ରାବଣ ଓ ହିରଣ୍ୟକଶିପୁଙ୍କ କ୍ଷେତ୍ରରେ — ସେମାନେ ପ୍ରଥମେ ଥିଲେ ମନୁଷ୍ୟ ଜାତିର, ପରବର୍ତ୍ତୀ ସମୟରେ ସ୍ୱଭାବ-ପ୍ରକୃତିରେ ସେମାନେ ହୋଇଗଲେ ଅସୁର ଏବଂ ଈଶ୍ୱର-ବିରୋଧିତାର ପଥ ଅବଲମ୍ବନ କଲେ । ସତରେ ଦେଖିଲେ ଏହା ଥିଲା ପତନ (ମନୁଷ୍ୟ-ଚେତନାରୁ ପତନ) ଏବଂ ପରୋକ୍ଷରେ ଆମେ ଦେଖାଇବାକୁ ଚାହୁଁ ଯେ ମନୁଷ୍ୟର ବିବର୍ତ୍ତନ ସକାଶେ ତାକୁ ତଳକୁ ଅସୁର ସ୍ତରକୁ ଖସିଯିବାକୁ ହେବ ନାହିଁ । ଏହାହିଁ କହିବାର କଥା : ମାନବର ବିବର୍ତ୍ତନଧାରା କେବେ ବି ପଶୁସ୍ତରରୁ ପ୍ରାଣିକ ସ୍ତର ଆଡ଼କୁ ପୁଣି ତେଣିକି ପ୍ରାଣସ୍ତରରୁ ଆସୁରିକ ସ୍ତରକୁ ଯିବାର **ନୁହେଁ** । କାହିଁକି ନା,

ଆସୁରିକ ଜୀବନ ମାନବଜୀବନର ଅଧଃପତନକୁ ବୁଝାଏ । ତୁମେ ଯଦି ତୁମ ସ୍ୱଭାବ ପ୍ରକୃତିକୁ ଆସୁରିକ ସ୍ୱଭାବ-ପ୍ରକୃତିରେ ପରିବର୍ତ୍ତିତ କରିବାକୁ ଚାହୁଁଥାଅ, ତା'ହେଲେ ବୁଝିନିଅ ଯେ ଏହା ଫଳରେ ତୁମେ ବିବର୍ତ୍ତନର ସୁଯୋଗକୁ ହରାଇ ବସିବ ।

ଶିଷ୍ୟ : ଯଦି ବ୍ୟକ୍ତି ବିଶେଷ ଆସୁରିକ ଆକ୍ରମଣରୁ ତଥା ପ୍ରଭାବରୁ ନିଜକୁ ବଞ୍ଚାଇ ରଖିବାକୁ ଚାହୁଁଥାଏ, ତା'ହେଲେ ତା'ର କ'ଣ କରିବା ଉଚିତ ?

ଶ୍ରୀଅରବିନ୍ଦ : ଆସୁରିକ ପ୍ରଭାବରୁ ମୁକ୍ତ ରହିବାକୁ ହେଲେ, ବ୍ୟକ୍ତି ଶୁଦ୍ଧି ଓ ଆନ୍ତରିକତାର ବଳୟରେ ନିଜକୁ ସୁରକ୍ଷିତ ରଖିବ । ସେମାନେ ତୁମକୁ ଘୁଷି ମାରିବେ, ବେଦମ୍ ମାଡ଼ଦେବେ, ଏମିତିକି ସେମାନେ ତୁମକୁ ପ୍ରତାରଣା କରିବେ ଅବା ମନକୁ ଛାୟାଚ୍ଛନ୍ନ (befog) କରିଦେବେ ଓ ତୁମର ମସ୍ତିଷ୍କକୁ ବିକଳ-ବିକୃତ (retard) କରିଦେବେ ଓ ତୁମକୁ ଦେଇ ଭୁଲ୍ କାମ କରାଇନେବେ । ଏସମସ୍ତ ସେମାନେ କରାଇପାରନ୍ତି, ମାତ୍ର ତୁମଠାରେ ଯଦି ସେଇ ପବିତ୍ରତା ତଥା ଆନ୍ତରିକତାର ଶୁଭ୍ର ଆଲୋକ ରହିଥାଏ, ସେମାନେ କେବେହେଲେ ତୁମର କ୍ଷତି କରିପାରିବେ ନାହିଁ । ତୁମର କିଛି ନିଶ୍ଚିତ ପତନ ବି ଘଟିବ ନାହିଁ । ସବୁ ଭିତରଦେଇ ନିର୍ବିଘ୍ନରେ ତୁମେ ଚାଲିଯାଇ ପାରିବ ।

[*Evening Talks with Sri Aurobindo*
2nd Series (Vol. Single Edition)
'On The Gods and Asuras'ରୁ ଗୃହୀତ ।
ପୃଷ୍ଠା ୪୭୪ ରୁ ୪୭୮]

ଅନୁବାଦ : କୃଷ୍ଣା ଦେବୀ

Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ODISHA)**

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ବ୍ରିଟିଶ ସୁରକ୍ଷା ନା ଆତ୍ମ-ସୁରକ୍ଷା

ଦୁଇଟି କୁସଂସ୍କାର ଲୋକମାନଙ୍କ ମନ ଭିତରେ ଏତେ ଗଭୀରରେ ବସା ବାନ୍ଧିଛି ଯେ ଏମିତିକି ନୂତନ ଭାବଧାରା ଯେଉଁଠି ସବୁଠାରୁ ଶକ୍ତିଶାଳୀ ହୋଇଉଠୁଛି ସେମାନେ ନିଜ ନିଜର ଚେତନାକୁ ତଥାପି ସେଠାରେ ଜାବୁଡ଼ି ଧରିଛନ୍ତି । ଗୋଟିଏ ଅଭ୍ୟାସ ହେଲା ବ୍ରିଟିଶର ବିଚାର ଅଦାଲତକୁ ଆବେଦନ କରିବା; ଅନ୍ୟଟି ହେଲା ଆମର ସୁରକ୍ଷା ସକାଶେ ବ୍ରିଟିଶ ଶାସନକର୍ତ୍ତାଙ୍କ ଉପରେ ଭରସା ରଖିବା । ମଇମନସିଂ ଆଉ କୋମିଲାର ଗଣ୍ଡଗୋଳ ପରି ଘଟଣାଗୁଡ଼ିକର ବାରଂବାର ପୁନରାବୃତ୍ତିରୁ ଉପକାର ମିଳିବ ଯଦି ଆମ ମନ ଭିତରେ ଏହା ଏଇ ସତ୍ୟଟିକୁ ଆଣିଦିଏ ଯେ ଯେଉଁ ଲଢ଼େଇ ଆମେ ଆରମ୍ଭ କରିଛୁ ସେଥିରେ ଆମର ସହଜାତ ଶତ୍ରୁମାନେ ସୁରକ୍ଷା ପ୍ରଦାନ କରିବେ ବୋଲି ଆମେ କେବେହେଲେ ଆଶା କରି ପାରିବା ନାହିଁ କି ଆଶା ମଧ୍ୟ କରିବା ଉଚିତ ନୁହେଁ । ଏକଥା ସଂପୂର୍ଣ୍ଣ ସତ ଯେ ଶାସନକର୍ତ୍ତାଙ୍କ ମନକୁ ପ୍ରଧାନତଃ ଯାହାଯାହା ଘାରୁଛି ତାହା ହେଲା ଦେଶରେ ଶୃଙ୍ଖଳା ଓ ସ୍ଥିରତାକୁ ବଜାୟ ରଖିବା, କାରଣ ଏକ ବିଶେଷ ଧରଣର ଶାନ୍ତ ଅବସ୍ଥା ବିଦେଶୀ ଅମଲାତାନ୍ତ୍ରିକ ଶାସନର ସୁରକ୍ଷା ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଥିଲା । ଏହାହିଁ ଥିଲା ଦଣ୍ଡବିଧାନ ପରି ବର୍ବର ପ୍ରଥାର ଗୂଢ଼ ରହସ୍ୟ ଯାହା ଭାରତୀୟ ଦଣ୍ଡବିଧିକୁ ଏକ ପରିମାର୍ଜିତ ନୃଶଂସତାର ବିଜୟୋଲ୍ଲାସରେ ପରିଣତ କରିଛି; ସେ ବିଜୟଦର୍ପ ହେଉଛି ଏକ ଅସାଧାରଣଭାବେ ଦୁର୍ନୀତିଗ୍ରସ୍ତ ଆଉ ଅତ୍ୟାଚାରୀ ପୁଲିସ ପ୍ରତି ଶାସକବର୍ଗଙ୍କ ଦ୍ୱାରା ଅନୁମୋଦନ ପ୍ରାପ୍ତ କ୍ଷମତା ଓ ନିର୍ବିଚାର ସମର୍ଥନର; ସେ ବିଜୟ-ଉଲ୍ଲାସ ହେଉଛି, ଦଣ୍ଡବିଧାନ ନାହିଁ ତ କୌଣସି ପଦୋନ୍ନତି ନାହିଁ ସିଦ୍ଧାନ୍ତର, ଇଏ ହେଲା ବେଦବାକ୍ୟ ଆଙ୍ଗ୍ଲୋ-ଭାରତୀୟ ଶାସନକର୍ତ୍ତାର ଯିଏ ତାକୁ ଅଧିକ ଭଲରୂପେ ଧରିରଖିଛି ଯେ ଶହେଜଣ ନିର୍ଦ୍ଦୋଷ ବ୍ୟକ୍ତି ପଛକେ ଦଣ୍ଡ ପାଆନ୍ତୁ କିନ୍ତୁ ଏକ ଅପରାଧ ଦଣ୍ଡନୀୟ ନୁହେଁ ବୋଲି ଉଲ୍ଲେଖ ରହୁ । ଏହାହିଁ ଥିଲା ଦୁର୍ବିଷହ ଆଚରଣର କାରଣ, ଯାହା ବଳରେ ପ୍ରଚଣ୍ଡ ଅସନ୍ତୋଷରୁ ତେଜି ଉଠିଥିବା ହଙ୍ଗାମାସବୁକୁ ଦମନ କରାଯାଇଛି । ଶାସ୍ତିବିଧାନ ପାଇଁ ମୁତୟନ ହୋଇଥିବା ପୁଲିସର ଅନ୍ୟାୟଭରା ଓ ଦମନମୂଳକ କାର୍ଯ୍ୟପଦ୍ଧତିର ଏବଂ ଅଘୋଷିତ କିନ୍ତୁ ବେଶ୍ ଭଲରୂପେ ବୁଝାପଡୁଥିଲା ପୁଲିସ ନିୟମକାନୁନର ଏହାହିଁ ଥିଲା ଅସଲ କାରଣ ଯେଉଁଥିପାଇଁ ବଳିଷ୍ଠକାୟ, ଶସ୍ତ୍ରବିଦ୍ୟାରେ ନିପୁଣ ଓ କର୍ମଠ ସ୍ୱଭାବଯୁକ୍ତ ଯେକୌଣସି ଗ୍ରାମବାସୀକୁ ଦୁଶ୍ଚରିତ୍ର ବ୍ୟକ୍ତିଙ୍କ ତାଲିକାଭୁକ୍ତ କରାଯାଇପାରିବ । ଏଇସବୁ ସୂତ୍ରଗୁଡ଼ିକର କଡ଼ାକଡ଼ି ପ୍ରୟୋଗ ଦ୍ୱାରା ପ୍ରଶାସକମାନେ ଲୋଡୁଥିବା ଏକ ପ୍ରକାରର ଶାନ୍ତ ଅବସ୍ଥା ସୃଷ୍ଟି କରିବା ଦିଗରେ କୃତକାର୍ଯ୍ୟ ହୋଇଛନ୍ତି । ରୋମର ଅଧିବାସୀମାନେ ମରୁଭୂମିଟିଏ ସୃଷ୍ଟିକଲେ ଆଉ ତା'ର ପରିଣାମକୁ ଶାନ୍ତି ଆଖ୍ୟାଦେଲେ । ଭାରତବର୍ଷରେ ବ୍ରିଟିଶ ଜାତି ଜନସାଧାରଣଙ୍କ ସ୍ଫୂର୍ତ୍ତି ଓ ପୌରୁଷକୁ ଛାରଖାର କରିଦେଇଛି ଆଉ ତା' ପରିଣତିକୁ ଆଇନ ଶୃଙ୍ଖଳାର ଆଖ୍ୟା ଦେଇଛି । ପକ୍ଷାନ୍ତରେ, ଏକଥା ସତ, ତତ୍ପରତା ଆଉ କଠୋରତାର ଅନେକ ବ୍ୟତିକ୍ରମ ଘଟିଛି ଯାହାକୁ ନେଇ କୌଣସି ପ୍ରକାରର ହାଙ୍ଗାମାକୁ ସ୍ୱାଭାବିକଭାବେ ମୁକାବିଲା କରିହେଉଛି; ଏବଂ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଆଳସ୍ୟ-ପରାୟଣତା ଓ ଦୀର୍ଘସୂତ୍ରିତା, ଯାହାକୁ କର୍ତ୍ତୃପକ୍ଷମାନେ ଅଭ୍ୟାସବଶତଃ ପ୍ରଦର୍ଶନ କରିଚାଲିଛନ୍ତି ମୁସଲମାନ ଧର୍ମାନ୍ଧତାର ଆକସ୍ମିକ ପ୍ରକୋପକୁ ସମ୍ଭାଳିବା ସମୟରେ ଆଉ ସେମାନଙ୍କର ସେଇ ହାଲୁକା ଭାବଭଙ୍ଗୀ ଯାହାକୁ ସେମାନେ ଏଇସବୁ ଘଟଣାକୁ ଦମନ କରିବା ଦିଗରେ ବଳବତ୍ତର ରଖିଛନ୍ତି । ନିଃସନ୍ଦେହରେ ଏଇ ଦୁର୍ବଳତା ମୂଳରେ ରହିଛି ଆତଙ୍କ । ଅମଲାତନ୍ତ୍ର କେବେ ବି ଥକିଯାଇ ନାହିଁ ପରାଧୀନ ଜନସାଧାରଣଙ୍କ ଉପରେ ବ୍ରିଟିଶ ଆଧିପତ୍ୟର ଅପ୍ରତିହତ ଶକ୍ତିକୁ ଚାପିଧରିବା ପାଇଁ, କିନ୍ତୁ ନିଜ ମର୍ମେ ମର୍ମେ ସେମାନେ ଅବଗତ ଯେ ଏହି ଆଧିପତ୍ୟ ଆଦୌ ସୁରକ୍ଷିତ ନୁହେଁ ଆଉ ତା' ଚେର ଏଇ ମାଟିରେ ଲାଗି ନାହିଁ । ଜନସାଧାରଣଙ୍କ ଅନ୍ତରରେ କୌଣସି ବଦ୍ଧମୂଳ ଓ ମୌଳିକ ଆବେଗର ବ୍ୟାପକ ଉଚ୍ଛ୍ୱାସ ସେଇ ଆଧିପତ୍ୟକୁ ଭାଙ୍ଗି ଅକ୍ଲେଶରେ ଛିନ୍ନଭିନ୍ନ କରିଦେଇପାରେ ଠିକ୍ ଯେମିତି ଏହା ପୂର୍ବରୁ ଅନ୍ୟାନ୍ୟ ବହୁ ଆଧିପତ୍ୟ ଏମିତି ଭାଙ୍ଗି ଚୂରମାର ହୋଇଯାଇଛି । ବିଗତ ଯୁଗରେ କେବେ ଯଦି ଭାରତବର୍ଷରେ ଗୋଟିଏ ମାତ୍ର ଆବେଗହିଁ ଜାତୀୟ ଚେତନାକୁ ଊର୍ଦ୍ଧ୍ୱାୟିତ

କରିବାରେ ସକ୍ଷମ ବୋଲି ପ୍ରମାଣ ଦେଇଛି ତାହା ହେଉଛି ଧର୍ମୀୟ ଅନୁଭୂତି, ଆଉ କ୍ରୋଧୋନ୍ମତ୍ତ ଧର୍ମୀୟ ଅନୁଭୂତି ତେଣୁ ଏପରି ଗୋଟିଏ ବିଷୟ ଯାହାକୁ ଅମଲାତନ୍ତ୍ର ଖୁବ୍ ଭୟ କରେ ଆଉ ଯାହାର ସାମାନ୍ୟ ମାତ୍ର ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କ ସାହସଟା ଭୟାର୍ତ୍ତ ଶିହରଣ କିଂବା ଆତଙ୍କର ରୂପନିଏ ଆଉ ସେମାନଙ୍କ ପରାକ୍ରମ ବଦଳିଯାଏ ଅସାଡ଼ ଦୁର୍ବଳତାରେ । ସ୍ୱଦେଶୀ ଆନ୍ଦୋଳନ ଯେଉଁ ବିପଦ ସଙ୍କେତ ସୃଷ୍ଟି କରିଥିଲା ତା'ର ମୂଳ କାରଣ ଥିଲା ସନ୍ତ୍ରାସର ଏଇ ସ୍ଥାୟିତ୍ୱ, କାରଣ ପ୍ରଥମ ଥର ପାଇଁ ସ୍ୱଦେଶୀ ଆନ୍ଦୋଳନରେ ସ୍ୱଦେଶ ପ୍ରେମ ଜାତୀୟ ଧର୍ମର ରୂପ ଧାରଣ କଲା, ମାତୃଭୂମିର ନାମଟି ସୁଶୋଭିତ ହୋଇଉଠିଲା ଦିବ୍ୟ-ପବିତ୍ରତାରେ ଆଉ ତା' ପ୍ରତି ସେବାଭାବ ଛନ୍ଦି ହୋଇଗଲା ଧର୍ମପ୍ରାଣର ଆକୁଳତା ସହ । ତା' ବିପଦ ମୁହୂର୍ତ୍ତରେ ଆଙ୍ଗ୍ଲୋ-ଭାରତ ସେଇ ଅଶାନ୍ତ ମୁସଲମାନ ଧର୍ମାନ୍ଧତାର ସାହାଯ୍ୟ ଲୋଡ଼ିଥିଲା ଯାହାକୁ ସେମାନେ ଏତେ ଭୟ କରିଆସୁଥିଲେ । ବିଷରେ ବିଷ ଝାଡ଼ିବା ଆଶାରେ ସେମାନେ ଭୟ ଦେଖାଇ ଲାଗିଲେ ଦେଶାତ୍ମବୋଧର ବିଦ୍ରୋହରୂପୀ ଧର୍ମକୁ ଆଉ ତା' ସହିତ ସେମାନେ ତେଜିବାକୁ ଆରମ୍ଭ କଲେ ମୁସଲମାନ ପୂର୍ବସଂସ୍କାରଗୁଡ଼ିକୁ ତାହାରି ବିରୋଧରେ, ଯାହାକୁ ଏହାର ଶତ୍ରୁମାନେ ଏକ ଅନିବାର୍ଯ୍ୟ ହିନ୍ଦୁ ଆନ୍ଦୋଳନ ଭାବେ ଘୋଷଣା କରିଥିଲେ । ଏଇ ନୀତିଟିର ପ୍ରଥମ ପରିଣତି ଆମେ ଦେଖିଛୁ ମଇମନ୍‌ସିଂରେ, ସିରାଜଗଞ୍ଜରେ ଓ କୋମିଲାରେ । ଏହା ଥିଲା ହତାଶା ଜର୍ଜରିତ ଆଉ ବିପଜ୍ଜନକ, ଏହାର ପରିଣାମ ମଧ୍ୟ ଅକ୍ଲେଶରେ ଏକ ମାରାତ୍ମକ ଯୁକ୍ତିଭାବେ ସାବ୍ୟସ୍ତ ହୋଇପାରେ; କିନ୍ତୁ ଆତଙ୍କିତ ଲୋକଙ୍କ ପକ୍ଷରେ ଅପେକ୍ଷାକୃତ କମ୍ ବିପଦର ଆଶଙ୍କା ସହଜରେ ଉଦରସ୍ଥ ହୋଇଥିଲା ଆହୁରି ବିରାଟ ଧରଣର ସନ୍ତ୍ରାସ ମଧ୍ୟରେ ।

ତା'ହେଲେ, କୋମିଲା ପରି ଏସବୁ ଘଟଣାରେ ସରକାରୀ ସୁରକ୍ଷା ପାଇଁ ଦାବି କରିବା ଯେମିତି ଅବାସ୍ତବ ସେମିତି ଯେ ଅସଙ୍ଗତ ବୋଲି ବୁଝିବାରେ କୌଣସି କଷ୍ଟ ହେବା ଉଚିତ ନୁହେଁ । ସ୍ଥିରତାକୁ ଅକ୍ଷୁଣ୍ଣ ରଖିବାକୁ ହେଲେ ଆଧୁନିକ ସଭ୍ୟ ସରକାରମାନଙ୍କର ଲକ୍ଷ୍ୟ ହେଉଛି ପ୍ରତିଟି ନାଗରିକକୁ ତା'ର ନ୍ୟାଯ୍ୟସଙ୍ଗତ ଜୀବିକା ଉଦ୍ଦେଶ୍ୟରେ ଖାଲି ଶାନ୍ତିପୂର୍ଣ୍ଣ ଅନୁସରଣ ପାଇଁ ନୁହେଁ କିନ୍ତୁ ଏକ ସ୍ୱାଧୀନ ଜାତି ପ୍ରତି ଜନହିତକର କାର୍ଯ୍ୟକଳାପ ଆଉ ସ୍ୱଭାବସିଦ୍ଧ ଆକାଂକ୍ଷା ପୋଷଣ ଦିଗରେ ମଧ୍ୟ ତାକୁ ସୁରକ୍ଷା ପ୍ରଦାନ କରିବା; ସରକାର ତିଷ୍ଠି ରହେ ନାଗରିକ ପାଇଁ, ସରକାର ପାଇଁ ନାଗରିକ ତିଷ୍ଠି ରହେ ନାହିଁ । କିନ୍ତୁ ଭାରତରେ ଅମଲାତନ୍ତ୍ର ହେଉଛି କେବଳ ଅଧାଅଧି ଆଧୁନିକ ତଥା ଅର୍ଦ୍ଧ-ସଭ୍ୟ । ଭାରତରେ ବ୍ୟକ୍ତି ବଞ୍ଚି ରହିଛି ସରକାର ପାଇଁ କାରଣ ଏଠି କେହି ନାଗରିକ ନୁହନ୍ତି । ସ୍ଥିରତାକୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ କୌଣସି ନାଗରିକକୁ ଏଠାରେ ସୁରକ୍ଷା ମିଳେ ନାହିଁ କିନ୍ତୁ ସରକାର ନିରାପଦରେ ରହିଯାଏ । ଏସବୁ ଯାହା ଚାଲିଛି, ବ୍ୟକ୍ତିକୁ ନିରାପତ୍ତା ମିଳୁଛି କେବଳ ପରିଣାମବଶତଃ କିନ୍ତୁ ବ୍ୟକ୍ତିର ନିରାପତ୍ତା ଏଠି ଲକ୍ଷ୍ୟ ହୋଇ ନଥାଏ । ସରକାର କହିଲେ ଆମେ ଯଦି ବୁଝିବା ବର୍ତ୍ତମାନର ଦାୟିତ୍ୱହୀନ ଅମଲାତାନ୍ତ୍ରିକ ଶାସନ, ତା'ହେଲେ ସରକାରର ନିରାପତ୍ତା ସ୍ୱଦେଶୀ ଆନ୍ଦୋଳନ ଦ୍ୱାରା ସିଧାସଳଖ ବିପନ୍ନ ହୋଇପଡୁଛି; କାରଣ ସ୍ୱରାଜ ହେଉଛି ସେଇ ଆନ୍ଦୋଳନର ଉଦ୍‌ଘୋଷିତ ଲକ୍ଷ୍ୟ, ଯାହାର ଅର୍ଥ ହେଲା ସେଇ ଶାସନର ସମ୍ପୂର୍ଣ୍ଣ ବିଲୋପ । ତା'ହେଲେ ଅମଲାତନ୍ତ୍ରକୁ ସ୍ୱରାଜ ପାଇଁ ଆମର ଏ ସଂଗ୍ରାମ ଭିତରେ ଆମକୁ ସୁରକ୍ଷା ଦେବାକୁ କହିବା ଅର୍ଥ ଏହାର ସ୍ୱୟଂ ବିନାଶ ସାଧନରେ ସହାୟକ ହୋଇପଡ଼ିବା ।

ସିଲଂ ସରକାରଙ୍କ କର୍ମଚାରୀମାନେ ଏଇ ସରଳ ସତ୍ୟଟିକୁ ସ୍ପଷ୍ଟତଃ ଜାଣିଯାଇଛନ୍ତି । ମଇମନ୍‌ସିଂ ଆଉ କୋମିଲାର ମାଜିଷ୍ଟ୍ରେଟମାନେ ଠିକ୍ ସେଇ ଅନୁରୂପ ମନୋଭାବ ପ୍ରକଟ କରିଥିଲେ, ସେମାନେ ଦେଖିଲେ ଯେ ହସ୍ତକ୍ଷେପ କରିବାର ଆବଶ୍ୟକତା ଆଦୌ ନାହିଁ; ହିନ୍ଦୁମାନେ ସେମାନଙ୍କ ସ୍ୱଦେଶୀ ଆନ୍ଦୋଳନ ଦ୍ୱାରା ମୁସଲମାନ ଝଡ଼ଟିକୁ ନିଜ ଉପରକୁ ନେଇଆସିଥିଲେ ଆଉ ପରିଣାମ ଯାହା ହେବ ଆଦରି ନେବେ ନିଶ୍ଚୟ । ଏଥିରୁ ଅପ୍ରକାଶିତ ନିଷ୍କର୍ଷଟି ବେଶ୍ ସରଳ । ଯେଉଁ ଅମଲାତାନ୍ତ୍ରିକ 'ସମ୍ବିଧାନ' ଅଧୀନରେ ''ସାମ୍ବିଧାନିକ'' ସରକାରକୁ ବଜାୟ ରଖିବା ପାଇଁ ଆମକୁ କୁହାଯାଇଛି ତାହା ଆମକୁ ବ୍ରିଟିଶ ଶାନ୍ତି, ବ୍ରିଟିଶ ନିରାପତ୍ତାର ଭରସା ଦେଇଛି କେବଳ ଯେତେଦିନ ଧରି ଆମେ ସ୍ୱଦେଶୀ ନହୋଇଛୁ । ଯେଉଁ ମୁହୂର୍ତ୍ତରେ ଆମେ ସ୍ୱଦେଶୀ ହୋଇଯାଉ, ବ୍ରିଟିଶ ଶାନ୍ତି ଓ ନିରାପତ୍ତା ସହ ଆମେ ଯେତେଦୂର ପର୍ଯ୍ୟନ୍ତ ସମ୍ପୃକ୍ତ ହୋଇଥିଲେ ବି ତା'ର ପରିସମାପ୍ତି ଘଟେ ସେଇ ମୁହୂର୍ତ୍ତରେ ଆପେ ଆପେ ଏବଂ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ହସ୍ତକ୍ଷେପ ସକାଶେ ଡାକି ନଥିବାରୁ ଆମର ମସ୍ତକ ଖଣ୍ଡବିଖଣ୍ଡ ହୋଇଯିବା, ଆମ ଲୋକେ ଆକ୍ରମଣର ଶିକାର ହେବା, ଆମ ନାରୀମାନେ ଅପମାନିତ ହେବା ଓ ଆମ ସମ୍ପତ୍ତିବାଡ଼ି ଲୁଣ୍ଠିତ ହେବା ପାଇଁ

ଆମେହିଁ ଦାୟୀ ହୋଇଥାଉ । ବିପିନ୍‌ଚନ୍ଦ୍ର ପାଲଙ୍କ ଜ୍ଜାଳାମୟୀ ଓଜସ୍ୱିନୀ ଭାଷଣହିଁ ଦଙ୍ଗା ପାଇଁ ଦାୟୀ ବୋଲି ଯେଉଁ ଦୋଷାରୋପ କରାହେଉଛି ତା' ପଛରେ ଠିକ୍ ଏଇ ଯୁକ୍ତି ରହିଛି, ଯାହାକୁ ସୃଷ୍ଟି କରାଯାଇଥିଲା ବୋଲି ଆମର ବିଶ୍ୱାସ ଉଭୟ ଘଟଣା ସଂକ୍ରାନ୍ତରେ ଆଉ ଶେଷ ଘଟଣାଟିକୁ ନେଇ ଏଇଟି ମଧ୍ୟ ସରକାରଙ୍କ ବିଶ୍ୱସ୍ତ ପ୍ରେସର ସମର୍ଥନ ଲାଭ କରିଛି । କାହାକୁ ଆଉ କ'ଣ ବିପିନ୍ ବାବୁ ଉତ୍ତେଜିତ କରିଥିଲେ ? ନିଃସନ୍ଦେହରେ, ସେତ ମୁସଲମାନମାନଙ୍କୁ ଉତ୍ତେଜିତ କରି ନଥିଲେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା ପାଇଁ,– ଜଣେ ଆଙ୍ଗ୍ଲୋଭାରତୀୟ ମାଜିଷ୍ଟ୍ରେଟଙ୍କ ପକ୍ଷରେ ଏଭଳି ଏକ ବିବୃତି ଦେବା ନିହାତି ଖାଲି ନିର୍ବୋଧତା – ବରଂ ସକଳ ଭାରତୀୟ, ଉଭୟ ହିନ୍ଦୁ ଓ ମୁସଲମାନ ସମସ୍ତଙ୍କୁ ସ୍ୱଦେଶୀ ଆଉ ସ୍ୱରାଜ ସକାଶେ ପ୍ରବଳ ଉତ୍ସାହର ସହିତ କାର୍ଯ୍ୟ କରିଯିବାକୁ ସେ ଉଦ୍‌ବୋଧନ ଦେଇଥିଲେ । ତେବେ ସ୍ୱଦେଶୀ ଆଉ ସ୍ୱରାଜର ସ୍ୱର ଉତ୍ତୋଳନ କରିହିଁ, ଆମେ ଆଇନର ସୁରକ୍ଷା ପାଇବା ଅଧିକାରରୁ ବଞ୍ଚିତ ହୋଇଛୁ ।

ଏତେ ଖୋଲାଖୋଲି ବିବୃତି ପରେ ଉପରୋକ୍ତ ଯୁକ୍ତିଟା ଅବାନ୍ତର ମନେହେଉଛି । କିନ୍ତୁ ବିଶେଷ କିଛି ସମ୍ବେଦନଶୀଳ ବିଚାର ଅନୁସାରେ ଏଇ ପ୍ରଶାସକମାନଙ୍କର ଭୂମିକାକୁ ଆମେ ସମ୍ପୂର୍ଣ୍ଣଭାବେ ତାରିଫ କରିପାରୁ । ଦାର୍ଶନିକମାନଙ୍କ ପରି ତର୍କ କରି ବସିଲେ ସେମାନେ ଭୁଲ୍ ବୋଲି ସାବ୍ୟସ୍ତ ହେବେ । କିନ୍ତୁ ହାକିମଙ୍କ ପରି ଓ ପରାଧୀନ ଜାତିର ଶାସକଙ୍କ ପରି ତର୍କ କଲେ ସେମାନଙ୍କର ଦୃଷ୍ଟିଭଙ୍ଗୀ ହେଉଛି ବାସ୍ତବ ଓ ଯୁକ୍ତିସଙ୍ଗତ । ସ୍ୱରାଜର ପ୍ରତିଷ୍ଠା ଅର୍ଥ ବ୍ରିଟିଶ ପ୍ରଶାସକର ବିଲୋପ । ଆମେ କ'ଣ ବ୍ରିଟିଶ ପ୍ରଶାସକକୁ କେବେ କହିପାରିବା ତା' ନିଜ ବିଲୟକୁ ଆମ ପାଇଁ ନିରାପଦ ଆଉ ସହଜଲଭ୍ୟ କରିବା ନିମନ୍ତେ ? 'ସ୍ୱଦେଶୀ' ହେଉଛି ବ୍ରିଟିଶ ବେପାରୀ ଦ୍ୱାରା ଭାରତର ଶୋଷଣ ଉପରେ ଏକ ସିଧାସଳଖ ଚଢ଼ଉ, ଯେଉଁ ଶୋଷଣ ହେଲା ପ୍ରଥମ ଓ ପ୍ରମୁଖ କାରଣ ହାକିମ-ହୁକୁମା ଶାସନକୁ କଡ଼ାକଡ଼ିଭାବେ ବଜାୟ ରଖିବାର । ଭାରତକୁ ବାଣିଜ୍ୟ ଆସିଥିଲା ବ୍ରିଟିଶ ପତାକାର ଅଗ୍ରଦୂତ ସାଜି; ଆଉ ଶାସକ ମନରେ ଭୟ ଉଦ୍ରେକ ହେବା ତ ସ୍ୱାଭାବିକ, ଯଦି ବାଣିଜ୍ୟ ଏ ମାଟିରୁ ବିତାଡ଼ିତ ହୁଏ ତା'ହେଲେ ଏହାର ଅବ୍ୟବହିତ ପରେ ପତାକାଟି ମଧ୍ୟ ଛାଡ଼ି ଚାଲିଯିବ । ମନ ଭିତରେ ତା'ର ଏଇ ଭୟକୁ ରଖି ଏପରିକି ତା'ର ସହଜାତ ଜାତିଗତ ସମ୍ବେଦନଶୀଳତାକୁ ଛାଡ଼ି ସେ ବାଣିଜ୍ୟକୁ ହଟେଇବା ପାଇଁ ଟିକିଏ ସୁବିଧା କରିଦେଉ ବୋଲି ଆମେ ତାକୁ କହିପାରିବା କି ? ଅପରପକ୍ଷେ, ବ୍ରିଟିଶ ଦୋକାନଦାରର ସରକାରୀ ପ୍ରତିନିଧି, ସେ ହୋଇଥାଉ ପଛେ ବଡ଼ଲାଟ, ଉପରାଜ୍ୟପାଳ, ରାଜ୍ୟର ଶାସନ ସଚିବ କିଂବା ହୋଇଥାଉ ସେ ଖାଲି ଜିଲ୍ଲା ମାଜିଷ୍ଟ୍ରେଟ୍, ତା' କ୍ଷମତାର ପରିସର ଭିତରେ ସବୁଠୁ ଶ୍ରେଷ୍ଠ ଉପାୟରେ ସ୍ୱଦେଶୀ ଆନ୍ଦୋଳନକୁ ଦମନ କରିବାକୁ ବାଧ୍ୟ ହେବ, ନୈତିକ ଦୃଷ୍ଟିକୋଣରୁ । ଓ୍ୱାମ୍‌ଫିଲ୍‌ଡେ ମହାଶୟ ଭାବିନେଲେ ଯେ ହିଂସା ଆଉ ଭୟପ୍ରଦର୍ଶନ, ଗୁର୍ଖା ପୁଲିସ ଆଉ ଅଧିନିୟମ (regulation)ହିଁ ସବୁଠାରୁ ଉତ୍କୃଷ୍ଟ ମାଧ୍ୟମ । ମିଃ ମୋର୍ଲେଙ୍କ ବିଶ୍ୱାସ ଯେ ଶକ୍ତ ଦଣ୍ଡା ଉଁଚେଇ ଧଡକେଇବା ଅପେକ୍ଷା ନରମ ଉପାଧାନର ସାହାଯ୍ୟ ନେଇ 'ସ୍ୱଦେଶୀ'ର ଗଳାକୁ ଅକ୍ଳେଶରେ ରୁଦ୍ଧ କରିଦିଆ ଯାଇପାରେ । ଉପାୟ ଭିନ୍ନ ଭିନ୍ନ ହୋଇପାରେ ସତ, ଲକ୍ଷ୍ୟ କିନ୍ତୁ ସେଇ ଗୋଟିଏ । ବର୍ତ୍ତମାନ ଅମଲାତନ୍ତ୍ରର ଧନୁଷରେ ଦୁଇଟି ଗୁଣର ସଂଯୋଗ କରାଯାଇଛି – ଗୋଟିଏ ହେଲା ପାର୍ସୀ ଆଉ ହିନ୍ଦୁମାନଙ୍କ ମଧ୍ୟରେ ଥିବା ମେହେଟାଙ୍କ ଅନୁଚରଗଣଙ୍କ ସହାୟତାରେ ବ୍ୟାପକ ମୋର୍ଲେବାଦ; ଆଉ ଆରଟି ହେଲା ମୁସଲମାନବ୍ୟକ୍ତିଙ୍କ ମଧ୍ୟରୁ କେତେକଙ୍କୁ ନେଇ ଗଠିତ ସଲିମୁଲ୍ଲାଙ୍କ ଦଳ ସାହାଯ୍ୟରେ ସାମୟିକ ଫୁଲାରବାଦ (Fullerism) । ନୂତନ ଚେତନାର ଅଭିବୃଦ୍ଧି ସାଙ୍ଗକୁ ପୁରାତନ ଚିନ୍ତାଧାରାର କିନ୍ତୁ ତଥାପି ପ୍ରଭାବଶାଳୀ ଅଳ୍ପ କେତେକ ବ୍ୟକ୍ତିଙ୍କର ତିରୋଧାନରେ ପ୍ରଥମ ଦଳଟି ତା'ର ସ୍ୱାଭାବିକ ସମର୍ଥନକୁ ହରାଇ ବସିବ ଆଉ ପରବର୍ତ୍ତୀ ଦଳଟି ଆସି ଏ ପରିସ୍ଥିତିର ସୁଯୋଗ ନେବ । କିନ୍ତୁ ଇତି ମଧ୍ୟରେ ଆମେ ଜାଣିବାକୁ ପାଇଛୁ ଯେ ସଲିମୁଲ୍ଲାଙ୍କ ନୀତିର ଉଦ୍ଦେଶ୍ୟ ହେଲା ମଇମନ୍‌ସିଂ, ସିରାଜଗଞ୍ଜ ଆଉ କୋମିଲାରେ ଘଟିଥିବା ଦଙ୍ଗାର ପୁନରାବୃତ୍ତି କରିବା ଏବଂ ଯେଉଁଠି ଯେଉଁଠି ଏହି ଆକସ୍ମିକ ବିଶୃଙ୍ଖଳାମାନ ଦେଖାଦେବ ସେଇଠି କୋମିଲାର ଆକାଶରୁ ଗଳି ପଡ଼ିଥିବା ବ୍ୟକ୍ତିଙ୍କର ଏଭଳି ଆଭିମୁଖ୍ୟକୁ ଅଧିକାଂଶ ସ୍ୱର୍ଗ ସମ୍ଭୂତ ବ୍ୟକ୍ତିମାନେ ନିଜର ଆଭିମୁଖ୍ୟ ବୋଲି ଗ୍ରହଣ କରିନେବେ । ତେଣୁ ଆମ ପାଇଁ ଜରୁରୀ ଆବଶ୍ୟକତା ହେଲା ସୁରକ୍ଷା ସକାଶେ ବ୍ରିଟିଶ ସରକାରକୁ ପ୍ରାର୍ଥନା କରିବାର କୁସଂସ୍କାରଗ୍ରସ୍ତ ଅଭ୍ୟାସକୁ ନିଜ ଭିତରୁ ସମ୍ପୂର୍ଣ୍ଣ ପରିହାର କରିବା ଆଉ ଜାତୀୟଶକ୍ତିରୂପକ ପ୍ରକୃତ ରାଜନୈତିକ ଦିବ୍ୟତ୍ୱର ସାହାଯ୍ୟ ଲଭିବା ପାଇଁ ପ୍ରତ୍ୟାଶା ରଖିବା ଯାହା ବିଦ୍ୟମାନ

ରହିଛି ଆମର ନିଜ ଭିତରେ । ଯଦି ଅଭିଷ୍ଟସିଦ୍ଧି ଉଦ୍ଦେଶ୍ୟରେ ଆମକୁ ଏକଥା କରିବାକୁ ପଡ଼େ, ତା'ହେଲେ ଆମମାନଙ୍କୁ ସମଗ୍ର ଦେଶରେ ଶାରୀରିକ ଶିକ୍ଷାକୁ ସଂଗଠିତ କରିବାକୁ ହେବ ଏବଂ ଉପଯୁକ୍ତ ତାଲିମ ଦେବାକୁ ପଡ଼ିବ ଉଦୀୟମାନ ପିଢ଼ିକୁ କେବଳ ନୈତିକ ଶକ୍ତି ଓ ସାହସ ଦିଗରେ ନୁହେଁ ଯେଉଁଥିପାଇଁ ସ୍ୱଦେଶବାଦ (swadeshism) ଆମକୁ ଦେଇଛି ଅନେକ କିଛି ସାଧନ, କିନ୍ତୁ ତାକୁ ଯେ ତାଲିମ ଦେବାକୁ ପଡ଼ିବ ଶାରୀରିକ ପରାକ୍ରମ ଓ ସାହସ ପାଇଁ ଆଉ ମହତ୍ତମ ସଂକଟର ଏଇ ଶିଖରକୁ ସହସା ଓ ନିର୍ଭୀକଭାବେ ଆରୋହଣ କରିଯିବାର ଅଭ୍ୟାସକୁ ନିୟତ ତୋଳି ଧରିବା ପାଇଁ । ନବଜନ୍ମ ପାଇଥିବା ଏ ରାଷ୍ଟ୍ରର ପ୍ରତିଟି ନାଗରିକ ଭିତରେ ଭରି ଦେବାକୁ ପଡ଼ିବ ଶକ୍ତିର ସାଧନକୁ ଯାହାଫଳରେ ଆମ ବ୍ୟକ୍ତିଗତ ସୁରକ୍ଷା ପାଇଁ ହଇରାଣ ହରକତ କରିବାରେ ଧୁରନ୍ଧର ଏ ପୁଲିସ ପାଖରେ ଆଉ ଦୟାର ପାତ୍ର ହେବାକୁ ପଡ଼ିବ ନାହିଁ, ଯିଏ ଆସି ଘଟଣାସ୍ଥଳରେ ମୁହଁ ଦେଖାଏ କୌଣସି ଅପରାଧ ସଂଘଟିତ ହେଲା ପରେ କେବଳ ଶାନ୍ତିପ୍ରିୟ ଗୃହସ୍ଥ ପାଇଁ ଆହୁରି ସଦ୍ୟ ଓ କଦର୍ଯ୍ୟ ଧରଣର ଏକ ବିପର୍ଯ୍ୟୟ ସୃଷ୍ଟି କରିବାକୁ । କିନ୍ତୁ ପ୍ରତ୍ୟେକ ପରିବାର ତା' ନିଜ ପାଇଁ ହେଲା ଏକ ସୁରକ୍ଷା ଆଉ କୌଣସି ସାହାଯ୍ୟର ଆବଶ୍ୟକ ପଡ଼ିଲେ ତା' ପ୍ରତିବେଶୀଟି ଆସି ମଧ୍ୟ ସେ ସୁରକ୍ଷା ବଳୟ ଭିତରେ ସାମିଲ ହୋଇପାରେ । ଜାତୀୟ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟକ୍ତି-ବିଶେଷଙ୍କୁ ନେଇ ଅତି ସତର୍କତାର ସହିତ ଶକ୍ତିକୁ ସଂଗଠିତ କରିବାକୁ ହେବ ଆମକୁ, ତା' ଫଳରେ ଜାତୀୟ ମୁକ୍ତିପଥରେ ଆମର ଅବିଚଳ ଓ ଦ୍ରୁତ ଅଗ୍ରଗତିରେ ବ୍ୟାହତ ସୃଷ୍ଟି କରୁଥିବା କୋମିଲା ଗଣ୍ଡଗୋଳ କିଂବା ଗୁର୍ଖା ଅଧିକାରୀର ଦଙ୍ଗାହାଙ୍ଗାମା ପରି ବିଶୃଙ୍ଖଳାର ଭୟ ତେଣିକି ଆଉ ଆମର ନଥିବ । ଏଇଟାହିଁ ପ୍ରକୃଷ୍ଟ ସମୟ, ଆମ ଯୁବଗୋଷ୍ଠୀଙ୍କୁ ଆମେ ହୃଷ୍ଟପୁଷ୍ଟ ଓ ଆରାମଦାୟକ ଜୀବନ ଯାପନ ପାଇଁ ଯେଉଁ ମଧ୍ୟମବର୍ଗର ପ୍ରଶିକ୍ଷଣ ଦେଇଥାଉ, ତାହାକୁ ପରିହାର କରିଦେଲୁ ଆଉ ଆମ ପୂର୍ବସୂରି କ୍ଷତ୍ରିୟମାନଙ୍କର କିଂବା ଜାପାନୀ ସାମୁରାଇମାନଙ୍କର ଶାରୀରିକ ତଥା ନୈତିକ ଶିକ୍ଷାର ଅଧିକ ନିକଟବର୍ତ୍ତୀ ହେଉଛୁ ।

[ବନ୍ଦେ ମାତରଂ, ମାର୍ଚ୍ଚ ୧୮, ୧୯୦୭]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

His Grace is always with those who want to progress and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ଚେତନାର କ୍ରମଗତି

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ସୃଷ୍ଟିର ରହସ୍ୟ – ତା'ର ଅର୍ଥ ଓ ଉଦ୍ଦେଶ୍ୟ ବୁଝିବାକୁ ଗଲେ ପ୍ରଥମେ ବୁଝିବାକୁ ହେବ ଅଭିବ୍ୟକ୍ତିର ତତ୍ତ୍ୱଟିକୁ ଏବଂ ତାହାକୁ ମାନିବାକୁ ବି ପଡ଼ିବ; ଅର୍ଥାତ୍ ସୃଷ୍ଟି ଯେ ଚାଲୁଛି କ୍ରମବିକଶିତ ହୋଇ, ସ୍ତର ପରେ ସ୍ତର – ତାହା ଯେ ଆପଣାକୁ ଅଧିକତର ଉନ୍ନୀତ ଓ ପ୍ରକଟ କରି ଦେଖାଉଛି, ଏଇଟି, ଏଇ ସତ୍ୟହିଁ ସୃଷ୍ଟିର ମର୍ମକଥା ।

ସୃଷ୍ଟିର ଯେଉଁ କ୍ରମବିକାଶ, ଯାହା ଆମେ ଦେଖୁ, ସେଇଟି ତାହାର ବାହ୍ୟ ଅଙ୍ଗକୁ ନେଇ । ଉକ୍ତ ଧାରାକୁ କୁହାଯାଏ ବିବର୍ତ୍ତନ । ପାଶ୍ଚାତ୍ୟ ବିଜ୍ଞାନ ଏଇ ତଥ୍ୟଟିକୁ ବେଶ୍ ସୁନ୍ଦର-ଭାବେ ବ୍ୟାଖ୍ୟା କରିଛି, ସ୍ପଷ୍ଟ ବୁଝାଇ ଦେଇଛି । ସେମାନଙ୍କ ମତରେ : ଜଗତଟା ଆଦ୍ୟାବସ୍ଥାରେ ପ୍ରଥମେ ଥିଲା ଶୁଷ୍କ ଜଡ଼ାଣୁର ସମଷ୍ଟି, ତା'ପରେ ଆସିଲା ଜଳ, ଜଳର ଆବିର୍ଭାବ ହେତୁ ପ୍ରାଣର ଜନ୍ମ । ତହିଁରୁ ଜାତ ଉଦ୍ଭିଦ, ତତ୍ପରେ ପ୍ରାଣୀ । ପ୍ରଥମେ ଜାତ ହେଲେ ଇତରପ୍ରାଣୀ, ପରେ ଉଚ୍ଚତର ପ୍ରାଣୀର ଶେଷ ସୋପାନରେ ଦେଖାଦେଲା ବାନର । ତହିଁରୁ ଯିଏ ଟିକିଏ ଉନ୍ନତ, ସେଇ ବଣ ମଣିଷର ଆବିର୍ଭାବ । ଏ ସମସ୍ତର ପରେ ପରବର୍ତ୍ତୀ ସୋପାନରେ ଆସିଛି ମଣିଷ । ପ୍ରଥମେ ପୁନରାୟ ଅସଭ୍ୟ ଆଦିମ ମାନବ, କ୍ରମେ ମାର୍ଜିତ ସଂସ୍କୃତ ସଭ୍ୟ ମଣିଷର ଉଦ୍ଭବ । ଏଇ ଯେଉଁ କ୍ରମୋଦ୍ଭବ ଓ କ୍ରମୋନ୍ନତିର ଚିତ୍ର – ଏହା ସତ୍ୟ ବୋଲି ପ୍ରମାଣିତ ହୋଇଛି ।

ତେବେ, ଏଇଟି ହେଉଛି ମୋଟରେ ଜଗତର ବାହ୍ୟରୂପ ବା ଆକୃତି ପରିବର୍ତ୍ତନର କଥା; କିନ୍ତୁ ଏହାର ଅନ୍ତରାଳରେ ରହିଛି ସ୍ୱଭାବ ଓ ପ୍ରକୃତି ପରିବର୍ତ୍ତନ । ପାଶ୍ଚାତ୍ୟ ବିଜ୍ଞାନ ଏ ଦିଗରେ ସେପରି କିଛି ନଜର ଦେଇ ନାହିଁ । ଆମ ଐତିହ୍ୟରେ ଏଇ ଆନ୍ତର ଅଭିବ୍ୟକ୍ତିର କଥା ଅବଶ୍ୟ ରହିଛି, ମାତ୍ର ପାଶ୍ଚାତ୍ୟ ବିଜ୍ଞାନୀ ସ୍ଥୂଳ ଅଭିବ୍ୟକ୍ତିର ତତ୍ତ୍ୱକୁ ଯେତେ ବିଶଦଭାବେ, ପୁଙ୍ଖାନୁପୁଙ୍ଖ ରୂପେ ପ୍ରମାଣାଦିସହ ସଜାଇ-ଗୋଛାଇ ଉପସ୍ଥାପିତ କରିଛି, ଯଦିବା ଆମେ ଜାଣିଛେ ସୂକ୍ଷ୍ମ ଅଭିବ୍ୟକ୍ତିର ବିଷୟ, ତା'ସତ୍ତ୍ୱେ ବି ସେପରି ସ୍ପଷ୍ଟ କରି ସଜାଇ ସୁଧୀ-ସମାଜ ଆଗରେ ଦେଖାଇ ନାହୁଁ ।

ଏ ଦିଗରେ ସେ ଯେ ପରିଣତ ପୁଷ୍ଟ ହୋଇ ନାହିଁ, ତା'ର କାରଣ ଏଇଠାରେ ଯେ ଭାରତ ଇତିହାସ ଏପରି ଏକ ଯୁଗଦେଇ ଗତି କରିଛି ଯେଉଁ ସମୟରେ ତାହା ସୃଷ୍ଟି ସମ୍ବନ୍ଧରେ ମନ ନଦେଇ ସୃଷ୍ଟି ଛଡ଼ା, ସୃଷ୍ଟି ବାହାରେହିଁ ଦୃଷ୍ଟି ଦେଇଛି ଅଧିକ । ସୃଷ୍ଟିର ନିଜସ୍ୱ ମୂଲ୍ୟ କିଛି ଯେ ରହିଛି ଅବା ଅନ୍ତତଃ ମୂଲ୍ୟ ଯେ ଅଛି, ଆମେ ସେଥିପ୍ରତି ଜମା ନଜର ଦେଇ ନାହୁଁ, ବରଂ ଅନ୍ୟ ଦିଗରେ ମନଦେଇ ଏହାକୁ ଭୁଲି ଯାଇଛୁ ଅବା ଅବଜ୍ଞା କରିଛୁ ।

ସେ ଯାହାହେଉ, ଯେଉଁ ସୂକ୍ଷ୍ମ ବା ଆନ୍ତର ଅଭିବ୍ୟକ୍ତିର କଥା କହିଥାଉ, ଯାହାର ପ୍ରତିରୂପ ବା ବାହ୍ୟଛାୟା ହେଉଛି ସ୍ଥୂଳ ଭୌତିକ ଅଭିବ୍ୟକ୍ତି,– ଏ ସମସ୍ତର ମୂଳ ତତ୍ତ୍ୱ ଅର୍ଥାତ୍ ଅଭିବ୍ୟକ୍ତିର ଉଦ୍ଦେଶ୍ୟ ହେଉଛି : 'ଚେତନାର କ୍ରମ-ଅଭିବ୍ୟକ୍ତି' । ଚେତନାର କ୍ରମବିକାଶ, କ୍ରମଊର୍ଦ୍ଧ୍ୱାୟନ, କ୍ରମ ରୂପାନ୍ତର ଘଟି ଚାଲିଛି । ସୃଷ୍ଟିର ପ୍ରତିଷ୍ଠା ବା ଆଦି ହେଉଛି ଜଡ଼ – ଅନ୍ନ ବ୍ରହ୍ମ । ବ୍ରହ୍ମଙ୍କର ଯେଉଁ ରୂପକୁ ଇନ୍ଦ୍ର ଓ ବିରୋଚନ ସେମାନଙ୍କ ସାଧନାରେ ସର୍ବପ୍ରଥମେ ସାକ୍ଷାତ୍ କରିଥିଲେ – ବ୍ରହ୍ମଙ୍କର ସେଇ ରୂପଟି ମଣିଷ ଭିତରର ଶରୀର ଅର୍ଥାତ୍ ଯେଉଁଠାରେ ଚେତନାର ଏକାନ୍ତ ଅଭାବ ଅର୍ଥାତ୍ ଅଚେତନା । ଏଇ ଅଚେତନା କେମିତି ସଚେତନତା ହୋଇ ଉଠିଲା ତାହାହିଁ ସୃଷ୍ଟିର ଗୋପନ ଇତିହାସ । ଉପନିଷଦ୍ ଚେତନାର ତିନୋଟି ଭୂମି ବା ଅବସ୍ଥାର କଥା କହିଥାଏ – ସୁଷୁପ୍ତି, ସ୍ୱପ୍ନ ଓ ଜାଗ୍ରତ୍ । ଆମେ କହିପାରୁ, ଅବଶ୍ୟ ଉପନିଷଦ୍ ଏ ବିଷୟଗୁଡ଼ିକୁ ଠିକ୍ ଏଇ ଅର୍ଥରେ ଯେ ଗ୍ରହଣ ଓ ବ୍ୟବହାର କରିଛି, ସେକଥା ନୁହେଁ । ଆମେ କହୁଛୁ : ଚେତନାର ସୁଷୁପ୍ତି ଦେଇ ସୃଷ୍ଟିର ଆରମ୍ଭ, ତା' ଅର୍ଥ ଚେତନା ଯେଉଁଠି ସମ୍ପୂର୍ଣ୍ଣ ନିଦ୍ରିତ, ସେଇ ଅବସ୍ଥାହିଁ ଜଡ଼; ଗାଢ଼ତ୍ୱ ଯେତେବେଳେ ତରଳ ହୋଇ ଆସିଛି, ଗତି ଯେତେବେଳେ ନିଦ୍ରାଭଙ୍ଗ ଦିଗରେ; ସେତେବେଳେ ଯେଉଁ ଅବସ୍ଥା, ତାହା ସ୍ୱପ୍ନ । ନିଦ୍ରା-ଜାଗରଣର ମଧ୍ୟବର୍ତ୍ତୀ ଅବସ୍ଥା ବା ମିଶାମିଶିର ସ୍ଥିତିଟି ହେଉଛି ସ୍ୱପ୍ନ; ବିଶ୍ୱଚେତନାର ଏଇ ଦ୍ୱିତୀୟ ଅବସ୍ଥା ଅର୍ଥାତ୍ ସ୍ୱପ୍ନ ହେଉଛି ବିଷ୍ଣୁଙ୍କର ଦ୍ୱିତୀୟ ପାଦକ୍ରମ, ଯାହାକୁ ଆଶ୍ରୟ କରି ସୃଷ୍ଟିର ଦ୍ୱିତୀୟ ରୂପ (ପ୍ରଥମ ପାଦକ୍ରମଟି ଜଡ଼ ଅବସ୍ଥା) ଅର୍ଥାତ୍ ଉଦ୍ଭିଦ ଜଗତ୍ । ତା'ପରେ ନିଦ୍ରା ତଥା ସ୍ୱପ୍ନ – ଏ ଦୁଇଟିରୁ ପୂରା ମୁକ୍ତି – ସେଇ ଯେଉଁ ଅବସ୍ଥା – ତାହା ଜାଗ୍ରତ୍ । ସେଇ ଯେଉଁ ଚେତନାର ତୃତୀୟ ଅବସ୍ଥା, ସେଥିରେ ଆବିର୍ଭାବ ହୁଏ ପ୍ରାଣୀର । ଜଡ଼ ସ୍ଥାଣୁ, ଉଦ୍ଭିଦ ସ୍ଥିତିକୁ ଆଶ୍ରୟ କରି

ସ୍ୱଳ୍ପ ଗତିଶୀଳ; ତାହାର ଗତି କେବଳ ଗୋଟିଏ ଦିଗରେ । ଅଥଚ ପ୍ରାଣୀର ଗତି ବହୁଧା । ସିଏ ସମ୍ପୂର୍ଣ୍ଣ-ଭାବେ ମୁକ୍ତ ଓ ସଚଳ ।

ଚେତନା ଜାଗ୍ରତରେ ପହଞ୍ଚି ଅଟକି ଯାଇ ନାହିଁ, ସେଠାରେ ପ୍ରଥମାବସ୍ଥାରେ ଚେତନା ବହିର୍ମୁଖୀ — ପରାଙ୍ମୁଖାନି, ପଶୁର ଚେତନା ଏଇପର୍ଯ୍ୟନ୍ତ ଯାଇଛି । ଜାଗ୍ରତ୍ ଚେତନା ଯେତେବେଳେ ଅନ୍ତର୍ମୁଖୀ ହୋଇଛି, ସେତେବେଳେ ଜନ୍ମ ନେଇଛି ମଣିଷ । ମନୁଷ୍ୟର ଚେତନା ପଛକୁ ଫେରି ନିଜକୁ ଚାହିଁପାରେ, ଦେଖିପାରେ ନିଜେ ନିଜକୁ । ସେଇ କାରଣରୁ ସେ ଆତ୍ମ-ସଂବିତ୍ । ଜାଗ୍ରତ୍ ଚେତନାର ଏଇ ବୈଶିଷ୍ଟ୍ୟହିଁ ହେଉଛି ମଣିଷର ମନୁଷ୍ୟତ୍ୱ । ଅବଶ୍ୟ ଚେତନାର, ଜାଗ୍ରତ୍ ଚେତନାର ପରିଣତି ଏଇଠାରେ ପହଞ୍ଚି ଶେଷ ହୋଇ ନାହିଁ । ଖାଲି ଅନ୍ତର୍ମୁଖୀ* ହେଲେ ଚଳିବ ନାହିଁ, ତାକୁ ଊର୍ଦ୍ଧ୍ୱମୁଖୀ ହେବାକୁ ପଡ଼ିବ । ଚେତନା ଊର୍ଦ୍ଧ୍ୱମୁଖୀ ହେବା ଅର୍ଥ ତାହା ଊର୍ଦ୍ଧ୍ୱକୁ ଉଠି ଠିଆହୁଏ, ସେ ହୁଏ ଦୂରସ୍ଥ, ଲାଭ କରେ ବିଷ୍ଣୁଙ୍କର ଚତୁର୍ଥ ପଦବୀ — ତୁରୀୟ ଅବସ୍ଥା, ତା'ର ସ୍ଥିତି ହୁଏ ଆଧାତ୍ମିକ ଅର୍ଥାତ୍ ତା'ର ଘଟେ ସ୍ୱରୂପରେ ଅବସ୍ଥାନ । ଜଡ଼ ବା ଜଡ଼ାବିଷ୍ଟ ଚେତନା ଏଇ ପ୍ରକାରେ କ୍ରମଶଃ ଜାଗ୍ରତ୍ ହୁଏ ଅଧିକରୁ ଅଧିକତର । ସତରେହିଁ ଏହା ଉଠୁଛି, ଉପରକୁ ଉପରକୁ ଉଠି ଚାଲିଛି, ତାହାର ଶେଷ ପରିଣତି ପରିସମାପ୍ତି ହେଉଛି ସମ୍ପୂର୍ଣ୍ଣ ଚିନ୍ମୟ, ପୂର୍ଣ୍ଣ ଜାଗ୍ରତ୍ ହୋଇ ଉଠିବା । ଜଡ଼ ଜ୍ୟୋତିର୍ମୟ ବିଗ୍ରହ ହୋଇ ଉଠିବ ପରାଚେତନାରେ, ଏଇ ପୃଥିବୀହିଁ ହୋଇଉଠିବ ସ୍ୱର୍ଲୋକ ।

ଚେତନାର ବିବର୍ତ୍ତନରେ, ଚେତନାର ଊର୍ଦ୍ଧ୍ୱାୟନ ଫଳରେ ନିମ୍ନଟି ବିଲୋପ ଗତି ପାଇବ ନାହିଁ ଯାହାର ଅର୍ଥ ସାଧନା ଫଳରେ ନିମ୍ନତରଟି ଊର୍ଦ୍ଧ୍ୱତର ମଧ୍ୟରେ ଲୋପ ପାଇଯାଏ, ଏଠାରେ ସେପରି ଘଟିବ ନାହିଁ । ବରଂ ଊର୍ଦ୍ଧ୍ୱମୁଖୀ ଯାତ୍ରାଫଳରେ ଘଟିବ ତା'ର ରୂପାନ୍ତର । ଫଳତଃ ବିବର୍ତ୍ତନ ବା ଅଭିବ୍ୟକ୍ତି ହେତୁ ଯେପରି ରହିଛି ଊର୍ଦ୍ଧ୍ୱାୟନ ଅର୍ଥାତ୍ ନିମ୍ନର ଊର୍ଦ୍ଧ୍ୱଗତି, ଠିକ୍ ସେମିତି ରହିଛି ଅବତରଣ — ଊର୍ଦ୍ଧ୍ୱର ନିମ୍ନାଗମନ, — ଅର୍ଥାତ୍ ନିମ୍ନ ଯେପରି ପରିଶୁଦ୍ଧ ହୋଇ ଗତିକରେ ଉପରକୁ ପ୍ରଥମ ଧାରାରେ, ସେଇପରି ଦ୍ୱିତୀୟ ଧାରାରେ ଊର୍ଦ୍ଧ୍ୱତନ ବି ନିମ୍ନ ଭୂମିରେ ମୂର୍ତ୍ତିମାନ ହୋଇଯାଏ, ତାହା ପାର୍ଥିବ ସତ୍ୟ ହୋଇ ଦେଖାଦିଏ । କ୍ରମପରିଣାମର ଧାରା ଓ ଲକ୍ଷ୍ୟ ଏପରି ନୁହେଁ, ଅଚେତନ ହୋଇ ଊର୍ଦ୍ଧ୍ୱାୟିତ ହୋଇ, କ୍ରମ ସୂକ୍ଷ୍ମତର ହୋଇ କ୍ରମଶଃ ଅଦୃଶ୍ୟ ହୋଇ ମିଳେଇ ଯିବା ଲୋକାତୀତ ମଧ୍ୟରେ — ବିଶ୍ୱାତୀତ ମଧ୍ୟରେ, ସୃଷ୍ଟିର ବାହାରକୁ ସଚ୍ଚିଦାନନ୍ଦ ସ୍ଥିତି ବା ମହାଶୂନ୍ୟତା ମଧ୍ୟକୁ ଚାଲିଯିବା । ବିବର୍ତ୍ତନର ସମୁଦାୟ ଅର୍ଥ ଓ ଉଦ୍ଦେଶ୍ୟ ହେଉଛି ଜଡ଼ ଭିତରେ, ଜଡ଼କୁ ଆଶ୍ରୟକରି ସୂକ୍ଷ୍ମତମକୁ, ଊର୍ଦ୍ଧ୍ୱତମକୁ, ଗୂଢ଼ତମକୁ, ସଚ୍ଚିଦାନନ୍ଦଙ୍କୁ, ପରାତ୍ପରକୁ — ଯେଉଁ ବି ନାମରେ କୁହାଯାଉନା କାହିଁକି, ଉକ୍ତ ପରମ ସଦ୍‌ବସ୍ତୁକୁ — କ୍ରମଶଃ ଜାଗ୍ରତ୍, ଜୀବନ୍ତ ଲୀଳାୟିତ କରିବାର ପ୍ରଯତ୍ନ କରିବା ।

ଜଡ଼ର ଏଇ ଯେ ରୂପାନ୍ତର — ଏହାକୁ ପ୍ରାଚୀନମାନେ କହୁଥିଲେ ରସବିଦ୍ୟା (ଆଳଙ୍କାରିକ ନୁହେଁ, ରାସାୟନିକ); ସେମାନେ ପ୍ରତୀକ ସବୁର ଭିତରଦେଇ ଏହାକୁ ଲକ୍ଷ୍ୟ କରିଥିଲେ — କେଉଁ ଶକ୍ତି ଏଇ ରୂପାନ୍ତର ଘଟାଉଛି — ସେଇ ରହସ୍ୟକୁ ଜାଣିବାକୁ ଏଥିପାଇଁ ପ୍ରକୃତିର ଯେଉଁ ଶକ୍ତି, ତାହା ଯଥେଷ୍ଟ ନୁହେଁ । ମନୁଷ୍ୟ ଭିତରେ ମାନୁଷୀ ବୁଦ୍ଧି ବା ଶକ୍ତି ଯେ ଏ କାର୍ଯ୍ୟଟି କରିବ ବା କରିପାରିବ, ତାହାର ବି କିଛି ସମ୍ଭାବନା ନାହିଁ । ପ୍ରକୃତି ଦିଗରୁ ଯାହା ମିଳେ, ସେଇଟି ହେଉଛି ଆକାଂକ୍ଷା, ଆସ୍ପୃହା, ଆବାହନ, ତାହା କ୍ଷେତ୍ର ପ୍ରସ୍ତୁତ କରେ, ବାତାବରଣ ତିଆରି କରେ, ଅନ୍ୟସବୁ ଆୟୋଜନ କରେ ହୁଏତ, କିନ୍ତୁ ରୂପାନ୍ତର ଜିନିଷଟି ଘଟାଉଛି ଯିଏ, ସିଏ ପ୍ରକୃତି ନୁହେଁ, ପ୍ରକୃତିର ଅଧୀଶ୍ୱର, ସ୍ୱୟଂ ଭଗବାନ୍ । ଭଗବାନ୍ ଜଡ଼ ଦେହ ଧାରଣ କରି ଆସନ୍ତି ଏବଂ ଯେମିତି ଆପଣା ଦେହର ଚାପରେ ଜଡ଼କୁ ପରିବର୍ତ୍ତିତ ରୂପାନ୍ତରିତ କରିବାକୁହିଁ ଆସନ୍ତି ସିଏ । ଅବତାରଙ୍କ ନିଗୂଢ଼ ଅର୍ଥ ଓ ଇତିହାସ ଏଇଠାରେହିଁ ରହିଛି ।

ପ୍ରକୃତିର ବିବର୍ତ୍ତନ ଚାଲିଛି, ଭଗବାନଙ୍କ ଅବତାରର ବି ବିବର୍ତ୍ତନ ହେଉଛି ତାହାରି ସଙ୍ଗେ ସଙ୍ଗେ । ଯୁଗସନ୍ଧିର ପ୍ରୟୋଜନ ଅନୁସାରେ ଅବତାରଙ୍କର ରୂପବୈଶିଷ୍ଟ୍ୟ ଓ ରୂପବିକାଶ ମଧ୍ୟ ହୋଇ ଚାଲିଛି । କୁହାଯାଏ ଭଗବାନ୍ ପୃଥ୍ୱୀଲୋକକୁ ଆସନ୍ତି ଦୁଷ୍ଟଙ୍କର ଦମନ ଓ ଶିଷ୍ଟଙ୍କର ପାଳନ କରିବା ପାଇଁ — ଏଇଟା ତ ବାହ୍ୟ କଥା । ଅସଲ ରହସ୍ୟ ପ୍ରହ୍ଲାଦଙ୍କ ଭାଷାରେ କିଛି ବାଟ ସ୍ପଷ୍ଟ ହୁଏ — ଧର୍ମଂ ମହାପୁରୁଷ ପାସି ଯୁଗାନୁବୃତ୍ତଂ । ଭଗବାନ୍ ମହାପୁରୁଷ ହୋଇ ତନୁଗ୍ରହଣ

* ଅବଶ୍ୟ ଏ ଅନ୍ତରର ବି ଅନ୍ତର ରହିଛି, ଯାହାକୁ କୁହାଯାଏ ଅନ୍ତର୍ହୃଦୟ । ଆଉ, ଏଇ ଅନ୍ତରତରଟି ଊର୍ଦ୍ଧ୍ୱ ସହିତ ସାକ୍ଷାତ୍ ସଂଯୁକ୍ତ । ଏଇ ଅନ୍ତରତରର ରାସ୍ତାଦେଇ ସହଜରେ ନିମ୍ନରୁ ଊର୍ଦ୍ଧ୍ୱକୁ ଉଠିଯାଇହୁଏ, ଊର୍ଦ୍ଧ୍ୱ ମଧ୍ୟ ତଳକୁ ସହଜରେ ଓହ୍ଲାଇ ଆସେ ।

କରନ୍ତି ଯୁଗକ୍ରମଗତ ଧର୍ମକୁ — ଅର୍ଥାତ୍ ସକ୍ରିୟ ତତ୍ତ୍ୱକୁ ପ୍ରକଟ କରିବା ପାଇଁ । ଆମମାନଙ୍କର ଦଶାବତାରର ଯେଉଁ ଚିତ୍ର ରହିଛି, ତାହାର ବିବର୍ତ୍ତନ କ୍ରମ ଉପରେ ଅନେକେ ଏହା ପୂର୍ବରୁ ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ମତାନୈକ୍ୟ ରହିଲେ ମଧ୍ୟ ମୋଟ ଉପରେ ସ୍ୱୀକୃତ ହୋଇଛି ଦଶାବତାରର ଏଇ କ୍ରମଟି — ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ଏବଂ କଳ୍କି ।

ଜଡ଼ଠାରୁ ଜୀବନର ଯେବେ ପ୍ରଥମ ଆବିର୍ଭାବ, ତାହା ଘଟିଥିଲା ଶୁଷ୍କ ଜଡ଼ରେଣୁ ଯେବେ ଜଳରେ ପରିଣତ ହେଲା, ଜଳରେହିଁ ଜନ୍ମନେଲା ପ୍ରଥମ ଜୀବ, ତେଣୁ ଆଦି ଜଳୀୟ ଜୀବର ପ୍ରତୀକ ପ୍ରତିଭୂ ଓ ଅଧିଷ୍ଠାତ୍ରୀ-ଦେବ ହେଉଛନ୍ତି 'ମତ୍ସ୍ୟ' । ତା'ପରେ ଜଳ ପରେ ପରସ୍ତ ପରସ୍ତ ହୋଇ ଦଳ ଜମାହୋଇ ମାଟି ତିଆରି ହେଲା; ପୃଥିବୀ ଗଠନର ଆରମ୍ଭରେ ଯେଉଁ ଉଭୟଚର ଜୀବ ହେଲା, ସେ ଯୁଗର ଯୁଗଧର୍ମର ବିଗ୍ରହରୂପେ ଯିଏ ଆସିଲେ — ସିଏ ହେଉଛନ୍ତି 'କୂର୍ମ' । ତତ୍ପରେ ମାଟି ଯେତେବେଳେ ତିଆରି ହୋଇଯାଇଛି, ଶକ୍ତ ମାଟି ଉପରେ ଜୀବ ଯେବେ ପ୍ରଥମ କରି ଚାଲିପାରୁଛି, ସେ ସମୟରେ ଜୀବ କ୍ରମପରିଣତିର ଆହୁରି ଏକ ସୋପାନ ଉପରକୁ ଉଠିଯାଇଛି, ସେ ଯୁଗର ପ୍ରତିଭୂ, ଯୁଗେଶ୍ୱର ହେଉଛନ୍ତି 'ବରାହ' । ଏ ପର୍ଯ୍ୟନ୍ତ ଯାଇଛି ପଶୁର ଯୁଗ, ଏବେ ମଣିଷର ଆସିବାର ବେଳା । ସେ ଯୁଗରେ ପଶୁ ଓ ମନୁଷ୍ୟ ଉଭୟର ସମ୍ମିଶ୍ରଣ ଅର୍ଥାତ୍ ପଶୁ ଭିତରେ ମଣିଷ ଦେଖା ଦେଇଛି କିଂବା ମଣିଷ ଭିତରେ ପଶୁର ଭାଗ ପ୍ରବଳ — ତାହାର ନିଦର୍ଶନ ଓ ପ୍ରତୀକ ହେଉଛନ୍ତି — 'ନୃସିଂହ' । ତା'ପରେ ସତରେହିଁ ଆସିଲେ ମନୁଷ୍ୟ, କିନ୍ତୁ ମନୁଷ୍ୟର ଶୈଶବ କାଳ, ଅପରିଣତ ଅବସ୍ଥା, ତେଣୁ ଭଗବାନ୍ ନେଲେ 'ବାମନ' ଅବତାର । ତା'ପରେ ପରିଣତ ପୂର୍ଣ୍ଣ ପ୍ରାଂଶୁତାର ମଣିଷ । ଏଯାବତ୍ କ୍ରମାନ୍ତର ଯେ ଘଟିଯାଇଛି, ସେଥିରେ ବାହ୍ୟରୂପର ପରିବର୍ତ୍ତନ ଅତି ସ୍ପଷ୍ଟ, ବାହ୍ୟ ରୂପଟି ମଧ୍ୟ ଆନ୍ତର ଭାବର ଓ ଅର୍ଥର ଚିହ୍ନ, ପରିଚୟ — ପ୍ରକାଶ । ବର୍ତ୍ତମାନ କିନ୍ତୁ ପୂର୍ଣ୍ଣ ମନୁଷ୍ୟ ରୂପ ପାଇସାରିବା ପରେ କ୍ରମାନ୍ତର ଓ ରୂପାନ୍ତର ଅନ୍ତର୍ମୁଖୀ ହୋଇଛି । ବାହ୍ୟରୂପ ତାହାର ପକ୍କା ଛାଞ୍ଚଟି ପାଇସାରିଛି; ବର୍ତ୍ତମାନ ପ୍ରୟୋଜନ ଅନ୍ତରର ପରିବର୍ତ୍ତନ ଓ ପରାବର୍ତ୍ତନ । ପରଶୁରାମଙ୍କର ଆବିର୍ଭାବ ହେଲା ଯେତେବେଳକୁ, ମନୁଷ୍ୟ ତା'ର ସ୍ୱକୀୟ ଆକାର ଆକୃତି ପାଇଯାଇଛି ଅବଶ୍ୟ, ତା'ର ପାଶବିକତାର ପାଶ କାଟି ଉଠିଆସିଛି ଅବଶ୍ୟ, କିନ୍ତୁ ତା'ର ସ୍ୱଭାବ-ପ୍ରକୃତି ସେତେବେଳେ ବି ତୀବ୍ର, ରୁକ୍ଷ, ରାଜସିକ; କ୍ଷାତ୍ର ବିକ୍ରମ — ଏଇ ସୁନାମରେ ଯଦିଓ ତା'ର ପରିଚୟ । ସୁତରାଂ ପୂର୍ଣ୍ଣ ରୁଦ୍ର କ୍ଷାତ୍ର ତେଜ ନେଇ ସେଥିପାଇଁ ଅବତରଣ କରିଛନ୍ତି ଯିଏ, ଉକ୍ତ ସମଗ୍ର କ୍ଷାତ୍ରବୀର୍ଯ୍ୟକୁ ଆକର୍ଷଣ କରି, ତାକୁ କ୍ଷୟ କରି, ଶୁଦ୍ଧ କରି ଧାରଣ କରିଛନ୍ତି ଯିଏ, ସିଏ ହେଉଛନ୍ତି ଭଗବାନ୍ 'ପରଶୁରାମ' । ପରବର୍ତ୍ତୀ ଅବତାର ଶ୍ରୀରାମ, ତାଙ୍କଠାରେ ସାତ୍ତ୍ୱିକ ଚେତନା ପ୍ରକଟ ଓ ମୂର୍ତ୍ତିମାନ, ସେଇଥିପାଇଁ ଶ୍ରୀରାମଙ୍କ ନିକଟରେ ପରଶୁରାମ ହତବୀର୍ଯ୍ୟ ।* ପରନ୍ତୁ କେବଳ ରାଜସିକ ଶକ୍ତିକୁ ସିଏ ନିୟନ୍ତ୍ରିତ କରିବାକୁ ଆସି ନଥିଲେ, ଶ୍ରୀରାମଙ୍କର ଅସଲ କାମ ଥିଲା ପ୍ରାକୃତ ତଥା ରାଜସ-ତାମସିକ ଶକ୍ତି ଉପରେ ବିଜୟ । ରାବଣ କୁମ୍ଭକର୍ଣ୍ଣକୁ ନିହତ କରି ଶ୍ରୀରାମ ମଣିଷ ଭିତରେ ସାତ୍ତ୍ୱିକ ଚେତନାର ଅବତରଣ କରାଇଲେ — ପ୍ରତିଷ୍ଠା କଲେ ସାତ୍ତ୍ୱିକ ଚେତନାକୁ । ପରବର୍ତ୍ତୀ କ୍ରମରେ ଶ୍ରୀକୃଷ୍ଣ ହେଉଛନ୍ତି ମୂର୍ତ୍ତ ଏକ ତ୍ରିଗୁଣାତୀତ ଚେତନା, ଯାହାକୁ କୁହାଯାଇପାରେ ଅଧିମାନସ ଚେତନା । ଏଇ ଚେତନାକୁ ସେ ମର୍ତ୍ତ୍ୟଲୋକର ପରିବେଷ୍ଟନୀ ମଧ୍ୟରେ ଆଣି ଥୋଇଦେଲେ, ମନୁଷ୍ୟର ନିଭୃତ ଚେତନାକୁ ସେ ଅଧିମାନସ ସହିତ ସଂଯୁକ୍ତ କରିଦେଲେ । ସେଇ ଚେତନାରେ ଉତ୍ତୀର୍ଣ୍ଣ ହେବା ମନୁଷ୍ୟ ପକ୍ଷରେ ଅପେକ୍ଷାକୃତ ସହଜସାଧ୍ୟ କରିଦେଇଛନ୍ତି ସିଏ । ଦଶାବତାରଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ପରେ ଯାହାଙ୍କ ସ୍ଥାନ, ସେ ହେଉଛନ୍ତି ବୁଦ୍ଧ — କାରୁଣ୍ୟମାତନ୍ୱତେ — ଅର୍ଥାତ୍ ସେଇ କାରଣରୁ ସେ ଅବଲୋକିତେଶ୍ୱର । ଅଧ୍ୟାତ୍ମ ସମ୍ପଦ କେବଳ ନିଜର କିଂବା

*ସାଧାରଣ ଦୃଷ୍ଟିରେ ଅବତାର ମଧ୍ୟରେ ବିରୋଧ ବିସଦୃଶ ହୋଇପାରେ । କିନ୍ତୁ ବିଭିନ୍ନ ତତ୍ତ୍ୱ ଯଦି ମୂର୍ତ୍ତିମାନ ହୋଇଥାଏ ବିଭିନ୍ନ ଅବତାରରେ, ତେବେ ବୈସାଦୃଶ୍ୟ, ଏପରିକି ସଂଘାତ ମଧ୍ୟ ସ୍ୱାଭାବିକ । ତା'ଛଡ଼ା ଏଠାରେ ସମ୍ଭବତଃ ଏମିତି ବି ହୋଇପାରେ ଯେ ଦୁଇଟି ପରସ୍ପର ଦୂରବର୍ତ୍ତୀ ଯୁଗର ଦୁଇଟି ଘଟଣା ମନୁଷ୍ୟର ସ୍ମୃତି ମଧ୍ୟରେ ଉପର୍ଯ୍ୟୁପରି ନ୍ୟସ୍ତହୋଇ ଗୋଟିଏ ଅଖଣ୍ଡ କାହାଣୀ ରଚନା କରିଛି । ଇତିହାସକୁ ଆମେ ବ୍ୟାଖ୍ୟା କରିଥାଉ ବାସ୍ତବ ଘଟଣା ଦେଇ ଯେତେ ନୁହେଁ, ତା'ଠାରୁ ବେଶୀ ପ୍ରତୀକର ରୂପକକୁ ଆଶ୍ରୟ କରିହିଁ ଆମର ଜାଣିବା ଓ ବୁଝିବା ଘଟିଥାଏ ।

ଅଳ୍ପ କେତେକ ଅଧିକାରୀ ମଧ୍ୟରେ ଆବଦ୍ଧ ରହିବ, ଏହା ଯଥେଷ୍ଟ ନୁହେଁ – ସମସ୍ତ ବିଶ୍ୱହିଁ ହେବ ଏଇ ପରମଧନର ଅଧିକାରୀ । ମାନବଜାତିର ସହଜ ଧର୍ମ ହେବ ଆଧ୍ୟାତ୍ମିକତା । ଏଇ ଜଗତ୍ ଦୁଃଖଦେଇ ଗଠିତ ? ପରମକାରୁଣିକଙ୍କର ସାଧନା – ସକଳଜୀବ ସକଳ ଦୁଃଖରୁ ସର୍ବତୋଭାବରେ ମୁକ୍ତ ହେବେ – **ସର୍ବସତ୍ତ୍ୱଃ ସର୍ବଦୁଃଖେଭ୍ୟଃ ପରିମୋକ୍ଷିତାଃ;** ଅବଲୋକିତେଶ୍ୱର ହେଉଛନ୍ତି ଭଗବାନଙ୍କର ଆଶୀର୍ବାଦ ଏଇ ମାଟିର ପୃଥିବୀ ଉପରେ ମର୍ତ୍ତ୍ୟଜୀବ ମାତ୍ରଙ୍କ ଉପରେ ତାଙ୍କର ଆବିର୍ଭାବ ଭଗବତ୍ ପ୍ରସାଦ ବର୍ଷଣ କରିବାଲାଗି । ଅବଶ୍ୟ ସାଧାରଣତଃ ବ୍ୟାଖ୍ୟା ଦିଆହୁଏ – ସବୁ ମଣିଷ ମୁକ୍ତି ପାଇବେ, ଏହାର ଅର୍ଥ ଜଣ ଜଣ କରି ସେମାନେ ପୃଥିବୀ ଛାଡ଼ି ମର୍ତ୍ତ୍ୟଜୀବନ ପାରହୋଇ ଜୀବନର ଅତୀତ ଏପରି ଗୋଟିଏ ଅବସ୍ଥାରେ ପହଞ୍ଚିବେ, ଯେଉଁଠି ଲାଭ କରିବେ ପରମସୁଖ ? କିନ୍ତୁ ପ୍ରକୃତିର କ୍ରମ-ଅଭିବ୍ୟକ୍ତିର ଧାରା ଅନୁସରଣ କରି ଆମେ ଯେ ଅନ୍ୟରକମ ପରିଣାମ ଆଶା କରିଥାଉ ! ଆମେ ଯେ କହୁ ଇହୈବ ତୈର୍ଜିତଂ – ଏଇ ଇହକାଳରେ, ଏଇ ମରଲୋକରେହିଁ ଏଇ ଜୟ ଲାଭ ହେବ । ପରମସୁଖ ଏଇଠାରେହିଁ ଲାଭ କରିବେ ଜୀବମାତ୍ରେ – ତା'ର କ'ଣ ହେବ ?

ଏବଂ ଏଇ ପରମଜୟ ଆଣିଦେବ ପ୍ରତିଷ୍ଠା; ଏଇ ଶେଷ ପ୍ରତିଷ୍ଠାର କାମ କରିବେ ଶେଷ ଅବତାର କଳ୍କି । ଅଧ୍ୟାତ୍ମଦ୍ରଷ୍ଟାମାନେ ଦୁଃଖ ବିଜଡ଼ିତ, ମୋହ ଲାଞ୍ଛିତ ମଣିଷକୁ ଏହି ପରମ ଆଶ୍ୱାସ ଦେଇ ଯାଇଛନ୍ତି ।

('ରଚନାବଳୀ' ଅଷ୍ଟମ ଖଣ୍ଡ,'ଏଯୁଗର ସାଧନା'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

## ଶ୍ରୀମା'ଙ୍କ ଶରୀରତ୍ୟାଗ ସମ୍ବନ୍ଧେ ବାଣୀ

### ନଭେମ୍ବର ୧୭, ୧୯୭୩

ମା'ଙ୍କର ଶରୀର ଥିଲା ପୁରାତନ ସୃଷ୍ଟିର । ଏହା ଉଦ୍ଦିଷ୍ଟ ଥିଲା ନୂତନ ଶରୀରର ଆସ୍ଥାନ ହେବା ନିମନ୍ତେ । ଏହା ତା'ର ଉଦ୍ଦେଶ୍ୟ ଉତ୍ତମରୂପେ ସମ୍ପାଦନ କଲା । ନୂତନ ଶରୀର ପୁଣି ଆସିବ ।

ମା'ଙ୍କ ପ୍ରତି ଆମେ କେତେଦୂର ବିଶ୍ୱସ୍ତ, ତାଙ୍କ ଚେତନା ପ୍ରତି ଆମେ କେତେଦୂର ନିଷ୍ଠାବାନ୍ – ଏହା ତା'ରି ଏକ ପରୀକ୍ଷା ।

ଏ ଶରୀରରେ ପୁନର୍ଜୀବନପ୍ରାପ୍ତିର ଅର୍ଥ ହୋଇଥା'ନ୍ତା ଏଇ ଶରୀରଗତ ପୁରାତନ ଦୁଃଖଯନ୍ତ୍ରଣାର ପୁନରାବୃତ୍ତି । ଶରୀର ମଧ୍ୟରେ ରହି ଶାରୀରିକ ପ୍ରତିବନ୍ଧକକୁ ଯେତେଦୂର ହଟାଇ ଦିଆଯାଇପାରେ ତାହା କରାଗଲା – ଏହାଠାରୁ ଅଧିକ ଆଉ ସମ୍ଭବ ନଥିଲା । ଏକ ନୂତନ ଦୈହିକ ପରିବର୍ତ୍ତନ ପାଇଁ ଆବଶ୍ୟକ ହେଲା ଏକ ନୂତନ ପଦ୍ଧତି । ''ମୃତ୍ୟୁ'' ସେଇ ପଦ୍ଧତିର ପ୍ରଥମ ସୋପାନ ।

– ନଳିନୀକାନ୍ତ ଗୁପ୍ତ

### ନଭେମ୍ବର ୨୧, ୧୯୭୩

ମା' ଥରେ ମୋତେ କହିଥିଲେ – ''ଯଦି କେବେ ମୁଁ ମୋର ଶରୀରତ୍ୟାଗ କରେ ତେବେ ମୋର ଚେତନା ତୁମ୍ଭମାନଙ୍କ ସହ ରହିବ ।''

ମା' ଆମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି ଏବଂ ତାଙ୍କର କାର୍ଯ୍ୟ ଚାଲୁ ରହିଛି ।

ଆସ, ଆମେ ପୁଣିଥରେ ପୂର୍ଣ୍ଣ ଆନ୍ତରିକତା ଓ ବିଶ୍ୱସ୍ତତା ସହ ଆମ୍ଭମାନଙ୍କୁ ତାଙ୍କରି ରୂପାନ୍ତର କାର୍ଯ୍ୟ ନିମନ୍ତେ ଉତ୍ସର୍ଗ କରିବା ।

– ନଳିନୀକାନ୍ତ ଗୁପ୍ତ

বেদরহস্য - (দ্বিতীয়ভাগ) : নির্বাচিত সূক্তাবলী – ৩

# ଇନ୍ଦ୍ର ଓ ତାଙ୍କର ବିଚାରଶକ୍ତିଗଣ

## (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୭୧)

(ଋଷି - ଅଗସ୍ତ୍ୟ । ଛନ୍ଦ : ୧ ଓ ୫ – ନିଚୃତ୍ ତ୍ରିଷ୍ଟୁପ୍, ୨- ତ୍ରିଷ୍ଟୁପ୍, ୩ -ଭୁରିକ୍ ପଂକ୍ତି, ୪ ଓ ୬- ବିରାଟ୍ ତ୍ରିଷ୍ଟୁପ୍ ।)

## ଶ୍ରୀଅରବିନ୍ଦ

**ପ୍ରତି ବ ଏନା ନମସାହମେମି**
**ସୂକ୍ତେନ ଭିକ୍ଷେ ସୁମତିଂ ତୁରାଣାମ୍ ।**
**ରରାଣତା ମରୁତୋ ବେଦ୍ୟାଭିର୍ନି**
**ହେଳୋ ଧତ୍ତ ବି ମୁଚଧ୍ୱମଶ୍ୱାନ୍ ।୧।**

ଅର୍ଥ – ଏହି ନମସ୍କାର ସହିତ ମୁଁ ତୁମମାନଙ୍କ ଦିଗରେ ଆସୁଛି [ଏନା ନମସା ଅହମ୍ ବଃ ପ୍ରତି ଏମି], ସୂକ୍ତବାକ୍ ଦ୍ୱାରା ମୁଁ ତ୍ୱରଗତିମାନଙ୍କଠାରୁ ସୁମତି ଭିକ୍ଷା କରୁଛି [ସୂକ୍ତେନ (ଅହମ୍) ତୁରାଣାଂ ସୁମତିଂ ଭିକ୍ଷେ]। ହେ ମରୁଦ୍‌ଗଣ [ମରୁତଃ] ! ଜ୍ଞାନ ବସ୍ତୁମାନଙ୍କରେ ହର୍ଷ ଲାଭ କର [ବେଦ୍ୟାଭିଃ ରରାଣତା], କ୍ରୋଧ ବର୍ଜନ କର [ହେଳଃ ବି ଧତ୍ତ], ଅଶ୍ୱମାନଙ୍କୁ ଯୁଆଳିମୁକ୍ତ କର [ଅଶ୍ୱାନ୍ ମୁଚଧ୍ୱମ୍] ।

**ଏଷ ବଃ ସ୍ତୋମୋ ମରୁତୋ ନମସ୍ୱାନ୍ ହୃଦା**
**ତଷ୍ଟୋ ମନସା ଧାୟି ଦେବାଃ ।**
**ଉପେମା ଯାତ ମନସା ଜୁଷାଣା ଯୂୟଂ**
**ହି ଷ୍ଠା ନମସ ଇଦ୍ ବୃଧାସଃ ।୨।**

ଅର୍ଥ – ହେ ମରୁଦ୍‌ଗଣ [ମରୁତଃ] ! ଏହା ହେଉଛି ତୁମମାନଙ୍କର ସ୍ତୁତି [ଏଷଃ ବଃ ସ୍ତୋମଃ]; ଏହା ନମସ୍କାରରେ ପରିପୂର୍ଣ୍ଣ [ନମସ୍ୱାନ୍], ଏହା ହୃଦୟ ଦ୍ୱାରା ରଚିତ [ହୃଦା ତଷ୍ଟଃ], ହେ ଦେବଗଣ [ଦେବାଃ] ! ଏହା ମନ ମାଧ୍ୟମରେ ପ୍ରତିଷ୍ଠା ଲାଭକରିଛି [ମନସା ଧାୟି] । ତୁମେ ମନ ଦ୍ୱାରା [ମନସା] ମୋର ଏହି ସ୍ତୁତିବାକ୍ୟଗୁଡ଼ିକର ନିକଟତର ହୁଅ [ମନସା ଇମାଃ ଉପ ଯାତ] ଏବଂ ମନ ଦ୍ୱାରା ଆଲିଙ୍ଗନ କର [ଜୁଷାଣାଃ]; କାରଣ, ତୁମ୍ଭେମାନେ ହେଉଛ [ଯୂୟମ୍] ନମସ୍କାରର[୧] ବୃଦ୍ଧିସାଧକ [ଯୂୟଂ ହି ନ ନମସଃ ବୃଦ୍ଧାସଃ ଇତ୍ ସ୍ଥ]

**ସ୍ତୁତାସୋ ନୋ ମରୁତୋ ମୃଳୟନ୍ତୂତ**
**ସ୍ତୁତୋ ମଘବା ଶମ୍ଭବିଷ୍ଠଃ ।**
**ଊର୍ଦ୍ଧ୍ୱା ନଃ ସନ୍ତୁ କୋମ୍ୟା ବନାନ୍ୟ-**
**ହାନି ବିଶ୍ୱା ମରୁତୋ ଜିଗୀଷା ।୩।**

ଅର୍ଥ – ସ୍ତୁତି ପ୍ରାପ୍ତିପୂର୍ବକ ଏହି ମରୁଦ୍‌ଗଣ [ସ୍ତୁତାସୋ ମରୁତଃ] ଆମ ପ୍ରତି ମୃଦୁଭାବ ବହନ କରନ୍ତୁ [ନଃ ମୃଳୟନ୍ତୁ], (ଆହୁରି ମଧ୍ୟ – ଉତ) ଇନ୍ଦ୍ର [ମଘବା] ସ୍ତୁତିଲାଭ କରି [ସ୍ତୁତଃ] ଐଶ୍ୱର୍ଯ୍ୟର ପୂର୍ଣ୍ଣ ରୂପେ ବିରଚକ ହୋଇଛନ୍ତି [ସଂଭବିଷ୍ଠଃ] । ଆମର ଉର୍ଦ୍ଧ୍ୱମୁଖ କାମ୍ୟ ଆନନ୍ଦରାଜି [କୋମ୍ୟା ବନାନି][୨] ଉର୍ଦ୍ଧ୍ୱସ୍ତରକୁ ଉତ୍ତୋଳିତ ହୁଅନ୍ତୁ [ଊର୍ଦ୍ଧ୍ୱା ସନ୍ତୁ], ହେ ମରୁତ୍‌ଗଣ [ମରୁତଃ] ! ଆମର ସକଳ ଦିବସ [ବିଶ୍ୱା ଅହାନି] ବିଜୟେଚ୍ଛା ଦ୍ୱାରା [ଜିଗୀଷା] ଉର୍ଦ୍ଧ୍ୱଦିଗରେ ଉତ୍‌ଥିତ ହୁଅନ୍ତୁ ।

**ଅସ୍ମାଦହଂ ତବିଷାଦୀଷମାଣ**
**ଇନ୍ଦ୍ରାଭିୟା ମରତୋ ରେଜମାନଃ ।**
**ଯୁଷ୍ମଭ୍ୟଂ ହବ୍ୟା ନିଶିତାନ୍ୟାସନ୍**
**ତାନ୍ୟାରେ ଚକୃମା ମୃଳତା ନଃ ।୪।**

---

୧. ନମସ୍ – ''ନମସ୍''ର ଅର୍ଥ କରିବା ବେଳେ ସାୟଣ ଏହି ସୂକ୍ତର ସର୍ବତ୍ର ତାଙ୍କର ପ୍ରିୟ ଅର୍ଥ ''ଅନ୍ନ'' ବୋଲି କହିଛନ୍ତି; କାରଣ ''ନମସ୍କାରର ବିବର୍ଧକ'' ଭଳି ଅର୍ଥ ଏଠାରେ ଅସମ୍ଭବ ଲାଗେ । ଏହି ସୂକ୍ତ ତଥା ଅନ୍ୟ ସୂକ୍ତଗୁଡ଼ିକରେ ଏହା ସ୍ପଷ୍ଟ ଯେ 'ନମସ୍' ନିଜର ଆକ୍ଷରିକ ଅର୍ଥର ପଶ୍ଚାତରେ ଏକ ମନସ୍ତାତ୍ତ୍ୱିକ ଅର୍ଥ ବହନ କରୁଛି ଯାହା ଏହି ସୂକ୍ତରେ ସ୍ପଷ୍ଟ ରୂପେ ନିଜର ଦୃଢ଼ତା ସହ ନିଜକୁ ବ୍ୟକ୍ତ କରୁଛି ।

୨. 'ବନାନି' – ଉଭୟାର୍ଥକ – ''ଜଙ୍ଗଲଗୁଡ଼ିକ'' ତଥା ''ଭୋଗମାନ'', ଅଥବା ବିଶେଷଣଭାବେ ପ୍ରଯୁକ୍ତ ହେଲେ ''ଭୋଗ୍ୟ'' ଅର୍ଥ ହେବ । ବେଦରେ ସାଧାରଣତଃ ଏହା ଦ୍ୱ୍ୟର୍ଥକ, ଯଥା – ''ରୋମାଣି ପୃଥିବ୍ୟାଃ'' – ଆମ ଭୌତିକ ସତ୍ତାର ପ୍ରୀତିକର ବୃଦ୍ଧି ।

ଅର୍ଥ – ଏହି ବଳବାନଙ୍କ ଦ୍ୱାରା ଶାସିତ ହୋଇଥିବା, [ଅସ୍ମାତ୍ ତବିଷାତ୍ ଈଷମାଣଃ], ଇନ୍ଦ୍ରଙ୍କ ଭୟରେ କମ୍ପମାନ ହୋଇ ଉଠୁଥିବା ମୁଁ [ଇନ୍ଦ୍ରାତ୍ ଭିୟା ରେଜମାନଃ ଅହମ୍] ହେ ମରୁଦ୍‌ଗଣ ! ତୁମ ପାଇଁ ତୀବ୍ର କରି ରଖିଥିବା ହବନୀୟ ଦ୍ରବ୍ୟଗୁଡ଼ିକୁ [ୟୁଷ୍ମଭ୍ୟଂ ନିଶିତାନି ଦ୍ରବ୍ୟା ଆସନ୍] ଅତି ଦୂରରେ ଯତ୍ନରେ ରଖିଛି [ଆରେ ଚକୃମା] । ଆମ ପ୍ରତି କୃପାଳୁ ହୁଅ [ନଃ ମୃଳତ] ।

**ଯେନ ମାନାସର୍ଶ୍ଚିତୟନ୍ତ ଉସ୍ରା**
**ବ୍ୟୁଷ୍ଟିଷୁ ଶବସା ଶଶ୍ୱତୀନାମ୍ ।**
**ସ ନୋ ମରୁଦ୍ଭିର୍ବୃଷଭ ଶ୍ରବୋ ଧା**
**ଉଗ୍ର ଉଗ୍ରେଭିଃ ସ୍ଥବିରଃ ସହୋଦାଃ ।୫।**

ଅର୍ଥ – ଯାହାଙ୍କ ଦ୍ୱାରା [ୟେନ] ମନର ଗତିବୃତ୍ତିଗୁଡ଼ିକ [ମାନସଃ] ଆମ ପ୍ରଭାତଗୁଡ଼ିକରେ [ବ୍ୟୁଷ୍ଟିଷୁ] ଅନବଚ୍ଛିନ୍ନ ଉଷାମାନଙ୍କର ଉଜ୍ଜ୍ୱଳ ଶକ୍ତିରାଜି ମାଧ୍ୟମରେ [ଉସ୍ରା[୩] ଶବସା[୪]] ସଚେତ ଓ ପ୍ରଦୀପ୍ତ ହୋଇ ଉଠୁଛନ୍ତି [ଚିତୟନ୍ତଃ], ସେହି ତୁମେ ହେ ବୃଷଭ [ସଃ ବୃଷଭ[୫]] ! ମରୁଦ୍‌ଗଣଙ୍କ ମାଧ୍ୟମରେ [ମରୁଭିଃ] ଆମଭିତରେ [ନଃ] ଅନ୍ତଃପ୍ରେରିତ ଜ୍ଞାନର ପ୍ରତିଷ୍ଠା କର [ଶ୍ରବଃ ଧାଃ] – ସେହି ଉଗ୍ର (ମରୁତ)ମାନଙ୍କ ଦ୍ୱାରା [ଉଗ୍ରେଭିଃ] ତୁମେ ହୋଇଛ ପ୍ରବଳ [ଉଗ୍ରଃ], ଅଟଳ ଗତିମାନ୍ [ସ୍ଥବିରଃ] ଓ ଶକ୍ତିଦାତା [ସହୋଦାଃ] ।

**ତ୍ୱଂ ପାହୀନ୍ଦ୍ର ସହୀୟସୋ ନୃନ୍**
**ଭବା ମରୁଦ୍ଭିରବୟାତହେଳାଃ ।**
**ସୁପ୍ରକେତେଭିଃ ସାସହିର୍ଦଧାନୋ**
**ବିଦ୍ୟାମେଷଂ ବୃଜନଂ ଜୀରଦାନୁମ୍ ।୬।**

ଅର୍ଥ – ହେ ଇନ୍ଦ୍ର [ଇନ୍ଦ୍ର] ! ପ୍ରବୃଦ୍ଧ-ବୀର୍ଯ୍ୟବାନ୍ ସେହି ଦେବଶକ୍ତି ଗଣଙ୍କୁ [ସହୀୟସଃ ନୃନ୍[୬]] ତୁମେ ରକ୍ଷାକର [ପାହି]; ମରୁତ୍‌ମାନଙ୍କ ପ୍ରତି ଥିବା ତୁମର କ୍ରୋଧକୁ ତୁମେ ପରିହାର କର [ମରୁଭିଃ ଅବୟାତହେଳଃ ଭବ],– ତୁମ ମଧ୍ୟରେ ଯେଉଁ ଶକ୍ତିଶାଳିତା ରହିଛି [ସାସହିଃ] ତାହା ଆଧାରିତ ହୋଇଛି [ଦଧାନାଃ] ସେହି ସତ୍ୟବୋଧଧାରୀମାନଙ୍କ ଦ୍ୱାରା (ମରୁଦ୍‌ମାନଙ୍କ ଦ୍ୱାରା) [ସୁପ୍ରକେତେଭିଃ] । ଆମେ ସେହି ଦୃଢ଼ପ୍ରେରଣା ଲାଭ କରୁଁ [ବୃଜନମ୍ ଇଷଂ ବିଦ୍ୟାମ] ଯାହା

୩. ଉସ୍ରାଃ – ସ୍ତ୍ରୀଲିଙ୍ଗରେ ପ୍ରଯୁକ୍ତ ଏହି ଶବ୍ଦଟି ବୈଦିକ 'ଗୋ' ଶବ୍ଦର ସମାନାର୍ଥକ, ଏହାର ଅର୍ଥ ଗାଈ ଓ ଆଲୋକରଶ୍ମି । 'ଉଷା'ଙ୍କୁ ମଧ୍ୟ ଗୋମତୀ କୁହାଯାଏ, ଅର୍ଥାତ୍ ଯିଏ ରଶ୍ମି-ପରିବୃତା ବା ସୂର୍ଯ୍ୟଙ୍କ ଗାଈମାନଙ୍କ ସହଗାମିନୀ । ଏହି ମନ୍ତ୍ରରେ ସନ୍ନିବେଶିତ ''ଉସ୍ରା ବ୍ୟୁଷ୍ଟିଷୁ'' ଉକ୍ତି ମଧ୍ୟରେ ରହିଛି ଏକ ଗୂଢ଼ାର୍ଥକ ଧ୍ୱନିଗତ ସାମଞ୍ଜସ୍ୟ ଯାହା ବୈଦିକ ଋଷିମାନଙ୍କର ଶବ୍ଦକୌଶଳ ଭିତରୁ ଏକତମ – ଏହାରି ମାଧ୍ୟମରେ ସେମାନେ କୌଣସି ଚିନ୍ତା ବା ସଂଯୋଗକୁ ସୂଚିତ କରିବାକୁ ଚାହାନ୍ତି ଯାହା ଖୋଲାଖୋଲି ଭାବେ ପ୍ରକାଶ ପାଇବା ଏକାନ୍ତ ବାଞ୍ଛନୀୟ ବୋଲି ସେମାନେ ମନେ କରନ୍ତି ନାହିଁ ।

୪. ଶବସ୍ – ସାମର୍ଥ୍ୟ (strength), ବଳ (force), ଶକ୍ତି (power)କୁ ବୁଝାଇବା ପାଇଁ ବେଦରେ ନାନା ଶବ୍ଦର ପ୍ରୟୋଗ ରହିଛି, ଏବଂ ପ୍ରତ୍ୟେକଟି ନିଜ ସହ ଏକ ଅସଦୃଶ ବୈଶିଷ୍ଟ୍ୟର ପୃଷ୍ଠଭୂମିକା ବହନ କରୁଥାଏ । 'ଶବସ୍'ର ଅର୍ଥ ସାଧାରଣତଃ ଆଲୋକ ଓ ଶକ୍ତି ।

୫. ବୃଷଭ – ''ପୁରୁଷ'', ''ଅଧୀଶ୍ୱର'' ବା ''ମହାବୀର୍ଯ୍ୟବାନ୍'' । ବେଦରେ ଇନ୍ଦ୍ରଙ୍କୁ 'ବୃଷଭ' ଓ 'ବୃଷନ୍' ବୋଲି ସବୁବେଳେ କୁହାଯାଇଛି । ଏଠାରେ ଶବ୍ଦଟିର ଯେପରି ବ୍ୟବହାର ହୋଇଛି ସେହିଭଳି ଅର୍ଥରେ ଅନ୍ୟତ୍ର ମଧ୍ୟ, ପୁଣି ଅନ୍ୟ କେଉଁଠି ବିଶେଷଣ ରୂପେ ବ୍ୟବହୃତ ହେଲାବେଳେ ଉଦ୍ଦେଶ୍ୟ ହେଉଛି ଗୋଜାତିର ଆଲେଖ୍ୟ ବା ରୂପକ ଉପସ୍ଥାପନ କରିବା, ଉଦାହରଣତଃ –''ବୃଷଭଃ ମତୀନାମ୍''– ମତି ବା ମାନସିକ ବିଚାରର ଅଧୀଶ୍ୱର – ଏଥିରେ ବୃଷଭ ଓ ଗୋ ଯୂଥର ରୂପରେଖ ଆଣିବାର ଉଦ୍ଦେଶ୍ୟ ରହିଛି ।

୬. ନୃନ୍ – ମନେହୁଏ ନୃ ଶବ୍ଦଟି ମୂଳତଃ ସକ୍ରିୟ, ଦ୍ରୁତଗତିଶୀଳ ବା ବଳବାନ୍ ଅର୍ଥବୋଧକ । ଆମେ ଜାଣୁ 'ନୃମ୍‌ତା'ର ଅର୍ଥ ବଳ, ଏବଂ ''ନୃତମ ନୃମ୍‌ଣାମ୍''ର ଅର୍ଥ ଦେବଶକ୍ତିମାନଙ୍କ ମଧ୍ୟରେ ଯିଏ ଶକ୍ତିମତ୍ତମ । ପରବର୍ତ୍ତୀ ସମୟରେ ଏହା ପୁରୁଷ ବା ନର (ମନୁଷ୍ୟ) ଅର୍ଥ ମଧ୍ୟକୁ ଆସିଗଲା ଏବଂ ବେଦରେ ଏହା ପୁଂ-ଦେବତାଙ୍କଠାରେ ବହୁଳଭାବେ ପ୍ରଯୁକ୍ତ ହୋଇଛି ଯେଉଁମାନେ କି ସେହି 'ପ୍ରକୃତି-ଶକ୍ତି'ମାନଙ୍କ ଉପରେ, ଅନ୍ୟ ଦିଗରୁ କହିଲେ ସ୍ତ୍ରୀଶକ୍ତିଗଣଙ୍କ ଉପରେ ପ୍ରଭୁ ହୋଇଛନ୍ତି – 'ଗ୍ନା' ଅବା 'ଗଣା' ଶବ୍ଦ ଦ୍ୱାରା ସ୍ତ୍ରୀ-ଶକ୍ତିଗଣ ଅଭିହିତ ।

ଖୁବ୍ ଶୀଘ୍ର ବାଧାବନ୍ଧନଗୁଡ଼ିକୁ ବିନଷ୍ଟ କରିଦେବ [ଜୀରଦାନୁମ୍]।

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ

ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦରେ (ସୂ.୧/୧୭୦)ର ଏହା ପରବର୍ତ୍ତୀ ସୂକ୍ତ, ମରୁଦ୍‌ଗଣଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହା ଅଗସ୍ତ୍ୟଙ୍କ ତରଫରୁ ଉଦ୍ଦିଷ୍ଟ – ବଳବତ୍ତର ଦେବ(ଇନ୍ଦ୍ର)ଙ୍କ ନିର୍ଦ୍ଦେଶରେ ସେ (ଅଗସ୍ତ୍ୟ) ଏମାନଙ୍କ (ମରୁଦ୍‌ଗଣଙ୍କ) ଯଜ୍ଞକୁ ମଝିରୁ ବ୍ୟାହତ କରିଥିଲେ। ଆଲୋଚ୍ୟ ସୂକ୍ତଟି ପ୍ରଥମ ମଣ୍ଡଳର ଇନ୍ଦ୍ର ଓ ମରୁଦ୍‌ଗଣଙ୍କ ସମ୍ବାଦ ସ୍ୱରୂପ ସେହି ୧୬୫ତମ ସୂକ୍ତ ସହିତ ପରୋକ୍ଷଭାବେ ସମ୍ବନ୍ଧିତ ଯେଉଁଥିରେ ସ୍ୱର୍ଲୋକର ଅଧିପତି (ଇନ୍ଦ୍ର)ଙ୍କର ପ୍ରଭୁତ୍ୱକୁ ଘୋଷଣା କରାଯିବା ସଙ୍ଗେ ସଙ୍ଗେ ଏହି ଅଳ୍ପଶକ୍ତିମାନ୍ ଅଥଚ ଦୀପ୍ତିମାନ୍ ଦେବଗଣଙ୍କୁ (ମରୁଦ୍‌ଗଣଙ୍କୁ) ସେହି ଉଚ୍ଚତର ସତ୍ୟଦିଗରେ ପ୍ରେରିତ କରିବେ ଯାହା ଇନ୍ଦ୍ରଙ୍କ ସତ୍ୟ ସହ ସଂଲଗ୍ନ। ''ସେମାନଙ୍କର (ମନୁଷ୍ୟମାନଙ୍କର) ବିବିଧ ଆଲୋକ ରୂପକ ଚିନ୍ତାରେ ତୁମମାନଙ୍କ ପ୍ରାଣୋଚ୍ଛ୍ୱାସର ଶକ୍ତି ପ୍ରଦାନପୂର୍ବକ ତୁମେମାନେ ସେମାନଙ୍କ ମଧ୍ୟରେ ମଦୀୟ ସତ୍ୟରାଜିର ଜ୍ଞାନଲାଭ ଦିଗରେ ପ୍ରଚୋଦକ ହୁଅ। କର୍ତ୍ତା ତାଙ୍କର ଉଦ୍ଦିଷ୍ଟ କର୍ମ ପାଇଁ ସକ୍ରିୟ ହୋଇଉଠୁଥିବା ବେଳେ ଏବଂ ମନସ୍ୱୀର ମେଧା ନିଜ ମଧ୍ୟରେ ଆମକୁ ରଚନା କରୁଥିବା ବେଳେ, ହେ ମରୁଦ୍‌ଗଣ ! ସେହି ଜ୍ଞାନଦୀପ୍ତଙ୍କ (ବିପ୍ରଙ୍କ) ପ୍ରତି ତୁମେ ନିଶ୍ଚିତରୂପେ ଗତିକର।''

**(...ମନ୍ମାନି ଚିତ୍ରା ଅପିବାତୟନ୍ତ**
**ଏଷାଂ ଭୂତ ନବେଦା ମ ଋତାନାମ୍ ॥**
**ଆ ଯଦ୍ ଦୁବସ୍ୟାଦ୍ ଦୁବସେ ନ କାରୁ-**
**ରସ୍ମାଞ୍ଚକ୍ରେ ମାନ୍ୟସ୍ୟ ମେଧା।**
**ଓ ଷୁ ବର୍ତ୍ତ ମରୁତୋ ବିପ୍ରମଚ୍ଛ... ॥**

ଋ.୧।୧୬୫। ୧୩-୧୪)

ଏହି ସୂକ୍ତସ୍ଥ ସମ୍ବାଦର ଉପସଂହାର ଏହି ଶବ୍ଦଗୁଡ଼ିକ ସହ ଘଟିଛି ଯାହା ହେଉଛି ଅଧସ୍ତନ ଶକ୍ତିଗଣଙ୍କ ପ୍ରତି ଇନ୍ଦ୍ରଙ୍କର ଶେଷ ଆଦେଶ।

ଏହି ସୂକ୍ତଗୁଡ଼ିକ ସିଦ୍ଧ କରୁଛନ୍ତି ଯେ ମରୁଦ୍‌ଗଣଙ୍କ କ୍ରିୟାକଳାପରେ ମନସ୍ତାତ୍ତ୍ୱିକ କଥା ରହିଛି। ସେମାନେ ଯଥାର୍ଥରେ ମନୋବିଚାରର ଅଧିଷ୍ଠିତ ଦେବ ନୁହନ୍ତି, ବରଂ ଶକ୍ତିର ଦେବଗଣ। ତଥାପି ସେମାନଙ୍କ ଶକ୍ତି ମାନସ ମଧ୍ୟରେ ପ୍ରଭାବଶାଳୀ ହୋଇଥାଏ। ଗୁରୁଜ୍ଞାନ ଲାଭ କରି ନ ଥିବା ଆର୍ଯ୍ୟ ପୁରୋହିତମାନଙ୍କ ପାଇଁ ମରୁଦ୍‌ଗଣ ହେଲେ ଝଞ୍ଜାବାୟୁ, ଝଡ଼ବତାସ ଓ ବୃଷ୍ଟିର ଶକ୍ତିଗଣ। ଏମାନଙ୍କ ଉପରେ ଝଡ଼-ତୋଫାନର ରୂପକକୁ ସାଧାରଣତଃ ପ୍ରୟୋଗ କରାଯାଇଥାଏ, ଏମାନଙ୍କୁ ରୁଦ୍ରଗଣ ମଧ୍ୟ କୁହାଯାଏ ଯାହାଙ୍କ ସ୍ୱଭାବ ଭୀମ ଓ ଉଗ୍ର, ଏମାନେ ଶକ୍ତି ଦେବତା 'ଅଗ୍ନି'ଙ୍କ ସହ ସମାନ ଭାବରେ ସମ୍ବୋଧିତ ହୁଅନ୍ତି। ବେଳେବେଳେ ଇନ୍ଦ୍ର ଯଦିଓ ''ଇନ୍ଦ୍ରଜ୍ୟେଷ୍ଠୋ ମରୁଦ୍‌ଗଣଃ'' ଅର୍ଥାତ୍ ମରୁଦ୍‌ଗଣଙ୍କ ଜ୍ୟେଷ୍ଠ ଇନ୍ଦ୍ର ବୋଲି ଅଭିହିତ ତଥାପି ମନେହୁଏ ପ୍ରଥମେ ସେମାନେ ବରଂ ବାୟୁଦେବ ତଥା ବାୟୁମଣ୍ଡଳର ଅନ୍ତର୍ଗତ, ଯିଏ (ବାୟୁ) କି ବୈଦିକ ଜ୍ଞାନ ଅନୁସାରେ ପ୍ରାଣପତି, ପ୍ରାଣୋଚ୍ଛ୍ୱାସର ପ୍ରେରକ ବା ପ୍ରତ୍ୟୁତ୍ପନ୍ନ ଶକ୍ତିରୂପେ ଗୃହୀତ। 'ପ୍ରାଣ' ଅର୍ଥାତ୍ ମାନବ ମଧ୍ୟରେ ଯାହା ପ୍ରାଣିକ ଓ ସ୍ନାୟବିକ କାର୍ଯ୍ୟକଳାପ ରୂପେ ପ୍ରତିଷ୍ଠିତ। କିନ୍ତୁ ଏଇ ଯାହା କୁହାଗଲା ତାହା ସେମାନଙ୍କ ବାହ୍ୟରୂପର ଏକ ଅଂଶମାତ୍ର। ଉଗ୍ରତା ଭଳି ଜ୍ଞାନଦୀପ୍ତି ମଧ୍ୟ ସେମାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ। ସେମାନଙ୍କ ସମ୍ବନ୍ଧିତ ସମସ୍ତ କିଛି ପ୍ରକାଶମୟ – ସେମାନେ ସ୍ୱୟଂ, ସେମାନଙ୍କ ପ୍ରୋଜ୍ଜ୍ୱଳ ଆୟୁଧରାଜି, ସେମାନଙ୍କର ସ୍ୱର୍ଣ୍ଣିମ ଆଭରଣ ସମୂହ, ସେମାନଙ୍କ ଦୀପ୍ତିମୟ ରଥ ଇତ୍ୟାଦି। ସେମାନେ ଯେ କେବଳ ବାରିଧାରା ତଥା ସ୍ୱର୍ଗର ସମ୍ପଦସ୍ୱରୂପ ବର୍ଷାକୁ ପଠାଇଥା'ନ୍ତି ଏବଂ ନୂତନ ପ୍ରଗତି ତଥା ନବସର୍ଜନା ନିମନ୍ତେ ପଥନିର୍ମାଣ ପାଇଁ ସୁପ୍ରତିଷ୍ଠିତ ବସ୍ତୁଗୁଡ଼ିକୁ ଭାଙ୍ଗିଦିଅନ୍ତି,– ତା' ବ୍ୟତୀତ ଇନ୍ଦ୍ର, ମିତ୍ର, ବରୁଣ ପ୍ରଭୃତିଙ୍କ କାର୍ଯ୍ୟଧାରାରେ ସେମାନେ ଯେ ଅଂଶଗ୍ରହଣ କରନ୍ତି ସେତିକି ନୁହେଁ, ବରଂ ଏମାନଙ୍କ ପରି ସେମାନେ (ମରୁଦ୍‌ଗଣ) ମଧ୍ୟ 'ସତ୍ୟ'ର ସଖା, 'ଜ୍ୟୋତିଃ'ର ସ୍ରଷ୍ଟା। ସେହି ହେତୁ ଋଷି ଗୋତମ ରାହୂଗଣ ସେମାନଙ୍କୁ ପ୍ରାର୍ଥନା କରି କହନ୍ତି –

**ଯୂୟଂ ତତ୍ସତ୍ୟଶବସ ଆବିଷ୍କର୍ତ୍ତ ମହିତ୍ୱନା।**
**ବିଧ୍ୟତା ବିଦ୍ୟୁତା ରକ୍ଷଃ ॥**
**ଗୂହତା ଗୁହ୍ୟଂ ତମୋ ବି ଯାତ ବିଶ୍ୱମତ୍ରିଣାମ୍।**
**ଜ୍ୟୋତିଷ୍କର୍ତ୍ତା ଯଦୁଶ୍ମସି ॥**

(ଋଗ୍. ୧।୮୬।୯-୧୦)

''ତୁମେ, 'ସତ୍ୟ'ର ଭାସ୍ୱର ଶକ୍ତିର ଅଧିକାରିଗଣ, ତୁମମାନଙ୍କୁ ମୋର ପ୍ରାର୍ଥନା ଯେ, ନିଜ ବଳବୀର୍ଯ୍ୟ ଦ୍ୱାରା ସେହି

ଶକ୍ତିକୁ ବ୍ୟକ୍ତ କର; ତୁମମାନଙ୍କ ବଜ୍ରାଘାତରେ ରାକ୍ଷସକୁ ବିଦ୍ଧ କର । ଆବରକ ଘନାନ୍ଧକାରକୁ ଆବୃତ କରିଦିଅ, ଭକ୍ଷକମାନଙ୍କୁ ବିତାଡ଼ିତ କର, ଆମର କାମ୍ୟ ଆଲୋକର ରଚନା କର ।'' ଆହୁରି ମଧ୍ୟ ଅନ୍ୟ ଏକ ସୂକ୍ତରେ ଋଷି ଅଗସ୍ତ୍ୟ ସେମାନଙ୍କୁ କହୁଛନ୍ତି –

**''ନିତ୍ୟଂ ନ ସୂନୁଂ ମଧୁ ବିଭ୍ରତ ଉପ**
**କ୍ରୀଡ଼ନ୍ତି କ୍ରୀଡା ବିଦଥେଷୁ ଘୃଷ୍ୱୟଃ ।''** (୧।୬୬।୨)

''ନିଜର ନିତ୍ୟସନ୍ତାନ ଭଳି ସେମାନେ ମଧୁ(ଆନନ୍ଦ)କୁ ବହନ କରନ୍ତି ଏବଂ ସେମାନେ ନିଜ କ୍ରୀଡ଼ାରେ କେଳି କରନ୍ତି, ଜ୍ଞାନର କ୍ରିୟାରେ ସେମାନେ ତେଜସ୍ୱୀ ।'' ତେଣୁ ମରୁଦ୍‌ଗଣ ହେଉଛନ୍ତି ମାନସ-ଶକ୍ତିଗଣ, ଜ୍ଞାନଲାଭରେ ସହାୟକଶକ୍ତିଗଣ । ସେମାନେ କୌଣସି ପ୍ରତିଷ୍ଠିତ ସତ୍ୟ ବା ସ୍ତିମିତ ଆଲୋକ ନୁହନ୍ତି, ବରଂ ସେମାନଙ୍କର ରହିଛି ଗତିବୃତ୍ତି, ଅନୁସନ୍ଧାନ, ବିଦ୍ୟୁତ୍ ପ୍ରଭା, ଏବଂ ଯେତେବେଳେ ସତ୍ୟୋପଲବ୍ଧି ହୁଏ, ସେହି ସତ୍ୟର ବିବିଧ ରଶ୍ମିର ଏମାନେ ହେଉଛନ୍ତି ବହୁପାର୍ଶ୍ୱ ବିଶିଷ୍ଟ କ୍ରୀଡ଼ା ।

ଆଗରୁ (ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦରେ) ଆମେ ଦେଖିଛୁ ଯେ ଇନ୍ଦ୍ରଙ୍କ ସହ ତାଙ୍କର କଥୋପକଥନରେ ଅଗସ୍ତ୍ୟ ଅନେକ ଥର ମରୁଦ୍‌ଗଣଙ୍କ ବିଷୟ ଉଲ୍ଲେଖ କରିଛନ୍ତି । ସେମାନେ ଇନ୍ଦ୍ରଙ୍କ ଭ୍ରାତା, ସେହି କାରଣରୁ ସେ ନିଜ ପୂର୍ଣ୍ଣତା ନିମନ୍ତେ ଯେଉଁ ସଂଗ୍ରାମ କରୁଛନ୍ତି ସେ କ୍ଷେତ୍ରରେ ଇନ୍ଦ୍ରଦେବ ତାଙ୍କ (ଅଗସ୍ତ୍ୟଙ୍କ) ଉପରେ ପ୍ରହାର ନ କରନ୍ତୁ । ସେମାନେ (ମରୁଦ୍‌ଗଣ) ହେଉଛନ୍ତି ତାଙ୍କ ପୂର୍ଣ୍ଣତା ପଥରେ ସହାୟକ, ସେମାନଙ୍କୁ ଏଥିରେ ଉପଯୋଗ କରିବା ଏକାନ୍ତ ଉଚିତ । ସମର୍ପଣ ଓ ସମନ୍ୱୟର ବଚନକୁ ଉପସଂହାର କରିବାର ଏକ ପଦ୍ଧତିରୂପେ ସେ ଇନ୍ଦ୍ରଙ୍କୁ ପ୍ରାର୍ଥନା କରୁଛନ୍ତି ଯେ, ମରୁଦ୍‌ଗଣଙ୍କ ସହିତ ସେ ପୁଣି ସଂଳାପ କରି ସେମାନଙ୍କ ସହ ସମ୍ମତ ହୁଅନ୍ତୁ ଯାହାଫଳରେ ଯଜ୍ଞ ଦିବ୍ୟସତ୍ୟର ଠିକ୍ ସେହି କ୍ରମ ଓ ଗତିଧାରାରେ ଯାତ୍ରା କରିବ ଯେଉଁ ଦିଗରେ ଏହା ନିର୍ଦ୍ଦେଶପ୍ରାପ୍ତ ହୋଇଛି । ତେବେ ଦେଖା ଦେଇଥିବା ସଂକଟ, ଯାହା ଋଷିଙ୍କ ମନରେ ଏକ ପ୍ରଭାବଶାଳୀ ଛାପ ରଖିଯାଇଛି, ତାହା ପ୍ରକୃତିରେ ଭୟଙ୍କର ସଂଘର୍ଷ, ଯାହା ଉଚ୍ଚତର ଦିବ୍ୟଶକ୍ତି (ଇନ୍ଦ୍ର) ଅଗସ୍ତ୍ୟ ଓ ମରୁଦ୍‌ଗଣଙ୍କ ସମ୍ମୁଖୀନ ହୋଇ ସେମାନଙ୍କ ଉଗ୍ର ଅଗ୍ରଗତିକୁ ଅବରୋଧ କରିବାରୁ ଘଟିଛି । ଦୁଇପକ୍ଷ ମଧ୍ୟରେ କ୍ରୋଧ ଓ କଳହ ଲାଗି ରହିଥିଲା; ଏକପକ୍ଷରେ ବିଶ୍ୱ ଉପରେ ରାଜତ୍ୱ କରୁଥିବା ଦିବ୍ୟଧୀଶକ୍ତି (ଇନ୍ଦ୍ର) ଏବଂ ଅନ୍ୟପକ୍ଷରେ ଅଗସ୍ତ୍ୟଙ୍କ ମନ ମଧ୍ୟରେ ଥିବା ଦାମ୍ଭିକ ତଥା ଆସ୍ପୃହାଶୀଳ ଶକ୍ତିଗଣଙ୍କ ମଧ୍ୟରେ ଏହି ସଂଘର୍ଷ । ମାନବସତ୍ତାର ଲକ୍ଷ୍ୟହାସଲ କରିବାରେ ଏମାନଙ୍କର ଉଭୟଙ୍କ ସ୍ଥାନ ରହିଛି । କିନ୍ତୁ ଅଧସ୍ତନ ଦିବ୍ୟଶକ୍ତି (ମରୁଦ୍‌ଗଣ) ଯେପରି ସ୍ଥିର କରିବେ ସେହି ଭାବେ ଯାତ୍ରାଟି ନିର୍ଦ୍ଦେଶିତ ହେବା ଉଚିତ ନୁହେଁ – ବରଂ ଗୂଢ଼ ଦିବ୍ୟପ୍ରଜ୍ଞା ଦ୍ୱାରା ଦୃଢ଼ଭାବେ ଅଭୀପ୍‌ସିତ ତଥା ଊର୍ଦ୍ଧ୍ୱରେ ସଂସ୍ଥାପିତ ଚେତନା ଦ୍ୱାରା ନିର୍ଦ୍ଧାରିତ ହେବା ଉଚିତ – ଏହି ଦିବ୍ୟପ୍ରଜ୍ଞା ସତ୍ୟକୁ ସର୍ବଦା ବହନ କରୁଥାଏ ଏବଂ ତାହାକୁ (ସତ୍ୟକୁ) ଏବେ ବି ସନ୍ଧାନ କରୁଥିବା ଅଭିବ୍ୟକ୍ତ ବୁଦ୍ଧିବିବେକ ସକାଶେ ପ୍ରେରଣ କରୁଥାଏ । ସେହି କାରଣରୁ ମାନବସତ୍ତାର ମାନସରାଜ୍ୟ (ଅଗସ୍ତ୍ୟଙ୍କ ମନ) ମହତ୍ତର ଶକ୍ତିମାନଙ୍କର ରଣକ୍ଷେତ୍ରରେ ପର୍ଯ୍ୟବସିତ ହୋଇଛି ଏବଂ ଏବେ ବି ସେହି ଅନୁଭୂତିର ବିସ୍ମୟାବିଷ୍ଟ ଭୀତି ତଥା ଆଶଙ୍କା ଦ୍ୱାରା ତାହା ଶିହରିତ ହେଉଛି ।

(କ୍ରମଶଃ)

(ମରୁଦ୍‌ଗଣଙ୍କ ପରିଚୟ ଓ କାର୍ଯ୍ୟକଳାପର ଭୂମିକା ଏଠାରେ ଏହିପରି । ଏହାର ପରବର୍ତ୍ତୀ ଭାଗରେ ଅନୂଦିତ ମନ୍ତ୍ରଗୁଡ଼ିକର ଶ୍ରୀଅରବିନ୍ଦକୃତ ଭାଷ୍ୟ ରହିଛି । – ସଂପାଦକ)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ ''*Indra, and The Thought-Forces*'' *(Rig-Veda I.171)*ର ଓଡ଼ିଆ ଅନୁବାଦ ।
ଅନୁବାଦ : କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ର]

ଭଗବାନଙ୍କ ସହ ଗୋଟିଏ ମୁହୂର୍ତ୍ତର ସଚେତ ସଂଯୋଗ ସମସ୍ତ ପ୍ରତିରୋଧକୁ ଭାଙ୍ଗି ଚୂରମାର କରିଦିଏ, ତାହା ଯେତେ ଶକ୍ତିଶାଳୀ ହୋଇଥାଉ ନା କାହିଁକି ।

– ଶ୍ରୀମା

# ଆମ ଗଭୀର ଅନ୍ତରର ସତ୍ୟ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

''ପ୍ରତ୍ୟେକ ବ୍ୟକ୍ତିସତ୍ତାର ପରମ ଦିବ୍ୟଉତ୍ସଙ୍କ ସଙ୍ଗେ ଏକ ପ୍ରତ୍ୟକ୍ଷ ଓ ଅନନ୍ୟ ସମ୍ପର୍କ ରହିଛି । ଏହି ଅନନ୍ୟ ସମ୍ପର୍କଟିକୁହିଁ ଆମ ଜୀବନରେ ଫୁଟାଇ ରୂପ ଦେବାକୁ ହେବ ଭଗବାନଙ୍କ ସହ ସମ୍ପର୍କରେ ସତ୍ତାର ଏକ ବିଶେଷ ଓ ଅନନ୍ୟ ଧାରାର ମାଧ୍ୟମରେ ।'' — ଶ୍ରୀମା

ଏହି ସୀମାହୀନ ସୃଷ୍ଟି ଓ ବିପୁଳ ବିଶ୍ୱ, ଅସଂଖ୍ୟ ଅଗଣିତ ବ୍ରହ୍ମାଣ୍ଡ — ତହିଁରେ ବହି ଚାଲିଛି ଅକଳନ ଅଜସ୍ର ଜୀବନର ଅନନ୍ତ ଧାରା । ଆମର କଳ୍ପନା ତା'ର ଆଦି ଅନ୍ତ କିଛି ଠଉରାଇ ପାରେ ନାହିଁ । ସେହି ବିଶ୍ୱଜୀବନର ଅନନ୍ତ ପ୍ରବାହରେ ଆମର ବ୍ୟକ୍ତିସତ୍ତା, ବ୍ୟକ୍ତି ଜୀବନର ମୂଲ୍ୟ ଓ ଅର୍ଥ ନିରୂପଣ କରିବୁ କିପରି ? କେଉଁ ମାନଦଣ୍ଡ ନେଇ ତା'ର ସାର୍ଥକତା ଓ ବ୍ୟର୍ଥତାକୁ ମାପିବୁ ? କେଉଁ ତରାଜୁରେ ତାହାର ବିଫଳତା ଓ ସଫଳତାକୁ ତଉଲ କରିବୁ ? ତା' ଆଗରେ ଲକ୍ଷ୍ୟ କ'ଣ ? କର୍ତ୍ତବ୍ୟ କର୍ମ କ'ଣ ? ଏଠି ମଧ୍ୟ ଆମ ବିଚାର ଛନ୍ଦି ହୋଇଯାଏ ସଂଶୟର ନାନା ଜାଲରେ ।

ଏହି ସଂଶୟରୁ ମୁକ୍ତ ହେବା ଦିଗରେ ମା'ଙ୍କ ଉପରୋକ୍ତ ଉଦ୍ଧୃତିରୁ ଆମେ ପାଉ ସମାଧାନର ଏକ ସୂଚନା । ସମାଧାନଟି ବେଶ୍ ସରଳ ଓ ସହଜ । ପ୍ରତ୍ୟେକ ବ୍ୟକ୍ତିସତ୍ତାର ଭଗବାନଙ୍କ ସହ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ରହିଛି । ସେହି ସତ୍ୟହିଁ ତା' ଅନ୍ତରର ଗଭୀରରେ ନିହିତ ହୋଇ ରହିଛି । ସେହି ସତ୍ୟ ସମ୍ପର୍କରେ କିଏ କେତେ ସଚେତ ହୋଇପାରିଛି, ନିଜର ଜୀବନରେ ତାହାକୁ କିଏ କିପରି ରୂପ ଦେଇପାରିଛି ତାହାହିଁ ହେଉଛି ତା' ଜୀବନର ସଫଳତା ଓ ବିଫଳତାର ମାପକାଠି । ସାଧାରଣତଃ ଧନ-ସମ୍ପଦ, ଯଶଃ, କ୍ଷମତା ଓ ବିଦ୍ୟା-ଜ୍ଞାନର ଯେଉଁସବୁ ମାନ ନେଇ ଜୀବନର କୃତିତ୍ୱକୁ ବିଚାର କରାଯାଏ, ତାହା ଏକ ଉପରଠାଉରିଆ ବିଚାର, ତହିଁରେ ଯଥାର୍ଥ ସତ୍ୟ କିଛି ନାହିଁ । ତେଣୁ ମା' ସ୍ପଷ୍ଟରୂପେ, ଜୋର ଦେଇ କହିଛନ୍ତି ''ସତ୍ୟର ଦୃଷ୍ଟିକୋଣରୁ ବିଚାର କଲେ ଜଣେ ଲୋକ ଯାହାର କୌଣସି ଜାଗତିକ ଧନ ସମ୍ପଦ ନାହିଁ, ସ୍ଥୂଳଭାବରେ କୌଣସି କ୍ଷମତା, କର୍ତ୍ତୃତ୍ୱ ବା ଉଲ୍ଲେଖଯୋଗ୍ୟ କୌଣସି ସମ୍ଭାବନା ନାହିଁ, କିନ୍ତୁ ସେ ଯଦି ତା' ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହୋଇଥାଏ, ଏବଂ ନିଜ ଅନ୍ତରରେ ରହିଥିବା ଭଗବତ୍ ଉପସ୍ଥିତି ସହ ମିଳିତ ହୋଇଥାଏ, ତେବେ ସେହି ଲୋକ ନିଶ୍ଚିତରୂପେ ବାହ୍ୟ ସ୍ଥୂଳ ଶକ୍ତି ଉପରେ ବିପୁଳ କର୍ତ୍ତୃତ୍ୱ ଥିବା ଅଥଚ ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ନହୋଇଥିବା ପୃଥିବୀର ଯେକୌଣସି ରାଜା, ସମ୍ରାଟ ବା କୋଟିପତିଠାରୁ ଅନନ୍ତ ଗୁଣରେ ଅଧିକ ଶ୍ରେଷ୍ଠ ଓ ମହାନ୍ ।'' — ଶ୍ରୀମା

ତେଣୁ ଆମ ଜୀବନର ସମସ୍ତ ସାର୍ଥକତାର ଗୋପନ ରହସ୍ୟ ରହିଛି ଆମ ନିଜ ଭିତରେ । ଆମ ସତ୍ତାର ଗଭୀର ଗୋପନରେ ଅକ୍ଷୟ ଓ ଶାଶ୍ୱତଭାବରେ ସେହି ସତ୍ୟ ନିତ୍ୟ-ବିରାଜମାନ । କେବଳ ସେହି ସତ୍ୟର ଆଲୋକରେହିଁ ଆମେ ଅଭ୍ରାନ୍ତ ଭାବରେ ଜାଣିପାରିବୁ ଆମ ଜୀବନର ଲକ୍ଷ୍ୟ, ତା'ର ଗତିପଥ, ତା' ପାଇଁ ଉଦ୍ଦିଷ୍ଟ କର୍ମଧାରା । କାରଣ ଯେଉଁ ପରମ ଚେତନା ଏହି ସମଗ୍ର ସୃଷ୍ଟି ଓ ବିଶ୍ୱଜୀବନକୁ ଏକ ଦିବ୍ୟପୂର୍ଣ୍ଣତା ଦିଗରେ ପରିଚାଳିତ କରୁଛନ୍ତି, ସେଥିପାଇଁ ତାଙ୍କର ଯେଉଁ ଦିବ୍ୟଯୋଜନା ରହିଛି ସେହି ଯୋଜନା ଭିତରେ ଆମର ସ୍ଥାନଟି ଠିକ୍ କେଉଁଠି, ଆମର ଭୂମିକାଟି ଠିକ୍ କ'ଣ, ସେହି ସତ୍ୟଟି ନିର୍ଦ୍ଧାରିତ ହୋଇରହିଛି ଆମ ସତ୍ତାର ସେହି ଅଂଶରେ, ଯେଉଁ ଅଂଶଟି ସେହି ପରମ ଦିବ୍ୟଚେତନା ସହିତ ନିତ୍ୟଯୁକ୍ତ । ଭଗବାନଙ୍କ ସହ ନିତ୍ୟ ସମ୍ବନ୍ଧିତ ଓ ତାଙ୍କ ସମ୍ପର୍କରେ ନିରନ୍ତର ସଚେତ ସେହି ଅଂଶଟିହିଁ ଆମ ସତ୍ତାର ସବୁଠୁ ଗଭୀରତମ, ସବୁଠୁ ଗୋପନତମ ଅଂଶ । ଏହାକୁହିଁ ଆଧ୍ୟାତ୍ମିକ ପରିଭାଷାରେ ଅନ୍ତରାତ୍ମା ବା ଚୈତ୍ୟପୁରୁଷ ବୋଲି କୁହାଯାଇଥାଏ ।

କିନ୍ତୁ ଆମ ନିଜ ଭିତରେ ଏହି ଦିବ୍ୟଚୈତ୍ୟସତ୍ତାକୁ ଆମେ ନିତ୍ୟ ନିରନ୍ତର ଧାରଣ କରି ଚାଲିଥିଲେ ମଧ୍ୟ ଆମ ଜୀବନରେ ନାନା ଭୁଲ୍‌ତ୍ରୁଟି, ନାନା ଭ୍ରାନ୍ତି, ବିଚ୍ୟୁତି, ନାନା ପଦସ୍ଖଳନ ସମ୍ଭବ ହୁଏ କିପରି ? କାହିଁକି ଆମେ ଆମ ଜୀବନର ପଦକ୍ଷେପ ସମ୍ପର୍କରେ, ତା'ର ଲକ୍ଷ୍ୟ ଓ କର୍ମ ସମ୍ପର୍କରେ ସଂଶୟାକୁଳ ହେଉ, କୌଣସି ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚିପାରୁ ନାହିଁ ? କାହିଁକି ବାଟବୁଡ଼ି ଅବାଟରେ ଚାଲୁ ? ଏହାର ଉତ୍ତର ମାତ୍ର ଗୋଟିଏ । ତା' ହେଉଛି ଆମ ନିଜ ଭିତରର ଏହି ଚୈତ୍ୟସତ୍ତାଟି ସମ୍ପର୍କରେ ସଚେତ ନରହିବା । ଆମର ସମସ୍ତ କର୍ମ ଓ ଆଚରଣରେ ଏହାର ଇଙ୍ଗିତ ଓ ନିର୍ଦ୍ଦେଶ ମାନି ଚଳିବା ତ ଦୂରର କଥା, ଆମ ଭିତରେ ଯେ ଏପରି ଏକ ଦିବ୍ୟ-ଉପସ୍ଥିତି ରହିଛି, ସେ

ସମ୍ପର୍କରେ ମଧ୍ୟ ଆମର କୌଣସି ଜ୍ଞାନ, କୌଣସି ଉପଲବ୍ଧି ନଥାଏ ।

ତେଣୁ ବର୍ତ୍ତମାନ ପ୍ରଶ୍ନ ହେଉଛି ନିଜ ଭିତରେ ଏହି ଦିବ୍ୟ-ଚେତନା ସମ୍ପର୍କରେ ସଚେତ ହେବା ଦିଗରେ ବାଧା କେଉଁଠି ? ବାଧାସବୁ ରହିଛନ୍ତି ଆମ ନିଜ ଭିତରେ । ପ୍ରଥମତଃ ଆମ ବ୍ୟକ୍ତିସତ୍ତାର ସମଗ୍ର ସ୍ୱରୂପଟିକୁ ଆମେ ଜାଣୁନା । ଆମେ ଯାହାକୁ ଆମର ବ୍ୟକ୍ତିସତ୍ତା ବୋଲି ଅନୁଭବ କରୁ ତାହା ପ୍ରକୃତରେ ଆମ ଜୀବନ ଓ ସତ୍ତାର ଅତ୍ୟନ୍ତ ବାହ୍ୟ ଓ ଉପରିଆ ଅଂଶ । ତାହା ଉପରେ ବାହାରର ନାନା ପ୍ରଭାବ ପ୍ରତିକ୍ରିୟା, ନାନା ଆକର୍ଷଣ, ବିକର୍ଷଣ ନିରନ୍ତର କ୍ରିୟା କରି ଚାଲିଥାଏ । କେଉଁ ପ୍ରଭାବ କେତେବେଳେ କାହାକୁ କେଉଁଆଡ଼େ ଟାଣିଲା ତାହା ବୁଝି ନପାରି ଆମେ ସେସବୁର ହାତରେ ନିଜକୁ ଛାଡ଼ିଦେଉ ଏକ ଅସହାୟ ଖେଳ-କଣ୍ଢେଇ ପରି । ଯେଉଁସବୁ କର୍ମ ବା ଆଚରଣକୁ ଆମର ସ୍ୱେଚ୍ଛାକୃତ ନିର୍ବାଚନ ବା ପସନ୍ଦ ବୋଲି କହିଥାଉ ପ୍ରକୃତରେ ସେଗୁଡ଼ିକ ମଧ୍ୟ ସ୍ଥିର ହୋଇଥାଏ ଆମ ନିଜର ସ୍ୱାଧୀନ ଇଚ୍ଛା ଦ୍ୱାରା ନୁହେଁ ବରଂ ବାହାର ଓ ଭିତରର ନାନା ସ୍ଥୂଳ ଓ ସୂକ୍ଷ୍ମ ଶକ୍ତି, ପ୍ରଭାବ ଓ ସଂସ୍କାର ସବୁ ଦ୍ୱାରା ।

ତା'ଛଡ଼ା ଯାହାକୁ ଆମେ ଜଣେ ବ୍ୟକ୍ତି ବୋଲି କହୁ ସେ ଗଢ଼ା ହୋଇଥାଏ ସହସ୍ର ଉପାଦାନରେ, ସେହି ଉପାଦାନଗୁଡ଼ିକ ଭିତରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସଙ୍ଗତି ବା ସମନ୍ୱୟ ନଥାଏ, ଏପରିକି ପରସ୍ପର ବିରୋଧିତା ମଧ୍ୟ ରହିଥାଏ । ବ୍ୟକ୍ତିସତ୍ତାର ଗଠନ ଏପରି ଜଟିଳ ଯେ ବେଳେ ବେଳେ ମନେହୁଏ ଯେପରି ସେହି ଗୋଟିଏ ବ୍ୟକ୍ତି ଭିତରେ ଅସଂଖ୍ୟ ଭିନ୍ନ ଭିନ୍ନ ଏପରିକି ପରସ୍ପରବିରୋଧୀ ବ୍ୟକ୍ତିତ୍ୱ ମଧ୍ୟ ରହିଛନ୍ତି । ଜଣେ ବ୍ୟକ୍ତି ଗୋଟିଏ କ୍ଷେତ୍ରରେ ଚରମ ବୀରତ୍ୱର ପରିଚୟ ଦେଲାବେଳେ ସେହି ସମାନ ବ୍ୟକ୍ତିଟି ଅନ୍ୟ ଏକ କ୍ଷେତ୍ରରେ ନିତାନ୍ତ ଭୀରୁପରି ଭୟରେ ଥରହର ହେଉଥାଏ । ଗୋଟିଏ କ୍ଷେତ୍ରରେ ପ୍ରଖର ବୁଦ୍ଧି ଓ ସ୍ୱଚ୍ଛ ବିଚାରର ପରିଚୟ ଦେଇ ପାରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ନିତାନ୍ତ ମୂଢ଼ଙ୍କ ପରି ଆଚରଣ କରେ । ଅତ୍ୟନ୍ତ ସଚ୍ଚୋଟ ଲୋକକୁ କ୍ଷେତ୍ର ବିଶେଷରେ ଦେଖାଯାଏ କିପରି ସେ ତା'ର ସମସ୍ତ ନୀତିବୋଧକୁ ଜଳାଞ୍ଜଳି ଦେବାରେ ସାମାନ୍ୟତମ କୁଣ୍ଠା ବି ପ୍ରକାଶ କରୁ ନାହିଁ ।

ମା' କହୁଛନ୍ତି ବ୍ୟକ୍ତିର ଚରିତ୍ର ଓ ଆଚରଣରେ ଏହି ପ୍ରକାର ଜଟିଳତା ଓ ସ୍ୱବିରୋଧ, ଏହି ପ୍ରକାର ବିଭାଜନ କେବଳ ସତ୍ତାର ଉପରିଭାଗରେ ସୀମିତ ନୁହେଁ, ସତ୍ତାର ବହୁ ଗଭୀରକୁ ମଧ୍ୟ ପ୍ରସାରିତ । ଏହାର ଏକ ବଡ଼ କାରଣ ହେଉଛି ମଣିଷ ଚେତନାର କେବଳ ଗୋଟିଏ ସ୍ତରରେ ବାସ କରେ ନାହିଁ । ସେ ସେହି ଏକ ସମୟରେ ବାସ କରିଥାଏ ଚେତନାର ବହୁ ବିଭିନ୍ନ ସ୍ତରରେ । ନିମ୍ନର ନିଶ୍ଚେତନା, ଅବଚେତନା, ଜଡ଼ଠାରୁ ଆରମ୍ଭ କରି ଦେହ, ପ୍ରାଣ ଓ ମନର ନାନା ଚେତନାର ସ୍ତର ଭିତର ଦେଇ ଉପରର ଊର୍ଦ୍ଧ୍ୱମନ, ଦୀପ୍ତମନ, ସଂବୋଧି, ଅଧିମାନସ ଓ ଅତିମାନସ ପର୍ଯ୍ୟନ୍ତ ଚେତନାର ଯେଉଁସବୁ ବହୁବିଧ ସ୍ତର ପ୍ରସାରିତ ହୋଇରହିଛି ବ୍ୟକ୍ତିର ଚେତନା ସେସବୁ ସହିତ ସମ୍ପର୍କିତ, ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସେସବୁର ପ୍ରଭାବ ଓ ପ୍ରତିକ୍ରିୟା ରହିଛି ବ୍ୟକ୍ତି ଚେତନା ଉପରେ । ଚେତନାର ସେହିସବୁ ସ୍ତର ପ୍ରତି ବ୍ୟକ୍ତି ଚେତନା କିପରି କେଉଁ ଭାବରେ ଉନ୍ମୀଳିତ ହେଉଛି ତା' ଉପରେ ନିର୍ଭର କରେ ତା'ର ବ୍ୟକ୍ତିତ୍ୱର ଗଠନ । ମନେହୁଏ ଯେପରିକି ଗୋଟିଏ ବ୍ୟକ୍ତି ଭିତରେ ଏହିସବୁ ଚେତନାର ନାନାବିଧସ୍ତର ଓ ସେହି ସ୍ତରର ନାନାବିଧ ଅଂଶକୁ ପ୍ରତିନିଧିତ୍ୱ କରୁଥିବା ଅସଂଖ୍ୟ ଅଗଣିତ ବ୍ୟକ୍ତିତ୍ୱ ରହିଛନ୍ତି । ଗୋଟିଏ ମଣିଷର ଆଧାର ଭିତରେ ତେତ୍ରିଶକୋଟି ଦେବତା ରହିପାରନ୍ତି ବୋଲି ବେଦରେ ଯାହା କୁହାଯାଇଛି ତାହା ଏହି ସତ୍ୟକୁ ସୂଚାଉଛି ବୋଲି ମା' କହିଛନ୍ତି ।

## (୨)

ତେଣୁ ବ୍ୟକ୍ତିସତ୍ତାର ଏହିସବୁ ଜଟିଳ ଗଠନ, ଏହିସବୁ ନାନା ବିରୋଧ, ବିଭାଜନ, ସଂଘର୍ଷ ଭିତରେ ଆମେ କିପରି ଭାବରେ ଆମର ଗୋଟିଏ ପୂର୍ଣ୍ଣ ସୁସଂହତ ଓ ସୁସମଞ୍ଜସ ବ୍ୟକ୍ତିତ୍ୱ ଗଢ଼ିବାକୁ ସମର୍ଥ ହେବୁ ? କିପରି ଆମ ଜୀବନର ଲକ୍ଷ୍ୟ ଓ ଗତିପଥ, ତା'ର ଅଭିବ୍ୟକ୍ତି ଓ କର୍ମର ଧାରାକୁ ନିର୍ଣ୍ଣୟ କରିବୁ ? ଯେଉଁ ସତ୍ୟର ଆଲୋକ ଆମକୁ ଏ ଦିଗରେ ଆଗେଇ ଯିବା ପାଇଁ ବାଟ କଢ଼ାଇ ପାରିବ, ତାହା ନିହିତ ରହିଛି ଆମ ଗଭୀର ଅନ୍ତରରେ, ଆମ ବାହ୍ୟ ଚେତନା ପାଇଁ ଗୋପନ ଓ ନିଭୃତ ହୋଇ । ତାହାକୁହିଁ କେନ୍ଦ୍ରକରି ଆମର ବ୍ୟକ୍ତିତ୍ୱକୁ ଗଢ଼ିବାକୁ ହେବ, ଆମର ଜୀବନ ଓ କର୍ମକୁ ରୂପ ଦେବାକୁ ହେବ ।

କିନ୍ତୁ ଏହି ସତ୍ୟକୁ ଆବିଷ୍କାର କରିବାକୁ ହେଲେ ମା'ଙ୍କ ଭାଷାରେ : ''ପ୍ରଥମେ ଯାହା କରିବାକୁ ହେବ ତା' ହେଉଛି ଏହା ଆବିଷ୍କାର କରିବା ଯେ କେଉଁ ବିଷୟଟିକୁ ଉପଲବ୍ଧି କରିବା ପାଇଁ ତୁମେ ଉଦ୍ଦିଷ୍ଟ, କେଉଁ ଭୂମିକା ତୁମକୁ ଗ୍ରହଣ କରିବାକୁ

ହେବ, ତୁମର ନିର୍ଦ୍ଦିଷ୍ଟ କର୍ମଟି କ'ଣ ଏବଂ ଏହି କର୍ମସମ୍ପନ୍ନ କରିବା ପାଇଁ ତୁମ ଭିତରେ କେଉଁ କେଉଁ ଗୁଣ ଓ ଶକ୍ତି ରହିଛି। ଏହା ତୁମକୁ ଆବିଷ୍କାର କରିବାକୁ ହେବ ଏବଂ ଯେଉଁ ଯେଉଁ ଜିନିଷଗୁଡ଼ିକ ଏହାର ବିରୋଧ କରନ୍ତି ଏବଂ ତୁମର ସେହିସବୁ ଗୁଣ ଓ ଶକ୍ତିଗୁଡ଼ିକୁ ବିକଶିତ ଓ ପ୍ରସ୍ଫୁଟିତ ହେବାକୁ ଛାଡ଼ିଦିଅନ୍ତି ନାହିଁ; ସେଗୁଡ଼ିକର ପୂର୍ଣ୍ଣ ପ୍ରକାଶରେ ବାଧା ଦିଅନ୍ତି, ସେସବୁକୁ ମଧ୍ୟ ଜାଣିବାକୁ ହେବ। ଅନ୍ୟ କଥାରେ ତୁମ ନିଜକୁ ଜାଣିବାକୁ ହେବ, ତୁମର ଆତ୍ମା ଓ ଚୈତ୍ୟପୁରୁଷକୁ ଚିହ୍ନିବାକୁ ହେବ।''

— ଶ୍ରୀମା

ଶ୍ରୀମା ଏହା ମଧ୍ୟ ବୁଝାଇ ଦେଇଛନ୍ତି ଯେ ବିଶ୍ୱବିଧାନର ଉଦ୍ଦେଶ୍ୟପୂରଣ ଦିଗରେ କୌଣସି ବ୍ୟକ୍ତି-ସତ୍ତାର ଯେଉଁ ନିର୍ଦ୍ଦିଷ୍ଟ ଭୂମିକାଟି ରହିଛି, ତାହା ଅନନ୍ୟ ଭାବରେ କେବଳ ତାହାରହିଁ। ଅନ୍ୟ କେହି ନୁହେଁ, କେବଳ ତାହାକୁହିଁ ସେହି ଭୂମିକାରେ ଅବତୀର୍ଣ୍ଣ ହେବାକୁ ହେବ। ସେଥିରେ ଅନ୍ୟ କେହି ଅଂଶୀଦାର ହୋଇପାରିବେ ନାହିଁ, ଗୋଟିଏ ବ୍ୟକ୍ତିଠାରୁ କାଢ଼ି ନିଆଯାଇ ସେହି ଭୂମିକାଟିକୁ ଅନ୍ୟ କାହାକୁ ଦିଆଯାଇପାରିବ ନାହିଁ। ସେହି ଭୂମିକାରେ ଭଗବାନଙ୍କ ସହ ସେହି ବ୍ୟକ୍ତିର ସମ୍ପର୍କ ପୂରାପୂରି ଅନନ୍ୟ ଓ ଏକକ। କେବଳ ଗୋଟିଏ ଜୀବନ ନୁହେଁ, ଜୀବନ ପରେ ଜୀବନର ଅସଂଖ୍ୟ ଅନୁଭୂତି ଭିତର ଦେଇ ଭଗବାନଙ୍କ ସହ ଆମ ବ୍ୟକ୍ତି-ସତ୍ତାର ସେହି ବିଶେଷ ସମ୍ପର୍କଟି ଗଢ଼ିଉଠିଛି। ଯେତେବେଳେ ଆମେ ଆମ ଗଭୀର ଅନ୍ତରରେ ରହିଥିବା ସେହି ବିଶେଷ ସମ୍ପର୍କର ସତ୍ୟଟି ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତ ହୋଇଉଠିବୁ, ସେତିକିବେଳେହିଁ, ଆମ ଜୀବନର ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ସମସ୍ତ ଦ୍ୱନ୍ଦ୍ୱ, ସଂଶୟ ଓ ଅନିଶ୍ଚିତତାରୁ ମୁକ୍ତ ହୋଇ ତେଣିକି ସେହି ସତ୍ୟକୁ ଜୀବନରେ ଫୁଟାଇ ଚାଲିବାହିଁ ହେବ ଆମର ଏକମାତ୍ର କାମ।

କିନ୍ତୁ ଯେପର୍ଯ୍ୟନ୍ତ ଆମେ ସେ ସମ୍ପର୍କରେ ସଚେତ ହୋଇ ନାହୁଁ, ସେପର୍ଯ୍ୟନ୍ତ ଆମକୁ ସେଥିପାଇଁ କ'ଣ କରିବାକୁ ହେବ ? ମା' କହିଛନ୍ତି ସେହି ସତ୍ୟକୁ ଆବିଷ୍କାର କରିବା ପାଇଁ ଏକ ସ୍ଥିର ଓ ଦୃଢ଼ ସଂକଳ୍ପ ନେଇ ଆମ ଜୀବନର ପ୍ରତିଟି କ୍ରିୟା, ପ୍ରକ୍ରିୟା, ପ୍ରତିଟି ଗତିବୃତ୍ତିକୁ ନିରଳସ ଭାବରେ ଲକ୍ଷ୍ୟ କରିବାକୁ ହେବ। ସେହି ସତ୍ୟକୁ ଆବିଷ୍କାର ନକରିବା ଯାଏ ଆମେ ଯେପରି ଆମ ଜୀବନର ଲକ୍ଷ୍ୟ ଓ ତା'ର ବିକାଶ ଏବଂ କର୍ମର ଧାରା ସମ୍ପର୍କରେ କୌଣସି ମନ ଗଢ଼ା ସିଦ୍ଧାନ୍ତ ଓ ନିଷ୍ପତ୍ତିରେ ନପହଞ୍ଚୁ। ଗଭୀର ଅନ୍ତରର ସେହି ସତ୍ୟକୁ ଆବିଷ୍କାର କରିବା ଦିଗରେ ଆମର ସମସ୍ତ ପ୍ରଯତ୍ନ ଓ ପ୍ରୟାସ ତା'ର ସଫଳ ସାର୍ଥକତାରେ ପହଞ୍ଚିବା ନିଃସନ୍ଦେହ, ଯଦି ଆମେ ଭଗବାନଙ୍କ କୃପା ଓ ସହାୟତା ଉପରେ ନିର୍ଭର ଭରସା ରଖି ଠିକ୍ ବାଟରେ ଆଗେଇ ଯାଇପାରୁ।

ଏ ସମ୍ପର୍କରେ ମା'ଙ୍କର ଏହି ଅମୃତମୟ ଅମୂଲ୍ୟ କଥାଗୁଡ଼ିକ ନିତ୍ୟ ସ୍ମରଣୀୟ :

''ଏଥିପାଇଁ ତୁମକୁ ସମ୍ପୂର୍ଣ୍ଣ ଆନ୍ତରିକ ଓ ନିରପେକ୍ଷ ହେବାକୁ ହେବ। ତୁମେ ନିଜକୁ ଏପରି ଭାବରେ ନିରୀକ୍ଷଣ କରିବ ଯେପରି ତୁମେ କୌଣସି ତୃତୀୟ ବ୍ୟକ୍ତିକୁ ପର୍ଯ୍ୟବେକ୍ଷଣ ଓ ସମାଲୋଚନା କରୁଛ। ତୁମେ ଏପରି କୌଣସି ଧାରଣା ନେଇ ଆଗେଇବ ନାହିଁ ଯେ ଅମୁକ କାମଟିହିଁ ତୁମ ଜୀବନର ନିର୍ଦ୍ଧାରିତ କର୍ମ, ଏହାହିଁ ତୁମର ନିର୍ଦ୍ଦିଷ୍ଟ କ୍ଷମତା, ଅମୁକ ବା ସମୁକ କାମଟିକୁ ତୁମକୁ କରିବାକୁ ହେବ, କେବଳ ଏଇ କାମଟି ପାଇଁହିଁ ତୁମର ଦକ୍ଷତା ବା ପ୍ରତିଭା ଅଛି। ଏହି ପ୍ରକାର ମନୋଭାବ ତୁମକୁ ଯଥାର୍ଥ ପଥଠାରୁ ବହୁ ଦୂରକୁ ନେଇଯାଏ। ତୁମ ବାହ୍ୟସତ୍ତାର ପସନ୍ଦ ବା ଅପସନ୍ଦ, ତୁମ ମନ, ପ୍ରାଣ ବା ଦେହର କୌଣସି ବିଚାର, ନିର୍ବାଚନ ତୁମ ବିକାଶ ଓ ଅଭିବୃଦ୍ଧିର ଯଥାର୍ଥ ଧାରାକୁ ନିରୂପିତ କରିପାରେ ନାହିଁ। ଅନ୍ୟ ପକ୍ଷରେ ତୁମେ ଏପରି ମନୋଭାବ ମଧ୍ୟ ରଖିବ ନାହିଁ ଯେ 'ଅମୁକ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅକ୍ଷମ, ସମୁକ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅପଦାର୍ଥ, ଏ କାମ ମୋ ପାଇଁ ନୁହେଁ। କୌଣସି ବୃଥା ଆସ୍ଫାଳନ ବା ଅହମିକା ନୁହେଁ କି ବିପରୀତଭାବେ କୌଣସି ଆତ୍ମନ୍ୟୁନତା ବା ମିଥ୍ୟା ବିନୟ ନୁହେଁ, କୌଣସିଟି ଦ୍ୱାରା ତୁମେ ଚାଳିତ ହେବା ଉଚିତ ନୁହେଁ। ଯେପରି ମୁଁ କହିଛି ତୁମକୁ ନିଜ ସମ୍ପର୍କରେ ସମ୍ପୂର୍ଣ୍ଣ ନିରପେକ୍ଷ ଓ ଅନାସକ୍ତ ରହିବାକୁ ହେବ। ତୁମକୁ ହେବାକୁ ହେବ ଏକ ଦର୍ପଣପରି ଯାହାକି କୌଣସି ବିଚାର ନକରି କେବଳ ସତ୍ୟକୁହିଁ ପ୍ରତିବିମ୍ବିତ କରେ।

''ତୁମେ ଯଦି ଏହିପରି ଏକ ମନୋଭାବ ରଖିବାକୁ ସମର୍ଥ ହୁଅ, ଯଦି ତୁମ ସତ୍ତାରେ ଏହି ଧରଣର ପ୍ରଶାନ୍ତି ଓ ନୀରବ ସ୍ଥିର ବିଶ୍ୱାସ ରହିଥାଏ ଏବଂ ତୁମ ଆଗରେ ଯାହାକିଛି ପ୍ରକାଶିତ ହେବାକୁ ଯାଉଛି ସେଥିପାଇଁ ଏକ ଅପେକ୍ଷା ରଖିଥାଅ, ତେବେ ତୁମେ ଏହିଭଳି କିଛି ଘଟିବାର ଦେଖିବ : ମନେହେବ ଯେପରିକି ତୁମେ ରହିଛ ଏକ ତମସାବୃତ ନିଘଞ୍ଚ ନୀରବ ଅରଣ୍ୟରେ ଏବଂ ତୁମ ସମ୍ମୁଖରେ ଦେଖୁଛ ଛୋଟ ଏକ ଜଳାଶୟ — ନିସ୍ତରଙ୍ଗ, ସ୍ଥିର ଓ କ୍ୱଚିତ୍ ଦୃଶ୍ୟମାନ।

ଅନ୍ଧକାରାଚ୍ଛନ୍ନ ହୋଇ ରହିଛି ସେହି ଜଳାଶୟଟି ଓ ତା'ପରେ ଧୀରେ ଧୀରେ ତାହା ଉପରେ ଚନ୍ଦ୍ରକିରଣ ପଡ଼ିଲା ଏବଂ ସେହି ଶୀତଳ କ୍ଷୀଣ ଚନ୍ଦ୍ରାଲୋକରେ କ୍ରମଶଃ ସ୍ୱଚ୍ଛ ହୋଇ ପ୍ରକାଶିତ ହେଲା ପୁଷ୍କରିଣୀଟିର ନୀରବ ସ୍ୱଚ୍ଛ ଜଳରାଶି । ଠିକ୍ ଏହି ଭାବରେହିଁ ତୁମ ସତ୍ତାର ଗୋପନ ସତ୍ୟ ତୁମ ଆଗରେ ପ୍ରତିଭାତ ହେବ ଏବଂ ତା' ସହିତ ତୁମର ପ୍ରଥମ ସ୍ପର୍ଶରେ ତାହା ଏହି ଭାବରେ ତୁମ ଆଗରେ ନିଜକୁ ପ୍ରକାଶିତ କରିବ, ତା' ଭିତରେ ତୁମେ ଦେଖିବ କ୍ରମଶଃ ଧୀରେ ଧୀରେ ପ୍ରତିବିମ୍ବିତ ହେଉଛି ତୁମ ସତ୍ତାର ଯଥାର୍ଥ ଗୁଣରାଜି, ତୁମ ଦିବ୍ୟବ୍ୟକ୍ତିତ୍ୱର ଉପାଦାନସବୁ, ତୁମେ ଯଥାର୍ଥରେ ଯାହା ଏବଂ ଯାହା ହେବା ପାଇଁ ତୁମେ ଉଦ୍ଦିଷ୍ଟ ।''

— ଶ୍ରୀମା ✤

## ଅତିମାନସ ରୂପାନ୍ତର ନିମିତ୍ତ ସର୍ତ୍ତ

କେବଳ ମୋ ନିଜ ସକାଶେ ଅତିମାନସ ସିଦ୍ଧିଲାଭ କରିବା ମୋର ଉଦ୍ଦେଶ୍ୟ ନୁହେଁ — ମୋ ନିଜ ସକାଶେ ମୁଁ କିଛି ବି କରୁ ନାହିଁ; କାରଣ ମୋ ନିଜର କୌଣସି ବ୍ୟକ୍ତିଗତ ପ୍ରୟୋଜନ ନାହିଁ, ମୋକ୍ଷ ନୁହେଁ ଅଥବା ଅତିମାନସ ରୂପାନ୍ତର ମଧ୍ୟ ନୁହେଁ । ମୁଁ ଯଦି ଅତିମାନସର ସନ୍ଧାନ କରୁଥାଏ, ତେବେ ଏହାର କାରଣ ହେଉଛି ଏହି ଯେ ଏହା କରାଯାଉଛି ପାର୍ଥିବ ଚେତନା ନିମିତ୍ତ ଏବଂ ଯଦି ଏହା ମୋ ମଧ୍ୟରେ ନହୁଏ, ତେବେ ଅନ୍ୟ କାହାରି ମଧ୍ୟରେ ବି ଏହା ହୋଇପାରିବ ନାହିଁ । ମୋର ଅତିମାନସୀକରଣ କେବଳ ପାର୍ଥିବ ଚେତନା ନିମିତ୍ତ ଅତିମାନସର ଦ୍ୱାର ଉନ୍ମୁକ୍ତ କରିବା ସକାଶେ ଏକ ଚାବିକାଠି ମାତ୍ର । ଏହାକୁ କେବଳ ପାଇବା ସକାଶେ ପାଇବାକୁ ଚେଷ୍ଟା କରିବା ସମ୍ପୂର୍ଣ୍ଣ ଅର୍ଥହୀନ । ଏଥିରୁ ଏହି ସିଦ୍ଧାନ୍ତରେ ପହଞ୍ଚିବା ମଧ୍ୟ ଉଚିତ ନୁହେଁ ଯେ ଯଦି ମୁଁ ଅତିମାନସ ସିଦ୍ଧି ଲାଭକରେ ତେବେ ପ୍ରତ୍ୟେକ ବ୍ୟକ୍ତି ଅତିମାନସ ସିଦ୍ଧି ପ୍ରାପ୍ତ ହେବେ; ଅନ୍ୟମାନେ କେବଳ ସେପରି ହୋଇପାରିବେ, ଯେଉଁମାନେ ଏଥିପାଇଁ ପ୍ରସ୍ତୁତ ଥିବେ ଓ ଏହା ସକାଶେ ଅଭୀପ୍ସା କରୁଥିବେ — ତେବେ ନିଃସନ୍ଦେହଭାବରେ ଏହା କୁହାଯାଇପାରେ ଯେ ମୋ ମଧ୍ୟରେ ଏହି ସିଦ୍ଧି ଉପଲବ୍ଧ ହେଲେ ତାହା ସେଦିଗରେ ସେମାନଙ୍କ ସକାଶେ ବିଶେଷ ସହାୟକ ହେବ । ତେଣୁ ସେଥିପାଇଁ ଅଭୀପ୍ସା ରଖିବା ସର୍ବଥା ଯୁକ୍ତିଯୁକ୍ତ — ଯଦି :

(୧) ଜଣେ ଅତିମାନବ ହେବାକୁ ନିତ୍ସୀୟ (Nietzschean) ଧାରଣା ଓ ଅନ୍ୟାନ୍ୟ ଉଚ୍ଚାକାଙ୍କ୍ଷାକୁ ପ୍ରଶ୍ରୟ ଦେଇ ଏହାକୁ ନିତାନ୍ତ ଏକ ବ୍ୟକ୍ତିଗତ ଓ ଅହଂଗତ ବିଷୟରେ ପରିଣତ ନକରେ ।

(୨) ଏହି ଉପଲବ୍ଧି ନିମିତ୍ତ ଆବଶ୍ୟକ ସର୍ତ୍ତ ଓ ସ୍ତରଗୁଡ଼ିକୁ ମାନି ଚାଲିବାକୁ ପ୍ରସ୍ତୁତ ହୁଏ ।

(୩) ଜଣେ ସେଥିପାଇଁ ଆନ୍ତରିକ ହୁଏ ଏବଂ ତାହାକୁ ଭଗବତ୍ ଅନ୍ୱେଷଣର ଏକ ଅଂଶ ବୋଲି ତଥା ନିଜ ମଧ୍ୟରେ ଭଗବତ୍ ସଂକଳ୍ପର ଚୂଡ଼ାନ୍ତ ରୂପ ବୋଲି ମନେକରେ ଏବଂ ସେହି ସଂକଳ୍ପର ପୂରଣ ବ୍ୟତୀତ ଅଧିକ କିଛି ଚାହେଁ ନାହିଁ, ତାହା ଯାହା ହେଉ ନା କାହିଁକି — ଚୈତ୍ୟିକ, ଆଧ୍ୟାତ୍ମିକ ଅଥବା ଅତିମାନସ ରୂପାନ୍ତର । ଜଗତରେ ଭଗବାନଙ୍କ କାର୍ଯ୍ୟର ପୂର୍ଣ୍ଣତା ନିମିତ୍ତ ଏହାକୁ ଗ୍ରହଣ କରିବା ଉଚିତ, କିନ୍ତୁ ବ୍ୟକ୍ତିଗତ ସୁଯୋଗ ବା ଉପଲବ୍ଧି ଭାବରେ ନୁହେଁ ।

ଏପ୍ରିଲ, ୧୯୩୫ — ଶ୍ରୀଅରବିନ୍ଦ

# ନିର୍ମମତା : ସୈତାନିକ ହଳାହଳ

**(ଯାହା ଅନ୍ୟର ବିନାଶ କରିବା ସଙ୍ଗେ ସଙ୍ଗେ ବିନାଶକାରୀର ଅନ୍ତରାତ୍ମାକୁ ଦଗ୍ଧୀଭୂତ କରେ ।)**

**ଶ୍ରୀ ମନୋଜ ଦାସ**

ଏ ଲେଖକ ଆଗରେ ଉନ୍ମୋଚିତ ରହିଥିବା ତିନୋଟି ଓଡ଼ିଆ ଏବଂ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶିତ, ଗତ କେତେଦିନ ଭିତରେ ଘଟିଥିବା ତିନୋଟି ଘଟଣାର ସମ୍ବାଦ ଏ ନିବନ୍ଧର ପଟଭୂମି ।

ପ୍ରଥମଟିର ଘଟଣାସ୍ଥଳ ଆମ ଓଡ଼ିଶାର ବଲାଙ୍ଗିର ଇଲାକା । ଜଣେ ଯୁବକ ତା' ମାଆ ସହ ରାସ୍ତାରେ ଯାଉଥିବା ବେଳେ କେତେଜଣ ଶତ୍ରୁ ତାକୁ ବେଢ଼ିଯାଇ ଯଥେଚ୍ଛା ପିଟାପିଟି କରିବା ଅନ୍ତେ, ତା' ମାଆର ବିକଳ ଆର୍ତ୍ତନାଦ ସତ୍ତ୍ୱେ ତା' ବାହୁ ଯୋଡ଼ିକ ସଂପୂର୍ଣ୍ଣ କାଟି ଦେଲେ । ପ୍ରକାଶିତ ଫଟୋରୁ ଏତକ ସ୍ପଷ୍ଟ ଯେ କର୍ମଟି ଦୈବାତ୍ ନୁହେଁ, ସଚେତନଭାବରେ ସାଧିତ ହୋଇଛି ।

ଦ୍ୱିତୀୟ ସମ୍ବାଦ ହେଲା, ପାକିସ୍ତାନରୁ ଭାରତବର୍ଷ ଭିତରେ ଅନୁପ୍ରବେଶ ପୂର୍ବକ ନରହତ୍ୟାରେ ବ୍ୟାପୃତ ଉସ୍‌ମାନ୍ ନାଭେଦ୍ ନାମକ ଯୁବକକୁ ପୁଲିସ ଗିରଫ କରିବା ଅନ୍ତେ ତା' ସହ ସାମ୍ବାଦିକମାନଙ୍କ ପ୍ରଶ୍ନୋତ୍ତର । ନମୁନା :

ପ୍ରଶ୍ନ : ଆମ ଦେଶ ସହ ତୁମ ଶତ୍ରୁତାର ହେତୁ କ'ଣ ? ନିରୀହ ଲୋକ, ବିଶେଷତଃ ଶିଶୁମାନଙ୍କୁ ମଧ୍ୟ ମାରି-ପକାଇବାରେ ତୁମର ଲାଭ କ'ଣ ?

ଉତ୍ତର : (ସ୍ମିତହସ ସହକାରେ) : ମାରିବା, ଆହୁରି ମାରିବା ଆମ କାମ । ଆଚ୍ଛା କାମ୍ କରେନେମେଁ ମଜା ହ୍ୟାୟ !

ଅଦୂର ଅତୀତର ଏକ ଭୟାବହ ନାରକୀୟ ବ୍ୟାପାରର ସ୍ମୃତି ଉଜ୍ଜୀବିତ କରେ ତୃତୀୟ ସମ୍ବାଦ ଗୋଟିକ : ହିଟ୍‌ଲର-ପ୍ରବର୍ତ୍ତିତ ଇହୁଦୀ-ନିଧନ କାର୍ଯ୍ୟକ୍ରମରେ ଅଂଶୀଦାର ଶେଷ ଅଭିଯୁକ୍ତ କର୍ମଚାରୀ ୯୪ ବର୍ଷ ବୟସ୍କ ଓସ୍କାର ଗ୍ରୋନିଙ୍ଗ୍‌ର ଦଣ୍ଡବିଧାନ । ଲୋକଟିର ବୟସାଧିକ୍ୟ ଦୃଷ୍ଟିରୁ ଦଣ୍ଡର ପରିମାଣ ମାତ୍ର ଚାରିବର୍ଷ କାରାବାସ ।

ଆଶା, ପୃଥିବୀର ଇତିହାସରେ ଅଦ୍ୟାବଧି ସଂଘଟିତ ସେ ବୃହତ୍ତମ, ଜଘନ୍ୟତମ ଏବଂ ଅବିଶ୍ୱାସ୍ୟ ନରସଂହାରର ତଥ୍ୟ ବୟସ୍କ ପାଠକମାନଙ୍କର ମନେଥିବ ଏବଂ ପରବର୍ତ୍ତୀ ପିଢ଼ିର ପାଠକମାନେ ସାଂପ୍ରତିକ ଇତିହାସର ସେ ଅଧ୍ୟାୟ ଅବଶ୍ୟ ଊଣାଧିକ ମାତ୍ରାରେ ପଢ଼ିଥିବେ । ବିଂଶ ଶତାବ୍ଦୀର ଚତୁର୍ଥ ଦଶକର କଥା । ହିଟଲର୍ ଏବଂ ତା'ର ନାଜି (NAZI) ଦଳ ସେତେବେଳେ ସାରା ପୃଥିବୀକୁ ଜର୍ମାନ୍ ସାମ୍ରାଜ୍ୟରେ ପରିଣତ କରିବାକୁ ଏବଂ ସାରା ୟୁରୋପରୁ ଇହୁଦୀ ଜାତିକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବାକୁ ବଦ୍ଧପରିକର । ୧୯୪୨ ମସିହାରେ, ଯେତେବେଳେ ଜର୍ମାନୀ ଏବଂ ତା'ର ଦୁଇ ସହଯୋଗୀ ଜାପାନ ଏବଂ ଇଟାଲିର ଯୁଦ୍ଧାଭିଯାନ ଆଗରେ ବଡ଼ ବଡ଼ ଔପନିବେଶକ ଶକ୍ତିମାନେ କ୍ରମାଗତ ଭୂଲୁଣ୍ଠିତ ହୋଇଚାଲିଛନ୍ତି, ସମଗ୍ର ଜର୍ମାନଜାତି ତା'ର ସାମାଜିକ ବିବେକ, ତା'ର ମାନବିକତା ମୂଳତବି ରଖି ପ୍ରେତାବିଷ୍ଟ ଏବଂ ମନ୍ତ୍ରମୁଗ୍ଧ ପ୍ରାୟେ ହିଟ୍‌ଲର(Fuehrer)କୁ ସର୍ବଜ୍ଞାନୀ ତଥା ସର୍ବଶକ୍ତିମାନ୍ ବୋଲି ଧରି ନେଇଛନ୍ତି, ସେତେବେଳେ ବିଦ୍ୟାବୁଦ୍ଧି, ଶିଳ୍ପବାଣିଜ୍ୟ, ବିଜ୍ଞାନ ଏବଂ ବିବିଧ ଗବେଷଣାରେ ଅସାମାନ୍ୟ କୃତିତ୍ୱର ପରିଚୟ ଦେଇଚାଲିଥିବା ଇହୁଦୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ ହୋଇଗଲା ଏବଂ ଜର୍ମାନମାନେ ପ୍ରକାଶ୍ୟ ଦିବାଲୋକରେ ସେ ମର୍ମନ୍ତୁଦ ଦୃଶ୍ୟମାନ ଦେଖି ମଧ୍ୟ ନିରବ ରହିଲେ । ମୋବାଇଲ୍ ଭ୍ୟାନ୍ ଯୋଗେ ଇହୁଦୀମାନଙ୍କ ଘର ଭିତରକୁ ପ୍ରାଣାନ୍ତକ ଗ୍ୟାସ ଛଡ଼ାଗଲା । ଛଅଗୋଟି ମୃତ୍ୟୁଶିବିର (ସରକାରୀ ନାମର ଇଂରାଜୀ : Death Camp) ସ୍ଥାପନ କରାଗଲା । ୟୁରୋପର ଯେଉଁସବୁ ଦେଶ ସେ ପୈଶାଚିକ ମେଣ୍ଟର ଅଧିକାରଭୁକ୍ତ ହୋଇଯାଇଥିଲେ – ଯଥା ଫ୍ରାନ୍ସ୍, ହଲାଣ୍ଡ, ବେଲ୍‌ଜିଅମ – ସେସବୁ ଦେଶରୁ ଇହୁଦୀମାନଙ୍କୁ ଟ୍ରେନ୍‌ଯୋଗେ ଅଣାଯାଇ ଭିନ୍ନ ଭିନ୍ନ ମୃତ୍ୟୁ-ଶିବିର ଅନ୍ତର୍ଭୁକ୍ତ ଗ୍ୟାସ୍ ଚ୍ୟାମ୍ବରରେ ଭର୍ତ୍ତିକରି ମରାଗଲା । ଏ ମୃତ୍ୟୁଶିବିରଗୁଡ଼ିକ ଭିତରେ ସବୁଠାରୁ ଭୟଙ୍କର ଥିଲା ଆସ୍‌ଉଇଜ୍ । ତହିଁ ପ୍ରତ୍ୟହ ଦଶହଜାର ନରନାରୀଙ୍କୁ ହତ୍ୟା କରାଯାଉଥିଲା । ଫ୍ରାନ୍ସର ପତନ ସଙ୍ଗେ ସଙ୍ଗେ ପ୍ୟାରିସ ନଗରୀର ବାସିନ୍ଦା ତିରିଶ ହଜାର ଇହୁଦୀଙ୍କୁ ଆଣି ଜର୍ମାନୀର ବିଭିନ୍ନ କ୍ରୀତଦାସ ଶିବିରରେ ରଖାଯାଇ ସେମାନଙ୍କୁ ସାମାନ୍ୟ ଖାଦ୍ୟ ଦେଇ ଏଭଳି ଖଟିବାକୁ ବାଧ କରାଗଲା, ମହାଯୁଦ୍ଧର ଅବସାନ ବେଳକୁ ସେମାନଙ୍କ ଭିତରୁ

କଙ୍କାଳସାର ଏବଂ ପାଗଳ ବନିଥିବା କେତେଜଣ ମାତ୍ର ଜିଇଁ ରହିଥିଲେ ।

ସର୍ବମୋଟ ଜର୍ମାନୀ ଏବଂ ୟୁରୋପର ଅନ୍ୟାନ୍ୟ ଦେଶବାସୀ ଷାଠିଏ ଲକ୍ଷ ଇହୁଦୀଙ୍କୁ ହତ୍ୟା କରାଗଲା ।

ପୁଣି ଅନେକଙ୍କୁ ବୈଜ୍ଞାନିକ ଗବେଷଣା ନାମରେ ଅକଥନୀୟ ଯନ୍ତ୍ରଣା ଦିଆଯାଉଥିଲା । ଡା: ଜୋସେଫ୍ ମେଣ୍ଡେଲସ୍‌ଙ୍କ ଅଭୂତପୂର୍ବ ଖିଆଲ ହେଲା, ଯାଆଁଳା ଦୁଇଭାଇ ଭିତରୁ ଜଣକୁ ମାରିପକାଇଲେ ଅନ୍ୟଜଣକ ଭିତରେ କିଭଳି ପ୍ରତିକ୍ରିୟା ହେଉଛି, ତାହା ନିରୂପଣ କରିବା । ଅତଏବ କେତେଶହ ଇହୁଦୀ ଯୋଡ଼ିଙ୍କୁ ସ୍ୱତନ୍ତ୍ର ଗବେଷଣାଗାର ଭିତରେ ବନ୍ଦୀ କରି ଯୋଡ଼ି ଭିତରୁ ଜଣ ଜଣକୁ ଭିନ୍ନଭିନ୍ନ ରୀତିରେ ହତ୍ୟା କରାଯାଉଥାଏ । ଅବଶ୍ୟ ଗବେଷଣା ଅନ୍ତେ ଯୋଡ଼ିର ଉଦ୍‌ବୃତ୍ତ ଭାଇଟିକୁ ମଧ୍ୟ ପରପାରିକୁ ପଠାଇ ଦିଆଯାଉଥାଏ । (Otto Friedrich ଲିଖିତ The Kingdom of Auschwitz ଦ୍ରଷ୍ଟବ୍ୟ ।)

ଗବେଷଣା ନାମରେ ଏଭଳି ବୀଭତ୍ସ ପ୍ରହସନ ସୃଜିବାରେ ଜାପାନ ପଛରେ ପଡ଼ି ନଥିଲା । ସେଠାକାର ତଥାକଥିତ ବୈଜ୍ଞାନିକମାନେ ନିର୍ବାଚିତ ଯୁଦ୍ଧବନ୍ଦୀମାନଙ୍କୁ ଉତ୍ତମରୂପେ ଖିଆପିଆ କରାଇ ସ୍ୱାସ୍ଥ୍ୟବାନ୍ କରିଦେବେ । ତା'ପରେ ସେମାନଙ୍କୁ କଲେରା, ବସନ୍ତ, ସିଫିଲିସ୍ ଏବଂ ଅନ୍ୟାନ୍ୟ ମାରାତ୍ମକ ରୋଗର ବୀଜାଣୁ ଦ୍ୱାରା ଆକ୍ରାନ୍ତ କରାଯାଇ ପ୍ରତିକ୍ରିୟା ଲକ୍ଷ୍ୟ କରାଯିବ । କେତେକଙ୍କୁ ବରଫ ପାଣି ଭିତରେ କିଛି କିଛି ସମୟ ବୁଡ଼ାଇ ରଖି ତା'ପରେ ହଠାତ୍ ଫୁଟୁଥିବା ତତଲା ପାଣିରେ ନିମଜ୍ଜିତ କରାଯିବ – କେତେ ତୁରନ୍ତ ଚମଡ଼ା ଓ ମାଂସ ଖସି ଖସି ଯାଉଛି ସେ ତଥ୍ୟ ଲିପିବଦ୍ଧ କରିବା ନିମନ୍ତେ ।

### ''ସଇତାନର ରାକ୍ଷସୀ କ୍ଷୁଧା''

ମହାଯୁଦ୍ଧରେ ଜାପାନର ପରାଜୟ ଏବଂ ଆତ୍ମ-ସମର୍ପଣ ଅନ୍ତେ ସରକାରର ଅନ୍ୟ ସମସ୍ତ କର୍ମଚାରୀଙ୍କ ସମେତ ଏ ତଥାକଥିତ ବୈଜ୍ଞାନିକମାନେ ମଧ୍ୟ ବନ୍ଦୀ ହୋଇଥିଲେ । କିନ୍ତୁ ସେମାନେ ନିଜ ନିଜକୁ ନିର୍ମଳ ଗବେଷକ ବୋଲି ସଫେଇ ଦେଇ ଖସିଗଲେ । ଗବେଷଣାର ସ୍ୱରୂପ ପ୍ରକାଶ କଲେ ନାହିଁ । ପ୍ରାୟ ତିରିଶବର୍ଷ ପରେ ସିଚି ମୋରିମୁରା ନାମକ ଜଣେ ଧୀମାନ୍ ସନ୍ଧିତ୍ସୁ ମହାଯୁଦ୍ଧ କାଳୀନ ସେ 'ଗବେଷକ'ମାନଙ୍କ ସଂଧାନ ନେଇ ଦେଖିଲେ ଷାଠିଏ ଜଣ ଜୀବିତ ଅଛନ୍ତି । ସେମାନଙ୍କୁ ଭେଟି, ଜେରା କରି ମୋରିମୁରା ୧୯୮୦ରେ ''ସଇତାନର ରାକ୍ଷସୀ କ୍ଷୁଧା'' ନାମରେ ତାଙ୍କ ସଂଧାନର ଫଳ ପ୍ରକାଶ କରିଛନ୍ତି । (*The Devil's Gluttony* by Sichi Morimura)

ଉପସଂହାରରେ ମୋରିମୁରା ଏହି ପ୍ରଶ୍ନ ଉଠାଇଛନ୍ତି : ଯେଉଁ ବୈଜ୍ଞାନିକମାନେ ଏହିଭଳି ନୃଶଂସ କର୍ମ କରୁଥିଲେ, ସେମାନେ ସମାଜରେ ସୁଧୀ ସୁଜନ ଭାବରେ ଗଣ୍ୟ । ସେମାନେ ଆମରି ଭଳି ସାହିତ୍ୟ, ସଂଗୀତ ଉପଭୋଗ କରୁଥିବା ରୁଚିବନ୍ତ ମଣିଷ । ସେମାନେ ଏମିତି ଭାବରେ ସଇତାନର କ୍ରୀତଦାସ ବନିଗଲେ କେମିତି ? ସେ ଯୁଦ୍ଧକାଳୀନ ବିଭ୍ରାଟ ଭିତରେ କ'ଣ ଏଭଳି କୌଣସି ଅପଶକ୍ତି ବାତାବରଣକୁ ସଂକ୍ରମିତ ହୋଇ ଆସିଥିଲା, ଯାହା ସେମାନଙ୍କ ବିବେକକୁ ମୂର୍ଚ୍ଛାହତ କରି ରଖିଦେଇଥିଲା ?

ମୋରିମୁରାଙ୍କର ଅତିଭୌତିକ ବିଜ୍ଞାନ ସମ୍ପର୍କରେ ଧାରଣା ନଥିଲେ ମଧ୍ୟ ତାଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତର କେବଳ ମାତ୍ର ସେହି ବିଜ୍ଞାନ ଦେଇପାରିବ । ଅତି ସଂକ୍ଷେପରେ ସେ ଉତ୍ତର ହେଲା, ଅପଶକ୍ତିର ଉତ୍ସ ଏବଂ ପରିଚାଳକ ମହା ସଇତାନ ବାସ୍ତବରେ ହିଟ୍‌ଲରକୁ ସମ୍ପୂର୍ଣ୍ଣ ଆୟତ୍ତ କରିନେଇଥିଲା ଏବଂ ହିଟ୍‌ଲର୍ ମାଧ୍ୟମରେ ଜାପାନ ଓ ଇଟାଲିର ନେତୃବର୍ଗଙ୍କୁ ତା'ର କ୍ରୀତଦାସରେ ପରିଣତ କରିଥିଲା । ସେମାନେ ବୀଭତ୍ସ ପରିସ୍ଥିତି ସୃଷ୍ଟି କରୁଥିଲେ ଏବଂ ସେଥିରୁ ବିକୃତ ଆମୋଦ ଆହରଣ କରୁଥିଲେ । ହିଟ୍‌ଲର ତା' ପ୍ରତି ବିଶ୍ୱାସଘାତକତା କରୁଥିବା ସନ୍ଦେହରେ ତା' ଜୀବନର ଶେଷ ଦୁଇବର୍ଷ ଭିତରେ ୪୯୮୦ ଜଣ ବରିଷ୍ଠ କର୍ମଚାରୀଙ୍କୁ ହତ୍ୟା କରିଥିଲା । କେତେ ଜଣଙ୍କ ଗଳାରେ ପିଆନୋ ତାର ବାନ୍ଧି ସେମାନଙ୍କୁ ଶ୍ୱାସରୁଦ୍ଧ କରି ମରାଯାଇଥାଏ । ସେମାନଙ୍କ ସେ ଯନ୍ତ୍ରଣା ଭୋଗର ଦୃଶ୍ୟ ହିଟ୍‌ଲରର ନୈଶାହାରକାଳୀନ ଆମୋଦ ନିମନ୍ତେ ଚଳଚ୍ଚିତ୍ର-ଯୋଗେ ତା' ଆଗରେ ପ୍ରଦର୍ଶନ କରାଯାଉଥାଏ ।

ବିଡ଼ମ୍ବନା ହେଲା, ହିଟ୍‌ଲରର ଏହି ଶିକାରମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ପ୍ରକୃତରେ ତା'ର ଦୃଢ଼ ସମର୍ଥକ । ସେମାନଙ୍କ ଅନ୍ତର୍ଭୁକ୍ତ ଥିଲେ ସମସାମୟିକ ଇତିହାସରେ ସବୁଠାରୁ ଦକ୍ଷ ସେନାପତି ଫିଲ୍ଡ଼ ମାର୍ଶାଲ ଏରଉଇନ୍ ରୋମେଲ୍ । ଭଦ୍ରଲୋକଙ୍କ କାର୍ ଭିତରକୁଯାଇ ହିଟ୍‌ଲର ପ୍ରେରିତ ଦୁଇ

ମୃତ୍ୟୁଦୂତ ସାମରିକ କର୍ମଚାରୀ କହିଲେ : ଫୁଏରର୍‌ଙ୍କ ଆଦେଶ, ବିଚ ବଜାରର ସର୍ବ ସମକ୍ଷରେ ତାଙ୍କୁ ସପରିବାର ଗୁଳି କରାଯିବ । ତେବେ ସଦାଶୟ ଫୁଏରର୍ ସେନାପତିଙ୍କ ପାଇଁ ଏକ ସୁଗମ ଏବଂ ସମ୍ମାନଜନକ ବିକଳ୍ପ ପନ୍ଥାର ସୁଯୋଗ ଦେଇଛନ୍ତି । ସେ ସେହି କାର୍ ଭିତରେ ତତ୍‌କ୍ଷଣାତ୍ ବିଷପାନ କରିପାରନ୍ତି ।

ଅଗତ୍ୟା ରୋମେଲ୍ ବିକଳ୍ପ ପନ୍ଥାହିଁ ଗ୍ରହଣ କଲେ । ଶେଷଥର ପାଇଁ ପରିବାର ସହ ସାକ୍ଷାତର ସୁଯୋଗ ତାଙ୍କୁ ମିଳିଲା ନାହିଁ ।

## ନିର୍ମମତାର ଉତ୍ସ ଓ ସ୍ତରଭେଦ

ନିବନ୍ଧର ପ୍ରଥମରେ ନିର୍ମମତାର ତିନୋଟି ଦୃଷ୍ଟାନ୍ତର ଉଲ୍ଲେଖ କରାଯାଇଥିଲା । ପ୍ରଥମ ଘଟଣାର ଘଟକକୁ ସାମୟିକ ଭାବରେ ଏକ ମାମୁଲି ପିଶାଚଶକ୍ତି କାବୁ କରିନେଇଥିବା ସମ୍ଭବ । ସେଭଳି ଶକ୍ତିମାନେ ସ୍ୱାର୍ଥାନ୍ଧ ଏବଂ ଅବିକଶିତ-ଚେତନାସମ୍ପନ୍ନ ମଣିଷକୁ ଅଚିରେ ଆୟତ୍ତ କରି ନିଅନ୍ତି । ଥରେ ଥରେ ସେମାନେ ସେଭଳି ଲୋକଙ୍କୁ ହେତୁହୀନ ନୃଶଂସତା ଅଥବା କିଛି କିଛି ହିଂସାଚାର କରିବାକୁ ପ୍ରବର୍ତ୍ତାଇଥାନ୍ତି ।

ଗତ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର କଥା । ହିମାଳୟ ପାଦ ଦେଶସ୍ଥ ଆଲ୍‌ମୋରାଠାରେ ଅବସ୍ଥିତ ଏକ ଆଶ୍ରମବାସୀ ଜଣେ ପ୍ରାଜ୍ଞଯୋଗୀ ପ୍ରାତଃ ଭ୍ରମଣରେ ବାହାରିଥା'ନ୍ତି । ସାଙ୍ଗରେ ଥାଏ ଜଣେ ତରୁଣ ଶିଷ୍ୟ । ଦୁହେଁ ଏକ ଛକ ପାଖରେ ପହଞ୍ଚିବା ବେଳକୁ ଅନ୍ୟ ଦିଗରୁ ହ୍ୟାଟ୍, ସୁଟ୍, ବୁଟ୍ ପରିହିତ ଜଣେ ଭାରତୀୟ ସାହେବ ତାଙ୍କର ଚିକ୍କଣ ବାଡ଼ି ଖଣ୍ଡିକ ହଲାଇ ହଲାଇ ଅଗ୍ରସର ହେଉଥା'ନ୍ତି । ଛକ ପାଖରେ ଠାଏ ଶୋଇଥାଏ ଗୋଟାଏ ରୋଗୀ, ଅପରିଚ୍ଛନ୍ନ ଛୋଟିଆ କୁକୁର ।

ସାହେବ ଉଦ୍ୟତ କଲେ ତାଙ୍କ ବାଡ଼ି ଏବଂ ଯଥେଷ୍ଟ ଶକ୍ତି ପ୍ରୟୋଗକରି ଦେଲେ କୁକୁରଟିକୁ ଏକ ପିଟା । ବିକଳ ଚିତ୍କାର କରି ଥରେ ଉଠିପଡ଼ି ସେ ଧରାଶାୟୀ ହେଲା; ମରିଗଲା । ସାହେବ ବାଡ଼ି ବୁଲାଇ, ଖେଳାଇ, ହଲାଇ, ଯଥାରୀତି ଚୁରୁଟରେ ଟାଣ ଦେଇ ନିଜ ଅଳସ ଗତି ବଜାୟ ରଖିଲେ ।

କିନ୍ତୁ ସ୍ତବ୍ଧ ହୋଇ ରହିଗଲେ ଯୋଗୀ । କୁହୁଡ଼ି ଭିତରେ ସାହେବ ଅଦୃଶ୍ୟ ହେବା ଯାଏ ସେ ତାଙ୍କୁ ଅନାଇ ରହିଥା'ନ୍ତି ।

''ଆଜ୍ଞା, ବିନା କାରଣରେ ବାବୁଟି କୁକୁରକୁ ଏମିତି ପିଟିଦେଲେ କାହିଁକି ?'' ଯୋଗୀଙ୍କ ଅନୁଗତ ତୁରଣଟି ପ୍ରଶ୍ନ କଲା ।

''ମୁଁ ବି ସେହି ପ୍ରଶ୍ନର ଉତ୍ତର ଖୋଜୁଥିଲି । ପାଇଲି । ଲୋକଟି ପ୍ରଥମଥର ପାଇଁ ମଣିଷ ଜନ୍ମ ପାଇଛି । ଚେତନା ତା'ର ଅତ୍ୟନ୍ତ ଅବିକଶିତ । ହୁଏତ ସେ ପୂର୍ବଜନ୍ମରେ କୁକୁରହିଁ ଥିଲା ।''

ଏକଥା ମୁଁ ଆଲ୍‌ମୋରାର ସେ ଆଶ୍ରମ ସହ ସଂପୃକ୍ତ ଜଣେ ବନ୍ଧୁଙ୍କଠାରୁ ଶୁଣିଥିଲି । ପଶୁମାନଙ୍କ ଭିତରେ ଅହେତୁକୀ ହିଂସାଚାର ନିମନ୍ତେ ଉତ୍ସାହ ନଥାଏ । କିନ୍ତୁ କୁକୁରମାନଙ୍କ ଭିତରେ ମଣିଷଙ୍କ ସଂସର୍ଗରୁ ସେ ପ୍ରବୃତ୍ତିର ବିକାଶ ଘଟିଛି । ଗୋଟାଏ କୁକୁର ଆଉ ଗୋଟାଏ କୁକୁରକୁ ସହିପାରେ ନାହିଁ କେବେ କେବେ ।

ସେ ଯାହାହେଉ, ଅହେତୁକୀ ହିଂସାଚାରର ଦୃଶ୍ୟ ଏ ଲେଖକ ପ୍ରତ୍ୟକ୍ଷ କରିଛି । ୧୯୫୫ ବା ୧୯୫୬ର କଥା । କଟକର ଚୌଧୁରୀ ବଜାର ଛକର ଅନତି ଦୂରବର୍ତ୍ତୀ ଏକ କୋଠା ଆଗରେ ଏ ଲେଖକ ଜଣେ ବନ୍ଧୁ ସହ କଥାବାର୍ତ୍ତା କରୁଛି, ସାଇକେଲ ଯୋଗେ ଆସିଲେ ଜଣେ ଭଦ୍ରଲୋକ । ପିଠିରେ ବନ୍ଧୁକ । ସେ ହଠାତ୍ ତଳେ ଗୋଡ଼ ଲଗାଇ ରହିଗଲେ ଓ ବନ୍ଧୁକଟି ବାଗେଇ ଧରିଲେ । ଆମେ କିଛି ବୁଝିପାରିବା ପୂର୍ବରୁ ସେ ଗୁଳି ଫୁଟାଇଲେ । ରାସ୍ତା କଡ଼ରେ ଶୋଇଥିବା କୁକୁରଟିଏ କ୍ଷୀଣ ଚିତ୍କାର କରି ନର୍ଦ୍ଦମା ଭିତରକୁ ଟଳିପଡ଼ିଲା ! ଘାତକ ସାଇକେଲ ଚଳାଇ ଚାଲିଗଲେ ।

ସେ ଭଦ୍ରଲୋକ ଥିଲେ ଜଣେ ଖ୍ୟାତନାମା ଓକିଲ । ମୋର ବନ୍ଧୁ ଖାଲି କହିଲେ, ''ସେ ବାସ୍ତବିକ ଅଦ୍ଭୁତ ମଣିଷ ।''

ଏ ଘଟଣାର ଆଠ ବର୍ଷ ପରେ ଏକାଧିକ ଯୋଗାଯୋଗ ଫଳରେ ସେ ମହାଶୟଙ୍କ ସହ ଏ ଲେଖକକୁ ଘନିଷ୍ଠ ହେବାର ସୁଯୋଗ ମିଳିଲା । ସେତେବେଳେ ତାଙ୍କ ଭିତରେ ଅଦ୍ଭୁତ କିଛି ଗୁଣ ବା ଦୁର୍ଗୁଣ ଦେଖିଲି ନାହିଁ । ଦିନେ ସେ ଭଲ ମିଜାଜରେ ଥିବାବେଳେ ତାଙ୍କୁ ତାଙ୍କର ସେ ଅପ୍ରତ୍ୟାଶିତ କର୍ମଟି କଥା ସ୍ମରଣ କରାଇ ଦିଅନ୍ତେ ସେ ବିନା ଦ୍ୱିଧାରେ କହିଲେ, ''ମୋର ମନେ ଅଛି । କିନ୍ତୁ ଜାଣେ ନା, କାହିଁକି ହଠାତ୍ ମୋତେ ଯେମିତି କେହି ମାଡ଼ି ବସି ସେତକ କରାଇନେଲା ।''

ତେବେ କଥାବାର୍ତ୍ତା ଭିତରେ ଏତିକି ବୁଝିଲି, ମହାଶୟ ଜଣକ ଜଣେ ସ୍ୱନାମଧନ୍ୟା ମହିଳାଙ୍କୁ କଣ୍ଟ୍ରାକ୍ଟ୍ ବିବାହ

କରିଥିଲେ । ମିଆଦ ପୂରିବା ଅନ୍ତେ ଭୂତପୂର୍ବ ପତ୍ନୀଙ୍କ ସହ କୌଣସି ସ୍ଥାବର ସମ୍ପତ୍ତି ନେଇ ମକଦ୍ଦମା ଚାଲିଥିଲା । ତାଙ୍କର ସେହି ଚିତ୍ତ-ଚାଞ୍ଚଲ୍ୟ ବା ବୈକଲ୍ୟର ସୁଯୋଗ ନେଇଥିଲା ଅପଶକ୍ତିଟିଏ ।

ଦ୍ୱିତୀୟ ଦୃଷ୍ଟାନ୍ତର ପାକିସ୍ତାନୀ ସନ୍ତ୍ରାସବାଦୀଟିକୁ ଆୟତ୍ତ କରିଛି ଅପେକ୍ଷାକୃତ ଅଧିକ କୁଶଳୀ ସଇତାନଶକ୍ତି । ଯୁବକଟିର ଚିନ୍ତାଶକ୍ତି, ସାଧାରଣଜ୍ଞାନ ଏବଂ ସ୍ୱାଭାବିକ ବୋଧଶକ୍ତିକୁ ସେ ଅଚଳ କରିଦେଇଛି । ଅସଂଖ୍ୟ ସନ୍ତ୍ରାସବାଦୀଙ୍କୁ ଧର୍ମର ଦୁହାଇ ଦେଇ ସେ କୁଶଳୀ ସଇତାନଶକ୍ତି ଅମଣିଷରେ ପରିଣତ କରିବାକୁ ସକ୍ଷମ ।

## ମିଥ୍ୟାର ପ୍ରଭୁ

କିନ୍ତୁ ତୃତୀୟ ଦୃଷ୍ଟାନ୍ତରେ ବିଂଶ ଶତାବ୍ଦୀୟ ଇତିହାସର ଯେଉଁ ଭୟଙ୍କର ବିଭୀଷିକାର ପ୍ରତୀକ ଭାବରେ ନାଜି କର୍ମଚାରୀ ଦଣ୍ଡିତ ହେଲା, ସେ ବିଭୀଷିକାର ନାୟକ ହିଟ୍‌ଲର ସବୁଠାରୁ ଦୁର୍ଦ୍ଦାନ୍ତ, ସବୁଠାରୁ କ୍ଷମତାଶାଳୀ ସଇତାନର ମାଧ୍ୟମ ବନି ଯାଇଥିଲା । ବାଭାରିଆ ସୀମାନ୍ତବର୍ତ୍ତୀ ଆଲ୍‌ପ୍‌ସ୍ ପର୍ବତମାଳା ଭିତରେ ଥିଲା ହିଟ୍‌ଲରର ଏକ ପ୍ରାସାଦ । ହଠାତ୍ ମଧ୍ୟେ ମଧ୍ୟେ ସେଠାକୁ ପଳାଇଯାଇ ସେ ତା'ର ଆରାଧ୍ୟକୁ ଡାକୁଥାଏ । ସେ ଅଶରୀରୀ ସତ୍ତା ତା' ଆଗରେ ଆପଣାକୁ Lord of the Nations ଭାବରେ ଜାହିର କରୁଥାଏ । ପ୍ରକୃତରେ ସେ ଥିଲା Lord of Falsehood । ପ୍ରତିଥର ତା' ସହ ସାକ୍ଷାତ୍ ପରେ ହିଟ୍‌ଲର ହୋଇ ଉଠୁଥାଏ ଦୁର୍ଦ୍ଦମ । କିନ୍ତୁ ଅନ୍ୟବେଳେ ସେ ଜଣେ ମାମୁଲି, ଭୟାଳୁ, ସନ୍ଦେହୀ ମଣିଷ – ହାରାହାରି ଚେତନାବନ୍ତ ଯେକୌଣସି ମଣିଷ ତୁଳନାରେ ନ୍ୟୂନ ଓ ନିରିମାଖି । ଥରେ ଥରେ ସେ ଯେଉଁ ଅସ୍ୱାଭାବିକ ଆଚରଣ କରୁଥାଏ, ତାହାର ସାକ୍ଷୀମାନେ ସେଥିରୁ ତାକୁ ପାଗଳ ବୋଲି ଠଉରାଉଥା'ନ୍ତି । କିନ୍ତୁ ପରେ ପରେ ସେ ପୁଣି ତା' ଆରାଧ୍ୟ ମହାସଇତାନଠାରୁ ବଳ ଆହରଣ କରି ସେମାନଙ୍କୁ ଭୟଭୀତ କରୁଥାଏ । ଥରେ ସେ କୌଣସି କାରଣରୁ କ୍ରୁଦ୍ଧ ଏବଂ ହତାଶ ହୋଇ ତଳେ ଗଡ଼ି କାର୍ପେଟ୍‌ର କିଛି ଅଂଶ ଚୋବାଇ ପକାଇଲା । ତା' ପାଖଲୋକେ ତାକୁ ନିଜ ନିଜ ଭିତରେ କାର୍ପେଟ-ଖାଦକ ଭାବରେ ଚିହ୍ନିତ କରୁଥା'ନ୍ତି । (ବିଷଦ ବିବରଣୀ ପାଇଁ William Shirerଙ୍କ ଜନପ୍ରିୟ ବହି *The Rise and Fall of the Third Reich* ଦ୍ରଷ୍ଟବ୍ୟ ।)

ସମଗ୍ର ଜର୍ମାନଜାତି ତଥା ଇଟାଲି ଓ ଜାପାନର ନେତୃବର୍ଗଙ୍କୁ ଏହି ଅସ୍ୱାଭାବିକ ଲୋକଟି କିପରି ପ୍ରଭାବିତ କରୁଥିଲା, ସାଧାରଣ ଯୁକ୍ତିବିଜ୍ଞାନ ବା ଗତାନୁଗତିକ ମନସ୍ତତ୍ତ୍ୱ ତା'ର ବ୍ୟାଖ୍ୟା ଦେଇପାରିବ ନାହିଁ । ଜଣେ ବିଶିଷ୍ଟ ଲେଖକଙ୍କ ଭାଷାରେ, ସାପର ଦୃଷ୍ଟି ଆଗରେ ବେଙ୍ଗଟାଏ ଯେମିତି ମାୟାମୁଗ୍ଧ ଓ ସ୍ଥାବର ବନିଯାଏ, ହିଟ୍‌ଲର ଆଗରେ ସମସ୍ତଙ୍କର ସେହି ଅବସ୍ଥା ହେଉଥିଲା । (Walter Kempwiskin)

ହିଟ୍‌ଲରର ଏହି ଚରିତ୍ର-ବୈଚିତ୍ର୍ୟ ସମ୍ପର୍କରେ ବହୁ ପ୍ରାମାଣ୍ୟ ବହି ରହିଛି । କିନ୍ତୁ ଏ ଲେଖକର ସୀମିତ ଜ୍ଞାନରେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ବହି ହେଲା ବେଲ୍‌ଜିଅମ୍‌ର ଜଣେ ବିଦଗ୍ଧ ଗବେଷକ, ବହୁ ୟୁରୋପୀୟ ଭାଷାରେ ସୁପଣ୍ଡିତ ଏବଂ ବିଚକ୍ଷଣ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଲେଖକ Georges Van Vrekhemଙ୍କର 'Hitler and His God' । ସାତଶହ ପୃଷ୍ଠା ସମ୍ବଳିତ ଏ ତଥ୍ୟପୂର୍ଣ୍ଣ ବହିର ତାତ୍ତ୍ୱିକ ବକ୍ତବ୍ୟ ହେଲା, ଯେହେତୁ ଆଜି ପୃଥିବୀରେ ଏକ ନୂତନ ଯୁଗର ସୂତ୍ରପାତ ହେବାର ସମ୍ଭାବନା ସ୍ପଷ୍ଟ, ତେଣୁ ପ୍ରଗତି-ବିରୋଧୀ ଅପଶକ୍ତି ତା'ର ସମସ୍ତ ଛଳବଳ କୌଶଳ ପ୍ରୟୋଗ କରି ତାକୁ ପ୍ରତିହତ କରିବାର ପ୍ରୟାସ କରୁଛି । ବିବର୍ତ୍ତନର ଗତିରେ ମଣିଷ ଏକଦା ତା'ର କ୍ରମବିକଶିତ ମନକୁ ଭିତ୍ତିକରି ଯେଉଁ ସଭ୍ୟତା ଗଢ଼ିତୋଳୁଥିଲା, ସେ ମନ ତା'ର ଯତ୍‌ପରୋନାସ୍ତି ଅବଦାନ ଦେଇସାରିଛି । ଅନାଗତ ଭବିଷ୍ୟତରେ ମନୋତ୍ତର ଏକ ନୂତନ ଶକ୍ତି ମଣିଷ ଭିତରକୁ ସଞ୍ଚାରିତ ହୋଇ ଆସି ତାକୁ ନୂତନ ଦିଗ୍‌ଦର୍ଶନ ଦେବ; ଆଜିର ଅର୍ଦ୍ଧ-ପଶୁବତ୍ ମଣିଷ ଏକ ଦିବ୍ୟଜାତିରେ ପରିଣତ ହେବ ।

କ୍ରମବିକାଶର ଏହି ସ୍ୱାଭାବିକ କ୍ରିୟାକୁ ନଷ୍ଟ ଭ୍ରଷ୍ଟ କରିବା ନିମନ୍ତେ ପ୍ରଚଣ୍ଡ ଅପଶକ୍ତି ହିଟ୍‌ଲର ମାଧ୍ୟମରେ ସାରା ପୃଥିବୀକୁ ନାଜି ଶାସନଭୁକ୍ତ କରିବାର ପ୍ରୟାସ କରିଥିଲା । ବାସ୍ତବରେ ସଂଘର୍ଷ ଖାଲି ସ୍ଥୂଳ ପର୍ଯ୍ୟାୟରେ ହେଉ ନଥିଲା, ପ୍ରକୃତ ସଂଘର୍ଷ ହେଉଥିଲା ଜନମାନସର ଅଜ୍ଞାତସାରରେ – ବିବର୍ତ୍ତନୀ ଶକ୍ତି ସହ ପ୍ରତିକ୍ରିୟାଶୀଳ ଅପଶକ୍ତିର । ସେ ବିବର୍ତ୍ତନୀ ଶକ୍ତିର ଜୀବନ୍ତ ପ୍ରତିଭୂ ଏବଂ ଉଦ୍‌ଗାତା ଥିଲେ ଶ୍ରୀଅରବିନ୍ଦ । ସେ ତାଙ୍କର ମହାନ୍ ଯୋଗଶକ୍ତି ପ୍ରୟୋଗ କରୁଥିଲେ ସଇତାନ ଶକ୍ତିର ଅଭ୍ୟୁତ୍ଥାନ ବିରୋଧରେ ।

ନାଜି ପକ୍ଷର ବିଜୟ ହୋଇଥିଲେ ସଭ୍ୟତା କେତେ ଶହବର୍ଷ ପଛକୁ ହଟିଯାଇଥା'ନ୍ତା, ତାହା ଦ୍ୱିତୀୟ ମହାଯୁଦ୍ଧର

ଇତିହାସର ସନ୍ଧିତ୍ସୁ ପାଠକମାନେ ବୁଝିପାରିବେ । ସେତେବେଳେ ଭାରତବର୍ଷ ସ୍ୱାଧୀନ ହୋଇ ନାହିଁ । ଅର୍ଥାତ୍ ନାଜି ପକ୍ଷ ବିରୋଧରେ ଯିବା ଅର୍ଥ ବ୍ରିଟେନ୍ ସମ୍ବଳିତ ମିତ୍ରପକ୍ଷର ସମର୍ଥନ କରିବା । ଯେଉଁ ଶ୍ରୀଅରବିନ୍ଦ ଭାରତବର୍ଷ ପାଇଁ ନିଃସର୍ତ୍ତ ସ୍ୱାଧୀନତା ଦାବି କରିବାରେ ପ୍ରଥମ ବିପ୍ଳବୀ, ସେ ମିତ୍ରପକ୍ଷ ସପକ୍ଷରେ ଯିବା ଅନେକ ଭାରତୀୟଙ୍କୁ ସୁହାଇଲା ନାହିଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ସେଭଳି ସମର୍ଥନ ମାନବତାର ଭବିଷ୍ୟତ୍ ଦୃଷ୍ଟିରୁ ଥିଲା ଅପରିହାର୍ଯ୍ୟ । ଅଦୃଶ୍ୟ ଅତିଭୌତିକ ସ୍ତରରେ ସଇତାନୀ ଶକ୍ତିର ପରାଜୟହିଁ ସ୍ଥୂଳକ୍ଷେତ୍ରରେ ନାଜି ପକ୍ଷର ପରାଜୟ ସମ୍ଭବପର କଲା ।

ତେବେ ତାହା ଏକ ଭିନ୍ନ ଏବଂ ଦୀର୍ଘ ପ୍ରସଙ୍ଗ । ଉପରୋକ୍ତ ବହି ସେ ବିଷୟ ଉପରେ ଯଥାର୍ଥ ଆଲୋକପାତ କରିଛି ।

୧୯୩୮ ମସିହା ଡିସେମ୍ବର ୩୧ ତାରିଖ ଦିନ ତାଙ୍କ ଅନୁଗତମାନଙ୍କ ସହ କଥାବାର୍ତ୍ତା ହେବା ଅବସରରେ ଶ୍ରୀଅରବିନ୍ଦ ସୂଚାଇଥିଲେ, ମାନବତା ଅତ୍ୟନ୍ତ ନୀଚସ୍ତରକୁ ଓହ୍ଲାଇ ଯାଇଥିବା ଯୋଗୁଁ ହିଟ୍‌ଲର ଭଳି ଗୋଟାଏ ନଗଣ୍ୟ, ସ୍ୱଳ୍ପବୁଦ୍ଧିସମ୍ପନ୍ନ ଉଚ୍ଚାଭିଳାଷୀ ମଣିଷ ପାଖରେ ସାରା ପୃଥିବୀ ନତମସ୍ତକ ହେବାକୁ ଯାଉଥିଲା ! ଆଜି ହିଟଲର୍ ନାହିଁ; କିନ୍ତୁ ସେ ସଇତାନୀ ଶକ୍ତି ଅଟୁଟ ନଥିଲେ ମଧ୍ୟ ବେଶ୍ କାର୍ଯ୍ୟକ୍ଷମ ରହିଛି ବୋଲି ଅସଂଖ୍ୟ ଲୋକଙ୍କୁ କାବୁ କରିପାରୁଛି ।

ଆମ ସଂସ୍କୃତି, ଆଚରଣ, ଜୀବନର ଆଭିମୁଖ୍ୟରେ କେବେ ଯଥେଷ୍ଟ ପରିବର୍ତ୍ତନ ହେଲେ ସେ ଶକ୍ତିର ବିଲୟ ଘଟିବ ? ସେଦିଗରେ ଆମର ସାମୂହିକ ଆସ୍ପୃହା କେତେ ନିର୍ଭରଯୋଗ୍ୟ ? ଆମ ସଭିଙ୍କ ଚେତନାରେ ଏ ପ୍ରଶ୍ନ ଜାଗରୂକ ରହୁ ।

## ହିଂସା ଓ ନିର୍ମମତା

ପରିଶେଷରେ ଆମେ ସ୍ମରଣ ରଖିବା ଏକାନ୍ତ ଆବଶ୍ୟକ ଯେ ହିଂସା ଓ ନିର୍ମମତା (Violence ଏବଂ Cruelty) ଏକାକଥା ନୁହେଁ । ବହୁ କ୍ଷେତ୍ରରେ ହିଂସା ସମର୍ଥନୀୟ ହୋଇଥାଏ; କିନ୍ତୁ ନିର୍ମମତା ମଣିଷର ଆନ୍ତରଚେତନା ପାଇଁ ହଳାହଳ । ଆପାତ ଦୃଷ୍ଟିରେ ଯାହା ହିଂସାତ୍ମକ କାର୍ଯ୍ୟ, ତାହା ପଛରେ ବ୍ୟକ୍ତିଗତ ବା ସମଷ୍ଟିଗତ ବୀରତ୍ୱ ଥାଇପାରେ, ଥାଇପାରେ ଆତ୍ମତ୍ୟାଗର ପ୍ରେରଣା । ହିଂସାଭିତ୍ତିକ କେତେ ଅଭ୍ୟୁତ୍ଥାନ ଓ ବିପ୍ଳବ ସଭ୍ୟତାର କ୍ରମଗତିରେ ଅନିବାର୍ଯ୍ୟ ଭୂମିକା ତୁଲାଇଛନ୍ତି । କିନ୍ତୁ ନିର୍ମମତା ଏକ ଜଘନ୍ୟ ମାନସିକ ବ୍ୟାଧି; ଏହା ବିବର୍ତ୍ତନର ବିରୋଧୀ । ବିଶେଷତଃ ବ୍ୟକ୍ତିଗତ ଚେତନାର ପ୍ରଗତିକୁ ଏହା ରୋକି ଦେବା ସଙ୍ଗେ ସଙ୍ଗେ ରସାତଳଗାମୀ କରାଏ । ❖

ଯାହା ତୁମର ସତ୍ୟତର ଓ ଉଚ୍ଚତର ପ୍ରକୃତିର ଅଂଶ ନୁହେଁ ସେଇ ସମସ୍ତ ସନ୍ଦେହ, ଅବସାଦ ଏବଂ ସେଇ ଧରଣର ଅନ୍ୟାନ୍ୟ ଗତିବୃତ୍ତିକୁ ତୁମ ଭିତରୁ କାଢ଼ି ଫିଙ୍ଗିଦିଅ । ତୁମର ଅକ୍ଷମତା, ଅଯୋଗ୍ୟତା ଆଦି ସମ୍ପର୍କରେ ଏକ ବିଜାତୀୟ ଶକ୍ତିଠାରୁ ଆସୁଥିବା ସମସ୍ତ ଅବାନ୍ତର ଅଯୌକ୍ତିକ କୁମନ୍ତ୍ରଣାକୁ ପ୍ରତ୍ୟାଖ୍ୟାନ କର । ତୁମ ଆତ୍ମାର ଦିବ୍ୟ-ଆଲୋକ ପ୍ରତି ବିଶ୍ୱସ୍ତ ରୁହ ଏପରିକି ଯେତେବେଳେ ଏହା ମେଘାଚ୍ଛନ୍ନ ହୋଇ ରହିଥାଏ । ମୋର ଏବଂ ମା'ଙ୍କର ସାହାଯ୍ୟ ପଶ୍ଚାତ୍‌ରେ ରହି କାର୍ଯ୍ୟ କରୁଥିବ – ଏପରିକି ଯେଉଁସବୁ ମୁହୂର୍ତ୍ତରେ ତୁମେ ଏହା ଅନୁଭବ କରିପାର ନାହିଁ । ତୁମ ପାଇଁ ଓ ସମସ୍ତଙ୍କ ପାଇଁ ଏକମାତ୍ର ଯାହା ପ୍ରୟୋଜନ ତାହା ହେଉଛି, ଏପରିକି ସ୍ଥୂଳ ଦୈହିକ ଚେତନାର ଅଜ୍ଞାନମୟ ଶକ୍ତିଗୁଡ଼ିକର ଅନ୍ଧକାର ଭିତରେ ମଧ୍ୟ, ତୁମର ଆତ୍ମା ପ୍ରତି ଏବଂ ଭଗବତ୍ ଦିବ୍ୟ-ଆହ୍ୱାନର ସ୍ମରଣ ପ୍ରତି ଦୃଢ଼ତା ଓ ଜିଦ୍‌ର ସହ ବିଶ୍ୱସ୍ତ ରୁହ । ବିଶ୍ୱସ୍ତ ରୁହ, ଏବଂ ତୁମର ବିଜୟ ସୁନିଶ୍ଚିତ ।

– ଶ୍ରୀଅରବିନ୍ଦ

# କର୍ମଫଳ ଓ ମାନବ ନିୟତି

## (୨)

### ମମତା ଦାଶ

ହିନ୍ଦୁଧର୍ମ ଭଳି ବୌଦ୍ଧଧର୍ମରେ ମଧ୍ଯ କର୍ମ ଓ କର୍ମଫଳକୁ ଗୁରୁତ୍ୱ ଦିଆଯାଇଛି । କିନ୍ତୁ ହିନ୍ଦୁଧର୍ମରେ ଶରୀର, ମନ, ପ୍ରାଣ ବ୍ୟତୀତ ଆଉ ଗୋଟିଏ ଅବିନାଶୀ ଅମର ସତ୍ତା ସମ୍ବନ୍ଧରେ କୁହାଯାଏ, ଯାହାକି ମନୁଷ୍ୟର ସାରତତ୍ତ୍ୱ । ଏହି ଆତ୍ମାହିଁ ଜନ୍ମ ପରେ ଜନ୍ମ ଗତି କରେ, ଭିନ୍ନ ଭିନ୍ନ ଶରୀର ଗ୍ରହଣ କରେ, ତା'ର କର୍ମ ଅନୁସାରେ ଭିନ୍ନ ଭିନ୍ନ ଦୁଃଖ ଓ ସୁଖ ଭୋଗ କରେ । କିନ୍ତୁ ବୌଦ୍ଧଧର୍ମର ତତ୍ତ୍ୱ ମଧ୍ଯରେ 'ଆତ୍ମା'ର ଅସ୍ତିତ୍ୱ ନଥାଏ, ସବୁକିଛି କ୍ଷଣସ୍ଥାୟୀ, ଚିରସ୍ଥାୟୀ ବସ୍ତୁ ବୋଲି କିଛି ନଥାଏ ।

ବୌଦ୍ଧଧର୍ମର ଭିତ୍ତିଭୂମି ହେଉଛି କର୍ମତତ୍ତ୍ୱ । ତେବେ ଏହା କିପରି ଭାବରେ କାର୍ଯ୍ୟକାରୀ ହୁଏ, ସେସମ୍ବନ୍ଧରେ ବିଶଦ ଆଲୋଚନା କରିବି ନାହିଁ । କାରଣ, ବୌଦ୍ଧଧର୍ମ ବଡ ଜଟିଳ, ଏବଂ ମୂଳ ବୌଦ୍ଧଧର୍ମ ଯାହାକି ଗୌତମବୁଦ୍ଧଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା, ତାହା ପରବର୍ତ୍ତୀ କାଳରେ ପୁଣି ବିଭିନ୍ନ ଧାରାରେ ବିଭକ୍ତ ହୋଇ ବିଭିନ୍ନ ତତ୍ତ୍ୱକୁ ପ୍ରଣୟନ କଲା । କିନ୍ତୁ ମଣିଷ ଭିତରେ ଯେ ''ଆତ୍ମା'' ବୋଲି ଅବିନାଶୀ ସତ୍ତା କିଛି ନାହିଁ ଏ ସମ୍ବନ୍ଧରେ ସକଳ ଧାରା ଏକମତ ।

ବୌଦ୍ଧଧର୍ମର ଭିତ୍ତିଭୂମି ହେଉଛି ''କର୍ମତତ୍ତ୍ୱ'' – ଏହି କର୍ମତତ୍ତ୍ୱ ଏହିପରି । (୧) ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ରହିଛି, ଇଚ୍ଛାକୃତ କର୍ମ ବା Intentionହିଁ କର୍ମତତ୍ତ୍ୱର ମୂଳ କଥା । ମଣିଷ ଯେଉଁ କର୍ମଟି କରେ, ତାହାର ମୂଳରେ ଯେଉଁ ଉଦ୍ଦେଶ୍ୟ ବା ମନୋବୃତ୍ତି ରହିଥାଏ ତାହା ମଧ୍ଯ ସେ କର୍ମର ପରିଣାମ ଆଣିଦିଏ, ତେଣୁ କର୍ମ କରିବା ସମୟର ମନୋଭାବ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

(୨) କର୍ତ୍ତା ଯେଉଁ କର୍ମ କରେ ସେଥିରୁ ଯେଉଁ ପରିଣାମ ଆସେ, ସେଥିରେ ତା'ର ବ୍ୟକ୍ତିଗତ ଦାୟିତ୍ୱ ରହିଛି । ଏହି ଦାୟିତ୍ୱରୁ ସେ ପଳାୟନ କରିପାରିବ ନାହିଁ ।

(୩) ଏହି ତତ୍ତ୍ୱରେ ଏକ ବିଶ୍ୱଜନୀନ ନ୍ୟାୟ ମଧ୍ଯ ରହିଛି ।

(୪) କର୍ମ ଓ କର୍ମଫଳର ଆରମ୍ଭ ବୋଲି କିଛି ନାହିଁ । କିନ୍ତୁ ଏହାକୁ ଶେଷ କରାଯାଇପାରେ । ଏହାକୁ ଶେଷ କରିବାର ଉପାୟ ହେଲା କର୍ମ ଏବଂ ତା' ପଛରେ ରହିଥିବା ଚିନ୍ତାର ଗଠନକୁ ନଷ୍ଟ କରିଦେବା । ବୌଦ୍ଧ ଧର୍ମରେ ଏହାକୁ ନଷ୍ଟ କରିଦେବା ପାଇଁ ମାର୍ଗଦର୍ଶନ କରାଯାଇଛି ।

କର୍ମ ଓ କର୍ମଫଳର ତତ୍ତ୍ୱରେ ବିଶ୍ୱାସ କରିବାର ଅର୍ଥ ପୁନର୍ଜନ୍ମରେ ବିଶ୍ୱାସ କରିବା । ଗୋଟିଏ ଜନ୍ମ ଭିତରେ ଏତେଗୁଡ଼ାଏ କର୍ମର ପରିଣାମ ଆସିପାରେ ନାହିଁ । ତେଣୁ ପୁନର୍ଜନ୍ମ ନେବାକୁ ହୁଏ ଏବଂ କର୍ମର ଫଳକୁ ଭୋଗ କରିବାକୁ ହୁଏ, ପୁଣି ନୂତନ କର୍ମ କରାଯାଏ । ସମସ୍ତ ସଂସାର ଏହି ନିୟମ ଭିତରେ ଧୃତ ହୋଇଛି । ତେଣୁ ସଂସାରକୁ ଏକ ଚକ୍ର ସହିତ ତୁଳନା କରାଯାଏ । ଏହା ସର୍ବଦା ଘୂର୍ଣ୍ଣାୟମାନ, ବ୍ୟକ୍ତି ତାହା ଭିତରେ ଘୂରୁଥାଏ ଜନ୍ମ ଜନ୍ମ ଧରି । 'ସଂସାର'ର କାରଣ ହେଉଛି ଅଜ୍ଞତା ବା ଅବିଦ୍ୟା । ମନର ପ୍ରକୃତ ସ୍ୱରୂପ ହେଉଛି 'ଶୂନ୍ୟତା' ବା 'ବୋଧିଚିତ୍ତ' । ଏହାକୁ ବିସ୍ମୃତ ହୋଇ ମଣିଷ ଯେତେବେଳେ କର୍ତ୍ତାଭାବର, ଅହଂକାରର, କାମନାର, ଅସତ୍‌କର୍ମର ବିକୃତିକୁ ସ୍ୱୀକାର କରେ ସେ ସଂସାରଚକ୍ର ଭିତରେ କର୍ମ ଓ ତାହାର ପରିଣାମ ଭିତରେ ବନ୍ଧାହୋଇ ରହିବାକୁ ବାଧ୍ଯ ।

ବୌଦ୍ଧଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ''ଧମ୍ମପଦ'' – ଶ୍ରୀମା ଏହି ଗ୍ରନ୍ଥଟିର ପ୍ରତ୍ୟେକ ଶ୍ଳୋକକୁ ବ୍ୟାଖ୍ୟା କରିଛନ୍ତି । ଏଥିରେ କୁହାଯାଇଛି ଯେ କର୍ମଫଳରୁ ମୁକ୍ତି ନାହିଁ । "Not in the sky, not in the midst of sea, nor anywhere else on earth, there is a spot, where man may be free from consequences of evil deed – " ଅର୍ଥାତ୍ – ''ଆକାଶରେ କି ସମୁଦ୍ର ମଝିରେ ନତୁବା ପୃଥିବୀରେ ଏପରି କୌଣସି ଗୋଟିଏ ସ୍ଥାନ ନାହିଁ, ଯେଉଁଠାରେ ରହି ମନୁଷ୍ୟ ଏକ ଅସତ୍‌କର୍ମର ପରିଣାମରୁ ମୁକୁଳିଯାଇ ପାରିବ ।'' ଆମେମାନେ ଯେଉଁ କର୍ମ କରୁ, ବୌଦ୍ଧଧର୍ମ ଅନୁସାରେ ତାହାର ତିନିଟି ପ୍ରକାରଭେଦ ରହିଛି । (୧) ଯାହା କେବଳ ଉଚ୍ଚାରିତ ହୋଇଥାଏ, ସେସବୁ ମଧ୍ଯ କାର୍ଯ୍ୟ । (୨) ଶାରୀରିକ କାର୍ଯ୍ୟ (୩) ମାନସିକ କାର୍ଯ୍ୟ । ଏହି ତିନିପ୍ରକାର କର୍ମର ନୈତିକ ଗୁରୁତ୍ୱ ସମାନ ନୁହେଁ । ଯେଉଁ ମୂଳ ଚିନ୍ତାର ଗଠନ ଏହି ସମସ୍ତ

କର୍ମରେ ପରିଣତ ହୋଇଥାଏ ସେହି ଚିନ୍ତାହିଁ କର୍ମର ପରିଣାମ ସୃଷ୍ଟି କରିଥାଏ ।

ହିନ୍ଦୁଧର୍ମର କର୍ମତତ୍ତ୍ୱ ସହିତ ବୌଦ୍ଧଧର୍ମର କର୍ମତତ୍ତ୍ୱର ଗୋଟିଏ ସାମ୍ୟ ରହିଛି । ତାହା ହେଉଛି ମନୁଷ୍ୟ ତା'ର କର୍ମଫଳ ଦ୍ୱାରା ଅନିବାର୍ଯ୍ୟଭାବରେ ବନ୍ଧା ନୁହେଁ । ଏକ ଅପରିବର୍ତ୍ତନୀୟ ଭାଗ୍ୟ ମଣିଷର ଶେଷ କଥା ନୁହେଁ । ବୌଦ୍ଧଧର୍ମ ମଧ୍ୟ କହେ ଯେ ମଣିଷର ଭଲ, ମନ୍ଦ, ଭୁଲ୍, ଠିକ୍ ଜାଣି ପାରିବାର ଓ ବାଛି ପାରିବାର କ୍ଷମତା ଓ ସ୍ୱାଧୀନତା ରହିଛି । ଗୌତମବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗରେ ଯାଇ ମନୁଷ୍ୟ ''ନିର୍ବାଣ'' ଲାଭ କରିପାରିବ, ପୁଣି ଅନ୍ୟ ମନୁଷ୍ୟମାନଙ୍କୁ ସେଦିଗରେ ସାହାଯ୍ୟ ବି କରିପାରିବ ।

ପ୍ରଶ୍ନ ଉଠୁଛି ଯଦି 'ଆତ୍ମା' ବା କୌଣସି ଅମର, ଅବିନାଶୀ ସତ୍ତା ନାହିଁ, ତେବେ ତାହା କିପରି ବସ୍ତୁ ଯାହା ଜନ୍ମ ପରେ ଜନ୍ମ ଭିତରେ ଗତି କରୁଛି, ସଂସାରଚକ୍ରରେ ଘୂରୁଛି ପୁଣି ''ନିର୍ବାଣ''କୁ ଯିବା ନିମିତ୍ତ ସାଧନା କରୁଛି ? ଏହା ଏକ ଜଟିଳ ତତ୍ତ୍ୱ – ଏହି ଜାଗାରେହିଁ ବୌଦ୍ଧଧର୍ମର କିଛିଟା ଦୁର୍ବୋଧ ରହିଯାଏ । ବୁଦ୍ଧ କହିଛନ୍ତି ଯେ ଆତ୍ମା ନାହିଁ, କିନ୍ତୁ ମନର ଏକ ପ୍ରବାହ ରହିଛି, ତାହାକୁ mind-continum କୁହାଯାଏ । ମନର ଏହି ପ୍ରବାହକୁ ଚେତନା ମଧ୍ୟ କୁହାଯାଏ । କିନ୍ତୁ ଏହି ଚେତନା ଆତ୍ମା ପରି ଅପରିବର୍ତ୍ତନୀୟ ନୁହେଁ । ଏହା ଏକ ପ୍ରବାହ, ଯାହା ମୁହୁର୍ମୁହୁଃ ପରିବର୍ତ୍ତିତ ହେଉଥାଏ । ଉଦାହରଣସ୍ୱରୂପ, ଯଦି ଆମେ ଗୋଟିଏ ମହମବତି ଜଳାଇ ପୁଣି ସେଥିରୁ ଅନ୍ୟ ଗୋଟିଏ ମହମବତି ଜଳାଉ, ପୁଣି ସେଥିରୁ ଆଉ ଗୋଟିଏ ମହମବତି ଜଳାଉ, ଏହା ସେହିପରି ଚାଲିଥାଏ । ଯେପରି ସମୁଦ୍ର ଭିତରେ ଢେଉଟିଏ ଉଠେ ପୁଣି ଢେଉଟି ଲୀନ ହୋଇଯାଏ, ପୁଣି ଢେଉଟିଏ ଉଠେ ଓ ପୁଣି ଲୀନ ହୋଇଯାଏ, ସେହିପରି ମନର ଏହି ପ୍ରବାହରେ ଏକ କ୍ଷଣସ୍ଥାୟୀ ବ୍ୟକ୍ତିତ୍ୱ ସୃଷ୍ଟି ହୁଏ ଓ ଚାଲିଯାଏ । ଏହା ଆତ୍ମା ନୁହେଁ, ଏହା କେବଳ ଏକ ମାନସିକ ଚେତନା (Awareness) କିନ୍ତୁ ଏହା ନିରବଚ୍ଛିନ୍ନଭାବେ କ୍ରମାନ୍ୱୟରେ ଚାଲିଥାଏ, ଏହା କେଉଁଠାରୁ ଆରମ୍ଭ ହୋଇଥାଏ ତାହା ଅଜଣା ରହେ । ମହାଯାନ, ହୀନଯାନ, ବଜ୍ରଯାନ – ଏସମସ୍ତ ବୌଦ୍ଧଧର୍ମ ଧାରାରେ ମଧ୍ୟ ଏହାହିଁ ସ୍ୱୀକୃତ ହୋଇଛି ଯେ ମନର ଏହି ପ୍ରବାହ ଅନେକ କ୍ଷଣସ୍ଥାୟୀ ମୁହୂର୍ତ୍ତର ସମାହାର, ଯାହା ପରବର୍ତ୍ତୀ ଜୀବନ ଓ ତାହାର ମଧ୍ୟବର୍ତ୍ତୀ କାଳରେ ମଧ୍ୟ ରହିଥାଏ । ଏହାହିଁ ବ୍ୟକ୍ତି ଭିତରେ ଅଜ୍ଞତା ସୃଷ୍ଟିକରେ ଏବଂ କର୍ମ ପ୍ରବୃତ୍ତି ସୃଷ୍ଟି କରେ ।

ହିନ୍ଦୁ ଧର୍ମ ଅନୁସାରେ ପ୍ରାରବ୍ଧ କର୍ମକୁ 'ନିୟତି' ବା 'ଭାଗ୍ୟ' କୁହାଯାଏ । କେବଳ ଗୁରୁକୃପା ବା ଈଶ୍ୱରଙ୍କ କରୁଣା ଦ୍ୱାରା, ନିଜର ବିଶ୍ୱାସ, ଅଭୀପ୍ସା ଦ୍ୱାରା, ଏହି ନିୟତିର ଉପାଦାନ କିଛିଟା ବଦଳିଯାଇ ଚେତନାର ଉନ୍ନତି ନିମିତ୍ତ ବ୍ୟବହୃତ ହୁଏ । କିନ୍ତୁ ବୌଦ୍ଧଧର୍ମରେ ଏହାକୁ ''ନିୟତି'' କୁହାଯାଏ ନାହିଁ । ଏହା ଅବଧାରିତ ନୁହେଁ । ଅବିଦ୍ୟା ବା ଅଜ୍ଞତା, ତୃଷ୍ଣା ଏବଂ ଲୋଭ ଦ୍ୱାରା ଏହି କ୍ଲେଶ, ଦୁଃଖଭୋଗ ସୃଷ୍ଟି ହୋଇଥାଏ । ଏହାକୁ ଦୂର କରିବାହିଁ ବୌଦ୍ଧଧର୍ମର ଲକ୍ଷ୍ୟ । 'ବୋଧିଚିତ୍ତ' ବା 'ଶୂନ୍ୟତା'ର ଉପଲବ୍ଧି ନିମିତ୍ତ ଧ୍ୟାନ, ଏକାଗ୍ରତା, ପ୍ରଜ୍ଞା ଏବଂ କରୁଣାର ଅଭ୍ୟାସ କରିବାକୁ ହୁଏ । ସଂସାରର କ୍ଷଣସ୍ଥାୟିତ୍ୱ ଓ ଅନିତ୍ୟତା ଉପରେ ସର୍ବଦା ଏକାଗ୍ରହି ମନନ କରିବାକୁ ହୁଏ । ମନକୁ ସମ୍ପୂର୍ଣ୍ଣଭାବେ ନୀରବ ଓ ବିଶୁଦ୍ଧ କରିବା ପରେ, ପ୍ରକୃତ ନୀରବ ଓ ଶୂନ୍ୟ ଚିତ୍ତରେ ପହଞ୍ଚି ହୁଏ, ଯାହା ଅଭିବ୍ୟକ୍ତ ନୁହେଁ – ସବୁକିଛିର ବିଲୋପ ପରେହିଁ ଏହି ଶୂନ୍ୟତା ବା ପ୍ରଜ୍ଞାମୟ ବୋଧିଚିତ୍ତରେ ପହଞ୍ଚି ହୁଏ ।

ପାରମ୍ପରିକ ହିନ୍ଦୁ ଧର୍ମରେ ବିଭିନ୍ନ ପ୍ରକାର ଯୋଗ ସାଧନା ଦ୍ୱାରା ମନୁଷ୍ୟ ନିଜର ଅଜ୍ଞତାରୁ ବାହାରିଯାଏ ଓ ମୋକ୍ଷ ଲାଭ କରେ, ବ୍ରହ୍ମ ଉପଲବ୍ଧି କରେ, ବ୍ରହ୍ମ ଆନନ୍ଦ ଲାଭ କରେ । ''ନିର୍ବାଣ'' ଓ ''ବ୍ରହ୍ମ ଉପଲବ୍ଧି'' ଦୁଇଯୋକ ସତ୍ୟ କିନ୍ତୁ ଏହାର ସୁର ଭିନ୍ନ । ବୌଦ୍ଧଧର୍ମରେ ସଂସାର ପ୍ରତି ଓ ଅଭିବ୍ୟକ୍ତି (Manifestation) ପ୍ରତି ବିତୃଷ୍ଣା ରଖିବାକୁ ହୁଏ । ''ବ୍ରହ୍ମ'', ''ଈଶ୍ୱର'', ''ପରମାତ୍ମା'' – ଏସବୁ ଅସ୍ତିତ୍ୱକୁ ଅସ୍ୱୀକାର କରାଯାଏ ।

ଗୌତମବୁଦ୍ଧଙ୍କର ଅନେକ ଶିକ୍ଷାକୁ ଶ୍ରୀମା ଭଲ ପାଉଥିଲେ, ବିଶେଷତଃ ମନ ଉପରେ ନିୟନ୍ତ୍ରଣ କରିବାର ଉପାୟଗୁଡ଼ିକୁ, ସେଥିପାଇଁ ସେ 'ଧମ୍ମପଦ'ର ବ୍ୟାଖ୍ୟା କରିଥିଲେ । କିନ୍ତୁ, ବୁଝାଇବା ବେଳେ ସେ ବାରବାର କହୁଥିଲେ ଯେ, ''ପୂର୍ଣ୍ଣଯୋଗ''ର ଲକ୍ଷ୍ୟ 'ନିର୍ବାଣ' ନୁହେଁ । ''ପୂର୍ଣ୍ଣଯୋଗ''ରେ ''ଅଭିବ୍ୟକ୍ତି''କୁ ମୂଲ୍ୟ ଦିଆଯାଏ, ଜୀବନକୁ ମୂଲ୍ୟ ଦିଆଯାଏ । ବ୍ୟକ୍ତିଗତ 'ନିର୍ବାଣ'ର, ମୋକ୍ଷର ସିଦ୍ଧିଲାଭ କରାଯାଇପାରେ, କିନ୍ତୁ ତାହା ପୂର୍ଣ୍ଣଯୋଗର ସାଧକର ଲକ୍ଷ୍ୟ ନୁହେଁ । 'ନିୟତିବାଦ', କର୍ମଫଳ, ଦୁଃଖର ବିନାଶ, କାମନାର ବିନାଶ – ଏସବୁ କିଛି ସତ୍ୟ କିନ୍ତୁ 'ପୂର୍ଣ୍ଣଯୋଗ'ରେ ଏସବୁର ବିଶେଷ ଗୁରୁତ୍ୱ ନାହିଁ । ଅବଶ୍ୟ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ସମସ୍ତ ଅଭିଜ୍ଞତା ଭିତର ଦେଇ ଯାଇଛନ୍ତି ଓ ଏସବୁ ସମ୍ବନ୍ଧରେ ଯଥେଷ୍ଟ ଆଲୋକପାତ କରିଛନ୍ତି ।

(କ୍ରମଶଃ)

# ମାନବସମାଜର ବିଭିନ୍ନ ଧର୍ମ

## ହିନ୍ଦୁ ଧର୍ମ (୧)

**ଶ୍ରୀପତି ଦାସ**

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ''*Philosophy of Religion – An Approach to World Religion*'' ପୁସ୍ତକର ଅବଲମ୍ବନରେ ଲିଖିତ ।]

ପୃଥିବୀର ବିଭିନ୍ନ ଧର୍ମକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । (୧) ଭାରତୀୟ ଧର୍ମସକଳ – ହିନ୍ଦୁଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ ଓ ଶିଖଧର୍ମ । (୨) ପାଶ୍ଚାତ୍ୟ ଧର୍ମସକଳ – ପାର୍ସୀମାନଙ୍କ ଧର୍ମ, ଇହୁଦୀମାନଙ୍କ ଧର୍ମ, ଖ୍ରୀଷ୍ଟଧର୍ମ ଓ ଇସ୍‌ଲାମ୍ ଧର୍ମ । (୩) ଜାପାନୀ ଓ ତତ୍‌ସଂପୃକ୍ତ ଧର୍ମସକଳ – ଟାଓ ଧର୍ମ, କନ୍‌ଫୁସିଅସ୍ ଧର୍ମ ଓ ଶିଣ୍ଟୋଧର୍ମ ।

ବର୍ତ୍ତମାନ ଆମେ ହିନ୍ଦୁଧର୍ମ ସମ୍ବନ୍ଧରେ ଆଲୋଚନା କରିବା ।

### ହିନ୍ଦୁ ଧର୍ମର ନାମକରଣ :

ହିନ୍ଦୁଧର୍ମ ହେଉଛି ହିନ୍ଦୁମାନଙ୍କର ଏକ ପ୍ରାଚୀନ ଧର୍ମ । ଯେତେବେଳେ ପାରସ୍ୟ ଦେଶର ଆକ୍ରମଣକାରୀମାନେ ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳରେ ଆସି ପହଞ୍ଚିଲେ, ସେତେବେଳେ ସେମାନେ ଦେଖିଲେ ଯେ ସିନ୍ଧୁନଦୀ କୂଳରେ ଆର୍ଯ୍ୟଋଷିଗଣ ବାସକରୁଥିଲେ । ପାରସ୍ୟ ଭାଷାରେ 'ସ'କୁ 'ହ' ପରି ଉଚ୍ଚାରଣ କରାଯାଏ । ତେଣୁ ସେମାନେ ସିନ୍ଧୁନଦୀକୁ ହିନ୍ଦୁନଦୀ ବୋଲି କହୁଥିଲେ । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ବାସକରୁଥିବା ଅଧିବାସୀମାନଙ୍କୁ 'ହିନ୍ଦୁ' ବୋଲି କୁହାଗଲା ଏବଂ ସେମାନଙ୍କ ଦେଶକୁ 'ହିନ୍ଦୁସ୍ଥାନ' ଓ ସେମାନଙ୍କ ଧର୍ମକୁ 'ହିନ୍ଦୁଧର୍ମ' ନାମରେ ନାମିତ କରାଗଲା ।

### ହିନ୍ଦୁଧର୍ମର ଦର୍ଶନ :

**ଏକେଶ୍ୱରବାଦ :** ଦାର୍ଶନିକ ଦୃଷ୍ଟିକୋଣରୁ ହିନ୍ଦୁଧର୍ମ ହେଉଛି ଅଦ୍ୱୈତ ଏବଂ ଧାର୍ମିକ ଦୃଷ୍ଟିକୋଣରୁ ଏହା ହେଉଛି ଦ୍ୱୈତବାଦ । ହିନ୍ଦୁଦର୍ଶନ ଈଶ୍ୱର, ଆତ୍ମା ଓ ବିଶ୍ୱକୁ ସତ୍ୟ ବୋଲି ଗ୍ରହଣ କରେ । ଦୃଶ୍ୟମାନ ଜଗତ୍ କେବଳ ନାମରୂପର ଭିନ୍ନତା ଦୃଷ୍ଟିରୁ ଦୃଷ୍ଟିଗୋଚର ହୁଏ । କିନ୍ତୁ ଯେହେତୁ ଆମେ ଚରମ ସତ୍ୟ ଉପରେ ବିଶ୍ୱାସ କରୁ, ତେଣୁ ଏହିସବୁ ଦୃଶ୍ୟମାନ ପ୍ରଭେଦର କାରଣ ହେଉଛି ଆମର ଅଜ୍ଞାନତା । ଯଦିଓ ହିନ୍ଦୁଧର୍ମ ବହୁ ସଂଖ୍ୟକ ଦେବାଦେବୀଙ୍କ ଉପରେ ବିଶ୍ୱାସ କରେ, ଯଥାର୍ଥତଃ ଏହା ଏକହିଁ ଈଶ୍ୱରଙ୍କର ଅଭିବ୍ୟକ୍ତି ବୋଲି ମନେକରେ । ହିନ୍ଦୁଧର୍ମର ତ୍ରିମୂର୍ତ୍ତି – ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର – ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରତୀକ ଏବଂ ଏହା ଯଥାକ୍ରମେ ସୃଷ୍ଟି, ସୁରକ୍ଷା ଓ ଧ୍ୱଂସ ଘଟାଇଥାଏ । ଯାହାହେଉ, ହିନ୍ଦୁ ଅଦ୍ୱୈତବାଦ ବିଭିନ୍ନ ବିଶ୍ୱାସର ବିଭିନ୍ନ ଦେବାଦେବୀଙ୍କୁ ପ୍ରତ୍ୟାଖ୍ୟାନ କରେ ନାହିଁ କିନ୍ତୁ ସେସବୁକୁ ଏକହିଁ ଈଶ୍ୱରଙ୍କର ଅଭିବ୍ୟକ୍ତିରୂପେ ଗ୍ରହଣ କରେ ।

ହିନ୍ଦୁଧର୍ମରେ ଈଶ୍ୱରଙ୍କୁ ସର୍ବବିଦ୍ୟମାନ, ସର୍ବଶକ୍ତିମାନ, ସର୍ବଜ୍ଞ, ଅସୀମ ଓ ସର୍ବମଙ୍ଗଳମୟରୂପେ ଏବଂ ବ୍ୟକ୍ତିତ୍ୱହୀନ ବ୍ୟକ୍ତିରୂପେ ଗ୍ରହଣ କରାଯାଏ । ସେ ହେଉଛନ୍ତି ସମଗ୍ର ବିଶ୍ୱବ୍ୟାପୀ, ସେ ସକଳ ନାମ-ରୂପର ବହିର୍ଭୂତ । ସେ ଆମ ଆତ୍ମାର ଆତ୍ମା, ତାଙ୍କରି ମଧ୍ୟରେହିଁ ଆମେ ବାସକରୁ, ତାଙ୍କରି ମଧ୍ୟରେହିଁ ଆମର ସ୍ଥିତି ଏବଂ ତାଙ୍କ ବ୍ୟତୀତ କିଛି ବି ତିଷ୍ଠିପାରେ ନାହିଁ । ଆମେ ବିଭିନ୍ନ ଦେବାଦେବୀଙ୍କୁ ପୂଜାକରୁ ଆମର ମନକୁ ସ୍ଥିର କରିବା ପାଇଁ ଏବଂ ସେମାନଙ୍କର ଦିବ୍ୟପ୍ରକୃତିକୁ ଆମ ଭିତରେ ସ୍ଥାନ ଦେବା ପାଇଁ । ବିଭିନ୍ନ ମୂର୍ତ୍ତି ବିଭିନ୍ନ ଦିବ୍ୟଶକ୍ତି ବା ଦିବ୍ୟଗୁଣର ପ୍ରତୀକ ଯାହାକୁ କେତେକ ବାହ୍ୟରୂପ ବ୍ୟତୀତ ଗ୍ରହଣ କରିବା କଠିନ ହୋଇଥାଏ । ବେଦାନ୍ତ ବହୁ ଈଶ୍ୱରଙ୍କ ପୂଜାକୁ ଗ୍ରହଣ କରେ ନାହିଁ କିନ୍ତୁ ସେହି ଏକହିଁ ଈଶ୍ୱର ପୂଜକର ଧାରଣା ଅନୁସାରେ ବିଭିନ୍ନ ରୂପରେ ପ୍ରକାଶିତ ହୋଇଥା'ନ୍ତି । ଏକହିଁ ପରମେଶ୍ୱର ଯେ ଅନାମ ଓ ଅରୂପ ତାଙ୍କୁ ସହସ୍ର ନାମରେ ନାମିତ କରାଯାଇଥାଏ । ସେ ବିଶ୍ୱରୁ ବହିର୍ଭୂତ ନୁହନ୍ତି,

ବିଶ୍ୱର ଅନ୍ତର୍ଭୁକ୍ତ । ପୁନଶ୍ଚ ସେ ଏକହିଁ ସଙ୍ଗେ ବିଶ୍ୱାତୀତ ଓ ସର୍ବବ୍ୟାପୀ । ସେ ଏକ କିନ୍ତୁ ଦ୍ୱୈତବାଦୀ ସକାଶେ ସରୂପଭାବେ ଏବଂ ଅଦ୍ୱୈତବାଦୀ ସକାଶେ ଅରୂପଭାବେ ପ୍ରତିଭାତ ହୋଇଥା'ନ୍ତି । ସେ ଏକ, ତଥାପି ତାଙ୍କର ବିଭାବ ଅନେକ । ସେ ହେଉଛନ୍ତି ବ୍ୟକ୍ତିଗତ, ଅବ୍ୟକ୍ତ ଏବଂ ଏକହିଁ ସଙ୍ଗେ ଏହି ଉଭୟର ଊର୍ଦ୍ଧ୍ୱସ୍ଥ ।

## ସନାତନ ଧର୍ମ :

ହିନ୍ଦୁଧର୍ମକୁ ସନାତନ ବା ଶାଶ୍ୱତ ବୋଲି କୁହାଯାଏ । ଏହା ସନାତନ, କାରଣ କେବଳ ଈଶ୍ୱରହିଁ ଏକମାତ୍ର ସତ୍ୟ ଓ ଚିରନ୍ତନ । ଏହି ଚରମ ସତ୍ୟ ଯାହା ସର୍ବବ୍ୟାପକ, ତାହା ଏହି ବିଶ୍ୱର ଫଳପ୍ରଦ ଓ ଭୌତିକ କାରଣ । ମାନବାତ୍ମା ଦିବ୍ୟ ଏବଂ ଏହି ସମଗ୍ର ବିଶ୍ୱ ହେଉଛି ପରମାତ୍ମାଙ୍କର ଅଭିବ୍ୟକ୍ତି । ଈଶ୍ୱର ଆମର ଅନ୍ତରରେ ବିଦ୍ୟମାନ, କିନ୍ତୁ ଆମର ଅଜ୍ଞାନତା ହେତୁ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଧର୍ମ ରହିଛି । ତେଣୁ ମାନବର ଧର୍ମକୁ 'ମାନବଧର୍ମ' ବୋଲାଯାଏ । ଏହି ମାନବଧର୍ମ ହେଉଛି ସନାତନ ଧର୍ମ । ହିନ୍ଦୁଭାବରେ କେହି ନିଜ ଧର୍ମଠାରୁ ଦୂରରେ ରହିପାରେ, କିନ୍ତୁ ତା'ର ମାନବଧର୍ମକୁ ତ୍ୟାଗ କରିପାରେ ନାହିଁ ।

ଏହି ସନାତନ ଧର୍ମ ବା ହିନ୍ଦୁଧର୍ମ କେତେକ ଧର୍ମାନ୍ଧତା ବା ଅନ୍ଧ ଧର୍ମବିଶ୍ୱାସ ନୁହେଁ; କିନ୍ତୁ ଏହା ଆଧ୍ୟାତ୍ମିକ ପ୍ରକାଶନ ମଧ୍ୟଦେଇ ଭଗବତ୍ ଚେତନାର ଉପଲବ୍ଧି ଉପରେ ବିଶ୍ୱାସ କରେ । ହିନ୍ଦୁଧର୍ମ ହେଉଛି ସନାତନ, କାରଣ ଧର୍ମର କେନ୍ଦ୍ରୀୟ ବିନ୍ଦୁ ଈଶ୍ୱର ହେଉଛନ୍ତି ସନାତନ ।

## ହିନ୍ଦୁଧର୍ମରେ ଆତ୍ମା :

ହିନ୍ଦୁଧର୍ମରେ କୌଣସି ବ୍ୟକ୍ତି ଉପରେ ଅନ୍ଧବିଶ୍ୱାସ କରିବା ପାଇଁ ବାଧ୍ୟ କରାଯାଏ ନାହିଁ । ଅନ୍ୟ ଭାବରେ କହିବାକୁ ଗଲେ ଏହା ପୂର୍ବନିର୍ଦ୍ଧାରିତ ମତାମତକୁ ଖୁଣ୍ଟିନାଖିଭାବେ ପରୀକ୍ଷା କରିଥାଏ । ବେଦାନ୍ତକୁ ଆତ୍ମବିଜ୍ଞାନ ବୋଲି କୁହାଯାଇପାରେ । ଠିକ୍ ଯେପରି ଆଧୁନିକ ବିଜ୍ଞାନ କୌଣସି ପୂର୍ବନିର୍ଦ୍ଧାରିତ ମତାମତ ଉପରେ ଗୁରୁତ୍ୱ ଦିଏ ନାହିଁ ଏବଂ ପର୍ଯ୍ୟବେକ୍ଷଣ ଉପରେ ସମ୍ପୂର୍ଣ୍ଣଭାବେ ନିର୍ଭରକରେ, ସେହିପରି ହିନ୍ଦୁଧର୍ମ ବା ବେଦାନ୍ତ ଯୁକ୍ତିବିଜ୍ଞାନ ବା ଆତ୍ମାର ଯଥାର୍ଥ ପ୍ରକୃତି ଉପରେ ନିର୍ଭର କରେ । ଉପନିଷଦରେ କୁହାଯାଇଛି ଯେ ସବୁକିଛିକୁ ଆତ୍ମାର ଆଲୋକରେ ଦେଖିବାକୁ ହେବ ।

ଆତ୍ମ-ବିଜ୍ଞାନରେ ଆଲୋଚନା କରାଯାଏ – ଶରୀର ବ୍ୟତୀତ ଆତ୍ମାର ଅସ୍ତିତ୍ୱ ସମ୍ଭବ ହୋଇପାରେ କି ? ବର୍ତ୍ତମାନର ଜନ୍ମ ପୂର୍ବରୁ ଆତ୍ମାର ଅସ୍ତିତ୍ୱ ଥାଏ କି ? ଏହା ସ୍ୱାଧୀନ ନା ପରାଧୀନ ? ଏହି ଭାବରେ ଏହା ଆତ୍ମାର ଅମରତ୍ୱ, ସଂକଳ୍ପ ଓ ବନ୍ଧନର ସ୍ୱାଧୀନତା ଇତ୍ୟାଦି ଉପରେ ଆଲୋଚନା କରେ । ବେଦାନ୍ତ-ଦର୍ଶନ ବ୍ୟକ୍ତିଗତ ଆତ୍ମାସକଳର ସମାହାରକୁ ବା ଜୀବାତ୍ମାସବୁକୁ ସ୍ୱୀକାର କରେ ଏବଂ ପରମାତ୍ମାଙ୍କଠାରୁ ପୃଥକ୍ ବୋଲି ମନେକରେ । ଉପନିଷଦରେ ଦୁଇଟି ଆତ୍ମାର କଥା କୁହାଯାଇଛି – ଯଥା : ପ୍ରକୃତ ଆତ୍ମା ଓ ବାହ୍ୟ ଆତ୍ମା । ପ୍ରକୃତ ଆତ୍ମା ଦୃଶ୍ୟମାନ ଜଗତରୁ ମୁକ୍ତ, ଏହାର ଶରୀର ବା ରୂପ ନାହିଁ, ଏହା ସୁଖଦୁଃଖର ଊର୍ଦ୍ଧ୍ୱରେ ସ୍ଥିତ । ଅନ୍ୟପକ୍ଷରେ ବାହ୍ୟ ଆତ୍ମା ଦୃଶ୍ୟମାନ ଜଗତ୍ ସହିତ ସମ୍ବନ୍ଧିତ ବା ଆସକ୍ତ । ଏହା ଶରୀର ଓ ରୂପ ମଧ୍ୟରେ ଆବଦ୍ଧ, ନିଜର କର୍ମଫଳରୂପେ ଏହା ସୁଖ-ଦୁଃଖ ଓ ଭଲ-ମନ୍ଦ ଅନୁଭବ କରେ । ଯେତେବେଳେ ବାହ୍ୟ ଆତ୍ମା ଦୁଇ ଆତ୍ମା ମଧ୍ୟରେ ଏକତ୍ୱ ଉପଲବ୍ଧିକରେ, ସେତେବେଳେ ଏହା ଦୁଃଖ ଓ ବନ୍ଧନକୁ ଅତିକ୍ରମ କରିଯାଏ । ଏହି ଆତ୍ମାଦ୍ୱୟର ଏକତ୍ୱକୁ ବେଦରେ ବର୍ଣ୍ଣନା କରାଯାଇଛି – 'ତୁମେହିଁ ତାହା', 'ଆତ୍ମାହିଁ ବ୍ରହ୍ମନ୍', 'ସ୍ୱହମ୍' ।

ହିନ୍ଦୁଧର୍ମ ଜୀବର ସତ୍ୟତାକୁ ସ୍ୱୀକାର କରେ । ଏହା ସ୍ୱୀକାର କରେ ଯେ ମୃତ୍ୟୁ ପରେ ଆତ୍ମା ଏକ ନୂତନ ଶରୀର ଧାରଣ କରେ ଏବଂ ଏହି ପୁନର୍ଜନ୍ମ କର୍ମର ବିଧାନ ଅନୁସାରେ ସଂଘଟିତ ହୁଏ । ମାନବାତ୍ମା ଏହାର କର୍ମ ଅନୁସାରେ ଜନ୍ମ-ମୃତ୍ୟୁର ନାନା ଚକ୍ରଦେଇ ଗତିକରେ । ବେଦ ମତରେ – ମାନବ ତାହାର ପୂର୍ବଜନ୍ମର କର୍ମର ପରିଣାମ ଅନୁସାରେ କର୍ମଫଳ ଭୋଗକରେ । ହିନ୍ଦୁଧର୍ମ କର୍ମକୁ କେତୋଟି ଭାଗରେ ବିଭକ୍ତ କରେ – (କ) କର୍ମଫଳ ଲାଭ କରିବାକୁ ଯାହା ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ ଏବଂ (ଖ) ଯାହା ଫଳଲାଭ କରିବାକୁ ଆରମ୍ଭ ହୋଇସାରିଛି । ପୁନଶ୍ଚ କର୍ମକୁ ଆହୁରି ଦୁଇଭାଗରେ ବିଭକ୍ତ କରାଯାଏ । (କ) ସଞ୍ଚିତ କର୍ମ ଅର୍ଥାତ୍ ପୂର୍ବଜନ୍ମରୁ ଯେଉଁ କର୍ମ ଗଚ୍ଛିତ ହୋଇ ରହିଛି ଏବଂ (ଖ) କ୍ରିୟମାଣ କର୍ମ ଯାହା ଏହି ଜନ୍ମରେ ସଞ୍ଚିତ ହେଉଛି । କର୍ମର ସଦ୍‌ଗୁଣ ବା ଅସଦ୍‌ଗୁଣ ଅନୁସାରେ ଆତ୍ମା ବାରଂବାର ଜନ୍ମଗ୍ରହଣ କରେ । କେବଳ ଏକ ମୁକ୍ତ ଆତ୍ମା ଭୌତିକ ରୂପ ଗ୍ରହଣ କରେ ନାହିଁ ।

ଆତ୍ମାର ରୂପଗ୍ରହଣ ହେଉଛି ଦୃଶ୍ୟମାନ କିନ୍ତୁ ସତ୍ୟ ନୁହେଁ । ତେଣୁ ଜନ୍ମ ଓ ମୃତ୍ୟୁ ମଧ୍ୟ କେବଳ ଦୃଶ୍ୟମାନ । ଆତ୍ମଜ୍ଞାନ ଲାଭ କରିବା ପରେହିଁ ଜୀବାତ୍ମା ନିଜକୁ ବ୍ରହ୍ମନ୍, ଅସୀମ ଓ ସର୍ବବ୍ୟାପକ ରୂପେ ଉପଲବ୍ଧି କରେ । ଆତ୍ମାକୁ ଯେ ଜାଣନ୍ତି, ତାଙ୍କୁ ଜୀବନ୍ମୁକ୍ତ କୁହାଯାଏ । ସେ ବନ୍ଧନ ଓ ଦୁଃଖକଷ୍ଟରୁ ମୁକ୍ତ । ଏକ ମୁକ୍ତ ଆତ୍ମାର ମୃତ୍ୟୁ ଭୟ ନାହିଁ, କାରଣ ଶରୀରର ପରିବର୍ତ୍ତନ ହେଉଛି ପୋଷାକର ପରିବର୍ତ୍ତନ ସଦୃଶ । ଏକ ମୁକ୍ତ ଆତ୍ମା ଶରୀରରେ ବାସ କରୁଥିବାବେଳେ ରୋଗ, ବାର୍ଦ୍ଧକ୍ୟ ଓ ମୃତ୍ୟୁର ଅଭିଜ୍ଞତା ଲାଭ କରିପାରେ; କ୍ଷୁଧା, ତୃଷା ଓ ଦୁଃଖ ଅନୁଭବ କରିପାରେ; କିନ୍ତୁ ଯେତେବେଳେ ସେ ଏହାକୁ ଶରୀର, ମନ ଓ ଇନ୍ଦ୍ରିୟର ଗୁଣ ବୋଲି ଉପଲବ୍ଧି କରେ, ସେତେବେଳେ ସେସବୁକୁ ସାଂଘାତିକ ବୋଲି ଗ୍ରହଣ କରେ ନାହିଁ ଏବଂ ତେଣୁ ସେସବୁ ଦ୍ୱାରା ଭାରାକ୍ରାନ୍ତ ହୁଏ ନାହିଁ । ଏକ ମୁକ୍ତ ଆତ୍ମା ଅମୃତତ୍ୱର ପ୍ରଭାବରେ ଜୀବନଧାରଣ କରେ, ଚିନ୍ତା କରେ ଏବଂ କର୍ମକରେ ।

ଏପର୍ଯ୍ୟନ୍ତ ଦେଖାଯାଉଥିବା ଧର୍ମଗୁଡ଼ିକ ମଧ୍ୟରୁ ହିନ୍ଦୁଧର୍ମ ହେଉଛି ସବୁଠାରୁ ପ୍ରାଚୀନ । ଏହା କୌଣସି ବ୍ୟକ୍ତିଗତ ଧର୍ମପ୍ରଚାରକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ନଥିଲା ଏବଂ କୌଣସି ସାମୂହିକ ପ୍ରଚାରକମାନଙ୍କ ଦ୍ୱାରା ସୃଷ୍ଟ ହୋଇ ନଥିଲା । ହିନ୍ଦୁ ଧର୍ମର ଉତ୍ସ ହେଉଛି ବିଭିନ୍ନ ପ୍ରାଚୀନ ଭାରତୀୟ ଶାସ୍ତ୍ର । ଏହିସବୁ ହିନ୍ଦୁଶାସ୍ତ୍ରକୁ ଛ'ଭାଗରେ ବିଭକ୍ତ କରାଯାଇପାରେ – (୧) ଶ୍ରୁତି, (୨) ସ୍ମୃତି, (୩) ଇତିହାସ, (୪) ପୁରାଣ, (୫) ଆଗମ ଓ (୬) ଦର୍ଶନ । ଶ୍ରୁତି ହେଉଛି ଯାହା ଶୁଣି ମନେ ରଖାଯାଏ । ମହାନ୍ ଭାରତୀୟ ଋଷିଗଣ ଚିରନ୍ତନ ସତ୍ୟକୁ ଜନସାଧାରଣଙ୍କ ଉପକାର ନିମିତ୍ତ ଶ୍ରବଣ ତଥା ଉପଲବ୍ଧି କରିଥିଲେ । ଏହିସବୁ ଶ୍ରୁତିଗୁଡ଼ିକୁ ନେଇ ଚାରୋଟି ବେଦ ରଚିତ । ବେଦ ମଧ୍ୟରେ ଅନ୍ତର୍ନିହିତ ସତ୍ୟ ହେଉଛି ଈଶ୍ୱରଙ୍କ ଦ୍ୱାରା ପ୍ରକଟିତ । ଏସବୁ ଧର୍ମର ସର୍ବୋତ୍ତମ ନିର୍ଭରଯୋଗ୍ୟ ଉତ୍ସ ।

'ସ୍ମୃତି' ଶବ୍ଦର ସାହିତ୍ୟିକ ଅର୍ଥ ହେଉଛି ଯାହା ଶ୍ରବଣ କରି ମନେ ରଖାଯାଏ । ପ୍ରାଧାନ୍ୟ ଦୃଷ୍ଟିରୁ ଏହା ଶ୍ରୁତିର ପରବର୍ତ୍ତୀ ଅବସ୍ଥା । ବେଦର ଶିକ୍ଷା ମଧ୍ୟରୁହିଁ ସ୍ମୃତି ପ୍ରତିଷ୍ଠିତ । ଏସବୁ ଧର୍ମଗତ କର୍ତ୍ତବ୍ୟ ଶିକ୍ଷା ଉପରେ ବ୍ୟାଖ୍ୟା ଓ ଆଲୋକପାତ କରିଥାଏ ଏବଂ ବ୍ୟକ୍ତି, ପରିବାର ଓ ସଂପ୍ରଦାୟର ଦୈନିକ ଚରିତ୍ର ଓ ବ୍ୟବହାର ଉପରେ ପ୍ରଭାବ ପକାଇଥାଏ ।

ରାମାୟଣ ଓ ମହାଭାରତ ହେଉଛି ଇତିହାସର ଦୁଇଟି ସୁପ୍ରସିଦ୍ଧ ପୁରାଣ । ଏହା ମଧ୍ୟରେ ଏପରି ସୁନ୍ଦର କାହାଣୀସବୁ ରହିଛି ଯାହା ହିନ୍ଦୁଧର୍ମର ଲୋକମାନଙ୍କ ମଧ୍ୟରେ ଗଭୀର ପ୍ରଭାବ ପକାଇପାରେ । ଏଥିରେ ଥିବା ଦାର୍ଶନିକ ବିଷୟଗୁଡ଼ିକ ନୀତିଗଳ୍ପ ମାଧ୍ୟମରେ ଉପସ୍ଥାପିତ କରାଯାଇଛି ।

ବେଦର ସାରାଂଶକୁ ଜନପ୍ରିୟ କରିବା ନିମିତ୍ତ ପୁରାଣଗୁଡ଼ିକ ଲିଖିତ ହୋଇଥିଲା । ପୁରାଣଗୁଡ଼ିକ ଲିଖିତ ହେବାର ଲକ୍ଷ୍ୟ ହେଉଛି ବେଦର ଶିକ୍ଷାକୁ ସାଧୁ-ସନ୍ଥ ଓ ରାଜା-ମହାରାଜାମାନଙ୍କ ଜୀବନୀ ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇବା । ପୁରାଣଗୁଡ଼ିକର ସଂଖ୍ୟା ହେଉଛି ଅଠର । ତନ୍ମଧ୍ୟରେ ଭାଗବତ ପୁରାଣ ଓ ବିଷ୍ଣୁପୁରାଣ ଅତି ଲୋକପ୍ରିୟ । ଅନ୍ୟ ଏକପ୍ରକାର ଶାସ୍ତ୍ର ହେଉଛି ଆଗମ । ଯଦିଓ ଏହା ବେଦରୁ ଆନୀତ ନୁହେଁ ତଥାପି ଏହା ବେଦର ବିରୋଧ କରେ ନାହିଁ । ଏଗୁଡ଼ିକ ପୂଜା-ଆରାଧନାର ଶାସ୍ତ୍ର । ଏଗୁଡ଼ିକ ମଧ୍ୟରୁ ମୁଖ୍ୟଶାସ୍ତ୍ର ହେଉଛି – ଶୈବବାଦ, ଶକ୍ତିବାଦ ଓ ବୈଷ୍ଣବବାଦ ।

ହିନ୍ଦୁଧର୍ମର ଛ'ଟି ଦର୍ଶନଶାସ୍ତ୍ର ରହିଛି । ଦର୍ଶନର ଅର୍ଥ ହେଉଛି ଆଲୋକ । ଏହି ଦର୍ଶନଗୁଡ଼ିକ ହେଉଛି – ନ୍ୟାୟ, ବୈଶେଷିକ, ସାଂଖ୍ୟ ଯୋଗ, ମୀମାଂସା ଓ ବେଦାନ୍ତ । ପ୍ରତ୍ୟେକ ଦର୍ଶନ ହେଉଛି ସତ୍ୟକୁ ଦେଖିବାର ଏକ ମାଧ୍ୟମ ।

(କ୍ରମଶଃ)

ଆମ ନିଜକୁ ଅତିକ୍ରମ କରିବା ପାଇଁ ପ୍ରଚେଷ୍ଟାର ମାତ୍ରାରେହିଁ ରହିଛି ଆମର ଯାହାକିଛି ମୂଲ୍ୟ ଏବଂ ଆମ ନିଜକୁ ଅତିକ୍ରମ କରିଯିବାର ଅର୍ଥ ହେଉଛି ଭଗବାନଙ୍କୁ ଲାଭକରିବା ।

– ଶ୍ରୀମା

# ଆତ୍ମା ପରମ-ଦିବ୍ୟଶକ୍ତିର ଏକ ଜ୍ୱଳନ୍ତ ଦୀପଶିଖା

**ଶ୍ରୀ ବିମଳ ପ୍ରସନ୍ନ ଦାସ**

ଗଭୀରଭାବେ ନିରୀକ୍ଷଣ କଲେ ଆମେ ଜାଣିବାକୁ ସମର୍ଥ ହେବା ଯେ ସୃଷ୍ଟିରେ ଦୁଇଟି ଚେତନା କ୍ରିୟାରତ ବା କ୍ରିୟାଶୀଳ । ଗୋଟିଏ ହେଉଛି ନିବର୍ତ୍ତନ (Involution) ଓ ଅନ୍ୟଟି ହେଉଛି ବିବର୍ତ୍ତନ (Evolution) । ଯେହେତୁ ପରମ ମହାଚେତନା ନିବର୍ତ୍ତିତ ହୋଇଛନ୍ତି ଚରମ ନିଶ୍ଚେତନା ମଧରେ, ତେଣୁହିଁ ବିବର୍ତ୍ତନଧାରା ଅବ୍ୟାହତ ରହିଛି । ସ୍ୱୟଂ ସେ ନିଜେହିଁ ନିବର୍ତ୍ତନ ସ୍ତରରୁ କ୍ରମଶଃ ବିବର୍ତ୍ତିତ ହେଉଛନ୍ତି । କାରଣ ସେ ସ୍ୱୟଂ ସଂକଳ୍ପ କଲେ ''ଏକୋଽହଂ ବହୁସ୍ୟାମି'' । ଅର୍ଥାତ୍ ଏକରୁ ଅନେକ ଭାବରେ ପ୍ରକାଶ ପାଇବି । ତେଣୁ ଏ ଜଗତରେ ତାଙ୍କର ପ୍ରକାଶ ଘଟିଛି ଓ ଘଟୁଛି । ଏ ପ୍ରସଙ୍ଗରେ ଆଧାତ୍ମିକ ଚେତନାଦୀପ୍ତ ମହାନ୍ ସନ୍ଥ, ସିଦ୍ଧପୁରୁଷ 'ବାମାକ୍ଷେପା'ଙ୍କ ଉତ୍ତର ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ପ୍ରଶ୍ନଟି ଥିଲା ''ଭଗବାନ୍ ଏକ ନା ଅନେକ'' ? ଉତ୍ତର ଦେଇ ସେ କହିଥିଲେ ''ଭଗବାନ୍ ସ୍ୱରୂପରେ ନିଶ୍ଚିତ ଏକ, ମାତ୍ର ସେ ରୂପରେ ଅନେକ ।'' ସୁତରାଂ ଜଗତ୍ ମିଥ୍ୟା, ମାୟା, ଅଳୀକ ନୁହେଁ – ''ସର୍ବଂ ଖଳ୍ୱିଦଂ ବ୍ରହ୍ମ'' । ଅର୍ଥାତ୍ ସବୁ ଭିତରେ ବ୍ରହ୍ମ ବିଦ୍ୟମାନ । ସବୁକିଛି ବ୍ରହ୍ମ ଓ ବ୍ରହ୍ମଙ୍କ ପ୍ରକାଶ । ସମସ୍ତ ଜଗତ୍ ତାଙ୍କର ପ୍ରକାଶିତ ରୂପ ଓ ସୁପ୍ତ ଜଡ଼ ଚେତନାରୁ ଉଦ୍‌ବର୍ତ୍ତନ ବା ବିବର୍ତ୍ତନ ଆରମ୍ଭ ହୋଇଛି । ଏଣୁ ଜଡ଼ ପରେ ପ୍ରାଣ ଓ ତା'ପରେ ମନର ପ୍ରକାଶ ହୋଇଛି । ପ୍ରାଣ ବା ଜୀବନର ପ୍ରକାଶ ସହିତ ଉଦ୍ଭିଦ ଓ ପଶୁପକ୍ଷୀଙ୍କ ପ୍ରକାଶ ଘଟିଛି । ଏ ସ୍ତରରେ ଜୀବନ ଥିଲେ ମଧ ମନ ନାହିଁ । ସୁତରାଂ ପରବର୍ତ୍ତୀ ସ୍ତରରେ ମନର ପ୍ରକାଶ ସହିତ ମନୁଷ୍ୟର ଆବିର୍ଭାବ ହୋଇଛି । ମନ ସହିତ ବିଚାର ଓ ବିବେଚନାର ପ୍ରୟୋଗ ହୋଇଛି । ତଥାପି ଚେତନାର ଆଉ ଦୁଇଟି ବିଭାବ ଏଯାବତ ଅପ୍ରକଟିତ ରହିଛି । ତାହା ହେଉଛି ''ଅତିମାନସ'' ଓ ଅନ୍ୟଟି ''ଆନନ୍ଦ'' । କିନ୍ତୁ ପ୍ରକୃତିର କ୍ରମ-ବିକାଶ ଓ ବିବର୍ତ୍ତନ ଅବଧି ଅବ୍ୟାହତ ତଥା ଅବାରିତ ରହିଛି । ଯଦି ସୁପ୍ତ ଜଡ଼ଭୂମିରୁ ବିବର୍ତ୍ତନ ଆଜିର ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ଉପନୀତ, ତା'ହେଲେ ''ଅତିମାନସ'' ଓ ''ଆନନ୍ଦ'' ସ୍ତରରେ ନପହଞ୍ଚିବ କାହିଁକି ? ସକଳ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ ସତ୍ତ୍ୱେ ଉପରୋକ୍ତ ଦୁଇଟି ଚେତନାର ଅଭାବ ହେତୁ ଅଜ୍ଞାନ-ଅନ୍ଧକାର ମଧରେ ଆତ୍ମା ମଣିଷ ପାଇଁ ଏକ ଅଦୃଶ୍ୟ ଦୀପଶିଖା ହୋଇ ରହିଛି ।

ମନୁଷ୍ୟ ଏକ କ୍ରମାଗତ ବିକାଶର ଇତିହାସ । ବିବର୍ତ୍ତନର ଲକ୍ଷ୍ୟ ହେଉଛି ଦେବଜୀବନ ତଥା ନୂତନ ଜଗତର ପ୍ରତିଷ୍ଠା । ସେଥିପାଇଁ ପ୍ରକୃତି କ୍ରିୟାଶୀଳ ରହିଛି । ସୁତରାଂ ଏହା ପ୍ରକୃତିର ଯୋଗ ଓ ଈଶ୍ୱରଙ୍କୁ ଅନାବରଣ କରିବା ଏଇ ଯୋଗର ଲକ୍ଷ୍ୟ । କାରଣ ଅତିମାନସ ଓ ଆନନ୍ଦର ଅଭିବ୍ୟକ୍ତି ବ୍ୟତୀତ ମନୁଷ୍ୟ ଅପୂର୍ଣ୍ଣ । ବିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି ଓ ସମାଜ ଭିତରେ ପରିପୂର୍ଣ୍ଣତାର ପ୍ରକାଶ । ଅଲକ୍ଷ୍ୟରେ ବା ଅଜ୍ଞାତରେ ମଧ ପ୍ରକୃତିର ଏହି ଈଶ୍ୱରାଭିମୁଖୀ ତପସ୍ୟାରେ ମଣିଷ ଅଂଶୀଦାର । ସେଥିପାଇଁ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଅନୁପମ ଉକ୍ତି ହେଉଛି ସମଗ୍ର ଜୀବନହିଁ ଯୋଗ । ଅନୁରୂପଭାବେ ଶିକ୍ଷା ମଧ ଏକ ନିରନ୍ତର କ୍ରିୟା । ଯୋଗ ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଅଜ୍ଞାନତା ଓ ଅବଚେତନା ହେତୁ ମଣିଷ ଜାଣିପାରୁ ନାହିଁ ଯେପରି ରେଳଗାଡ଼ିରେ ବା ଉଡ଼ାଜାହାଜରେ ନିଦ୍ରିତ ଯାତ୍ରୀ ଜାଣିପାରେ ନାହିଁ ସେଇ ଯାନର ଯଥାର୍ଥ ଗତି । ଆମେ ଠିକ୍ ସେହି ନିଦ୍ରିତ ଯାତ୍ରୀ ।

କିନ୍ତୁ ଜୀବନର ବିକାଶ ସହ ଚେତନାର ସମ୍ପର୍କ ନିବିଡ଼ । ସେହି ଚେତନାହିଁ ବିକାଶର ମାପକାଠି । ସୁତରାଂ ଯିଏ ଯେତିକି ଚେତନଶୀଳ ତଥା ଅଭୀପ୍ସୁ, ତା'ର ବିକାଶର ଧାରା ସେତିକି କ୍ଷିପ୍ର । ପ୍ରକୃତିର ଏହି କ୍ରିୟାଧାରା ସହିତ ଯିଏ ସଚେତନଭାବେ ସମ୍ପୃକ୍ତ ସେହିଁ ଯୋଗୀ, ଋଷି, ସିଦ୍ଧ, ସନ୍ଥ, ସାଧକ । ଅନ୍ତର୍ମୁଖୀ ହୋଇ ଆତ୍ମସ୍ଥ ନହେଲେ ଏ ରହସ୍ୟ ରହସ୍ୟାବୃତ ହୋଇ ରହିଥିବ । ସାଧାରଣ ଚେତନାଗତ ମଣିଷ ପାର୍ଥିବତା ଓ ସ୍ଥୂଳତା ମଧରେ ଆବଦ୍ଧ । ଏମାନଙ୍କ ପାଇଁ ଯୋଗ, ପ୍ରକୃତି, ଅତିମାନସ ଓ ଆନନ୍ଦ ଅର୍ଥହୀନ । ଆମେ ସମ୍ପୂର୍ଣ୍ଣ ଦୈହିକ ସ୍ତରରେ ଆବଦ୍ଧ । ତା' ଭିତରେ ଥିବା ଆତ୍ମା ଆମ ପାଇଁ ଅଦୃଶ୍ୟ ।

ଅତୀତର ମୁନି ଋଷିମାନେ ଦେହକୁ ଜଡ଼ ଆଖ୍ୟା ଦେଇ କେବଳ ଆତ୍ମାର ଅନ୍ୱେଷା କରିଛନ୍ତି । ମାତ୍ର ତୈତିରୀୟ ଉପନିଷଦ୍(୨-୫) କହିଛନ୍ତି, ''ଦେହୋ ଦେବାଳୟଃ ପ୍ରୋକ୍ତଃ ଜୀବଃ କେବଳଃ ଶିବଃ'' । ଏ ଦେହ ଭିତରେ ଆତ୍ମା ହେଉଛନ୍ତି

''ଦେହୀ''। ଋଷି ଶ୍ରୀଅରବିନ୍ଦଙ୍କ ଜୀବନବ୍ୟାପୀ ସାଧନାର ଦିବ୍ୟ ଫଳଶ୍ରୁତି ହେଉଛି ''ପ୍ରେମ ଓ ମୃତ୍ୟୁର ମହାକାବ୍ୟ ସାବିତ୍ରୀ''। ସେଥିରେ ଏହି ରହସ୍ୟ ଉନ୍ମୋଚିତ ହୋଇ ପ୍ରମାଣିତ ହୋଇଛି : –

''କାବ୍ୟ ନୁହେଁ ସେ ଦିବ୍ୟ ସୃଜନ ମରଣକୁ ପାରେ ଜୟୀ
ନଶ୍ୱରେ କରେ ଅବିନଶ୍ୱର ଈଶ୍ୱରେ କରେ ଦେହୀ।''

ସୁତରାଂ ମଣିଷର ବିକାଶ ବାସ୍ତବତଃ ଅନ୍ତଃଭୂମିର ବିଷୟ। ତା' ନହେଲେ ବିଜ୍ଞାନର ଅସୁମାରି ଚମତ୍କାରିତା ଅନୁପାତରେ ହତାଶା, ନିରାଶା, ଅଶାନ୍ତି, ଆତ୍ମହତ୍ୟା, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ସ୍ଥୂଳ ଜୀବନର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଦାରିଦ୍ର୍ୟବୋଧ ଆଜି କମ୍ ନୁହେଁ।

ସକଳ ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆଜିର ମଣିଷ ଅଣନିଃଶ୍ୱାସୀ ହୋଇପଡ଼ିଛି। ତା'ର ସମଗ୍ର ଜୀବନ ସତେ ଯେପରି ଏକ ଅଶାନ୍ତ ଇଲାକାରେ ନିର୍ବାସିତ ଓ ନିର୍ଯାତିତ ହୋଇଛି। ଏଥିରୁ ନିସ୍ତାରର ପଥ ଖୋଜିଲାବେଳେ ତା' ଆଗରେ ରହିଛି ଯୋଗଶକ୍ତିର ଆବାହନ। ''ଯୋଗ କର୍ମସୁ କୌଶଳମ୍''। ତେଣୁ ବାହ୍ୟ ଜୀବନର ବିକାଶସହ ଆନ୍ତର ଜୀବନର ବିକାଶ ଏକାନ୍ତ ଆବଶ୍ୟକ। ସୁତରାଂ ବସ୍ତୁକୁ ମଧ୍ୟ ଅନାସକ୍ତି ଓ ନିରହଂକାର ଭାବରେ ଗ୍ରହଣ କରିବାର ବିବେଚନା ହେଲେ ବସ୍ତୁ ଯେ ସ୍ୱୟଂ ବ୍ରହ୍ମ – ଏହି ଚେତନା ମଣିଷ ଉପଲବ୍ଧି କରିପାରିବ। କାରଣ ଶ୍ରୀଅରବିନ୍ଦ କହିଛନ୍ତି "The matter is also Bramhan"। ଏହି ଉପଲବ୍ଧି ହେଲେ ''ସାରା ଧରିତ୍ରୀ ହେବ ଚୈତନ୍ୟର ସ୍ପଷ୍ଟ ପ୍ରକଟିତ ସଦନ।'' "All earth shall be the Spirit's manifest home." (*Savitri*, P. 707) ''ଆନ୍ତର ଜୀବନରେ ଯଦି ଏହା ଉପଲବ୍ଧ, ତା'ହେଲେ ବାହାରେ ତାହାର ପ୍ରକାଶ ନହେବ କାହିଁକି ? କାରଣ ଭିତର ଓ ବାହାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ମଣିଷ ଅଜ୍ଞାନତା ଓ ଅହଂକାର ସର୍ବସ୍ୱ ହୋଇ ଏହି ମୌଳିକ ସତ୍ୟଟିରୁ ବିସ୍ମୃତ ହୋଇଯାଇଛି। ଫଳତଃ ଯୋଗ ସତେ ଯେପରି ଏକ ବ୍ୟବସାୟ ଯାହାକୁ ତଥାକଥିତ ବାବାଜି, ବୈରାଗୀ, ବୈଷ୍ଣବ, ମଠାଧୀଶମାନେ ଏହାର ଠିକା ନେଇଛନ୍ତି। ସଂସାର, କର୍ମ, ଜୀବନ ତାଙ୍କ ଦୃଷ୍ଟିରେ ମିଥ୍ୟା, ମାୟା, ମରୀଚିକା। ସେଥିପାଇଁ ଯୋଗ ଆଳରେ ନାନାଦି ମିଥ୍ୟାଚାର ଓ ବ୍ୟଭିଚାର ଘଟୁଛି।

ସ୍ୱତଃ ପ୍ରଶ୍ନ ଉଠେ ତାହାହେଲେ ପ୍ରକୃତ ଯୋଗୀ କିଏ ? ସଚେତନ ଏବଂ ଆସ୍ପୃହାଶୀଳ ବ୍ୟକ୍ତିମାନେହିଁ ବିବର୍ତ୍ତନ ପ୍ରକ୍ରିୟାକୁ ସଫଳ ଓ ସାର୍ଥକ ଭାବରେ କାର୍ଯ୍ୟକାରୀ କରିପାରିବେ। ଯୋଗେଶ୍ୱର ପରବ୍ରହ୍ମ ଶ୍ରୀକୃଷ୍ଣ ନିଜ ସଖା ଦିତିକୃଷ୍ଣଙ୍କ ମଧ୍ୟରେ ଏହି ପ୍ରକାର ସଚେତନତା ଓ ଅଭୀପ୍ସା ଜାଗ୍ରତ୍ କରିଛନ୍ତି। ପରିଣାମତଃ ଅନ୍ଧ ଧୃତରାଷ୍ଟ୍ର, ଅହଂକାରୀ ଦୁର୍ଯ୍ୟୋଧନ ଓ କପଟୀ ଶକୁନି ସବୁରି ବିନାଶ ହୋଇଛି। ସାମ୍ପ୍ରତିକ ଜୀବନର କୁରୁକ୍ଷେତ୍ରରେ ଅର୍ଜୁନଙ୍କ ପରି ଯୋଗଯୁକ୍ତ ହୋଇ ନିବେଦିତ ହୋଇଯିବାହିଁ ସମାଧାନ। ସେତେବେଳେ ଯୋଗ ମଣିଷ ପାଇଁ ଏକ ଅସ୍ୱାଭାବିକ କ୍ଳାନ୍ତିକର ପ୍ରୟାସ ନହୋଇ ଏକ ସ୍ୱାଭାବିକ ସ୍ୱତଃସ୍ଫୂର୍ତ୍ତ ପ୍ରସ୍ଫୁଟନରେ ରୂପାନ୍ତରିତ ହୋଇଯିବ।

ଅଜ୍ଞାନତାର ଅସ୍ତିତ୍ୱ ମଧ୍ୟରେ ଯେଉଁ ଆତ୍ମା ଅଦୃଶ୍ୟ ଦୀପଶିଖା ହୋଇ ରହିଛି, ସେହି ଶିଖାର ଦ୍ୟୁତିରେ ଆମ ଚେତନା ପ୍ରଥମେ ଆଲୋକିତ ହେବ। ସେହି ଆଲୋକରେ ମଣିଷ ପରମାତ୍ମାଙ୍କୁ ଉପଲବ୍ଧି କରିବ ଓ ତାଙ୍କ ସତ୍ତା ସହ ଏକାକାର ହୋଇଯିବ ଓ ପରିପୂର୍ଣ୍ଣ ଚେତନା ଲାଭ କରିପାରିବ। ସମଗ୍ର ଜୀବନ ଯେ ଯୋଗ ଏବଂ ଶିକ୍ଷା – ଏକ ସ୍ୱରୂପରେ ଦିନେ ପ୍ରତିଭାତ ହେବ। ଏହାହିଁ ମହାଯୋଗୀ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମାଙ୍କ ଅନୁସୃତ ଅତିମାନସ ଯୋଗର ଆହ୍ୱାନ। ଜୀବନ ଓ ଜଗତକୁ ଅମୃତାୟିତ କରିବାହିଁ ତାଙ୍କର ଅନ୍ତିମ ଲକ୍ଷ୍ୟ। କାରଣ ଏ ପୃଥିବୀ ଯେ ଦିବ୍ୟମାନବ ଦ୍ୱାରା ଅଧ୍ୟୁଷିତ ହେବ – ତାହାହିଁ ପ୍ରଗତିର ଶେଷ ଲକ୍ଷ୍ୟ। ସକଳ ପ୍ରହେଳିକା ସତ୍ତ୍ୱେ ଦିବ୍ୟ ଶକ୍ତି ତା' କାମ କରିଚାଲିଛି। ତାହାହିଁ ସତ୍ୟକୁ ଅଭିବ୍ୟକ୍ତ କରିବ। ମାନବ ଜୀବନର ଇତିହାସ ହେଉଛି ଭଗବାନଙ୍କୁ ଆତ୍ମା ଓ ଜୀବନରେ ଅନାବରଣ କରିବା ଦିଗରେ ଅଗ୍ରଗତିର ଇତିହାସ।

ଯୋଗ ଯେପରି ''କର୍ମସୁ କୌଶଳମ୍'', ସେ କୌଶଳହିଁ ହେଉଛି ନିରନ୍ତର ଅଧ୍ୟବସାୟ ଓ ସାଧନା। ସେଥିପାଇଁ ମଧ୍ୟ କୁହାଯାଇଛି ଆଦର୍ଶ ଯଦି ପୂଜା ସେ ଆଦର୍ଶକୁ ଉଚ୍ଚାରଣ ଓ ଆଚରଣରେ ପ୍ରତିଫଳିତ କରିବାହିଁ ଯୋଗ। ଅର୍ଥାତ୍ ଯୋଗ ସାଧନାଗତ ଏବଂ ଦିବ୍ୟଶକ୍ତିଙ୍କର କୃପା ସାପେକ୍ଷ। ସେଥିପାଇଁ ମହାଯୋଗୀ ଶ୍ରୀଅରବିନ୍ଦ ଯଦି ସାଧ୍ୟ, ଦିବ୍ୟଜନନୀ ଶ୍ରୀମା ହେଉଛନ୍ତି ସ୍ୱୟଂ ସାଧକ ଓ ସାଧନା। ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ, ମା' ହେଉଛନ୍ତି ସେ ଗୂଢ଼ ଯୌଗିକ ତତ୍ତ୍ୱର ସରଳ ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ହେଉଛନ୍ତି ଏକ ପ୍ରଚଣ୍ଡ ତେଜପିଣ୍ଡ। ତାଙ୍କର ସାନ୍ନିଧିଲାଭ କରିବା ଲାଗି ମା' ଆମ ପାଇଁ ହେଉଛନ୍ତି ଚନ୍ଦ୍ରମାର ଶାନ୍ତ, ଶୀତଳ ସ୍ନିଗ୍ଧତା। ମା'ଙ୍କ

ବ୍ୟତିରେକେ ସେ ଜ୍ୱଳନ୍ତ ଅଗ୍ନିକୁଣ୍ଡଙ୍କ ସମୀପବର୍ତ୍ତୀ ହେବା ଅସମ୍ଭବ । ପୂର୍ଣ୍ଣଯୋଗରେ ସେଥିପାଇଁ ମା'ଙ୍କୁ ସବୁ ସମର୍ପଣ କରାଯାଏ । ଯୋଗ ଓ ଜୀବନର ପ୍ରାରମ୍ଭରେ ସମର୍ପଣ ଓ ଶେଷରେ ମଧ୍ୟ ସମର୍ପଣ । ଗୀତାରେ ଯେପରି ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କୁ ସବୁକିଛି ସମର୍ପଣହିଁ ଶେଷକଥା, ଅନ୍ୟ ଯୋଗରେ ନିର୍ଦ୍ଦିଷ୍ଟ ଅଭୀଷ୍ଟଙ୍କ ନିକଟରେ ସମର୍ପଣ କରାଯାଏ । ସେଥିପାଇଁ ମା' ବହିରେ ଯଥାର୍ଥରେ କୁହାଯାଇଛି ''ଯଦି ତୁମେ ଏହି ରୂପାନ୍ତର କାମନା କର ତେବେ ମା' ଓ ମା'ଙ୍କର ଶକ୍ତି ସକଳ ହାତରେ ଅକୁଣ୍ଠିତ ଭାବରେ, ଅବାଧରେ ନିଜକୁ ସମର୍ପଣ କର, ତୁମ ଭିତରେ ତାଙ୍କୁ କାର୍ଯ୍ୟ କରିବାକୁ ଦିଅ । ଏହି ତିନୋଟି ଜିନିଷ ତୁମ ସକାଶେ ପ୍ରୟୋଜନ – ଚେତନା, ନମନୀୟତା, ନିଃଶେଷରେ ସମର୍ପଣ ।'' ('ମା' ବହି, ପୃଷ୍ଠା-୫) ଆମ ପରି ଅଜ୍ଞ, ଅଜ୍ଞାନ ଓ ଅନ୍ଧ ମଣିଷ ପାଇଁ ମା'ଙ୍କ ପାଦପଦ୍ମରେ ନିବେଦିତ ହେବାରେହିଁ ମୀମାଂସା । କାରଣ ''କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ, କେବଳ ମା'ଙ୍କର ଶକ୍ତିହିଁ ଆବରଣକୁ ଛିନ୍ନ କରି ଦେଇପାରେ, ଆଧାରକୁ ଗଢ଼ିପାରେ, ଏହି ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରିବ ସତ୍ୟ, ଜ୍ୟୋତିଃ, ଦିବ୍ୟଜୀବନ ଏବଂ ଅମର ଆନନ୍ଦ ।'' ('ମା' ବହିର ଶେଷ ପୃଷ୍ଠା) । ମା'ଙ୍କ ଅନୁପମ ଉକ୍ତି ହେଉଛି ଶ୍ରୀଅରବିନ୍ଦଙ୍କ ବିନା ତାଙ୍କର (ମା'ଙ୍କର) ସ୍ଥିତି ନାହିଁ, ସେଇ ଅନୁରୂପ ମା'ଙ୍କ ବିନା ଆମର ପ୍ରକୃତ ସ୍ଥିତି ନାହିଁ ।

ଯେଉଁ ପୂର୍ଣ୍ଣଯୋଗ ଆମର ଆଦର୍ଶ, ତା'ର ନିରନ୍ତର ମା'ଙ୍କ ଅଧ୍ୟବସାୟ ଓ ସାଧନା ପାଇଁ ପନ୍ଥା ଓ ପଥ ବେଶ୍ ସୁସ୍ପଷ୍ଟ ଏବଂ ସୁନିର୍ଦ୍ଦିଷ୍ଟ । ପ୍ରଥମତଃ ଅବିଚଳିତ ଓ ଅବିଭକ୍ତ ବିଶ୍ୱାସ ସହ ଆନ୍ତରିକ ଆକୁତି ଓ ଆସ୍ପୃହା । ଏହା ସହ ନିରାସକ୍ତ ଓ ଭକ୍ତିପୂର୍ଣ୍ଣ ଚେତନାରେ ସକଳ କର୍ମ ସମ୍ପାଦନ କରିବା ଓ ତାଙ୍କୁହିଁ ଅର୍ପଣ କରିବା । ସେଥିପାଇଁ ସାମୂହିକତାକୁ ମଧ୍ୟ ମାନି ସ୍ୱୀକାର କରିବାକୁ ହେବ । ପୂର୍ଣ୍ଣଯୋଗ ସମଷ୍ଟିଗତ । ସେଇଠି ସ୍ୱତଃ ଆସେ ପାରସ୍ପରିକ ସଦିଚ୍ଛା ଓ ସହୃଦୟତାର ଅପରିହାର୍ଯ୍ୟତା । ଏସବୁର ମୌଳିକ ଉପକରଣ ହେଉଛି ସରଳତା, ନମ୍ରତା ଓ କୃତଜ୍ଞତା । କାରଣ ମା'ଙ୍କ ଅନୁପମ ଉକ୍ତି ହେଉଛି, ''ନମ୍ରତା ଓ କୃତଜ୍ଞତା ହେଉଛି ଭଗବାନଙ୍କୁ ପାଇବାର ନିଶ୍ଚିତ ପଥ ।'' ଏ ପଥରେ ଯାହାକିଛି ଅନ୍ତରାୟ ତାକୁ ସଂକଳ୍ପବଦ୍ଧ ଭାବରେ ପ୍ରତ୍ୟାଖ୍ୟାନ କରିବାହିଁ ଯୌଗିକ ଶୃଙ୍ଖଳା ଓ ସଂହତି ।

ପରିସ୍ଥିତି ନିର୍ବିଶେଷରେ ଆମ ନିଜର ଆତ୍ମ-ବିଶ୍ୱାସ ଉପରେ ନିର୍ଭରତା ରହିଲେ ସମର୍ପଣ ସ୍ୱତଃ ଓ ସହଜ ହୋଇଥାଏ । ଏ ସମ୍ପର୍କରେ ମହାଭାରତ ଯୁଦ୍ଧ ବେଳର ଗୋଟିଏ ଦୃଷ୍ଟାନ୍ତ ଉଲ୍ଲେଖଯୋଗ୍ୟ । କୁରୁକ୍ଷେତ୍ର ସଂଗ୍ରାମର ଅଷ୍ଟମ ଦିନ ସ୍ୱୟଂ ପିତାମହ ଭୀଷ୍ମ କୌରବ ବାହିନୀର ସେନାପତି ହେବେ । କିନ୍ତୁ ତା' ପୂର୍ବ ରାତ୍ରିରେ ଅର୍ଜୁନ ନିଶ୍ଚିନ୍ତ ଭାବରେ ନିଦ୍ରିତ । ପରଂବ୍ରହ୍ମ ଶ୍ରୀକୃଷ୍ଣ କହୁଛନ୍ତି, ''ପାର୍ଥ ! ଆସନ୍ତା କାଲି ପିତାମହଙ୍କର ତୁମେ ସମ୍ମୁଖୀନ ହେବ । ମାତ୍ର ତୁମେ ଏତେ ନିଶ୍ଚିନ୍ତ ଓ ନିର୍ଲିପ୍ତ ଭାବରେ ନିଦ୍ରିତ ରହିଛ କିପରି ?'' ବିନମ୍ରତାର ସହ ଉତ୍ତର ଦେଲେ ତୃତୀୟ ପାଣ୍ଡବ, ''ମୋର କି ଶକ୍ତି ଅଛି ଯେ ମୁଁ ପିତାମହଙ୍କ ସମ୍ମୁଖୀନ ହେବି ? ମୋତେ ଯିଏ ଅସ୍ତ୍ର ଧରାଇଛନ୍ତି, ସେତ ସଚେତନ ଓ ଚିନ୍ତାମଗ୍ନ – ମୁଁ ତ ପ୍ରଭୁ ତାଙ୍କର ନିମିତ୍ତ ମାତ୍ର ।'' ଏହାହିଁ ହୁଏତ ଅବିଭକ୍ତ ବିଶ୍ୱାସ, ପରିପୂର୍ଣ୍ଣ ସମର୍ପଣ, ଐକାନ୍ତିକ ଭକ୍ତି ଓ ଏକନିଷ୍ଠ ନିର୍ଭରତା – ଏତିକି ଆମକୁ ଅନୁପ୍ରେରିତ କରୁ ଓ ଆମ ହୃଦୟରୁ ସ୍ୱତଃ ଉତ୍ସାରିତ ହେଉ, ''କେବଳ ମା'ହିଁ ଆମ ଆତ୍ମାର ପ୍ରଜ୍ୱଳନ୍ତ ଦୀପଶିଖା'' । ❖

ଏହି ପ୍ରକାର ଅନୁଷ୍ଠାନ(ଆଶ୍ରମ)ର ସାଧାରଣ ପ୍ରଚଳିତ ଉଦ୍ଦେଶ୍ୟଠାରୁ ଭିନ୍ନ ଏକ ଉଦ୍ଦେଶ୍ୟ ନେଇ ଏହି ଆଶ୍ରମ ଗଢ଼ାଯାଇଥିଲା । ଜଗତ୍-ତ୍ୟାଗ ଏହାର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଏହି ଜଗତରେ ଜୀବନର ଅନ୍ୟ ଏକ ଧରଣ ଓ ସ୍ୱରୂପର ବିବର୍ତ୍ତନ ନିମନ୍ତେ ସାଧନାର ଏକ କେନ୍ଦ୍ର ତଥା କ୍ଷେତ୍ରରେ ପରିଣତ ହେବା, ଯାହାକି ଶେଷରେ ଆତ୍ମାର ଏକ ବୃହତ୍ତର ଜୀବନରେ ପରିଣତ ହୋଇ ଏଠାରେ ସେହି ଜୀବନକୁ ମୂର୍ତ୍ତ କରିବ ।

– ଶ୍ରୀଅରବିନ୍ଦ

ସାଧନା-ପରମ୍ପରା

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୧୪)

ପରିବ୍ରାଜକ ଶ୍ରୀଚୈତନ୍ୟ ତୀର୍ଥ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରରୁ ଯାତ୍ରାରମ୍ଭ କରି ପ୍ରଥମେ ଦକ୍ଷିଣରୁ ଦକ୍ଷିଣର ଶେଷପ୍ରାନ୍ତ ପର୍ଯ୍ୟନ୍ତ ଯାଇଛନ୍ତି । ତତ୍ପରେ ପଶ୍ଚିମ ଉପକୂଳ ପ୍ରଦେଶ ସମୂହର ତୀର୍ଥ ଦର୍ଶନ ସହ ଉତ୍ତର-ପଶ୍ଚିମର ଗୋରଖନା ପରିକ୍ରମା କରିଥିଲେ । ଉତ୍ତରାଞ୍ଚଳର ପୁଣ୍ୟସ୍ଥାନସବୁରେ ମଥାନତ କରି ପୁଣି ମଧ୍ୟଭାରତ ଦେଇ ଗୋଦାବରୀ ସନ୍ନିକଟରେ ରାୟ ରାମାନନ୍ଦଙ୍କୁ ଭେଟିଲେ । ସେଇ ଠାବରୁ ସେ ପୁରୀ ଫେରିଆସିଲେ । ପହଞ୍ଚିବା ମାତ୍ରେ ଶୁଣିଲେ ଜଣେ ଅଦ୍ୱୈତବାଦୀ ସନ୍ନ୍ୟାସୀ ତାଙ୍କୁ ଦେଖିବାକୁ ଚାହାନ୍ତି, ନାମ – ବ୍ରହ୍ମାନନ୍ଦ ଭାରତୀ । ବ୍ରହ୍ମାନନ୍ଦ ଶୁଣିଛନ୍ତି ଜଣେ ତରୁଣ ସନ୍ନ୍ୟାସୀ ନବଦ୍ୱୀପରୁ ଆସି ତାଙ୍କ ବ୍ୟକ୍ତିତ୍ୱର ପ୍ରଭାବରେ ଜନମାନସରେ ଭକ୍ତିଭାବର ସଞ୍ଚାର କରିଛନ୍ତି – ଯାହାଫଳରେ ସାଧାରଣରୁ ସାଧାରଣ ଲୋକ ଯେପରି ଭଗବଦଭିମୁଖରେ, ଅନ୍ତରରେ ଉଦ୍‌ବୁଦ୍ଧ ହୋଇଛନ୍ତି ସେଇଭଳି ପଣ୍ଡିତରୁ ଉତ୍ତମ ପଣ୍ଡିତ ବ୍ୟକ୍ତି ମଧ୍ୟ ନିଜ ନିଜ ମତ ଓ ପଦ୍ଧତିକୁ ପଛରେ ରଖି ଭକ୍ତିକୁହିଁ ସାଧନାର ଉପାୟ ରୂପେ ମାନି ନେଇଛନ୍ତି । ଏଭଳି ବ୍ୟକ୍ତିତ୍ୱବାନ୍ କିଏ – ବ୍ରହ୍ମାନନ୍ଦଙ୍କର ଆଗ୍ରହ ତାଙ୍କୁ ଦେଖିବାରେ । ମାତ୍ର ଏଇ ଭାରତୀ ମହାଶୟ ନିଜ ପରିଧେୟ ବସନ ଉପରେ ସର୍ବଦା ଖଣ୍ଡେ ମୃଗଚର୍ମ ଘୋଡ଼େଇ ହୋଇଥା'ନ୍ତି । ବୈରାଗ୍ୟ, ତ୍ୟାଗ-ଅନାସକ୍ତି ଭିତରର ଆଭୂଷଣ ନହୋଇ ଯେତେବେଳେ ବାହାରର ଲୋକ-ଦେଖାଣିଆ ବୈରାଗ୍ୟ ହୋଇଯାଏ, ସେଥିରୁ ଆନ୍ତରିକତା ଅଦୃଶ୍ୟ ହୁଏ । ବ୍ରହ୍ମାନନ୍ଦଙ୍କ ପାଖରେ ଏତାଦୃଶ ଭାବ ଦେଖି ଚୈତନ୍ୟଦେବ ମଧ୍ୟସ୍ଥ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟକରି କହିଲେ :

ଅନ୍ୟେରେ ଅନ୍ୟକହ ନାହି ତୋମାର ଜ୍ଞାନ ।
ଭାରତୀ ଗୋସାଇଁ କେନ ପରିବେନ ଚାମ ॥

ଅର୍ଥାତ୍ –'ମୃଗଚର୍ମ ପରିହିତ ବାହାରେ ଅନାସକ୍ତି ଦେଖାଉଥିବା ଏ ବ୍ୟକ୍ତି କାହିଁକି ଭାରତୀ ଗୋସାଇଁ ହେବେ ?'

ଶ୍ରୀଚୈତନ୍ୟଙ୍କ ମୁହଁରୁ ଏହି ମନ୍ତବ୍ୟ ଶୁଣି ବ୍ରହ୍ମାନନ୍ଦ ବୁଝିପାରିଲେ ନବୀନ ସନ୍ନ୍ୟାସୀଙ୍କର ଅପ୍ରସନ୍ନତାର କାରଣ । ସଙ୍ଗେ ସଙ୍ଗେ ସିଏ ମୃଗଚର୍ମଟି କାଢ଼ିଦେଇ ଶ୍ରୀଚୈତନ୍ୟଙ୍କ ପାଖରେ ଉପସ୍ଥିତ ହେଲେ । ପରସ୍ପର ମଧ୍ୟରେ ଭଦ୍ରଭାବ ବିନିମୟ ହେଲା, ଦୁହିଙ୍କ ମଧ୍ୟରେ ଭଲ କଥାବାର୍ତ୍ତା ହେବାରୁ ପ୍ରବୀଣଙ୍କୁ ନବୀନ ବିନୋଦରେ କହିଲେ ଆମନ୍ତ୍ରଣ ମୁଦ୍ରାରେ :

ବ୍ରହ୍ମାନନ୍ଦ ନାମ ତୁମ ଗୌରବ୍ରହ୍ମ ଚଲ ।
ଶ୍ୟାମବ୍ରହ୍ମ ଜଗନ୍ନାଥ ବସିୟା ଅଚଲ ॥

ଅର୍ଥାତ୍, 'ଚାଲନ୍ତୁ ଯିବା ବଳରାମ ଓ ଜଗନ୍ନାଥଙ୍କୁ ଅଚଳ ବ୍ରହ୍ମରୂପେ ଦର୍ଶନ କରିଆସିବା' । କିଛିଦିନ ମଧ୍ୟରେ ସ୍ନାନପୂର୍ଣ୍ଣମୀ ଆସିଗଲା । ତତ୍ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଶ୍ରାମକକ୍ଷକୁ ଅର୍ଥାତ୍ ଅଣସର ଘରକୁ ନିଆଗଲା । ଶ୍ରୀଚୈତନ୍ୟ ଏକାକୀ ବୋଧକଲେ, ମନ୍ଦିର ଶୂନ୍ୟ ମନେହେଲା – ଶ୍ରୀଗୋବିନ୍ଦଙ୍କ ବିରହରେ । ତେଣୁ ସେ ଅଲାରନାଥ ଯିବାକୁ ସ୍ଥିର କଲେ । ଏଇ ସମୟରେ ନବଦ୍ୱୀପରୁ ଈଶ୍ୱରପୁରୀଙ୍କ ଗୁରୁଭ୍ରାତା ଶ୍ରୀ ପରମାନନ୍ଦ ପୁରୀ ମହାଶୟ ଫେରିଥିଲେ । ତାଙ୍କ ପାଖରୁ ମାତା ଶଚୀଦେବୀ ଓ ନବଦ୍ୱୀପର ଭକ୍ତମାନଙ୍କର ଶୁଭାଶୁଭ ସମ୍ବାଦ ମିଳିଲା । ଏହା ମଧ୍ୟ ଜଣାପଡ଼ିଲା ଯେ ବଙ୍ଗପ୍ରଦେଶରୁ ପ୍ରାୟ ଦୁଇଶତ ବୈଷ୍ଣବ ଭକ୍ତ ଏଥରର ରଥଯାତ୍ରାରେ ଭାଗନେବା ଓ ରଥୋପରି ବାମନବ୍ରହ୍ମଙ୍କୁ ଦର୍ଶନ ଓ ଭକ୍ତି ନିବେଦନ କରିବାକୁ ଉତ୍କଳ ଆସୁଛନ୍ତି, ଅଳ୍ପଦିନରେ ଆସି ପହଞ୍ଚିଯିବେ ।

ଏ ବିଷୟ ଉତ୍କଳ ନରେନ୍ଦ୍ରଙ୍କୁ ବି ଜ୍ଞାତ କରାଗଲା । ସେ ଏଇ ଭକ୍ତମଣ୍ଡଳୀକୁ ସ୍ୱାଗତ କରିବା ଓ ସେମାନଙ୍କ ଥଇଥାନର ବ୍ୟବସ୍ଥାଦି କରିବାକୁ ସୁଯୋଗ୍ୟ ଲୋକ ନିଯୁକ୍ତ କଲେ । ସର୍ବୋପରି ପରିଚାଳନାର ଦାୟିତ୍ୱ କାଶୀ ମିଶ୍ର ଓ ସାର୍ବଭୌମଙ୍କୁ ଦିଆଗଲା । ଶ୍ରୀଚୈତନ୍ୟ ତୀର୍ଥଯାତ୍ରାରେ ବାହାରିଲାବେଳେ ରାଜା ପୁରୀରେ ଅବସ୍ଥାନ କରୁ ନଥିଲେ । ପରେ ଯେତେବେଳେ ଶୁଣିଲେ ତାଙ୍କ ପରି କୋମଳପ୍ରାଣ ସୌମ୍ୟକାନ୍ତି ନବୀନ ସନ୍ନ୍ୟାସୀ ଦୀର୍ଘଦିନ ପାଇଁ ତୀର୍ଥରେ ବାହାରି ଯାଇଛନ୍ତି, ସେ ଖେଦ ପ୍ରକାଶ କଲେ ଯେ ଯଥେଷ୍ଟ ଆଦର ସମ୍ମାନ ଦେଇ ଶ୍ରୀକ୍ଷେତ୍ରରେ ତାଙ୍କୁ ରଖିପାରିଥିଲେ ବରଂ ଉତ୍ତମ ହୋଇଥା'ନ୍ତା । ସାର୍ବଭୌମ ରାଜାଙ୍କୁ ବୁଝାଇଲେ ଯେ ସନ୍ନ୍ୟାସୀ ମାତ୍ରେହିଁ ଅଖଣ୍ଡ ଭାରତର ସକଳତୀର୍ଥ ପରିବ୍ରଜ କରନ୍ତି । ତା' ବ୍ୟତୀତ ଶ୍ରୀଚୈତନ୍ୟ ସ୍ୱତନ୍ତ୍ର ପୁରୁଷ, ଦୈବବିଧାନ ଛଡ଼ା ସେ କାହାର ଇଚ୍ଛାର ଅଧୀନ ନୁହନ୍ତି । ରାଜା ତାଙ୍କ ବାକ୍ୟରେ ନିଜକୁ ଆଶ୍ୱସ୍ତ

ମନେ କଲେ । ଯଦିବା ସେ ଶ୍ରୀଚୈତନ୍ୟଙ୍କୁ ଦେଖି ନଥିଲେ, ସାମୀପ୍ୟ ସୁଖ ବି ପାଇ ନଥିଲେ, ତଥାପି ଯେତିକି ଶୁଣିଛନ୍ତି, ସେଇଥିରେ ତାଙ୍କ ସୁରକ୍ଷାର ଏକ ଦାୟିତ୍ୱବୋଧ ତାଙ୍କୁ ସ୍ପର୍ଶ କରିଛି ।

ଶ୍ରୀଚୈତନ୍ୟ ବନ୍ଧୁ ଓ ପ୍ରିୟଜନମାନଙ୍କୁ ପାଛୋଟି ଆଣିବା ପାଇଁ ଅଲାରନାଥରୁ ପୁରୀ ଫେରିଆସିଲେ । ଅଲାରନାଥରେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ଏକାନ୍ତ ସମୀପରେ ଦର୍ଶନ, କୀର୍ତ୍ତନ, ଜପ-ଧ୍ୟାନ ଇତ୍ୟାଦିରେ ତାଙ୍କ ସମୟ ଭଲଭାବରେ ବିତୁଥିଲା । ତଥାପି ନବଦ୍ୱୀପବାସୀଙ୍କୁ ସ୍ୱାଗତ ଓ ଅଦ୍ୱୈତ ଆଚାର୍ଯ୍ୟ ଭଳି ପ୍ରବୀଣ ସମ୍ମାନିତ ଭକ୍ତମାନଙ୍କୁ ଶ୍ରଦ୍ଧା ଜଣାଇବାକୁ ଆଗଭର ହେଲେ ।

ଏବେ ଗୌଡ଼ୀୟ ଭକ୍ତଗଣ ଅଦ୍ୱୈତାଚାର୍ଯ୍ୟଙ୍କୁ ପ୍ରମୁଖ କରି ପଦବ୍ରଜରେ ପୁରୀ ସନ୍ନିକଟ ହେଲେ । ସେମାନଙ୍କ ନିକଟରେ ମହାପ୍ରସାଦ ଇତ୍ୟାଦି ପହଞ୍ଚାଇବା ପାଇଁ ବିଶ୍ୱସ୍ତ ଭକ୍ତ ଦୁଇ, ଚାରିଜଣଙ୍କୁ ଶ୍ରୀଚୈତନ୍ୟ ପଠାଇଥିଲେ । ପଥ ମଧ୍ୟରୁ ଏଇ ସ୍ୱାଗତ-ସମ୍ଭାଷଣ ସହ ଜଗନ୍ନାଥଙ୍କର ଆଶିଷ ପାଇ ସେମାନଙ୍କର ସକଳ ପଥଶ୍ରମ ଦୂର ହୋଇଗଲା, ଦ୍ୱିଗୁଣ ଉତ୍ସାହରେ ସେମାନେ ପୁରୀ ବଡ଼ଦାଣ୍ଡରେ ପ୍ରବେଶ କଲେ ଖୋଳ କରତାଳରେ ଭୂମଣ୍ଡଳକୁ ପ୍ରକମ୍ପିତକରି ।

ଯେହେତୁ ପୁରୁଷୋତ୍ତମ ପୁରୀ ସକଳ ମତବାଦକୁ ଆଲିଙ୍ଗନ କରିଛି, ସେଠାରେ ବର୍ଷର ବିଭିନ୍ନ ଉତ୍ସବରେ ଭାରତର ଭିନ୍ନ ଭିନ୍ନ ପ୍ରାନ୍ତରୁ ଭକ୍ତ, ତତ୍ତ୍ୱବେତ୍ତା, ଦାର୍ଶନିକ, ଗୃହୀ ଓ ସନ୍ନ୍ୟାସୀ — ସମସ୍ତେ ଆସିଥା'ନ୍ତି । ଏଇ ଭାବେ ସ୍ୱରୂପ ଦାମୋଦର ମଧ୍ୟ ସେଠାରେ ପହଞ୍ଚିଥିଲେ । ସେ ଥିଲେ ଶାସ୍ତ୍ରର ମର୍ମଜ୍ଞ, ଆଶୁକବି ଓ ପ୍ରବୀଣ ସାଧକ । କୁହାଯାଏ ଶ୍ରୀଚୈତନ୍ୟଙ୍କ ଭାବ-ସମୁଦ୍ରର ନାନା ଅବସ୍ଥାରେ ଭାବର ନାନା ତରଙ୍ଗକୁ ସ୍ୱରୂପ-ଦାମୋଦରହିଁ ସମ୍ୟକ୍ ବୁଝିପାରୁଥିଲେ ଓ ସ୍ମୃତିଧର ଥିବାରୁ ଶାସ୍ତ୍ର ଓ କାବ୍ୟକବିତାରୁ ଉଦ୍ଧୃତାଂଶ ଶୁଣାଇ ଶ୍ରୀଚୈତନ୍ୟଙ୍କର ଯେପରି ଚିତ୍ତବିନୋଦନ କରିପାରୁଥିଲେ, ଠିକ୍ ସେଇପରି ତାଙ୍କ ଭାବାବେଗର ଆତିଶଯ୍ୟକୁ ପ୍ରଶମିତ ବି କରିପାରୁଥିଲେ । ସେ ସନ୍ନ୍ୟାସ ନ ନେଇଥିଲେ ମଧ୍ୟ ଦଶନାମୀ ସଂପ୍ରଦାୟର ସାରଦାମଠର ଅନ୍ତର୍ଗତ ଥିଲେ । ଶ୍ରୀଚୈତନ୍ୟଙ୍କ ଭକ୍ତମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଯାହାଙ୍କ ନାମ ତାଙ୍କ ଜୀବନ ସହିତ ଉଲ୍ଲେଖ କରାଯାଏ, ସେଗୁଡ଼ିକ ମଧ୍ୟରେ ସ୍ୱରୂପ-ଦାମୋଦରଙ୍କ ନାମ ଅଧିକ ପରିସ୍ଫୁଟ । ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟଙ୍କୁ ମାଧ୍ୟମକରି ରାୟରାମାନନ୍ଦ ସଖ୍ୟ ସୂତ୍ରରେ ସ୍ୱରୂପ ଦାମୋଦରଙ୍କ ସହ ଆବଦ୍ଧ ହୋଇଥିଲେ । ଏହା ଫଳରେ ରାମାନନ୍ଦଙ୍କର ପ୍ରେମଭାବ-ରସତତ୍ତ୍ୱ ସହ ତତ୍ତ୍ୱଜ୍ଞାନର ଅନ୍ତର୍ନିହିତ ଭାବର ସମନ୍ୱୟ ହୋଇପାରୁଥିଲା । ସେମାନେ ସମସ୍ତେ ଶ୍ରୀଚୈତନ୍ୟଙ୍କୁ ଘେରି ନରେନ୍ଦ୍ର ସରୋବର ନିକଟରେ ଏକତ୍ରିତ ହେଉଥିଲେ । ସେଇଠାରେ ଶାସ୍ତ୍ରପାଠ, ବ୍ୟାଖ୍ୟା, ପ୍ରେମ-ସାଧନା ସମ୍ପର୍କୀୟ ନାନା ପ୍ରଶ୍ନୋତ୍ତର ଆଦିର ଚର୍ଚ୍ଚା ହେଉଥିଲା । ସଙ୍ଗରେ ବାଦ୍ୟଯନ୍ତ୍ର ବି କିଛି ରହିଥିଲା, ମଝିରେ ମଝିରେ କୀର୍ତ୍ତନ ଓ ସଂଗୀତର ରୋଳ ଉଠୁଥିଲା । କାରଣ ଦୁଇଶତ ଭକ୍ତ ଓ ପୁରୀର ଆଗ୍ରହୀ କିଛି ଜନତା କେବଳ ବିଶୃଙ୍ଖଳ ଭାବେ ଘୂରିବୁଲୁ ନଥିଲେ, ସମୟ ଓ ସୁଯୋଗ ଦେଖି ନିମାଇଙ୍କ ସଙ୍ଗଲାଭ ଓ ସ୍ୱାଧ୍ୟାୟ, ଧ୍ୟାନ-ଜପ, କୀର୍ତ୍ତନାଦି ଏବଂ ଶାସ୍ତ୍ରାଲୋଚନାରେ ଭାଗନେଇ ନିଜ ନିଜ ସାଧନାକୁ ସମୃଦ୍ଧ କରୁଥିଲେ । ବଡ଼ଦାଣ୍ଡରେ କୀର୍ତ୍ତନ କରି ସେମାନେ ବଡ଼ଦେଉଳଯାଏଁ ଆସିଲେ, ତା' ସହିତ ଶ୍ରୀଜଗନ୍ନାଥଙ୍କର ଜୟଧ୍ୱନି, ବୈଷ୍ଣବ ଓ ଭାଗବତ ଉଭୟଙ୍କୁ ନମସ୍କାର କରି ଉତ୍ତାଳ ସମୁଦ୍ରର ଢେଉ ଭଳି ସେ ଧ୍ୱନି ଗଗନ ମଣ୍ଡଳରେ ପ୍ରତିଧ୍ୱନିତ ହେଲା । ଖୋଳ କରତାଳ ସାଙ୍ଗରେ ନାଚି ନାଚି ସେମାନେ ଗୌରାଙ୍ଗ ଓ ନିତ୍ୟାନନ୍ଦଙ୍କୁ ମଝିରେ ରଖି ବଡ଼ ଦେଉଳ ସମ୍ମୁଖରେ ବହୁ ସମୟ ଧରି କୀର୍ତ୍ତନ କଲେ । ରାଜା ପ୍ରତାପରୁଦ୍ର ଏପରି ଉନ୍ମାଦନା ସହ କୀର୍ତ୍ତନ କରାଯାଇପାରେ ଭାବି ନଥିଲେ, ସେ ତାଙ୍କ ଅଟ୍ଟାଳିକା ଉପରୁ ପଣ୍ଡିତ ସାର୍ବଭୌମଙ୍କ ସହ ଏହା ଲକ୍ଷ୍ୟକରି ଅନୁଭବ କଲେ ଯେମିତି ଦିଗ୍‌ବିଜୟରୁ ବାହୁଡ଼ି ନୀଳାଚଳନାଥଙ୍କୁ ଅସଂଖ୍ୟ ସେନାବାହିନୀ କୃତଜ୍ଞତା ଜଣାଉଛନ୍ତି । ଏହାର ସମ୍ମୋହନରେ ସେ କହି ଉଠିଲେ :

କୋଟି ସୂର୍ଯ୍ୟସମ ସବାର ଉଜ୍ଜ୍ୱଳ ବରଣ ।<br>
କଭୁ ନାହି ଶୁନି ଏଇ ମଧୁରକୀର୍ତ୍ତନ ॥<br>
ଐଛେ ପ୍ରେମ, ଐଛେ ନୃତ୍ୟ ଐଛେ ହରିଧ୍ୱନି ।<br>
କାହାଁ ନାହି ଦେଖି ଐଛେ କାହାଁ ନାହି ଶୁନି ॥

ଶ୍ରୀଚୈତନ୍ୟଙ୍କ ଅପୂର୍ବ କାନ୍ତି ସହ ମଧୁର ଅଥଚ ସୁ-ଉଚ୍ଚ କଣ୍ଠଧ୍ୱନି ଯଦି ଏତେ ଆକର୍ଷକ ହୋଇପାରେ, ତାଙ୍କ ସାମୀପ୍ୟ ଓ ତାଙ୍କର ଚରଣସ୍ପର୍ଶ କେତେ ଶାନ୍ତିପ୍ରଦ ହୋଇ ନଥିବ ! ସେ ନିଜର ଇଚ୍ଛା ସାର୍ବଭୌମଙ୍କଠାରେ ପ୍ରକାଶ କଲେ, ମାତ୍ର ଶ୍ରୀଚୈତନ୍ୟ ସାକ୍ଷାତ୍‌ଦର୍ଶନ ନିଷ୍ଠୁରଭାବେ ବାରଣ କରିଦେଲେ । ଟିକିଏ ଜୋର କରିବାରୁ ସେ ରାଜକୁମାରଙ୍କୁ ସାକ୍ଷାତ୍ ପାଇଁ ଅନୁମତି ଦେଇଥିଲେ ଓ ତାଙ୍କ ଉପରେ ସ୍ନେହ ଓ ଆଶୀର୍ବାଦ ଢାଳି ଦେଇଥିଲେ ବୋଲି କଥିତ ଅଛି । ତଥାପି ଆମେ

ନିରପେକ୍ଷଭାବେ ଦେଖିବା ପ୍ରତାପରୁଦ୍ର କେତେଦୂର ପ୍ରଭାବିତ ହୋଇଥିଲେ । ଏଣେ ଗୌଡ଼ୀୟ ଭକ୍ତମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ ନ କରିପାରିବାରୁ ବିରସିତ ହୋଇଥିଲେ । ଶ୍ରୀଚୈତନ୍ୟ ବଡ଼ ଦେଉଳର ଚୂଡ଼ାରେ ଥିବା ଚକ୍ର ଓ ଧ୍ୱଜକୁ ନମସ୍କାର କରିବାକୁ ବତାଇଲେ ଏହା କହି ଯେ ଏ ଦୁହେଁ ଶ୍ରୀଜଗନ୍ନାଥଙ୍କର ପ୍ରତିଭୂ, ଏଇ ପ୍ରଣାମ ସ୍ୱୟଂ ପ୍ରଭୁଙ୍କଠାରେ ପହଞ୍ଚିଥାଏ । ଭକ୍ତମାନେ ମହୋଦଧିରେ ସ୍ନାନ ସାରି ପ୍ରସାଦ ସେବନ ପାଇଁ ଅପେକ୍ଷା କଲେ । ନିଜେ ଶ୍ରୀଚୈତନ୍ୟ ଉପସ୍ଥିତ ରହି ସମସ୍ତଙ୍କୁ ପୃଥକ୍ ପୃଥକ୍ ଆସନରେ ବସାଇଲେ – ସନ୍ନ୍ୟାସୀ, ଗୃହୀ ଓ ଅପରାପର ଭକ୍ତମାନେ ଅଲଗା ଅଲଗା ଧାଡ଼ିରେ ମହାପ୍ରସାଦ ପାଇଲେ । ଯଦିବା ସେମାନେ ଶ୍ରୀଚୈତନ୍ୟଙ୍କ ପାଖରେ ସମାନ ମର୍ଯ୍ୟାଦା ପା'ନ୍ତି, ତଥାପି ସାମାଜିକ ଓ ଧାର୍ମିକ ଅନୁଶାସନକୁ ରକ୍ଷାକରି ଏଇ ଭେଦଟିକୁ ସେ ମାନ୍ୟତା ଦେଲେ – ଜନତା ଆଗରେ ଏକ ଆଦର୍ଶ ବଜାୟ ରଖିବା ପାଇଁ । ହରିଦାସଙ୍କ ନିମନ୍ତେ ସେ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା କରିସାରିଥିଲେ ଏକ ତୋଟାରେ ଯେଉଁଠାରେ ସେ ଜପଧ୍ୟାନ ନିରୋଳାରେ କରିପାରିବେ, ଏବେ ପ୍ରସାଦ ପହଞ୍ଚାଇବାର ପୃଥକ୍ ଆୟୋଜନ ମଧ୍ୟ କଲେ । ହରିଦାସ ନିଜକୁ ଅନ୍ୟାନ୍ୟ ଭକ୍ତଙ୍କଠାରୁ ଦୂରେଇ ରଖୁଥିଲେ, ମାତ୍ର ଚୈତନ୍ୟଦେବଙ୍କ ପ୍ରତି ତାଙ୍କ ଅନ୍ତରରେ ଶ୍ରଦ୍ଧା ପ୍ରେମ ଥିଲା ପ୍ରଗାଢ଼ । ପୁରୀଧାମରେ ହରିଦାସଙ୍କ ସହ ପ୍ରଥମ ସାକ୍ଷାତ୍ କାଳରେ ତାଙ୍କୁ ଦେଖି ଶ୍ରୀଚୈତନ୍ୟ ଏତେ ବିହ୍ୱଳ ହୋଇଗଲେ ଯେ ହରିଦାସଙ୍କ ଶତବାରଣ ସତ୍ତ୍ୱେ ବି ସେ ତାଙ୍କୁ ଗାଢ଼ ଆଲିଙ୍ଗନରେ ଆବଦ୍ଧ କଲେ, ତାଙ୍କ ଚକ୍ଷୁରୁ ଏତେ ଆନନ୍ଦାଶ୍ରୁ ନିର୍ଗତ ହେଲା ଯେଉଁଥିରେ ହରିଦାସଙ୍କୁ ଲାଗିଲା ସତେଅବା ଅମୃତ ସ୍ନାନ କଲେ । ସେଇ ଦିନରୁ ହରିଦାସ ଆମରଣ ଶ୍ରୀକ୍ଷେତ୍ରରେହିଁ ରହିଗଲେ ।

ରଥଯାତ୍ରାର ସମୟ ନିକଟ ହେଲା । ଶ୍ରୀଚୈତନ୍ୟ ବୈଷ୍ଣବ ଗୋଷ୍ଠୀଙ୍କ ଦ୍ୱାରା ଶ୍ରୀମନ୍ଦିରର ଭିତର ଓ ବାହାର ପରିଷ୍କାର ପରିଚ୍ଛନ୍ନ କରିବାକୁ ସ୍ଥିର କରି ଜଣାଇ ଦେଲେ । ସାଙ୍ଗେ ସାଙ୍ଗେ ରାଜଭଣ୍ଡାରରୁ ଶତଶତ ସଂଖ୍ୟାରେ ଝାଡୁ ଓ କଳସୀ ଆସିଗଲା । ପ୍ରଥମେ କେମିତି କରିବାକୁ ହେବ ତାହାର ଏକ ଯୋଜନା କରି ଧାଡ଼ି ଧାଡ଼ି କରି ସେ କାର୍ଯ୍ୟ ସକାଳୁ ସନ୍ଧ୍ୟାଯାଏଁ ମୁଖରେ ଅନବରତ ହରିନାମ ଉଚ୍ଚାରଣ କରି ପାଳିକରି ସେମାନେ ନିଷ୍ଠାରେ ସମ୍ପନ୍ନ କଲେ । ତା'ପରେ ଜଳ ଦେଇ ଧୌତ କରିବାର କାମଟିକୁ ହୃଦୟ ସିଂହାସନକୁ ଶୁଦ୍ଧ ପବିତ୍ର କରିବାଭଳି ଅନୁଭବ ହେବ, ଯେଉଁଥିରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରିବେ । ସୁତରାଂ କୃଷ୍ଣ ନାମର ସ୍ମରଣ ଓ ଉଚ୍ଚାରଣ ଦ୍ୱାରା ଏହା କରାଯାଉ ବୋଲି ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶ ଥିଲା – ଏବଂ ଏଇ କର୍ମଟି ଅନ୍ତରର ଭକ୍ତି ଓ ଉତ୍ସର୍ଗ ଭାବନାରେ ସରସ ହେବ । କାରଣ ସେବା ଦ୍ୱାରାହିଁ ପ୍ରଭୁଙ୍କ ସଂସ୍ପର୍ଶକୁ ଆସି ହୁଏ । ଏକ ଗୋଷ୍ଠୀ ଶ୍ରୀମନ୍ଦିର ଅଭ୍ୟନ୍ତର ପରିମଳ କରିବାର କାର୍ଯ୍ୟ ସାଦରେ ନେଲେ, କେହି ସରୋବରରୁ, କେହି କୂପରୁ ଜଳ ଉତ୍ତୋଳନ କଲେ । ଏଇ ସମାର୍ଜନାର* କର୍ମଟିକୁ କବିରାଜ

---

* ଏଇ ସମାର୍ଜନୀ-ସେବା ପ୍ରାୟ ଆମ ଦେଶରେ ଚଳି ଆସୁଥିଲା, ବିଶେଷକରି ବିଷ୍ଣୁ ମନ୍ଦିର ତଥା ବୃନ୍ଦାବନ, ବ୍ରଜଭୂମିରେ । ଦକ୍ଷିଣ ଭାରତର ଜଣେ ଆଲୁଆରଙ୍କ କାନ୍ଧରେ ଝାଡୁଟିଏ ସର୍ବଦା ରହିଥିବାର କଥା ରହିଛି । ଶ୍ରୀଚୈତନ୍ୟ ପୁରୀରେ ରଥଯାତ୍ରାର ପ୍ରାରମ୍ଭରେ ପ୍ରତାପଶାଳୀ ରାଜା ଯାହାଙ୍କ ଭୟରେ ଗୌଡ଼ ନବାବ ଉତ୍କଳରେ ପ୍ରବେଶ କରିପାରୁ ନଥିଲେ ସେଇ ପ୍ରତାପରୁଦ୍ରଙ୍କର ରଥୋପରି କନକମୁଠାର ଝାଡୁରେ ସମାର୍ଜନ କରିବା ଓ ଚନ୍ଦନମିଶ୍ରିତ ଜଳ ଛିଟିକାଇବା ଦେଖି ତାଙ୍କୁ ଭୂରିଭୂରି ପ୍ରଶଂସା କରିଛନ୍ତି । ବ୍ରଜଭୂମି ଓ ବର୍ଷଣାରେ ଗୋପୀଭାବର ସାଧନା କରୁଥିବା ବିଶିଷ୍ଟ ଭକ୍ତମାନେ କୁଞ୍ଜସେବା ନାମରେ ଯେଉଁ ସେବାକୁ ସାଧନାର ଅଙ୍ଗରୂପେ ମାନି ନେଇଛନ୍ତି, ସେମାନେ ନିଜକୁ ଶ୍ରୀରାଧାଙ୍କୁ ମାର୍ଜନୀ-ଦାସୀ ରୂପେ ସ୍ୱୀକାର କରିବାକୁ ବହୁ ବିନତି କରିଥା'ନ୍ତି । ଏହାର ଉଦାହରଣ ବ୍ରଜବୋଲି ଭାଷାରେ ଯେପରି କବିତା, ଗୀତିପଦ୍ୟ ରହିଛି, ସଂସ୍କୃତରେ ବି ସେଇପରି ରହିଛି । ପଞ୍ଚଦଶ, ଷୋଡ଼ଶ, ସପ୍ତଦଶ ଶତାବ୍ଦୀର ବୈଷ୍ଣବ କବି ତଥା ସାଧକଙ୍କର ଏଇପରି ଅସଂଖ୍ୟ ପଦାବଳୀ ମିଳେ ଯେଉଁଥିରେ ଶ୍ରୀରାଧାକୃଷ୍ଣଙ୍କର କୁଞ୍ଜରେ ସେବିକାର ପଦ ପାଇଁ ଅଳି କରିବା କଥା ରହିଛି, ଯଥା : ଶ୍ରୀହିତହରି ବଂଶଜିଙ୍କର ପ୍ରାର୍ଥନା : 'ଭବନାଙ୍ଗନମାର୍ଜନୀ ସ୍ୟାମ', ଅର୍ଥାତ୍ – ହେ ରାଧେ ! ଆପଣଙ୍କ ପ୍ରାସାଦର ଅଗଣାରେ ମୋତେ ସମାର୍ଜନୀ ଦାସୀ ରୂପେ ରଖନ୍ତୁ । ଉପନିଷଦ୍ ଯୁଗରେ ଯେପରି ଗୋଚାରଣ, ଗୋ-ସମ୍ପଦ ବର୍ଦ୍ଧନକୁ ଶିଷ୍ୟ ସାଧନାର ଅଙ୍ଗ ରୂପେ ମାନି ନେଉଥିଲେ, ବୈଷ୍ଣବ ସାଧନାର ଯୁଗରେ ସେବ୍ୟ-ସେବକ ଭାବକୁ ଭଜନ କୀର୍ତ୍ତନର ଅଙ୍ଗଭାବରେ ମାନ୍ୟତା ଦିଆଯାଉଥିଲା । ମୀରାବାଈଙ୍କ ସାଧନାରେ ବି ଅନୁରୂପ ଭଜନ ଦେଖିଥାଉ ।

ମହାଶୟ ସୁନ୍ଦରଭାବେ ଚିତ୍ରଣ କରିଛନ୍ତି । ଶୂନ୍ୟକୁମ୍ଭକୁ ଭରିବା ବେଳେ 'କୃଷ୍ଣ କୃଷ୍ଣ' ଧ୍ୱନି ବହୁ ମୁଖରୁ ଉଚ୍ଚାରିତ, ପୁଣି ଶୂନ୍ୟ କର ପ୍ରତୀକ୍ଷାରତ ଜନଙ୍କ ହାତରେ କୃଷ୍ଣ ନାମ ଦେଲା ବେଳେ – ଦେବା ଓ ନେବା କାଳରେ ଘଟ ସହିତ ସତେ ଯେମିତି 'କୃଷ୍ଣ' ନାମର ଆଦାନ-ପ୍ରଦାନ ଘଟୁଥିଲା । ସେହିପରି ଝାଡୁଦେବା ଓ ପାଣି ଢାଳି ପରିଶୁଦ୍ଧ କରିବା – ଇତ୍ୟାଦି ସମସ୍ତ କର୍ମ ଅନ୍ତରରୁହିଁ ନିବେଦନ କରିଥିଲେ ସେମାନେ । କବିରାଜଙ୍କ ଭାଷାରେ :

ଶତ ଘଟ ଜଳେ କୈଲ ମନ୍ଦିର ମାର୍ଜନ
ମନ୍ଦିର ଶୋଧିୟା କୈଲ ଯେନ ନିଜ ମନ ॥
ନିର୍ମଳ ଶୀତଳ ସ୍ନିଗ୍ଧ କରିଲା ମନ୍ଦିର ।
ଆପନ ହୃଦୟ ଯେନ ଧରିଲା ବାହିର ॥

ସ୍ୱୀୟ 'ଅନ୍ତରରୁ ବାହାର' କଥାଟି ଦ୍ୱାରା ବିଷୟଟି ସ୍ପଷ୍ଟ ହେଉଛି ଯେ ବୈଷ୍ଣବ ଧର୍ମରେ କର୍ମକୁ କୌଣସିଠାରେ ବର୍ଜିତ କରାଯାଇ ନାହିଁ, ବରଂ ଅନ୍ତର ସଂଯୋଗରେ କର୍ମଯୋଗରେ ପରିଣତ କରାଯାଇଛି । ପରମ ସେବ୍ୟଙ୍କଠାରେ ସେବା ରୂପେ ପହଞ୍ଚାଇବାର ତାହା ଏକ ସାଧନ ହୋଇଛି । ଶ୍ରୀଚୈତନ୍ୟଙ୍କ ଦୃଷ୍ଟିରେ ଏଇ ସେବାଭାବହିଁ ସାଧନାର କଠିନ ପଥକୁ ସ୍ନିଗ୍ଧ କରିଥାଏ ।

କୃଷ୍ଣ ସେଇ ସତ୍ୟ କରେ ଯେଇମାଗେ ଭୃତ୍ୟ ।
ଭୃତ୍ୟବାଞ୍ଛା ପୂର୍ଣ୍ଣ ବିନା ନାହିଁ ଅନ୍ୟ କୃତ୍ୟ ॥

ରଥଟଣା କାଳରେ ଚୈତନ୍ୟ ଦେବ ଲକ୍ଷ୍ୟ କଲେ ଯେ ଯେଉଁ ଡୋରି ରତ୍ନସିଂହାସନରୁ ରଥ ପର୍ଯ୍ୟନ୍ତ ତ୍ରିମୂର୍ତ୍ତି ଅର୍ଥାତ୍ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଟେକି ଆଣିବା କାମରେ ଲାଗେ, ସେସବୁ ଡୋରି ଖୁବ୍ ମଜଭୁତ୍ ବା ଦୃଢ଼ ନୁହେଁ । ତାହା ବିଗ୍ରହର ଭାର ନେଇପାରେ ନାହିଁ । ମଝିରେ ମଝିରେ ଛିଣ୍ଡି ଛିଣ୍ଡିଯାଏ ବା ଅଳ୍ପ କେତେ ବର୍ଷ ଭିତରେ ଜୀର୍ଣ୍ଣ ହୋଇଯାଏ । ସେଥିପାଇଁ ବଙ୍ଗ ଦେଶରେ ଯେଉଁ ସ୍ଥାନ ଡୋରି ବା ରଶି ପାଇଁ ପ୍ରସିଦ୍ଧ ଉକ୍ତ କୁଳୀନଗ୍ରାମରୁ ପ୍ରତିବର୍ଷ ଡୋରି ଅଣାଇବାର ଭାର ସେଠିକାର ଜମିଦାର ସତ୍ୟରାଜ ଖାନ୍ ଓ ରାମାନନ୍ଦ ବସୁଙ୍କୁ ଦେଲେ (ବୈଷ୍ଣବମାନଙ୍କ ଗହଣରେ ସେ ଦୁହେଁ ମଧ ରଥଯାତ୍ରା ପାଇଁ ଆସିଥିଲେ) । ଶ୍ରୀଚୈତନ୍ୟ ଯେତେ ଭାବବିହ୍ୱଳ ହେଲେ ମଧ ଛୋଟ ବଡ଼ ଅନେକ ବିଷୟ ପ୍ରତି ତାଙ୍କର ଧାନ ଥିଲା । ସେଦିନରୁ କୁଳୀନ ଗ୍ରାମରୁ ରଥଟଣା ପୂର୍ବରୁ ନିର୍ଣ୍ଣିତ ଭାବରେ ଡୋରି ଆସିଯାଏ ।

ରଥଯାତ୍ରା ଉତ୍ସବରେ ଶ୍ରୀଚୈତନ୍ୟ ତାଙ୍କର ବୈଷ୍ଣବ-ମଣ୍ଡଳୀର ମଧଭାଗରେ ରହିଥିଲେ । କୀର୍ତ୍ତନ କରି କରି ଚାଲିଥିଲେ ରଥ ସହିତ । ମଝିରେ ମଝିରେ ସିଏ ଊର୍ଦ୍ଧ୍ୱମୁଖ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ଦୁଇହାତ ଯୋଡ଼ି ନମସ୍କାର ସହ ସ୍ତୁତି କରୁଥିଲେ । ମହାଭାବର ଆବେଶ ହେଉଥିଲାବେଳେ ତାଙ୍କ ଦେହର ବର୍ଣ୍ଣ ବି ମୁହୁର୍ମୁହୁଃ ବଦଳି ଯାଉଥିଲା । କେବେ ଅରୁଣ, କେବେ ଚନ୍ଦନ ପରି ପୁଣି କେବେ ମଲ୍ଲିକା ପୁଷ୍ପ ପରି ଶୁଭ୍ର ହୋଇ ଯାଉଥିଲା; ଅହରହ ଅଶ୍ରୁପାତ ହେଉଥିଲା । କେବେ ଏକଠାଇଁ ସ୍ତମ୍ଭୀଭୂତ, କେବେ ଟଳମଳ । ଏଇଭଳି ଅବସ୍ଥା ଦେଖି ରାଜା ଯେତିକି ଚମତ୍କୃତ ହେଉଥିଲେ, ସେତିକି ଭୟ କରୁଥିଲେ – କାଳେ ସେ ଭୂମିରେ ପଡ଼ିଯିବେ । ତେଣୁ ସେ ତାଙ୍କ ପଛେ ପଛେ ରହିଥା'ନ୍ତି, ସ୍ୱହସ୍ତ ପ୍ରଧାନ ଅମାତ୍ୟଙ୍କର କାନ୍ଧ ଉପରେ ରଖି ସେ ମଧ ଅଗ୍ରସର ହେଉଥା'ନ୍ତି ଭକ୍ତମାନଙ୍କ ସହିତ । ଥରେ ଏମିତି ଭକ୍ତସମାଗମରେ ଯାଉ ଯାଉ ବିହ୍ୱଳିତ ହୋଇ (ଚୈତନ୍ୟ) ପଡି ଯାଉଥିଲେ, ରାଜା ତତ୍‌କ୍ଷଣାତ୍ ହାତ ବଢ଼ାଇ ତାଙ୍କୁ ପଡ଼ିଯିବାରୁ ରକ୍ଷା କଲେ । ରାଜାଙ୍କ ସ୍ପର୍ଶରେ ମୁହୂର୍ତ୍ତକରେ ସଂବିତ୍ ଫେରି ପାଇଲେ । ରାଜବେଶ ଦେଖି ନରେନ୍ଦ୍ର ବୋଲି ତାଙ୍କୁ ଚିହ୍ନି ପାରିଲେ ଓ ନିଜକୁ ଦୂରେଇ ନେଇ କହିଲେ : 'ଛିଃ, ଛିଃ – ବିଷୟ ସ୍ପର୍ଶ ହଇଲ ଆମାର' । ଉଭୟ ପକ୍ଷର ଭକ୍ତ ପରିସ୍ଥିତିକୁ ସମ୍ଭାଳି ନେଲେ । ରାଜା ଅପମାନିତ ହେବା ଅପେକ୍ଷା ଦୁଃଖବୋଧ କଲେ କାଳେ ଭବିଷ୍ୟତରେ ରାଜା ବୋଲି ତାଙ୍କୁ ସାମୀପ୍ୟ-ସେବାର ଅନୁମତି ନଦେବେ !

ସାର୍ବଭୌମ ନୃପତି ପ୍ରତାପରୁଦ୍ରଙ୍କୁ ବୁଝାଇଲେ ଯେ ଅନୁଗାମୀ ଶିଷ୍ୟ କାଳେ ବିଷୟୀ ସଙ୍ଗତରେ ରହିବାକୁ ଇଚ୍ଛା କରିବେ ତାଙ୍କ ଦେଖାଦେଖି, ସେଇ କାରଣରୁ ସେ ନିଜକୁ ଧନୀ ଓ ରାଜକୀୟ ଲୋକଙ୍କ ନିକଟରୁ ଦୂରେଇ ରଖିଛନ୍ତି – ଯେମିତି ଶୁକ୍ଳବସ୍ତ୍ରରେ ଟିକିଏ ଦାଗ ଲାଗିଲେ ତାହା ଦୃଷ୍ଟିକଟୁ ହୁଏ । ନହେଲେ ତାଙ୍କର ନିଜସ୍ୱ ସ୍ୱଭାବ ସେ ବତାଇଛନ୍ତି ଅନ୍ୟ ଏକ ସ୍ଥାନରେ :

ଦ୍ୱୈତ ଭଦ୍ରାଭଦ୍ର ଜ୍ଞାନ ସବ ମନୋଧର୍ମ ।
ଏଇ ଭାଲ ଏଇ ମନ୍ଦ – ଏଇସବ ଭ୍ରମ ॥
ଆମି ତ ସନ୍ୟାସୀ ଆମାର ସମଦୃଷ୍ଟି ଧର୍ମ ।
ଚନ୍ଦନ ପଙ୍କେତେ ଆମାର ଜ୍ଞାନ ହୟ ସମ ॥

ସନ୍ୟାସୀର ମଧ ଦ୍ୱନ୍ଦ୍ୱ ରହିଯାଏ । ମାତ୍ର ଶ୍ରୀଚୈତନ୍ୟ ନିର୍ଦ୍ୱନ୍ଦ୍ୱ ନିଃଛିଦ୍ର ଥିଲେ । ସେଥିପାଇଁ ଯବନ ହରିଦାସ ଓ ଯବନ

ରାଜାର ସେବାକାରୀ ରୂପ ସନାତନ – ସମସ୍ତେ ତାଙ୍କର ପ୍ରିୟ, ବ୍ରାହ୍ମଣ-ଅବ୍ରାହ୍ମଣ ସମସ୍ତେ ତାଙ୍କର ବାହୁଛାୟା ତଳେ ନିର୍ଭୟ ଓ ନିଃସଙ୍କୋଚରେ ସାଧନା କରିଛନ୍ତି । ସାର୍ବଭୌମଙ୍କ ପରାମର୍ଶରେ ପ୍ରତାପରୁଦ୍ର ରାଜବେଶ ପରିତ୍ୟାଗ କରି ସାଧାରଣ ନାଗରିକ ବେଶରେ ଭକ୍ତମଣ୍ଡଳୀଙ୍କ ସହ ରଥଟଣାରେ ଯୋଗଦେଲେ । ମାତ୍ର ତାଙ୍କର ପୂର୍ଣ୍ଣ ଧ୍ୟାନ ନିହିତ ଥିଲା ଶ୍ରୀଗୌରାଙ୍ଗ ନିତ୍ୟାନନ୍ଦ ଇତ୍ୟାଦିଙ୍କ ଉପରେ । ମଝିରେ ମଝିରେ ସଙ୍ଗୀତ-ବାଦ୍ୟ ଓ ସଂକୀର୍ତ୍ତନର ସୁଉଚ୍ଚ ଧ୍ୱନି ଉଠିଲେ ନୃତ୍ୟ କରୁ କରୁ କାଳେ ଗୌରାଙ୍ଗଙ୍କର ଭାରସାମ୍ୟ ଦୋହଲିଯିବ, ସେଥିପ୍ରତି ରାଜା ସଜାଗ ଥିଲେ । ହଠାତ୍ ଜଗନ୍ନାଥଙ୍କ ଉପରେ ଦୃଷ୍ଟି ଓ ଆଗକୁ ରଥ ସହ ଅଗ୍ରସର ହେବା – ଏଇ ଦୁଇଟିରେ ମନୋଯୋଗ ଦେବାକୁ ଯାଇ ଏକ ସ୍ଥାନରେ ଶ୍ରୀଚୈତନ୍ୟ ଭୂପତିତ ହୋଇଗଲେ, ତୁରନ୍ତ ଯୋଦ୍ଧୃ ପ୍ରତାପରୁଦ୍ର ତାଙ୍କ ହାତ ବଢ଼ାଇ ଭୂମିରେ ପଡ଼ିବା ଆଗରୁ ଦୃଢ଼ଭାବରେ ଧରି ପକାଇଲେ ଓ କାଳେ ମହାପୁରୁଷ ସଂଜ୍ଞା ହରାଇବେ, ସେଥିପାଇଁ ସେ ଶୁଣିବା ପରି କଣ୍ଠରେ ଭାଗବତରୁ ଉଦ୍ଧୃତ କରି ଗାଇଲେ :

ତବ କଥାମୃତଂ ତପ୍ତଜୀବନଂ କବିଭିରୀଡିତଂ କଲ୍ମଷାପହମ୍ ।
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ ଭୁବି ଗୃଣନ୍ତି ଯେ ଭୂରିଦା ଜନାଃ ॥

ଅର୍ଥାତ୍ – 'ହେ ପ୍ରିୟତମ ! ତାପିତ ବ୍ୟକ୍ତିଙ୍କର ଜୀବନ ସୁଶୀତଳକାରୀ ବ୍ରହ୍ମଜ୍ଞ ଋଷିମାନଙ୍କ ଦ୍ୱାରା ସଂସ୍ତୁତ, କଳୁଷହାରୀ, ଶ୍ରବଣମଙ୍ଗଳ ତଥା ସର୍ବତ୍ର ସର୍ବକଲ୍ୟାଣ ହେତୁ ଅମୃତମୟୀ ତୁମର କଥା ଯେଉଁମାନେ ପ୍ରଚାର କରନ୍ତି, ସେମାନଙ୍କୁ ଦାନବୀର ବୋଲି କହିବାକୁ ହେବ ।'

ରାଜାଙ୍କ ମୁଖରୁ ଶ୍ରୀମଦ୍‌ଭାଗବତର ଶ୍ଳୋକଟି ଶୁଣି ଶ୍ରୀଚୈତନ୍ୟ ଏତେ ବିମୁଗ୍ଧ ହୋଇଗଲେ ଯେ କଥକ ବ୍ୟକ୍ତିକୁ କୁଣ୍ଢାଇ ପକାଇଲେ, ପ୍ରଶଂସାରେ ଭରିଦେଲେ ଓ କହିଲେ,

''ତୁମି ମୋରେ ବହୁ ଦିଲେ ଅମୂଲ୍ୟ ରତନ ।
ମୋର କିଛୁ ଦିତେ ନାହିଁ, ଦିନୁ ଆଲିଙ୍ଗନ ।''

ତା'ପରେ ପଚାରିଲେ – କିଏ ତୁମେ ଆଚମ୍ବିତେ ଆସି ମୋର ଭୂପତିତ ହେବା କାଳରେ ରକ୍ଷାକଲ ଆଉ କୃଷ୍ଣଲୀଳାମୃତ ବଖାଣି ମୋତେ ସଂଜୀବିତ କଲ ? ପ୍ରତାପରୁଦ୍ର ବୁଝିଲେ ଯେ ତାଙ୍କ ପରିଚୟ ସନ୍ନ୍ୟାସୀବର ଜାଣିପାରି ନାହାନ୍ତି । ଆଶ୍ୱସ୍ତ ହୋଇ ସେ ଉତ୍ତର ଦେଲେ ଓ ପାଦରେ ପ୍ରଣାମ କରି ଉଠିଲେ ।

ରାଜା କହିଲେ – ଆମି ତୋମାର ଦାସେର୍ ଅନୁଦାସ ।
ଭୃତ୍ୟେର୍ ଭୃତ୍ୟ କର ମୋରେ ଏଇ ମୋର ଆଶ ॥

ଶ୍ରୀଚୈତନ୍ୟ ଜଗନ୍ନାଥମହାପ୍ରଭୁଙ୍କ ଦର୍ଶନ ପାଇଁ ଏତେ ଲାଳାୟିତ ଥିଲେ ଯେ ସେସମୟରେ ଲୋକ ଭିଡ଼ରୁ ମୁକ୍ତହୋଇ ଶ୍ରୀମୁଖ ଦର୍ଶନର ଲୋଭରେ ମର୍ଯ୍ୟାଦା ଲଂଘନ କରି ଭୋଗମଣ୍ଡପରେ ପହଞ୍ଚିଥିଲେ ରଥଯାତ୍ରା ଆରମ୍ଭ ପୂର୍ବରୁ; କବିରାଜ ମହାଶୟ କହୁଛନ୍ତି :

ତୃଷ୍ଣାର୍ତ୍ତ ପ୍ରଭୁର ନେତ୍ର-ଭ୍ରମରଯୁଗଳ ।
ଗାଢ଼ ତୃଷ୍ଣା ପିୟେ କୃଷ୍ଣେର ବଦନ କମଳ ॥

ଏଇପରି ଯେଉଁ ଶ୍ରୀଚୈତନ୍ୟ, ଯିଏ ଜଗନ୍ନାଥ ସ୍ୱାମୀଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ଅଭିନ୍ନ ମନେ କରୁନଥିଲେ, ସିଏ ଭକ୍ତ ଜନସମୁଦ୍ର ସହ ରଥଯାତ୍ରାର ସମସ୍ତ ଅନୁଷ୍ଠାନ ଗୋଟିଏ ପରେ ଗୋଟିଏ ଉପଭୋଗ କଲେ । ହେରାପଞ୍ଚମୀ ଦିନ ଲକ୍ଷ୍ମୀ ଦେବୀଙ୍କ ପକ୍ଷ ନେଇ ଶ୍ରୀମନ୍ଦିର ସେବକଗଣ ଯେଉଁ କୋପ-ଅଭିନୟ କଲେ, ତାହାର ରସ ବି ବିଶେଷ ଆମୋଦର ସହ ଗ୍ରହଣ କଲେ । ସେଦିନ ରାତ୍ରିରେ ଶ୍ରୀଚୈତନ୍ୟ ସ୍ୱରୂପ ଦାମୋଦରଙ୍କ ପାଖରୁ ପ୍ରେମଭାବର ତତ୍ତ୍ୱ ମୀମାଂସା ଜାଣିବାକୁ ଚାହିଁଲେ । ସ୍ୱରୂପ ଦାମୋଦର ଭାଗବତ ତଥା ଅନ୍ୟ ବୈଷ୍ଣବ ଶାସ୍ତ୍ରରୁ ଉଦ୍ଧୃତ କରି ସ୍ୱାଭିମାନୀ ସତ୍ୟଭାମା ଓ ଐଶ୍ୱର୍ଯ୍ୟମୟୀ ମହାଲକ୍ଷ୍ମୀଙ୍କର ପ୍ରେମର ବ୍ୟାଖ୍ୟାକରି ପରାନୁରକ୍ତିର ତଉଲରେ ଗୋପୀପ୍ରେମ ଓ ଶ୍ରୀରାଧାଙ୍କର ଦିବ୍ୟପ୍ରେମର ତୁଳନାରେ ସେଗୁଡ଼ିକୁ ଶ୍ରେଷ୍ଠତ୍ୱରେ ନ୍ୟୂନ ବୋଲି ପ୍ରମାଣ କଲେ । ସବୁ ପ୍ରେମ ମଧ୍ୟରେ ଭଗବାନଙ୍କ ପ୍ରତି ଅମଳ, ଅହୈତୁକୀ, ନିଷ୍କାମ, ନିଃସର୍ତ୍ତ ପରମମଧୁର ଓ ସରଳ ନିଃଶେଷ ଆତ୍ମସମର୍ପଣ ଯାହା ଅନ୍ୟ କୌଣସିଠାରେ ସମ୍ଭବ ନୁହେଁ, ତାହା କେବଳ ଶ୍ରୀରାଧାଙ୍କ-ଠାରେହିଁ ରହିଛି । ସେହିଁ ମହାଭାବର ଅଧିକାରିଣୀ । ସ୍ୱରୂପଦାମୋଦରଙ୍କ ମୁଖରୁ ଆରାଧ୍ୟା ଶ୍ରୀରାଧିକାଙ୍କ ପ୍ରେମର ପରାକାଷ୍ଠା ଶୁଣିବାମାତ୍ରେ ଶ୍ରୀଚୈତନ୍ୟ ଆଉ ଆତ୍ମ-ସଂବରଣ କରିପାରିଲେ ନାହିଁ, ଦଣ୍ଡାୟମାନ ହୋଇ ପ୍ରେମାବେଶରେ ନୃତ୍ୟ କଲେ ।

ଶ୍ରୀରାଧାଙ୍କ ସ୍ୱରୂପ ବିଷୟରେ ଶ୍ରୀଚୈତନ୍ୟ କହିଲେ :

ଗୋବିନ୍ଦାନନ୍ଦିନୀ ରାଧା ଗୋବିନ୍ଦମୋହିନୀ ।
ଗୋବିନ୍ଦସର୍ବସ୍ୱ ସର୍ବକାନ୍ତା ଶିରୋମଣି ॥

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

অন্তরাল জগত্

# ଅତିମାନସ ଓ ମଧ୍ୟବର୍ତ୍ତୀ ସ୍ତରସବୁ

## ଶ୍ରୀମା

*ପ୍ରଶ୍ନ : ଆପଣ କହିଛନ୍ତି ଯେ ମନ ଓ ଅତିମାନସ ଭିତରେ ଅନେକଗୁଡ଼ିଏ ମଧ୍ୟବର୍ତ୍ତୀ ସ୍ତର ରହିଛି ଏବଂ ଯଦି ଜଣେ ସାଧାରଣ ଲୋକ ଏହି ମଧ୍ୟବର୍ତ୍ତୀ ସ୍ତର ଭିତରୁ କୌଣସି ଗୋଟିଏ ସ୍ତରର ସଂପର୍କରେ ଆସେ ତା'ହେଲେ ତାହା ତାକୁ ଝଲସାଇ ଦେବ । ମଣିଷ ଯଦି ଏହିପରି ଏକ ଅବିକଶିତ ଅବସ୍ଥାରେ ଅଛି ତେବେ ଆମେ କାହିଁକି ଅନ୍ୟ କୌଣସି ମଧ୍ୟବର୍ତ୍ତୀ ସ୍ତରର ଅବତରଣ କଥା ନ କହି ଅତିମାନସ ସ୍ତରର ଅବତରଣ କଥା କହୁଛୁ ?*

ଶ୍ରୀମା : କାରଣ ଅତି ସହଜ । ଯେହେତୁ ଏପର୍ଯ୍ୟନ୍ତ ସମଗ୍ର ସ୍ଥୂଳ, ଜଡ଼ ଜଗତ୍, ସମଗ୍ର ପୃଥିବୀ (ପୃଥିବୀକୁ ଧରାଯାଉ) ଶାସିତ ହେଉଛି ସେହିସବୁ ଶକ୍ତି ଓ ଚେତନା ଦ୍ୱାରା, ଯାହା ଆସିଥାଏ ସେହି ସ୍ତରରୁ ଯାହାକୁ ଶ୍ରୀଅରବିନ୍ଦ ଅଧିମାନସ ବୋଲି କହିଛନ୍ତି । ଏପରିକି ମଣିଷମାନେ ଯାହାଙ୍କୁ ଭଗବାନ୍ ବୋଲି କୁହନ୍ତି ତାହା ହେଉଛି ଅଧିମାନସରୁ ଆସିଥିବା ଏକ ଶକ୍ତି ଓ କ୍ଷମତା, ଏବଂ ସମଗ୍ର ବିଶ୍ୱ ଅଧିମାନସର ଶାସନ ଓ କର୍ତ୍ତୃତ୍ୱାଧୀନ ହୋଇରହିଛି । ସେଠାରେ ପହଞ୍ଚିବାକୁ ହେଲେ ତୁମକୁ ଅନେକ ମଧ୍ୟବର୍ତ୍ତୀ ସ୍ତର ପାର ହୋଇଯିବାକୁ ହେବ ଏବଂ ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଝଲସି ନଯାଇ ସେଠାରେ ପହଞ୍ଚି ପାରିବେ । କିନ୍ତୁ ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହା ହେଉଛି ବର୍ତ୍ତମାନ ଅଧିମାନସର ଶାସନକାଳ ଶେଷ ହେବାକୁ ଯାଉଛି ଓ ତାହାର ସ୍ଥାନ ନେବ ଅତିମାନସର ଶାସନ । ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ରହିଛି, ଭଗବତ୍ ଉପଲବ୍ଧି କରି ଯେଉଁମାନେ ଭଗବାନଙ୍କ ସଙ୍ଗେ ମିଳିତ ହୋଇଛନ୍ତି ସେମାନେ ଏହି ଅଧିମାନସ କ'ଣ ଜାଣନ୍ତି । କିନ୍ତୁ ଶ୍ରୀଅରବିନ୍ଦ କୁହନ୍ତି ଯେ ଅଧିମାନସକୁ ଅତିକ୍ରମ କରି ଅନ୍ୟ କିଛି ରହିଛି ଏବଂ ଏହି ଅନ୍ୟକିଛିରହିଁ ବର୍ତ୍ତମାନ ପାଳି ଓ ସମୟ ଆସିଛି, ଯେତେବେଳେ ତାହା ଆସି ପୃଥିବୀକୁ ଶାସନ କରିବ, ପୃଥିବୀପୃଷ୍ଠରେ ତାହା ଅଭିବ୍ୟକ୍ତ ହେବ ଏବଂ ପୃଥିବୀକୁ ଶାସନ କରିବ ।

ତେଣୁ ଅଧିମାନସ ସମ୍ପର୍କରେ କହିବାର ଆଉ କୌଣସି ଆବଶ୍ୟକତା ନାହିଁ, କାରଣ ଅନେକ ବ୍ୟକ୍ତି ଏହା ସଂପର୍କରେ କହିସାରିଛନ୍ତି ଏବଂ ଏହାର ଅନୁଭୂତି ପାଇସାରିଛନ୍ତି ।

କିନ୍ତୁ ଆମେ ଯେଉଁ ସତ୍ୟଟି ବିଷୟରେ କହୁଛୁ, ତାହା ସଂପୂର୍ଣ୍ଣ ନୂତନ ଓ ସଂପୂର୍ଣ୍ଣ ନୂତନ ଭାବରେ ତାହା ନିଜକୁ ଅଭିବ୍ୟକ୍ତ କରିବାକୁ ଯାଉଛି ଏବଂ ପୂର୍ବରୁ ଏହା ସଂପର୍କରେ କେହି କିଛି ଜାଣି ନାହାନ୍ତି ଓ ସଚେତ ନାହାନ୍ତି । ଏହାହିଁ ହେଉଛି କାରଣ । ପୁରାତନ ବିବରଣୀ ସଂପର୍କରେ କୁହାଯାଇପାରେ ଯେ ଏପରି ଲୋକଙ୍କର ଅଭାବ ନାହିଁ ଯେଉଁମାନେ ଏଗୁଡ଼ିକୁ ଉପଲବ୍ଧି କରିଛନ୍ତି, ଏହାର ବର୍ଣ୍ଣନା ଦେଇଛନ୍ତି, ଏବଂ ଏହି ବିଷୟବସ୍ତୁ ଉପରେ ଅନେକ ପୁସ୍ତକ ରଚିତ ହୋଇଛି । ତେଣୁ ଅନ୍ୟମାନେ ଯାହା କହିଯାଇଛନ୍ତି ତାହାର ଆଉ ଥରେ ପୁନରାବୃତ୍ତିର କୌଣସି ପ୍ରୟୋଜନ ନାହିଁ । ଶ୍ରୀଅରବିନ୍ଦ ଆସିଥିଲେ ନୂଆ କିଛି କହିବାକୁ । ଲୋକମାନେ ଯେଉଁସବୁ ଅନୁଭୂତି ବିଷୟରେ ଜାଣି ସାରିଛନ୍ତି, ଯେଉଁ ବିଷୟରେ କୁହାଯିବାର ଶୁଣି ସାରିଛନ୍ତି, ତହିଁରୁ ବାହାରି ଆସିବା ପାଇଁ ସେମାନେ ଅସମର୍ଥ ହୁଅନ୍ତି ଏବଂ ଅଧିମାନସ ସମେତ ଅନ୍ୟାନ୍ୟ ମଧ୍ୟବର୍ତ୍ତୀ ସ୍ତରର ଅନୁଭୂତିଗୁଡ଼ିକୁ ସେମାନେ ସେହି ନୂତନ ଦିବ୍ୟଶକ୍ତି ସଙ୍ଗେ ସମାନ ବୋଲି ଦେଖିବା ପାଇଁ ଚେଷ୍ଟା କରନ୍ତି ଯେଉଁ ଶକ୍ତିକୁ ଶ୍ରୀଅରବିନ୍ଦ କହିଛନ୍ତି ଅତିମାନସ । କାରଣ ସେମାନଙ୍କ ପକ୍ଷେ ଆଉ ଅନ୍ୟ କିଛି ସତ୍ୟ ଯେ ରହିପାରେ ତାହା ଧାରଣା କରିବା ଅସମ୍ଭବ ହୋଇପଡ଼େ । ....ଶ୍ରୀଅରବିନ୍ଦ ବରାବର କହୁଥିଲେ : ଯେଉଁଠି ପୂର୍ବତନ ଯୋଗସବୁର ଶେଷ, ସେହିଠାରୁହିଁ ତାଙ୍କ ଯୋଗର ଆରମ୍ଭ ଏବଂ ତାଙ୍କ ଯୋଗର ଉପଲବ୍ଧି ପାଇଁ ସକ୍ଷମ ହେବାକୁ ହେଲେ ପ୍ରଥମେ ପ୍ରୟୋଜନ ହେଉଛି ପୁରାତନ ଯୋଗରେ ଯେଉଁସବୁ ଉପଲବ୍ଧି ହୋଇଥିଲା, ସେଗୁଡ଼ିକର ଚୂଡ଼ାନ୍ତ ସୀମାରେ ଯାଇ ପହଞ୍ଚିବା ଅର୍ଥାତ୍ ଭଗବାନଙ୍କ ପ୍ରତ୍ୟକ୍ଷ ଉପଲବ୍ଧି ପାଇବା ଓ ତାଙ୍କ ସଙ୍ଗେ ମିଳନ ଓ ଏକାତ୍ମତା ଲାଭ କରିବା । କିନ୍ତୁ ଶ୍ରୀଅରବିନ୍ଦ କୁହନ୍ତି ଯେ ସେହି ଭଗବାନ୍ ହେଉଛନ୍ତି ଅଧିମାନସ ସ୍ତରର ଭଗବାନ୍ ଏବଂ ତଥାପି ତାହା ଏପରି କିଛି ଯାହା ମାନୁଷୀ ଚେତନା ତୁଳନାରେ ବେଶ୍ ଅଚିନ୍ତନୀୟ । ଏପରିକି ସେଠାରେ ମଧ ପହଞ୍ଚିବାକୁ

ହେଲେ ଆମକୁ ଅନେକଗୁଡ଼ିଏ ମଧ୍ୟବର୍ତ୍ତୀ ସ୍ତର ଭିତରଦେଇ ଅତିକ୍ରମ କରିବାକୁ ହେବ ଏବଂ ସେହିସବୁ ସ୍ତରରେ ଆମେ ଝଲସି ଯିବା ପରି ଅନୁଭବ କରୁ ।

ପ୍ରାଣଜଗତର ଏପରିସବୁ ସତ୍ତା ଅଛନ୍ତି, ସେମାନେ ଯଦି ମଣିଷମାନଙ୍କ ଆଗରେ ଆବିର୍ଭୂତ ହୁଅନ୍ତି ବା ଅଧିକ ନିର୍ଭୁଲ ଭାବରେ କହିଲେ ଯେତେବେଳେ ସେମାନେ ମଣିଷମାନଙ୍କ ଆଗରେ ଆବିର୍ଭୂତ ହୁଅନ୍ତି, ଲୋକମାନେ ସେମାନଙ୍କୁ ପରମ ଭଗବାନ୍ ବୋଲି ଗ୍ରହଣ କରନ୍ତି — ଏହି ପ୍ରାଣିକ ସତ୍ତାମାନେ ! ତୁମେ ଚାହିଁଲେ ଆମେ ତାହାକୁ ଏକ ଛଦ୍ମବେଶ ବୋଲି କହିବା, କିନ୍ତୁ ଏହା ଅତି ସଫଳ ଏକ ଛଦ୍ମବେଶ, କାରଣ ଯେଉଁମାନେ ଏହାକୁ ଦେଖିଛନ୍ତି ସେମାନଙ୍କର ପୂରା ହୃଦ୍‌ବୋଧ ହୋଇଥାଏ ଯେ ସେମାନେ ପୂରା ପରମ ଭଗବାନଙ୍କୁ ଦେଖିଲେ । ଅଥଚ ସେସବୁ ହେଉଛନ୍ତି ମାତ୍ର ପ୍ରାଣଜଗତର ସତ୍ତାମାନେ । ଆଉ ଏହି ଅଧିମାନସ ସ୍ତରର ଦିବ୍ୟସତ୍ତାମାନେ, ଏହି ଅଧିମାନସ ଦେବତାମାନେ ଆମ ମାନୁଷୀ ସତ୍ତାମାନଙ୍କ ତୁଳନାରେ ମହାନ୍ ଶକ୍ତିଧର ସତ୍ତା । ଏମାନଙ୍କ ସଂପର୍କରେ ଆସିଲେ ମନୁଷ୍ୟମାନଙ୍କ ଚିତ୍ତ ଝଲସି ଯାଏ ଓ ସେମାନେ ଯଥାର୍ଥରେ ହତଚକିତ ହୋଇ ପଡ଼ନ୍ତି ।

ଅବଶ୍ୟ ଦିବ୍ୟକୃପା ଭଳି କିଛି ଅଛି ଯାହାକି ଅନ୍ୟମାନଙ୍କ ଅନୁଭୂତିରୁ ଉପକୃତ ହେବା ପାଇଁ ଆମକୁ ସାହାଯ୍ୟ କରେ । ଏହା ହେଉଛି ବିଜ୍ଞାନଶିକ୍ଷା ଭଳି ଏକ ଜିନିଷ । ଯଦି ପ୍ରତ୍ୟେକ ବୈଜ୍ଞାନିକଙ୍କୁ ଏକ ନୂତନ ଆବିଷ୍କାର ପାଇଁ ଅତୀତରେ ହୋଇଥିବା ସମସ୍ତ ପରୀକ୍ଷା ଓ ଗବେଷଣାର ପୁନରାବୃତ୍ତି କରିବାକୁ ପଡୁ ଥାଆନ୍ତା, ଅନ୍ୟମାନେ ଯାହା ଆବିଷ୍କାର କରିଛନ୍ତି ସେସମସ୍ତ ପ୍ରକ୍ରିୟା ଭିତରଦେଇ ଯିବାକୁ ପଡୁଥାଆନ୍ତା, ତା'ହେଲେ ତାଙ୍କର ସମଗ୍ର ଜୀବନଟା ସେଇଥିରେ କଟି ଯାଆନ୍ତା ଏବଂ ତାଙ୍କ ନିଜର ନୂତନ ଆବିଷ୍କାର ପାଇଁ ଆଉ ହାତରେ ସମୟ ରହନ୍ତା ନାହିଁ । ବର୍ତ୍ତମାନ ଆଉ ସେସବୁ ଭିତର ଦେଇ ଯିବାର ଆବଶ୍ୟକତା ନାହିଁ । ତୁମେ ବହିଟିଏ ଖୋଲିଲ ଏବଂ ପୂର୍ବର ସମସ୍ତ ଗବେଷଣାର ଫଳାଫଳଗୁଡ଼ିକୁ ପାଇଗଲ, ସେଇଠାରୁହିଁ ତୁମେ ଅଧିକ ଆଗକୁ ଯିବ । ବୁଝ, ଶ୍ରୀଅରବିନ୍ଦହିଁ ଠିକ୍ ତାହାହିଁ କରିବାକୁ ଚାହିଁଥିଲେ । ସେ ତୁମକୁ କହି ଦିଅନ୍ତି ତାଙ୍କ ପୂର୍ବରୁ ଅନ୍ୟମାନେ ଯାହା ପାଇଛନ୍ତି ତା'ର ଫଳାଫଳଗୁଡ଼ିକ,— ସେମାନେ ଯେଉଁସବୁ ପରୀକ୍ଷା କରିଥିଲେ ଓ ତା'ର ଯେଉଁ ଫଳାଫଳ ହୋଇଥିଲା — ଏବଂ ତୁମେ ବର୍ତ୍ତମାନ କେଉଁଠି ଛିଡ଼ା ହୋଇଛ, ପୃଥିବୀର ଆଧ୍ୟାତ୍ମିକ ଇତିହାସରେ ତୁମେ କେଉଁଠି ଛିଡ଼ା ହୋଇଛ । ଏବଂ ତା'ପରେ ସେ ତୁମକୁ ସେଠାରୁ ଆଗେଇ ନେଇଯାଆନ୍ତି, ଏବଂ ତୁମ ପାଇଁ ମୂଳ ଭିତ୍ତିଟି ଦୃଢ଼ଭାବେ ପ୍ରତିଷ୍ଠିତ ହୋଇଗଲା ପରେ ସେ ତୁମକୁ ପର୍ବତର ଶିଖର ଆରୋହଣ କରିବା ଦିଗରେ ଆଗେଇ ନିଅନ୍ତି ।

(M.C.W. Vol. 5, pp. 282 - 84)

ଅତିମାନବ କିଏ ? ସେହିହିଁ ଅତିମାନବ ଯେ ଜଡ଼ତତ୍ତ୍ୱ ଉପରେ କେନ୍ଦ୍ରିତ ଭଗ୍ନ ମନୋମୟ ମାନବୀ ସତ୍ତାରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରନ୍ତି ଏବଂ ଦିବ୍ୟଶକ୍ତି, ଦିବ୍ୟପ୍ରେମ ଏବଂ ଆନନ୍ଦ ତଥା ଦିବ୍ୟଜ୍ଞାନକୁ ପ୍ରାପ୍ତହୋଇ ବିରାଟ ଦିବ୍ୟପୁରୁଷରେ ପରିଣତ ହୋଇପାରନ୍ତି ।

ଯଦି ତୁମେ ଏହି ସୀମିତ ମାନୁଷୀ ଅହଂକୁ ବଜାୟ ରଖ ଏବଂ ନିଜକୁ ଅତିମାନବ ବୋଲି ମନେକର ତେବେ ତୁମେ ତୁମ ନିଜ ମିଥ୍ୟାଭିମାନର ଏକ ମୂର୍ଖ ଦାସ ହୋଇଉଠ, ନିଜ ବ୍ୟକ୍ତିଗତ ଶକ୍ତି ହାତରେ ଏକ କ୍ରୀଡ଼ନକ ତଥା ନିଜ ଭୁଲ୍‌ଭ୍ରାନ୍ତିର ଏକ ଯନ୍ତ୍ର ହୋଇଯାଅ ।

— ଶ୍ରୀଅରବିନ୍ଦ

# ସଂପାଦକୀୟ ....

ଭାରତର ସ୍ୱାଧୀନତା ସହିତ ଏସିଆର ଅଭ୍ୟୁତ୍ଥାନ ଥିଲା ଶ୍ରୀଅରବିନ୍ଦଙ୍କର ଅନ୍ୟତମ ସ୍ୱପ୍ନ । ଔପନିବେଶିକ ଯୁଗରେ ଏସିଆର ଯେଉଁ ଅବକ୍ଷୟ ଓ ପତନ ଘଟିଥିଲା, ତାହା ଦୂର ହୋଇ ଆଜି ତା'ର ପୁରାତନ ଗୌରବର ପୁନଃ ପ୍ରତିଷ୍ଠା ଓ ଅଭ୍ୟୁତ୍ଥାନ ଖାଲି ଏକ ସ୍ୱପ୍ନ ହୋଇ ରହି ନାହିଁ, ଏକ ଜୀବନ୍ତ ବାସ୍ତବତା ରୂପେ ତାହା ରୂପ ନେବାକୁ ଯାଉଛି । ଭୌଗୋଳିକ, ଭୌଗୋଳିକ-ଅର୍ଥନୈତିକ ଓ ଭୌଗୋଳିକ-ସାଂସ୍କୃତିକ ତଥା ଭୌଗୋଳିକ-ସଭ୍ୟତା ସଂକ୍ରାନ୍ତୀୟ ଏକ ନୂତନ ଐତିହାସିକ ଜାଗରଣର ଦ୍ୱାରଦେଶରେ ଆମେ ଆଜି ଉପନୀତ । ଏସିଆ ଆଜି ସ୍ୱୟଂ ତା'ର ଭାଗ୍ୟ ନିର୍ଣ୍ଣୟ କରିବ । ଏକବିଂଶ ଶତାବ୍ଦୀ ମୁଖ୍ୟତଃ ହେବ ତା'ର ନବଜାଗରଣର ଇତିହାସ । ଏସିଆର ଅନ୍ୟାନ୍ୟ ଅନୁନ୍ନତ ଅଞ୍ଚଳ ବିଶେଷ କରି ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆ ଏହି ଜାଗରଣରେ ଅଂଶ ନେବାକୁ ଆଗେଇ ଆସୁଛନ୍ତି । ବିକାଶ, ଶାନ୍ତି, ପ୍ରଗତି ଏବଂ ସଭ୍ୟତାର ଏକ ନୂତନ ଅଭ୍ୟୁଦୟରେ ଭାଗନେବାକୁ ଆଜି ଏସିଆର ସମଗ୍ର ଅଞ୍ଚଳ ପ୍ରସ୍ତୁତ । ଭାରତର ପୁରାତନ ସାମୁଦ୍ରିକ ପଥରେ ପୁଞ୍ଜି ନିବେଶ ଏହି ତତ୍‌ପରତାର ଏକ ଅଂଶବିଶେଷ ହେବା ନିଃସନ୍ଦେହ । ଏସିଆ, ଇଉରୋପ ଓ ଦକ୍ଷିଣ ଆଫ୍ରିକାର ବାଣିଜ୍ୟ ରାସ୍ତାର ପୁନରୁଦ୍ଧାର ଅବଶ୍ୟମ୍ଭାବୀ । ପୃଥିବୀର ଦୁଇ ଜନବହୁଳ ଦେଶ ଚୀନ ଓ ଭାରତର ଅଂଶଗ୍ରହଣ ବିନା ଏହା ସମ୍ଭବ ହେବ ନାହିଁ । ତେଣୁ ବାଙ୍ଗଲାଦେଶ-ଚୀନ-ଭାରତ ଓ ବର୍ମା ଭିତରେ ରାସ୍ତାର ଯୋଗସୂତ୍ରକୁ ପ୍ରାଧାନ୍ୟ ଦେବାକୁ ହେବ ।

ଏହିସବୁ ଦେଶ ଭିତରେ ଆଧୁନିକ ରାସ୍ତା, ରେଳପଥ ଓ ବନ୍ଦର ଆଦିର ବାଣିଜ୍ୟ ସଂପୃକ୍ତ ଯୋଗାଯୋଗକୁ ବିସ୍ତୃତ କରିବାକୁ ହେବ । ଆଗରୁ ଏହି ଅଞ୍ଚଳ ଭିତରେ ଗଭୀର ଯୋଗାଯୋଗ ରହିଥିଲା, ଉଭୟ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ତଥା ସାଂସ୍କୃତିକଭାବରେ ମଧ୍ୟ । ଉଦାହରଣ ସ୍ୱରୂପ, ଅଗରତଲା କଲିକତାଠାରୁ ୧୬୫୦ କିଲୋମିଟର ଦୂର ।  କିନ୍ତୁ ପଶ୍ଚିମବଙ୍ଗର ଉତ୍ତର ଦିଗରୁ ଯାତ୍ରା କଲେ ଏହା ମାତ୍ର ୩୫୦ କିଲୋମିଟର ଯଦି ବାଂଲାଦେଶ ଭିତରଦେଇ ଯାତ୍ରା କରିବାକୁ ହୁଏ । ସେହିପରି ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ସମୁଦ୍ରକୁ ରାସ୍ତା ନାହିଁ ଯଦିଓ ତ୍ରିପୁରାର ଦକ୍ଷିଣ-ପୂର୍ବ ସୀମାବର୍ତ୍ତୀ ସହର ସାବ୍‌ରୁମ୍ ବାଂଲାଦେଶ ବନ୍ଦର ଚିଟାଗଞ୍ଜଠାରୁ ମାତ୍ର ୭୨ କିଲୋମିଟର ଦୂରରେ ଅବସ୍ଥିତ । ବାଂଲାଦେଶର ଲୋକ-ସଂଖ୍ୟା ୧୬୦ ନିୟୁତ, ଯାହାକି ଫ୍ରାନ୍ସ ଓ ଜର୍ମାନୀର ଏକତ୍ର ଜନସଂଖ୍ୟାଠାରୁ  ଅଧିକ । ଏସିଆ-ପ୍ରଶାନ୍ତ ମହାସାଗରର ସବୁଠୁ ଅଧିକ ପ୍ରାକୃତିକ ଗ୍ୟାସର ଭଣ୍ଡାର ୨୦୦ ଟ୍ରିଲିୟନ୍ କ୍ୟୁବିକ୍‌ଫିଟ୍‌ର ଅଧିକାରୀ ବାଂଲାଦେଶ ଏକ ମୁଖ୍ୟ ଗ୍ୟାସ ରପ୍ତାନିକାରୀ ଦେଶ ହୋଇପାରେ । କିନ୍ତୁ ବର୍ତ୍ତମାନ ଏହା ୫୦୦MW ବିଦ୍ୟୁତ୍ ଆମଦାନୀ କରୁଛି ।

ରାସ୍ତାସବୁର ପାରସ୍ପରିକ ଯୋଗାଯୋଗ କିଛି ନୂଆ ଧାରଣା ନୁହେଁ । ୧୬ଶହ ଶତାବ୍ଦୀରେ ଆଫଗାନିସ୍ଥାନର ସମ୍ରାଟ ଶେରସାହା ସୁରୀ ଏହିପରି ରାସ୍ତା ନିର୍ମାଣ କରିଥିଲେ ଯାହା ବାଂଲାଦେଶ, ଭାରତ, ପାକିସ୍ତାନ ଓ ଆଫଗାନିସ୍ଥାନ ରାଜଧାନୀକୁ ଯୋଗାଯୋଗ କରିଥିଲା । ଏହି ଆଞ୍ଚଳିକ ସହଯୋଗର ଏକ ଉତ୍ତମ ନିଦର୍ଶନ ହେବ ଇରାନ-ପାକିସ୍ତାନ ଗ୍ୟାସ ପାଇପ୍‌ଲାଇନ୍ । ଏହା ସହିତ ଦିଲ୍ଲୀ ଯୁକ୍ତହେଲେ ଏହା ଭାରତର ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ସମଗ୍ର ଅଞ୍ଚଳର ଆର୍ଥନୈତିକ ବିକାଶକୁ ତ୍ୱରାନିତ କରିବା ନିଃସନ୍ଦେହ । ❖